# ଭୀମା ଭୂୟାଁ

৺ ଗୋପାଲବଲ୍ଲଭ ଦାସ, ଏମ୍. ଏ.

# ଭୀମାଭୂୟାଁ

ଲେଖକ—ଗୋପାଳବଲ୍ଲଭ ଦାସ, ଏମ୍.ଏ.

ସମ୍ପାଦକ—ଶ୍ରୀମତୀ ସରଳା ଦେବୀ

ନୂତନ ସଂସ୍କରଣ-୧୯୭୪

ପ୍ରକାଶକ

ବିଦ୍ୟାପୁରୀ

ବାଲୁବଜାର, କଟକ—୨

ମୂଲ୍ୟ—ଟ ୨·୫୦

# PREFACE

This little story in Uriya is laid at the feet of Sir Andrew Henderson Leith Fraser, M.A., L.L.D, K.C.S.I., on the throne of Belvedere, as a jungle flower from the hills inhabited by the primitive Bhuiyan tribe, His Honour being the first Lieutenant-Governor to have graced with his visits the inaccessible states of the Orissa Gurjats. In being graciously pleased to accept the dedication of so insignificant an object His Honour has shown the magnanimity of the Chinese Emperor who accepted the offering of a handful of water from an humble peasant as a token of loyalty.

It will not be out of place to insert here a few observations about the Bhuiyan who is the hero and whose manners, customs, ideas, thoughts and institutions form the groundwork of this little narrative. As derived from the word Bhuin or soil the Bhuiyan is the child of the soil. The word was once used as a title to the deserving and is still retained as an object of pride by old families of respectability such as the Bhuiyans of Gurpada, Sahabandar, Jamkunda and Mangalpur in the District of Balasore. But the real Bhuiyan has long been deprived of his best soil and driven into the hilly parts of Orissa covered with dense and gorgeous jungles. I have seen some of this scenery in the company of an official who could not but admire it as surpassing beauty and grandeur the well-known scenery of the land and the Vindhya Hills. Though thus driven into the depths of the jungles, the Bhuiyan has all along fondly cherished the loyalty that led centurie

such books as written in the present day, generally distasteful to me. Your book, however, is one which has greatly interested me. The selection of the theme (the simple life of the primitive Bhuiyans of Keonjar), the sympathy and fidelity with which the plot has been manipulated, the deep knowledge of human nature evident in the ingenious characterisation of the various persons, the truth and the freshness of the descriptions, whether of natural sceneries or of human institutions and ceremonies, the pure and elegant diction redolent of the homely sweetness of Oriya undefiled as also of the dignity of classical speech, and, above all, the supremely wise spirit of reverence and charity with which the book is deeply impregnated, mark it out as the best of all romances yet written in Oriya."

MUZAFFARPUR,
*September* 1908

GOPAL BULHUB DAS

# ମୁଖବନ୍ଧ

ଖ୍ରମାଭୂୟାଁ ଉପନ୍ୟାସଟି ୧୯୦୮ ମସିହାରେ କଟକ ଏଡ୍‌ଓ୍ୱାର୍ଡ ପ୍ରେସରୁ ପ୍ରକାଶିତ ହୋଇଥିଲା । ଏହାର ଲେଖକ ଗୋପାଳବଲ୍ଲଭ ଦାସ ଓଡ଼ିଶାର କୃତୀ ସନ୍ତାନମାନଙ୍କ ମଧ୍ୟରୁ ଅନ୍ୟତମ । ଗୋପାଳବଲ୍ଲଭ ୧୮୬୦ ମସିହାରେ କଟକ ଜିଲ୍ଲାର ସାଲେପୁର ଥାନାର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଥିଲେ ଉତ୍କଳଗୌରବ ମଧୁସୂଦନଙ୍କର ଅନୁଜ । ତାଙ୍କର ପିତାଙ୍କ ନାମ ରଘୁନାଥ ଦାସ ଓ ମାତାଙ୍କ ନାମ ପାର୍ବତୀ ଦେଈ । କଲିକତା ବିଶ୍ୱବିଦ୍ୟାଳୟରୁ ଏମ୍. ଏ. ପାସ୍ କରି ସେ ଡେପୁଟି ମାଜିଷ୍ଟ୍ରେଟ ହୋଇଥିଲେ । ଭାରତୀୟଙ୍କ ପକ୍ଷେ ଏହା ସେତେବେଳେ ସବୁଠାରୁ ବଡ଼ ଚାକିରି ଥିଲା ।

ଚାକିରି-ଜୀବନରେ ସେ ଖୁବ୍ ସଚ୍ଚୋଟ ଓ କାର୍ଯ୍ୟକ୍ଷମ କର୍ମଚାରୀ ଭାବେ ପ୍ରଶଂସିତ ଓ ସମ୍ମାନିତ ହୋଇଥିଲେ । ଡେପୁଟି ମାଜିଷ୍ଟ୍ରେଟ ଭାବେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ଅବଶେଷରେ ସେ ଓଡ଼ିଶା କମିସନର୍‌ଙ୍କ ପର୍ସନାଲ ଆସିଷ୍ଟାଣ୍ଟ୍ ଓ ଗଡ଼ଜାତ-ସମୂହର ଆସିଷ୍ଟାଣ୍ଟ୍ ସୁପରିଣ୍ଟେଣ୍ଡେଣ୍ଟ୍ ହୋଇଥିଲେ । କେନ୍ଦୁଝରର ରାଜା ନାବାଳକ ଅବସ୍ଥାରେ ଗାଦି ପାଇବାରୁ ସେ ସେଠାରେ ସୁପରିଣ୍ଟେଣ୍ଡେଣ୍ଟ୍ ଭାବେ କିଛିଦିନ କାର୍ଯ୍ୟ କରିଥିଲେ । ସେହିଠାରେ ଥିଲାବେଳେ ସେ ଆଦିବାସୀମାନଙ୍କ ଘନିଷ୍ଠ ସମ୍ପର୍କରେ ଆସିଥିଲେ ଏବଂ 'ଭୀମା ଭୂୟାଁ' ରଚନାର ପ୍ରେରଣା ପାଇଥିଲେ ।

ତତ୍‌କାଳୀନ ଓଡ଼ିଶାର ସ୍ୱନାମଧନ୍ୟ କମିସନର୍‌ ରାଯ୍ ବାହାଦୁର ନନ୍ଦକିଶୋର ଦାସଙ୍କ କନ୍ୟାଙ୍କ ସହ ଗୋପାଳବଲ୍ଲଭଙ୍କର ବିବାହ ହୋଇଥିଲା । ତାହାଙ୍କ ସ୍ତ୍ରୀଙ୍କ ନାମ ବସନ୍ତକୁମାରୀ ଦେଈ । ସେ 'ଶିକ୍ଷା ଦର୍ପଣ' ଓ ପରେ 'ପରିଚାରିକା' ପତ୍ରିକାର ସମ୍ପାଦନା କରିଥିଲେ ଓ "ଗିରିଧାରୀ" ନାମକ ଏକ ଉପନ୍ୟାସ ରଚନା କରିଥିଲେ । ଗୋପାଳବଲ୍ଲଭ ଓ ବସନ୍ତକୁମାରୀଙ୍କର କୌଣସି ପୁତ୍ର ସନ୍ତାନ ନଥିଲେ । ତାଙ୍କର ଦୁଇଟି କନ୍ୟାଙ୍କ ମଧ୍ୟରୁ ଜ୍ୟେଷ୍ଠା 'ଉମା ଦେଈ' ଓ କନିଷ୍ଠା ପୂଜ୍ୟା ଦେଃ ନେଶୀ ରମା ଦେଈ ଉତ୍କଳରେ ସ୍ୱନାମଧନ୍ୟା ।

ଏହି ଉପନ୍ୟାସଟି ପ୍ରଣୟାଶ୍ରିତ । ନାୟକନାୟିକା ମାନଙ୍କର ଚରିତ୍ର ବିଶେଷତଃ ନାରୀଚରିତ୍ରର ପୂର୍ଣ୍ଣ ବିକାଶ ଏହି ଉପନ୍ୟା ରେ ପରିସ୍ଫୁଟ ନହୋଇ ସାଙ୍କେତିକ ଭାବରେ ରହିଛି । ଉପନ୍ୟାସ-ଶେଷରେ ଖମାଭୂୟାଙ୍କ ସହିତ ରାଜକୁମାରୀଙ୍କର ପ୍ରଣୟ ପରିଣତି ଅସ୍ୱାଭାବିକ ପ୍ରତୀୟମାନ ହେଲେହେଁ ଭାରତୀୟ ପ୍ରଣୟରୀତିନୀତିର ପରଂପରା ଏବଂ ସତୀତ୍ୱର ସଂସ୍କୃତି ଦୃଷ୍ଟିରୁ ଏହି ପ୍ରଣୟ ସ୍ୱାଭାବିକ ମନେହୁଏ । ପ୍ରାଚୀନ ଭାରତରେ ପୁରାଣ ଯୁଗର ବ୍ରହ୍ମଚାରୀ ବ୍ରହ୍ମଚାରିଣୀ ମାନଙ୍କର ଜୀବନ ଏହାର ଦୃଷ୍ଟାନ୍ତ ରୂପେ ରହିଅଛି । ତେଣୁ ଉପନ୍ୟାସଟି ସରସ ଓ ମନୋଜ୍ଞ ହୋଇ ଆଦିବାସୀମାନଙ୍କ ସାମାଜିକ ଜୀବନର ସ୍ଥିତିକୁ ପ୍ରକଟିତ କରିଅଛି ।

ଲେଖକ ପ୍ରାଚୀନ ଓଡ଼ିଆ କବିମାନଙ୍କର ପକ୍ଷପାତୀ ଥିଲେ । ତାହା ତାଙ୍କର ଉଦ୍ଧୃତ କବିତାବଳୀରୁ ଜଣାପଡ଼େ । ତାଙ୍କ ଉପନ୍ୟାସରେ ସେ ପୁରୁଣା ଚଳନ୍ତି ଶବ୍ଦଗୁଡ଼ିକ ପ୍ରୟୋଗ କରିଛନ୍ତି । ଶ୍ରୀ ଗୋପାଳ ବଲ୍ଲଭ ଦାସ ସେ ଯୁଗର ସର୍କାରୀ ଚାକିରୀରେ ଥାଇ ମଧ୍ୟ

ସାହିତ୍ୟସେବୀ ଥିଲେ ଏବଂ ବହୁ କବିତା ଗ୍ରନ୍ଥର ପ୍ରଣେତା ଓ ସଙ୍କଳୟିତା ଥିଲେ । ତତ୍‌କାଳୀନ 'ଇନ୍ଦ୍ରଧନୁ' ପତ୍ରିକାର ସେ ଏକ ପ୍ରଖ୍ୟାତ ଲେଖକ ଥିଲେ ଓ ତାଙ୍କର ପାଣ୍ଡିତ୍ୟ ପ୍ରତିଭା ଉତ୍କଳର ଶିକ୍ଷିତ ସାଧାରଣ ଜାଣିଥିଲେ । ସେ "ଉଷା", "ତାରକ ସଂହାର" ଓ "କୋଣାର୍କେ" ନାମକ କାବ୍ୟମାନ ଲେଖିଥିଲେ । କବିତା ମଞ୍ଜରୀ ଓ ଅନ୍ୟ ସଙ୍ଗୀତ ପୁସ୍ତକ ମଧ୍ୟ ସେ ଲେଖିଥିଲେ । ସେକାଳରେ ଚଳୁଥିବା କେତେକ ସର୍କାରୀ ଆଇନର ଓଡ଼ିଆ ଅନୁବାଦ ମଧ୍ୟ କରିଥିଲେ । କବିବର ରାଧାନାଥ ରାୟଙ୍କ ଲେଖାକୁ ସେ ପସନ୍ଦ କରୁ ନ ଥିବାରୁ ତାଙ୍କ ରଚନାବଳୀର ସେ ତୀବ୍ର ସମାଲୋଚନା ଲେଖିଥିଲେ । "ଭକ୍ତ ରତ୍ନାବଳୀ" ଓ "ପ୍ରୀତି ସୁଧାକର" ପ୍ରମୁଖ ପ୍ରାଚୀନ କାବ୍ୟ କବିତା ମଧ୍ୟ ସେ ସଂକଳନ କରି ଛାପିଥିଲେ । ତାଙ୍କ ସ୍ୱରଚିତ କବିତା ବହି ମଧ୍ୟ ପ୍ରକାଶିତ ହୋଇଥିଲା । ସେ କବି ଥିଲେ ଏବଂ ତାଙ୍କ ଶ୍ୱଶୁର ଶ୍ରୀ ନନ୍ଦକିଶୋର ଦାସଙ୍କ ଜୀବନୀ ମଧ୍ୟ ଲେଖିଥିଲେ ।

ଗୋପାଳବଲ୍ଲଭଙ୍କ ସାହିତ୍ୟକୃତି ସମ୍ବନ୍ଧରେ ଅଧ୍ୟାପକ ଶ୍ରୀ ଜାନକୀବଲ୍ଲଭ ମହାନ୍ତି ଭରଦ୍ୱାଜ ବିସ୍ତାରିତ ଭାବରେ ତାଙ୍କ "ସୃଷ୍ଟି ଓ ସମୀକ୍ଷା" ନାମକ ପୁସ୍ତକରେ ଲେଖିଛନ୍ତି ।

ଗୋପାଳବଲ୍ଲଭଙ୍କ ଜାତୀୟତା ତାଙ୍କ ଉତ୍କଳ ସମ୍ମିଳନୀର ଭାଷଣମାନଙ୍କରୁ ଉତ୍ତମରୂପେ ଜଣାଯାଏ । ତାଙ୍କର ସେହି ଭାଷଣ ଔପନ୍ୟାସିକ ଶ୍ରୀ ଗୋପୀନାଥ ମହାନ୍ତିଙ୍କ "ଧୂପଂ ଜ୍ୟୋତିଃ" ନାମକ ପୁସ୍ତକରେ ବିଶଦ ଭାବରେ ବର୍ଣ୍ଣିତ ହୋଇଅଛି । ୧୯୧୪ ମସିହା ଡିସେମ୍ବର ମାସରେ ତାଙ୍କର ଦେହାନ୍ତ ହେଲା ।

ଏହି ଉପନ୍ୟାସଟିରେ ଲେଖକ ଆଦିବାସୀ ଜୀବନର ଯେଉଁ ଚିତ୍ର ଦେଇଅଛନ୍ତି, ତାହା ଉତ୍କଳରେ ସେ ଯୁଗରେ ଅନ୍ୟ କୌଣସି ଔପନ୍ୟାସିକଙ୍କ ଦ୍ୱାରା ସାଧିତ ହୋଇ ।ର ନଥିଲା । ଆଦିବାସୀ ଜୀବନକୁ ନେଇ ଉତ୍କଳରେ ଏହାହିଁ ସେ ଯୁଗର ପ୍ରଥମ ଉପନ୍ୟାସ । ଓଡ଼ିଶାରେ ଆଦିବାସୀସଂଖ୍ୟା ସମୁଦାୟ ଲୋକସଂଖ୍ୟାର ଏକ ତୃତୀୟାଂଶ ଅଟେ । ଅନାର୍ଯ୍ୟ ତଥା ଆର୍ଯ୍ୟଙ୍କର ସଭ୍ୟତା ଓ ସଂସ୍କୃତି ଓଡ଼ିଶାରେ ନାନା ଭାବରେ ନାନା କ୍ଷେତ୍ରରେ ମିଶି ଓଡ଼ିଆ ଜୀବନକୁ ସମୃଦ୍ଧ କରି ଆସିଛି । ଏହି ମିଶ୍ର ଧର୍ମ ଓ ସଂସ୍କୃତି ଉପରେ ଓଡ଼ିଶାର ଧର୍ମପରଂପରା ଓ ସଂସ୍କୃତି ଗଠିତ ହୋଇଛି । ଏହା ଜଗନ୍ନାଥ ଧର୍ମ ଓ ସଂସ୍କୃତି ନାମରେ ପରିଚିତ ହୋଇ ଆସୁଛି । ଉତ୍କଳର ପ୍ରଥମ ଉପନ୍ୟାସ 'ପଦ୍ମମାଳୀ' ଓ ଦ୍ୱିତୀୟ 'ବିବସିନୀ'ର ପରେ ଏହା ଉତ୍କଳର ତୃତୀୟ ଉପନ୍ୟାସ ।

ଆଦିବାସୀମାନଙ୍କ ଭିତରେ ଭୂୟାଁ ଜାତିର ଖୁବ୍ ଖାତିର ଥିଲା ଏବଂ କେନ୍ଦୁଝର ରାଜ୍ୟରେ ସେମାନଙ୍କ ମଧ୍ୟରୁ ରାଜା ସର୍ଦ୍ଦାର ନିର୍ବାଚିତ କରୁଥିଲେ । ଗରମଦାର ଭୂୟାଁ ପରିବାରମାନଙ୍କୁ ରାଜ୍ୟଲୋକେ ଓ ରାଜା ଖୁବ୍ ଖାତିର କରୁଥିଲେ । ବାଲେଶ୍ୱର ଜିଲ୍ଲାର ମଙ୍ଗଳପୁର, ସାହାବନ୍ଦର ଓ ନାମକୁଣ୍ଡାର ଭୂୟାଁ ଜାତିର ଲୋକେ ଶିକ୍ଷିତ ସଭ୍ୟ ହୋଇ ଧନାର୍ଜନ ଫଳରେ ଉଚ୍ଚ ଜାତିର ସମାଜରେ ମିଶି ଯାଇଛନ୍ତି । ସେମାନେ ଭୂୟାଁ ହେଲେ ବି ଲୋକେ ସେମାନଙ୍କୁ ଆଦିବାସୀତୁଲ୍ୟ ଦେଖନ୍ତି ନାହିଁ । କିନ୍ତୁ ଯଥାର୍ଥ ଭୂୟାଁଲୋକେ ଭଲ ଜମି ଓ ଗୃହରୁ ବିତାଡ଼ିତ ହୋଇ ଘନଜଙ୍ଗଲରେ ଆଦିବାସୀଙ୍କ ତୁଲ୍ୟ ରହିଥାନ୍ତି । କେନ୍ଦୁଝରର ଭୂୟାଁପୀଢ଼ ଏହି ଆଦିବାସୀଙ୍କ ରାଜ୍ୟ । ଯୁବରାଜ ଗାଦିରେ ବସିଲାବେଳେ ଭୂୟାଁ ସର୍ଦ୍ଦାରମାନେ ଭାରୀ

ରାଜାଙ୍କୁ କାନ୍ଧରେ ବସାଇ ଦୂରରୁ ନେଇ ସିଂହାସନରେ ବସାଇବା ପ୍ରଥା ବହୁକାଳରୁ ରହିଛି । ଭୂୟାଁମାନେ ରାଜାଙ୍କୁ ଗାଦିରେ ବସାଇଲା ପରେ ସେ ଅଭିଷେକ ହୁଅନ୍ତି । ତା'ହାପରେ ରାଜା ସର୍ଦ୍ଦାରମାନଙ୍କ ମୁଣ୍ଡରେ ଶାଢ଼ୀ ବାନ୍ଧନ୍ତି । ଲେଖକଙ୍କ ଉପରିସ୍ଥ ସାହେବ କର୍ମଚାରୀ ଭୂୟାଁ ପୀଢ଼ ଦେଖି ସେଠାର ପ୍ରାକୃତିକ ଦୃଶ୍ୟରେ ମୁଗ୍ଧ ହୋଇ କହିଥିଲେ, ବିନ୍ଧ୍ୟଗିରିର ପ୍ରାକୃତିକ ଶୋଭାଠାରୁ ଏହି ସ୍ଥାନର ଦୃଶ୍ୟ ଅତି ସୁନ୍ଦର । ଭୂୟାଁମାନେ ଅତି ରାଜଭକ୍ତ ପ୍ରଜା ବୋଲି ରାଜାଙ୍କୁ ଠାକୁର ଭଳି ମନେକରି ପୂଜା କରନ୍ତି । ଧାଙ୍ଗଡ଼ା ଧାଙ୍ଗଡ଼ୀଙ୍କ ଚାଙ୍ଗୁନାଚ, ଓ ଲଉଙ୍ଗାନାଚ ଭୂୟାଁ ଜାତିର ଅତି ପ୍ରିୟ ଉତ୍ସବ । ସେହି ସମୟରେ ସେମାନେ ନିଜ ନିଜର ସ୍ୱାମୀ ସ୍ତ୍ରୀ ବାଛି ଥାଆନ୍ତି । ଭୂୟାଁ-ମାନଙ୍କର ମାଘପୋଡ଼ ପର୍ବ ( ଓଷା ଉଜୁଆଁ ) ଉତ୍ସବରୁ ଏହି ଉପନ୍ୟାସର ଆରମ୍ଭ । ଲେଖକ ଭୂୟାଁମାନଙ୍କର ରୀତି-ନୀତିକୁ ଏହି ଉପନ୍ୟାସରେ ଉତ୍ତମରୂପେ ଦର୍ଶାଇ ଆଧୁନିକ ଶିକ୍ଷିତ ସଭ୍ୟସମାଜର ରୀତିନୀତିକୁ ଅନେକ କ୍ଷେତ୍ରରେ ସମାଲୋଚନା କରିଛନ୍ତି ।

ଉତ୍କଳ-ସାହିତ୍ୟ ସମାଜର ସମ୍ପାଦିକା ଥିବାବେଳେ ହଠାତ୍ ଖମାଭୂୟାଁ ବହିଟି କୌତୂହଳରେ ପଢ଼ିଲି । ଦ୍ୱିତୀୟ ମୁଦ୍ରଣ ହେଲେ ଆମ ଦେଶର ଆଦିବାସୀମାନେ ତାହା ପଢ଼ିବାକୁ ଆଗ୍ରହୀ ହେବେ ଓ ସାଧାରଣ ପାଠକ ୫୦ ବର୍ଷ ତଳର ଓଡ଼ିଆ ଜୀବନଧାରା ସଙ୍ଗେ ପରିଚିତ ହେବେ ବୋଲି ମୋର ଧାରଣା ହେଲା । ଆଉ କିଛି ନ ହେଉ, ବହିଟିର ଐତିହାସିକ ମୂଲ୍ୟ ଯେ ବହୁତ ବେଶୀ, ଏହି ଧାରଣା ଦୃଢ଼ୀଭୂତ ହେବାରୁ ଲେଖକଙ୍କ କନ୍ୟା ଦେଶସେବୀ ଶ୍ରୀମତୀ ରମା-ଦେବୀଙ୍କ ଠାରୁ ଓ ଲେଖକଙ୍କ ପୋଷ୍ୟପୁତ୍ର ତଥା 'ମଳାଜହ୍ନ' ଉପନ୍ୟାସର ଲେଖକ ଓ ଚିତ୍ର ଶିଳ୍ପୀ ଶ୍ରୀ ଉପେନ୍ଦ୍ରକିଶୋର ଦାସଙ୍କଠାରୁ ଦ୍ୱିତୀୟ ମୁଦ୍ରଣ ପାଇଁ ଅନୁମତି ଆଣିଲି ।

ବହିଟିରେ ଆଦିବାସୀଙ୍କ ସମ୍ପର୍କରେ ଲେଖାଥିବାରୁ ମୁଁ ତତ୍-କାଳୀନ ଆଦିବାସୀ ବିଭାଗର ସେକ୍ରେଟାରୀ ଶ୍ରୀ ହିମାଂଶୁ ଘୋଷଙ୍କ ନିକଟକୁ ଯାଇ ବହିଟି ଛାପିବାକୁ ଦରଖାସ୍ତ କଲି । ସେ ମଞ୍ଜୁର କରିଥିଲେ ମଧ୍ୟ ପୁସ୍ତକଟି ମୁଦ୍ରିତ ନ ହୋଇ ବହୁକାଳ ପଡ଼ି ରହିଲା । ତେଣୁ ମୁଁ ବାଧ୍ୟହୋଇ ନିଜେ ଛାପିବାପାଇଁ ତାହାକୁ ନେଇ ଆସିଲି । ମୁଁ ଛାପିଲେ ସରକାରଙ୍କ ଆଦିବାସୀ ବିଭାଗ ଏକହଜାର ଖଣ୍ଡ ବହି କିଣିବେ ବୋଲି ତତ୍କାଳୀନ ମନ୍ତ୍ରୀ ମହୋଦୟ ଓ ଡେପୁଟି ସେକ୍ରେଟାରୀ ଶ୍ରୀ ପଦ୍ମନାଭ ମିଶ୍ର ମହାଶୟ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଆଦିବାସୀ ବିଭାଗର ନିର୍ଦ୍ଦେଶକ୍ରମେ ମୁଁ **D. P. I.**ଙ୍କ ଠାରୁ ସୁପାରିଶ **(approval)** ପତ୍ର ତାଙ୍କୁ ଦେଇଥିଲି । ମାତ୍ର ସେ ବହିଟି ଦୁର୍ଭାଗ୍ୟ-କ୍ରମେ ହଜି ଯିବାରୁ କେନ୍ଦୁଝରର ଉକିଲ ଶ୍ରୀ ଶଶୀ ସାହୁଙ୍କଠାରୁ ମୋର ପୁତ୍ର ଶ୍ରୀମାନ୍ ଅମିତାଭ ଖଣ୍ଡିଏ ଛିଣ୍ଡା ବହି ଆଣିଦେଲା । ତାହା ପୂର୍ଣ୍ଣାଙ୍ଗ ନଥିବାରୁ କନିକା ଲାଇବ୍ରେରୀର ଚପ୍ରାସୀ ଶ୍ରୀମାନ୍ ଦୁର୍ଯ୍ୟୋଧନ ବିଶ୍ୱାଳଙ୍କ ଉତ୍ତର ଖାତାଟି ଆଣିଲି । ଶୁଣିଲି ଏହି ଉତ୍ତର ଖାତା ପଢି ଓଡ଼ିଆରେ ଏମ୍. ଏ. ପରୀକ୍ଷାର୍ଥୀମାନେ ପରୀକ୍ଷା ଦେଉଥିଲେ । ଏପରି ପାଠ୍ୟ ପୁସ୍ତକ ଇଉନିଭରସିଟି ପ୍ରେସରେ ନ ଛପାଇ ଅପ୍ରକାଶିତ ଓ ଅପ୍ରାପ୍ୟ ବହିଟି କିପରି ପାଠ୍ୟ ନିର୍ବାଚିତ ହେଲା ତାହା ବିଶେଷ ଆଶ୍ଚର୍ଯ୍ୟ କଥା । ଯାହାହେଉ ଛିଣ୍ଡାବହି ଓ ଉତ୍ତର ଖାତାକୁ ମିଳାଇ ଏବଂ ପ୍ରେସପାଇଁ କପି ସଂଶୋଧନ କରି ଶ୍ରୀ ଦିବାକର ମିଶ୍ରଙ୍କୁ ଛାପିବାକୁ ଦେଲି । ସେ ବହିଟିକୁ ଯତ୍ନର ସହିତ ଆଗ୍ରହରେ ଛାପିଛନ୍ତି ।

ଗୋପାଳବଲ୍ଲଭ 'ଖ୍ରିମାଭୂୟାଁ' ସମ୍ପର୍କରେ ଉତ୍କଳକବି ମଧୁସୂଦନଙ୍କ ପ୍ରଶଂସାପୂର୍ଣ୍ଣ ଅଭିମତ ସହ ଇଂରାଜୀରେ ଏକ

ଅଗ୍ରଲେଖା ଲେଖିଥିଲେ । ଛିଣ୍ଡା ବହିରେ ସେ ଇଂରାଜୀଲେଖା ନଥିଲା । ମାତ୍ର ୮ ବର୍ଷ ପୂର୍ବେ "ଆସନ୍ତାକାଲି" ମାସିକ ପତ୍ରରେ ଖିମାଭୂୟାଁ ବହି ସମ୍ବନ୍ଧେ ସାହେବମାନଙ୍କ ଅଗ୍ରଲେଖାର ଅନୁବାଦ ସହ ଲେଖା ପ୍ରକାଶ ପାଇଥିଲା । ତାହାର ତର୍ଜମା ଏବଂ ଉପନ୍ୟାସର ବିଶଦ ଆଲୋଚନା କରି ବିସ୍ତାରିତ ଭାବରେ ଲେଖିଥିଲି ।

ଖିମାଭୂୟାଁ ଉପନ୍ୟାସଟି ଶ୍ରେଷ୍ଠ ବହି ହେଲେ ମଧ୍ୟ ଏପରି ବହିଟିଏ କେବଳ ସେକାଳ କାହିଁକି, ଏକାଳରେ ମଧ୍ୟ ବିରଳ । କି ରାଜନୀତି, କି ସମାଜନୀତି, କି ଦଣ୍ଡନୀତି, କି ଅର୍ଥନୀତି, କି ଗୋଷ୍ଠୀନୀତି, କି ବ୍ୟକ୍ତିନୀତି ସବୁ ବିଷୟରେ ପ୍ରତିଭାଶାଳୀ ଲେଖକଙ୍କର ଦାନ ଓଡ଼ିଆ ସାହିତ୍ୟ ପ୍ରତି ଅବିସ୍ମରଣୀୟ ଅଟେ । ଏପରି ତାତ୍ତ୍ୱିକ, ପୁଣି ରୋମାଣ୍ଟିକ ବହିଖଣ୍ଡେ ଓଡ଼ିଶାରେ ବିରଳ । କେନ୍ଦୁଝରର ତତ୍‌କାଳୀନ ରାଜକେମାଙ୍କ ସହିତ ଖିମାର ପ୍ରଣୟ, ଚୀନାମାଳି ପ୍ରତି ପ୍ରଥମ ପ୍ରଣୟ ଆକର୍ଷଣ, ପୁଣି ଚୀନାମାଳି ଖିମାର ବଡ଼ଭାଇ ବାଣାସୁରକୁ ବିଭା ହେବାରୁ ଖିମାର ନୈରାଶ୍ୟଜନକ ବ୍ୟର୍ଥତାର ପରିଣାମ, ପ୍ରତିହିଂସାର ପ୍ରତୀକ ନିଜର ନିରୁଦ୍ଦେଶ ଯାତ୍ରା ପ୍ରଭୃତି ବଡ଼ ଚମତ୍‌କାର ଭାବରେ ବହିରେ ଲେଖାଅଛି । ତତ୍‌କାଳୀନ ଗଡ଼ଜାତ ରାଜାଙ୍କ ରାଜତ୍ୱରେ ଅମଲମାନଙ୍କ ମନମୁଖୀ ଶାସନର କଥା ମଧ୍ୟ ଲେଖାଯାଇଛି । ସେ ଯୁଗର ସମାଜରେ ନାରୀଚରିତ୍ର ମଧ୍ୟ ବିସ୍ତାରିତ ଭାବେ ଲେଖା ହୋଇଅଛି । ବହିଟି ପଢ଼ିଲେ ଲେଖକଙ୍କର ଦାର୍ଶନିକ ବିଚାର, ଭଗବତ୍‌ଶରଣାଗତି, ଭାଗ୍ୟବାଦିତା ଏବଂ ନ୍ୟାୟ ଓ ସତ୍ୟ ପ୍ରତି ଶ୍ରଦ୍ଧାଭାବ ପାଠକମନରେ ଗଭୀର ପ୍ରଭାବ ପକାଇଥାଏ । ଲେଖକ ବହିଟିକୁ ଯଥାର୍ଥଭାବରେ ଉପନ୍ୟାସର ଜୀବନ ଦେଇଛନ୍ତି ଏବଂ ବହିଟି ଗୋଟିଏ ଉତ୍‌କୃଷ୍ଟ ସାହିତ୍ୟ । ବହିରେ ବାସ୍ତବତାଠାରୁ

ଭାଗ୍ୟ, ଦୈବର କଥା ବିଶେଷ ଭାବରେ ପରିଦୃଷ୍ଟ ହୁଏ । ସାଧାରଣ ଜନଧର୍ମ ଓ ଠାକୁରାଣୀଙ୍କ ପ୍ରତି ଅନ୍ଧବିଶ୍ୱାସ, ଭୟ, ଆଶଙ୍କା ଓ ସଂଶୟର କଥା ମଧ୍ୟ ସେ ଲେଖିଛନ୍ତି । ସେଯୁଗରେ ଉପନ୍ୟାସ ରଚିତ ହୋଇଥିଲେ ବି ଭାବାଦର୍ଶ, ଭାଷା ଓ ବିଷୟ ଇତ୍ୟାଦିରେ ଏଯୁଗର ଜାତୀୟ ଜୀବନରେ ଆଦିବାସୀ ଦୁଆର ମେଳ ରହିଥିବାରୁ ବହିଟି ଦେଶକାଳପାତ୍ରର ସୀମିତ ଆବେଷ୍ଟନୀ-ନିଗଡ଼ରେ ବନ୍ଧା ନ ହୋଇ ତାର ସୀମା ଛାଡ଼ିଯାଇଛି ବୋଲି ଏହାର ମୂଲ୍ୟ ଓଡ଼ିଆ ସାହିତ୍ୟରେ ଚିରନ୍ତନର ସ୍ୱାକ୍ଷରଟିଏ ରଖିଦେଇଛି । ଏହାର ଐତିହାସିକ ମୂଲ୍ୟ ରହିଛି ବୋଲି ବହିଟି ପ୍ରକାଶ କରିବାର ଇଚ୍ଛା ହୋଇଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟ M.A. ଶ୍ରେଣୀ ପାଇଁ ବହିଟିକୁ ପାଠ୍ୟ ନିର୍ବାଚିତ କରିଥିବାରୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ସିଦ୍ଧାନ୍ତ ଧନ୍ୟବାଦାର୍ହ । ଶେଷରେ ବକ୍ତବ୍ୟ ଏତିକି ଯେ, ଏହି ପୁସ୍ତକର ନାୟିକା କେନ୍ଦ୍ରୀୟରଜେମାଙ୍କୁ ଲେଖକ ମହାଶୟ ତାଙ୍କର ପଣଆଈ ଯେ କି ପ୍ରାଚୀନକାଳରେ ସତୀଧର୍ମ ପ୍ରଥାରେ ସ୍ୱାମୀଙ୍କ ଶବଚିତାରେ ବସି ସ୍ୱର୍ଗାରୋହଣ କରିଥିଲେ, ଉତ୍କଳର ସେହି ସତୀ ରମଣୀ ମହୀୟସୀ ନାରୀ ଶ୍ରୀମତୀ କୃଷ୍ଣା ଦେଈଙ୍କ ସହିତରେ ସମାନ ଆସନ ଦେଇଛନ୍ତି । କେନ୍ଦ୍ରୀୟରଜେମା ମଧ୍ୟ ଆଜୀବନ ଏକପତିବ୍ରତ ଧରି ବ୍ରହ୍ମଚାରିଣୀ ହୋଇ ବୃନ୍ଦାବନରେ ରହି ତପସ୍ୟା କରିଥିଲେ । ଜୀବନରେ ସେ ପତିସଙ୍ଗ ଲଭି ନଥିଲେ ମଧ୍ୟ ପରକାଳରେ ପତିସଙ୍ଗ ବାସନାରେ ତପସ୍ୟା କରିଛନ୍ତି । ଏହା କେବଳ ଭାରତୀୟ ନାରୀଙ୍କ ପକ୍ଷରେ ହିଁ ସମ୍ଭବ । ଏହି ସଂସ୍କୃତି ମଧ୍ୟ ଓଡ଼ିଆ ନାରୀଙ୍କର ପରଂପରା ଥିଲା । ତେଣୁ ଏ ପୁସ୍ତକର ନାୟିକା ଏକ ମହାନ୍, ଆଦର୍ଶମୟ ତଥା ଅତୁଳନୀୟ ଜୀବନର ନାୟିକା । ପ୍ରଣୟରେ ହିଁ ତାଙ୍କର ତପସ୍ୟାର ଆରମ୍ଭ ଏବଂ ତହିଁରେ ତାଙ୍କର ସିଦ୍ଧି ।

ରାଜନେମାଙ୍କ ଜୀବନଦର୍ଶନର ଗଭୀର ତତ୍ତ୍ୱ ଅଧ୍ୟୟନ କରିବା ଏଯୁଗରେ କେବଳ କଳ୍ପନାକୁ ଆଶ୍ରୟ କରି ସମ୍ଭବ ହୁଏ । ବାସ୍ତବତାରେ ତାଙ୍କ ଚରିତ୍ର କଳନା କରିବା ପବନକୁ ଫାନ୍ଦରେ ଧରିବା ଭଳି ଏକ ଅସମ୍ଭବ କଥା—ଏ ଯୁଗରେ ଯେତେବେଳେ ପ୍ରଣୟ ଧର୍ମ୍ମିତ ଗୁଡ଼ପନ୍ନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ସେତେବେଳେ ଏପରି ଗୋଟିଏ ଉପନ୍ୟାସର ବହୁଳ ପ୍ରଚାରର ଯଥେଷ୍ଟ ଆବଶ୍ୟକତା ଅନୁଭବ କରି ମୁଁ ଏହାକୁ ପୁନଃ ପ୍ରକାଶ ପାଇଁ ମନ ବଳାଇଲି ।

କଟକ
ତା ୭ । ୭ । ୬୨ } ଶ୍ରୀମତୀ ସରଳା ଦେବୀ

# ଗ୍ରନ୍ଥମୂଲ୍ୟାୟନ

ସ୍ୱାଧୀନତା ପରେ ଓଡ଼ିଆ ସାହିତ୍ୟର ଯଥେଷ୍ଟ ଅଗ୍ରଗତି ହୋଇଥିବା କହି କେହି କେହି ଆତ୍ମସନ୍ତୋଷ ଲାଭ କରନ୍ତି । ଅବଶ୍ୟ ଦ'ଶହେଖଣ୍ଡ ମାସିକ ଓ ସାପ୍ତାହିକ ପତ୍ରପତ୍ରିକାରେ ନୂଆ ନୂଆ ଲେଖକଲେଖିକାଙ୍କ ରଚନାମାନ ଦେଖାଯାଏ । ନୂଆ ପୁଅଝିଅ ବା ନୂଆ ଫସଲ ପ୍ରତିବର୍ଷ ହେବାପରି ନୂଆ ଲେଖକ ବାହାରିବାଟା ତ ସ୍ୱାଭାବିକ । ସେଥିରେ ସ୍ୱାଧୀନତାର ପ୍ରେରଣା ରହିଲା କେଉଁଠି ?

ନୂଆ ବହି ମଧ୍ୟ ସେଇ ନିୟମରେ ପ୍ରକାଶ ପାଏ । ମାତ୍ର ତହିଁରେ ସ୍ୱାଧୀନ ଜୀବନର କିମ୍ବା ସ୍ୱାଧୀନ ପରିସ୍ଥିତିର ବାତାବରଣ କି ଭାବରେ ଫୁଟିଛି, ତାହାହିଁ ବିଚାର୍ଯ୍ୟ । ପୁଣି ବହିଟିଏ ପ୍ରକାଶ ପାଇଲେ ଏବେ ମଧ୍ୟ ତହିଁରୁ ହଜାର ଖଣ୍ଡ କେତେ କାଳ ଭିତରେ ବିକ୍ରୀ ହୋଇପାରୁଛି ଓ ବିକ୍ରୀଲବ୍‌ଧ ଧନଦ୍ୱାରା କେତେ ଜଣ ଲେଖକ ଉପକୃତ ହୋଇ ସ୍ୱାଧୀନ ସାହିତ୍ୟିକ ଜୀବନ ବଞ୍ଚିବା ପାଇଁ ସମର୍ଥ ହେଉଛନ୍ତି, ତା'ର ହିସାବ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟ ତୁଳନାରେ ଏବେ କି ପରିମାଣରେ ଆଶାପ୍ରଦ ତାହା ଖୋଜି ପାଇବା ସମ୍ଭବପର ନୁହେଁ । କାରଣ ସେ ହିସାବ କେବଳ ପୁସ୍ତକ ପ୍ରକାଶକ ଓ ପତ୍ରିକା ସମ୍ପାଦକ ବା ପରିଚାଳକମାନଙ୍କ ପାଖରେ ହିଁ ଆବଦ୍ଧ ।

ସବୁଠାରୁ ଉପନ୍ୟାସର କାଟତି ବେଶୀ ବୋଲି ଶୁଣାଯାଇଥାଏ । ସ୍ୱାଧୀନତା ପୂର୍ବରୁ ଏବଂ ପରେ ମଧ୍ୟ ନୂଆ ଉପନ୍ୟାସର ସଂଖ୍ୟା ନିଶ୍ଚୟ ବୃଦ୍ଧି ପାଇଛି । ଅଥଚ ସେଗୁଡ଼ିକର ସଂସ୍କରଣ ସଂଖ୍ୟା ତ ଆଦୌ ଉତ୍ସାହଜନକ ବୋଲି ମନେ ହୁଏ ନାହିଁ !

ସ୍ୱର୍ଗତ ଗୋପାଳବଲ୍ଲଭ ଦାସଙ୍କ ଦ୍ୱାରା ଲିଖିତ "ଭୀମାଭୂୟାଁ" ଉପନ୍ୟାସ ଖଣ୍ଡିକର ଦ୍ୱିତୀୟ ମୁଦ୍ରଣ ଦେଖାଦେଇଛି ଲେଖକଙ୍କ ମୃତ୍ୟୁର ଅନେକ ବର୍ଷ ପରେ । ତାହା ପୁଣି ଉତ୍କଳ ବିଶ୍ୱବିଦ୍ୟାଳୟର ଏମ୍. ଏ. କ୍ଲାସରେ ପଢ଼ା ହେବାପାଇଁ ମନୋନୀତ ହେବାର କିଛି ବର୍ଷ ପରେ ବୋଲି ବହିଟିର ସଂପାଦିକା ଶ୍ରୀମତୀ ସରଳା ଦେବୀଙ୍କ ଠାରୁ ଜଣାପଡ଼େ । କି ପରିସ୍ଥିତିରେ ସେ ବହିଟିର ନକଲ ସଂଗ୍ରହ କଲେ, ତାହା ମଧ୍ୟ ବଡ଼ କୌତୂହଳପ୍ରଦ । ଏଥର ପ୍ରଥମ ମୁଦ୍ରଣ ବେଳେ ବୋଧହୁଏ ଓଡ଼ିଆ ସାହିତ୍ୟରେ ଖଣ୍ଡେ କି ଦି'ଖଣ୍ଡ ମାତ୍ର ମୌଳିକ ଉପନ୍ୟାସ ଥିବ ।

ବହିଖଣ୍ଡି ପୁଣି ଖୋଦ୍ ଆଦିବାସୀ ଓ ଅଣଆଦିବାସୀ ଚରିତ୍ରକୁ ଘେନି ରଚିତ । ସେତେବେଳେ ଏହି ଉପାଦାନ ଏକାବେଳେ ପ୍ରଥମ ଓ ମୌଳିକ । ଆଜି ମଧ୍ୟ ଉପନ୍ୟାସଟିର ପ୍ରାଚୀନ ଢଙ୍ଗର ଅଚଳ ଭାଷା ଓ ଉପାଖ୍ୟାନ ବର୍ଣ୍ଣନାଭଙ୍ଗୀଦୃଷ୍ଟିରୁ ଏକାବେଳେ ନୂତନ । ପଚାଶ ବର୍ଷରୁ ଅଧିକ କାଳ ପରେ ତା'ର ଦ୍ୱିତୀୟ ମୁଦ୍ରଣ ପ୍ରକାଶ ପାଇବା ମଧ୍ୟ ଏ କଥାର ଗୋଟିଏ ପ୍ରଧାନ ପ୍ରମାଣ ।

"ଭୀମାଭୂୟାଁ"ର ଲେଖା-ଷ୍ଟାଇଲ୍ ପୁଣି ଗଳ୍ପ ଓ ଘଟଣା ଗୁନ୍ଥିବାର କୌଶଳରେ ଯେଉଁ ସ୍ୱାତନ୍ତ୍ର୍ୟ ଅଛି, ତାହା ଓଡ଼ିଆ ସାହିତ୍ୟରେ ବିରଳ । ନାଟକ ଭଳି ଉପନ୍ୟାସରେ ଘଟଣାର ଉତ୍କଣ୍ଠାହିଁ ପ୍ରଧାନ ଆକର୍ଷଣୀୟ ବସ୍ତୁ । ଲେଖକ ବହିଟିର ଆରମ୍ଭରୁ ଶେଷଯାକେ ଏଇ ଉତ୍କଣ୍ଠାକୁ ନିପୁଣତାର ସହିତ ରକ୍ଷା କରିପାରିଛନ୍ତି । ପ୍ରତ୍ୟେକଟି ନାରୀ କିମ୍ବା ପୁରୁଷଚରିତ୍ର ଜୀବନ୍ତ ଓ ସୁସ୍ପଷ୍ଟ ପରି ବୋଧ ହୋଇଥାଏ । ଯଦିବା ଘଟଣାଦୃଷ୍ଟିରୁ ରଜାଙ୍କାରେ ମୁଣ୍ଡ

କାଟିବା କିମ୍ବା ସାନ ସାନ ରାଜାମାନଙ୍କ ମଧ୍ୟରେ ଲଢ଼େଇ ଚାଲିବା ଆଜି ଅଦୃଶ୍ୟ ହୋଇପଡ଼ୁଛି ।

ଓଡ଼ିଶାର କନ୍ଧ, କୋହ୍ଲ, ଭୂୟାଁ, ସାନ୍ତାଳ ପ୍ରଭୃତି ଆଦିବାସୀମାନେ ଯେପରି ଉତ୍ତରାଞ୍ଚଳରେ ଦେଖାଯାନ୍ତି, ସେହିପରି ଦକ୍ଷିଣାଞ୍ଚଳରେ ଗଦବା, ପରଜା, କୋୟା, ଗଣ୍ଡ ଇତ୍ୟାଦି ବହୁ ଶ୍ରେଣୀର ମଧ୍ୟ ଅଛନ୍ତି । ଭୂୟାଁମାନେ କେନ୍ଦୁଝରର ଭୂୟାଁପୀଢ଼ରେ ପ୍ରଧାନତଃ ଥାଆନ୍ତି । କେତେକ ଆଦିବାସୀଙ୍କର ସେ ରାଜ୍ୟର ରାଜା ବା ରାଜବଂଶ ସହିତ ଯେପରି ପ୍ରୀତିବନ୍ଧୁ ପ୍ରଭୃତି ସମ୍ପର୍କ ରହିବା ସ୍ୱାଭାବିକ, ସେଇପରି ଭୂୟାଁମାନଙ୍କର କେନ୍ଦୁଝର ରାଜାଙ୍କ ସହିତ ସମ୍ପର୍କ ଅଛି । ପ୍ରତି ବର୍ଷ ରାଜ୍ୟାଭିଷେକ ସମୟରେ ରାଜାଙ୍କର ଜଣେ ଭୂୟାଁକୋଳରେ ବସି ଅଭିଷେକ ହେବା ପ୍ରଥା ରହିଛି ।

ଉପନ୍ୟାସକାର ଗୋପାଳବଲ୍ଲଭ କେନ୍ଦୁଝର ରାଜା ନାବାଳକ ଥିବା ସମୟରେ ଶିକ୍ଷକ ରୂପେ ନିଯୁକ୍ତ ରହି ଭୂୟାଁମାନଙ୍କ ସମ୍ପର୍କରେ ଆସିଥିଲେ ଓ ସେହି ଅନୁଭୂତି ତାଙ୍କର ଗଳ୍ପାକାରରେ ରୂପ ପାଇଥିଲା । ଭୂୟାଁମାନଙ୍କର ବୀରତ୍ୱ ସଙ୍ଗେ ନୃଶଂସତା, ଗ୍ରାମଭିତରେ ଧାଙ୍ଗଡ଼ାଧାଙ୍ଗଡ଼ି ଦଳ, ରାଜପୁରୁଷମାନଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି ଓ ସାଧାରଣଙ୍କ ପ୍ରତି ଆତିଥେୟତା, ପୁଣି ଯୁବକଯୁବତୀ ଓ ବୃଦ୍ଧବୃଦ୍ଧାମାନଙ୍କର ସାମାଜିକତା ମଧ୍ୟରେ ଖାମାଭୂୟାଁର ପୌରୁଷ ଓ ପ୍ରେମର କାହାଣୀ ଯାହା ସେ ଅଙ୍କନ କରିଛନ୍ତି, ତାହା ଯେପରି ଅନବଦ୍ୟ, ସେହିପରି ଅନନ୍ୟ ।

ସେହି ବୀରତ୍ୱ ଓ ପୌରୁଷଦ୍ୱାରା ସ୍ୱୟଂ ରାଜକନ୍ୟା ମଧ୍ୟ ଆକୃଷ୍ଟ । ସେ ଆକର୍ଷଣ ଦୈହିକ ନ ହୋଇ ଯେପରି ଆତ୍ମିକ ହୋଇ

ପଡ଼ିଛି ଓ ପ୍ରେମର ମହାନ୍ ତ୍ୟାଗରେ ପରିସମାପ୍ତି ଲଭିଛି, ତାହା ଅପାର୍ଥିବ ହେଲେ ମଧ୍ୟ ଅସମ୍ଭବ ନୁହେଁ । ଓଡ଼ିଶାର ଜଣେ ରାଜ-କନ୍ୟାଙ୍କର ଅପୂର୍ବ ଐତିହାସିକ ପ୍ରଭାବରେ ଆଦିବାସୀ ଭୂୟାଁର ପ୍ରେମହିଁ ତ୍ୟାଗର ଚରମସୀମାକୁ ସ୍ପର୍ଶ କରି ନିଷ୍କଳଙ୍କ ଚନ୍ଦ୍ର ପରି ପ୍ରତିଭାତ ହୋଇଛି । ହେମାଙ୍କ ନିର୍ଦ୍ଦେଶରେ ପ୍ରେମିକ ଖ୍ରମାଭୂୟାଁ ତାହାର ରଣଜିତ୍ ଶାଢ଼ୀ କାଢ଼ିଦେଇ ନୈସର୍ଗିକ ପ୍ରେମ ପାର୍ଶ୍ୱରେ ନିଜ ବୀରତ୍ୱର ଦମ୍ଭ ଅଭିମାନ ଉତ୍ସର୍ଗ କରିଛି । ସେହିପରି ରାଜବଂଶର ଆଭିଜାତ୍ୟକୁ ଜଳାଞ୍ଜଳି ଦେଇ ହେମା ମଧ୍ୟ ପ୍ରେମନିକଷରେ ସଖିତ୍ୱର ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

ଗଦ୍ୟ-କାବ୍ୟରୂପେ ଉପନ୍ୟାସ ସୁବିଦିତ । "ଖ୍ରମାଭୂୟାଁ" ଉପନ୍ୟାସଟି ଏହି କଥାକୁ ତାହାର ଭାଷାରେ, ବର୍ଣ୍ଣନାରେ, ଚରିତ୍ର-ଚିତ୍ରଣରେ ସାର୍ଥକ କରିଛି । ଏହାକୁ ଓଡ଼ିଆ ସାହିତ୍ୟର 'କାଦମ୍ବରୀ' ଆଖ୍ୟା ଦେଲେ ଅପଥା ହେବ ନାହିଁ ବୋଲି ମନେହୁଏ । ଏକ ମୌଳିକ ରସୋତ୍ତୀର୍ଣ୍ଣ ରଚନାରୂପେ ଏହା ଓଡ଼ିଆ ସାହିତ୍ୟକ୍ଷେତ୍ରରେ ବିସ୍ମୟ ସୃଷ୍ଟି କରିଛି ।

**କାଳିନ୍ଦୀଚରଣ ପାଣିଗ୍ରାହୀ**

କଟକ

୨୭।୭।୧୯୬୪

ସଭାପତି, ଉତ୍କଳସାହିତ୍ୟ ସମାଜ

କେନ୍ଦ୍ର ଏବଂ ଉତ୍କଳ ସାହିତ୍ୟ ଏକାଡେମୀ-ସଭ୍ୟ

# ଭୀମା ଭୂୟାଁ

## ସୂଚନା

( ଆଷାଢ଼ ଶୁକ୍ଳ ଦଶମୀ )
"ଏତେ କଦର୍ଥନା ପାଉ କାହିଁକି,
ଶଶ ଶଶୀ ପ୍ରାପ୍ତ ହେତୁ ନାହିଁକି ?
କୁମ୍ଭକାର କାଠ ଘୋଷା ଲୁ ବହି,
କୁଷ୍ଣ ଦେହ ପାଇଁ ନିଶ୍ଚିନ୍ତେ ରହି,
ଶ୍ୟାମନାମ ଧରି,
ଯାତ୍ରା ଅନୁକୂଳ କରି ବାହାରି ।" (ବିଦଗ୍ଧ ଚିନ୍ତାମଣି)

## ପ୍ରଥମ ପରିଚ୍ଛେଦ

ମଗୁଶିରରେ ଶିରି ଶିରିଆ, ପୁଷରେ ଭୁଷଭୁଷିଆ ଶୀତ ହେଲେ ବି ନବାଣୋନ୍ମୁଖ ପ୍ରଦୀପ, ଆହତ ମୁମୂର୍ଷୁ ବ୍ୟାଘ୍ର ଭଲ୍ଲୁକଙ୍କ ପରି ମାଘରେ ଶୀତର ବଡ଼ ରାଗ ବୋଲି ଜଣା ଶୁଣା । ମାଘ ଗଲାଣି ତଥାପି ରାଗ ଦାଗ ଯାଇନାହିଁ । ଅରୁଣ ଦେବ ଅଗ୍ନି କୋଣରୁ ଅପସରିବା ଆରମ୍ଭିଲେଣି, କିନ୍ତୁ ଉଷାଦେବୀ କୁଜ୍‌ଝଟି ଓଢଣା

ଅନ୍ତର କରି ନାହାନ୍ତି । ସୂର୍ଯ୍ୟଦେବ ଉଠି ଉଠି ଥକି ଥକି ଉଇଁଲା ପରି ଦେଖା ଯାଉଛନ୍ତି । ଦୀନନାଥଙ୍କର ଦୈନ୍ୟଭାବ ଦିଗ୍‌ବିଦିଗରେ ପ୍ରତିବିମ୍ବିତ । ଶତ୍ରୁ ପତନରେ, ପ୍ରପୀଡ଼ିତ ପାଦପେ ପୋଡ଼ା ପତ୍ରର ପକାଇ ସାରି ନାହାନ୍ତି । ପ୍ରାତଃକାଳୀନ ଧୂମୋଦ୍ଗମରେ ସରିତ ତଡ଼ାଗ ଧୂସରାୟିତ । ବସନ୍ତ ପଞ୍ଚମୀ ସଙ୍ଗେ ଆସିଥିଲେ ହେଁ ଋତୁ-ରାଜଙ୍କର ଶ୍ରେଷ୍ଠପଦ ଆଚରଣ ରହିଅଛି । ତଥାପି ଅଗି ଜଳିଲା, ଶୀତ ଠେଲିଲା, ବଚନଥିବାରୁ ଶତ୍ରୁ ନିର୍ମୂଳ ନୋହିଥିଲେ ହେଁ, ଯେଉଁ ପ୍ରକୃତିଦ୍ୱାରା ପ୍ରଣୋଦିତ ହୋଇ ରଣବିଜୟୀ ଛତ୍ରପତି, ସେନାପତି, ନାୟକ ପାୟକ ପ୍ରଭୃତି ନରକଙ୍କାଳାଚ୍ଛାଦିତ ରଣଭୂମିର ଶୋଣିତ ସ୍ରୋତସ୍ୱିନୀ କୂଳେ ଆମୋଦପ୍ରମୋଦରେ ମତ୍ତ ହୋଇଥାଆନ୍ତି, ସେହି ପ୍ରକୃତିର ବଶବର୍ତ୍ତୀ ହୋଇ ପ୍ରକୃତିଦେବୀଙ୍କ କୋଡ଼ରେ ଲାଳିତ ପାଳିତ ପ୍ରକୃତି ସନ୍ତାନ ଭୂଇଁଆମାନେ ଆଜି ମାଘପୋଡ଼ା ପର୍ବରେ ମାତିଛନ୍ତି । ତିନି ଦିନ ଅହରହ ଆମୋଦପ୍ରମୋଦ ଉତ୍ତାରୁ ଆଜି ଉଷା ଉଜୁଆଁ । ଅନେକ ଗ୍ରାମରୁ ଆହୂତ ଅନାହୂତ ଧାଙ୍ଗଡ଼ା ଧାଙ୍ଗଡ଼ୀ, ବୁଢ଼ାବୁଢ଼ୀ ଏକତ୍ରିତ । "ବସୁଧୈବ କୁଟୁମ୍ବକଂ" ଭାବ ଆବାଳବୃଦ୍ଧ-ବନିତା ସବୁରି ହୃଦୟ ଅଧିକାର କରିଅଛି । ଶତ୍ରୁ ମିତ୍ର ଉଭୟଙ୍କ ପାଇଁ ଭୂଇଁଆ ପଲ୍ଲୀର ସରଦାର ବିରାଦରଙ୍କ କୁଟୀର ଅବାରିତ ଦ୍ୱାର । ନିମନ୍ତ୍ରିତ ହେଉ ବା ନହେଉ ସବୁରି ସମ୍ମାନ ଚର୍ଚ୍ଚା ବଡ଼ ସାନ ଘେନି ପାତ୍ରର ଅନ୍ତର ନାହିଁ । ଭବିଷ୍ୟତରେ ଯାହା ହେଉ ଘରେ ୨ ପାନ, ଆହାର; ମଣ୍ଡୁଆ ଦ୍ୱାରେ ଅହରହ ଚୁଙ୍ଗୁ ବାଜା, ଚୁଙ୍ଗୁ ନାଚ, ଚୁଙ୍ଗୁ ଗୀତ ପଞ୍ଚାଏ ପଞ୍ଚାଏ ଆସି ବାଉଛନ୍ତି, ଗାଉଛନ୍ତି, ନାଚୁଛନ୍ତି । ପଞ୍ଚାଏ ପଞ୍ଚାଏ ଯାଇ ଖାଉଛନ୍ତି, ପିଉଛନ୍ତି । ସ୍ଥୂଳରେ ମଣ୍ଡୁଆଟି ମହୁଫେଣା ପରି ହୋଇଛି । ଅନ୍ୟଥା ଆହାର ବିହାର ଓ ମଧୁସଂଗ୍ରହ ହେଉଥିବାବେଳେ ଯେପରି ମକ୍ଷିକା ପୂର୍ଣ୍ଣ ଥାଇ ମଧୁଚକ୍ରର କାର୍ଯ୍ୟ

ଚାଲିଥାଏ, ସେହିପରି ଘରେ ଘରେ ପାନ ଆହାର କାଳରେ ମଣ୍ଡୁଆଠାରେ ନୃତ୍ୟଗୀତ ବାଦ୍ୟର ବିରାମ ନାହିଁ । ଜାତି ଅଜାତି, ସାନ ବଡ଼ ସମସ୍ତେ ଆନନ୍ଦ ଲହରୀରେ ଦୋଳାୟମାନ । ଏକ ଦିଗରେ ପ୍ରପୀଡ଼କ ପ୍ରବଳ ପ୍ରତାପୀ ଶୀତର ତିରୋଧାନ; ଅପର ଦିଗରେ ନାତିଶୀତୋଷ୍ଣ ମଳୟମାରୁତ ସହ ମନବଦନ-ରଞ୍ଜନକାରୀ ଋତୁରାଜଙ୍କର ଆଗମନ । ପୁଣି ଆନନ୍ଦର ପାରାପାର ନାହିଁ । ନିର୍ମଳ ଚନ୍ଦ୍ର ମଣ୍ଡଳ ଦର୍ଶନରେ ନୃତ୍ୟ କରୁ କରୁ ଅଗ୍ନିଭକ୍ଷଣ କାଳେ ଚକୋରର ଯେଉଁ ଆନନ୍ଦ, ନବଜଳଧର ଦର୍ଶନରେ ଚାତକର ସେହି ଆନନ୍ଦ । ମଞ୍ଜୁ ଗୁଞ୍ଜି ମାଳି ନାଲି ଜାମୁଡାଳ ଯେପରି କାହାର ୨ ଚିତ୍ତବିନୋଦିଆ, ହୀରା ନୀଳା ମାଳା । ସେହିପରି କାହାର ୨ ମନ ମୁଗ୍ଧକାରୀ, କାହାର ୨ ବା ରୂପ-ଯୌବନ-ସମ୍ପନ୍ନା ଅପସରାଙ୍କ ନୃତ୍ୟ ଗୀତ ଯେପରି, ଭୂଇଁଆଙ୍କର ବୋଡ଼ାପାଲି, ଗୀଧପାଲି ପ୍ରଭୃତି ତାଙ୍କୁ ସେହିପରି । ଏହିପରି 'ଭିନ୍ନରୁଚିଃ ଲୋକଃ' ଅନୁସାରେ ଭିନ୍ନ ୨ ପଦାର୍ଥରୁ ଉତ୍ପନ୍ନ ହେଲେ ହେଁ ଆନନ୍ଦ ଏକ । ଗାଈ କଳା ହେଉ, ଧଳା ହେଉ, ଦେଶୀ ହେଉ କି ବିଦେଶୀ ହେଉ, ଦୁଧ ଏକ । ନିବାତର ନ୍ୟୁନାଧିକ୍ୟ ପରି ହିଲ୍ଲୋଳ ହେଉ କି କଲ୍ଲୋଳ ହେଉ କି ତରଙ୍ଗ ହେଉ, ଆନନ୍ଦ ଏକ । କିନ୍ତୁ ସୁରସରିତ ବା ମାନ-ସରୋବରର କଳକଳନାଦିନୀ ବୀଚି ମାଳା କିମ୍ବା ସୁନୀଳ ମହାସାଗରର ଦୁଗ୍ଧଫେନନିଭ ଶୁଭ୍ରଚୂଡ଼ ଝିଟିନୋଧା ଉତ୍ତାଳ ତରଙ୍ଗମାନଙ୍କ ପରି ଆନନ୍ଦ ସାଗରର କିଛି ଦୃଷ୍ଟି ବା ଶ୍ରୁତିଗୋଚର ହେବାର ନୁହେଁ । ହୃଦୟ ବା ମନରେ ଏହାର ଉତ୍ପତ୍ତି, ସ୍ଥିତି, ଗତି, ବିଲୁପ୍ତି । ଏହା ନିଜେ ଦେଖା ଶୁଣା ନ କଲେ ହେଁ ଭାବଭଙ୍ଗି ଆକାର ପ୍ରକାରରେ ଆପେ ୨ ପ୍ରକାଶ ପାଇଥାଏ । ପୁଣି "ଅଗ୍ନି ଯେସନେ ସବୁ ଖାଇ, ବିଭୁରେ ଦୋଷଗୁଣ ନାହିଁ" ସେହିପରି ନରକିନ୍ନର, ପଶୁ, ପକ୍ଷୀ

ସବୁରିଠାରେ ଆନନ୍ଦର ସଞ୍ଚାର । ଏଣୁକରି ବିବିଧ କାରୁକାର୍ଯ୍ୟ ଭୂଷିତ ନାନା ଆଲୋକମାଳାରେ ରଞ୍ଜିତ ସୁରମ୍ୟ ସ୍ଫଟିକହର୍ମ୍ୟରେ ଆନନ୍ଦରେ ଯେଉଁ ଲୀଳା ଖେଳା, ବିଛୁରି ଧୂଳି ଧୂସରିତ ଖାଲ ହୁଲାରେ ଆଲୋକିତ ଭୂଇଁଆ ମଣ୍ଡପରେ ତାର ସେହି ଲୀଳା ଖେଳା । ଏହାର ସାନ ବଡ଼, ଉଚ୍ଚ ନୀଚ ବିଚାର ନାହିଁ । ଏହା ଈଶ୍ୱରୀୟ । ସ୍ୱର୍ଗନରକ, ସୁରାସୁର, ନରକିନ୍ନର ଯାହାଙ୍କର କ୍ରୀଡ଼ା ପିଣ୍ଡିକା ସେ ସଚ୍ଚିଦାନନ୍ଦ ନାମରେ ଅଭିହିତ ।

ଏହି ପରମ ପବିତ୍ର ଆନନ୍ଦ ତରଙ୍ଗରେ କୁପଟପଣିଆ ଛୁଟିଯାଏ । ବନ୍ଦୀ କାରାମୁକ୍ତ ହୁଏ ଏବଂ ଶତ୍ରୁପଣିଆ ମନେ ରହେ ନାହିଁ । ଏହିପରି ଆନନ୍ଦ ସାଗରରେ ମଗ୍ନ ହୋଇଥିଲେ ହେଁ, "ଯାହା ମନ ଯାହାକୁ ରଚେ, ତାହା ବିନା ତାକୁ ଆନ ନ ଦିଶେ" । ଯେ ଯାହାକୁ ରଚିଛି ସେ ତାକୁ ସୁଖୀ କରିବାରେ ଆପଣାକୁ ସୁଖୀ ମଣୁଅଛି । ତଥାପି ବିରୁଦ୍ଧ ଭାବ ବା ଆଚରଣର କୌଣସି ଆଭାସ ନାହିଁ, ଘୃଣା ତାଚ୍ଛଲ୍ୟ ପ୍ରଭୃତିର ଛାୟା ସୁଦ୍ଧା ଦେଖା ନାହିଁ । ବିଶୁଦ୍ଧ ସଦ୍‌ଭାବରୁ କେହି ଅନ୍ତର ନୁହେଁ । ଏଥିରେ କେହି କାହାରିକି ଊଣା ନୁହେଁ । ତାହାହେଲେ ବି ବଡ଼ ବଡ଼ଙ୍କ ଉପରେ ସବୁରି ଆଖି ।

ଚାରି ଭାଇଙ୍କ ମଧ୍ୟରେ ଜ୍ୟେଷ୍ଠ ରାମ ଦାଶରଥି । ପଙ୍କରୁ କୁମୁଦ ପ୍ରଭୃତି ଜନ୍ମୁଥିଲେ ବି କମଳ ପଙ୍କଜନାମଧାରୀ । ସେହିପରି ଏଠାରେ ତିନିଜଣ ଲକ୍ଷ୍ୟର ସ୍ଥଳ । ପ୍ରଥମତଃ ଏ ଗ୍ରାମର ତିଲ ସରଦାର ଝିଅ ଚନାମାଳୀ । ତାହା ଛଡ଼ା ସରଦାରଙ୍କ ଅନ୍ୟ ସନ୍ତାନସନ୍ତତି ନାହିଁ । ପୁଣି ସରଦାରଙ୍କ ଗାଈ, ମଇଁଷି, ଧାନ, ଚାଉଳ, ଛେଳି, ମେଣ୍ଢା ଅନେକ ଅଛନ୍ତି । ତଥାପି ଧନାଗମର ଫନ୍ଦା ସରଦାର ବୁଦ୍ଧି

ବୟସରେ ବି ନ୍ୟୁନ ନାହାନ୍ତି । ଏ ସବୁ ଚନାମାଳୀ ପାଇଁ । ଏ ଅଞ୍ଚଳରେ ତାହାଠୁ ବେଶି ସୁନ୍ଦରୀ ନାହାନ୍ତି । ସେ ଯୁବାବସ୍ଥାରେ ଉପସ୍ଥିତା । ତାହାର ରୂପପରି ଗୁଣ ମଧ୍ୟ ସମସ୍ତେ ପ୍ରଶଂସା କରଥାନ୍ତି ।

ବିଶେଷତଃ ଅପର ପାଡ଼ର ସାଧୁ ସରଦାରଙ୍କ ପୁଅ ବାଣାଶୁର ଆଉ ଝିମା । ସରଦାରଙ୍କର କେବଳ ଏହି ଦୁଇ ପୁଅ । ତିଳ ସରଦାରଙ୍କ ପରି ସାଧୁ ସରଦାରଙ୍କର ସମ୍ପତ୍ତି । ସାଧୁ ମଧ୍ୟ ଧନାଗମ ଉପାୟରୁ ବିରତ ନୁହନ୍ତି । ପୁଅ ଦୁହେଁ ଯୁବା, ଗନ୍ଧର୍ବ ମୂର୍ତ୍ତି, "କାମ ଦେଖିଲେ କ୍ଷାମ ଯିବ" । ମହାଧନୁର୍ଦ୍ଧର, ଶାନ୍ତସୁଶୀଳ ବୋଲି ତିନି ଖଣ୍ଡ ପାଡ଼ାରେ ଜଣାଶୁଣା । ବାଣାଶୁର ବଡ଼, ଝିମା ସାନ । କିନ୍ତୁ ରୂପରେ ଗୁଣରେ କିଏ ଉଣିଶ କିଏ ବିଶ, ଲୋକେ ଠିକ୍ କରି କହି ପାରନ୍ତି ନାହିଁ । ଚନାମାଳୀ ଧାଙ୍ଗଡ଼ୀ, ବାଣାଶୁର ଓ ଝିମା ଧାଙ୍ଗଡ଼ା । ରୂପଗୁଣ ଯାହାର ଯାହା ହେଉ ଅଚିନ୍ତାମନ କାହାକୁ ବୋଲିଯାଏ ତାହା ତିନିଙ୍କ ମଧ୍ୟରୁ ଯାହାକୁ ଦେଖି ତାହାଠାରୁ ଜଣାଯାଏ । ତିନିହେଁ ଖାଉଛନ୍ତି, ଖୁଆଉଛନ୍ତି; ପିଉଛନ୍ତି, ପିଆଉଛନ୍ତି; ନାଚୁଛନ୍ତି, ନଚାଉଛନ୍ତି; ଖେଳୁଛନ୍ତି, ଖେଳାଉଛନ୍ତି । ସାନବଡ଼ ସବୁରି ସଙ୍ଗେ ଏହିପରି କରୁଥିଲେ ବି ବାଣାଶୁର ଓ ଝିମା ଦୁହେଁ ଚନାମାଳୀକି ରସିଥିବା ବିଷୟରେ କାହାରି ଦ୍ୱିଧା ନାହିଁ । ଚନାମାଳୀର ମନ ଧରିବାକୁ ଅଠାକାଠି ଗୁଳିବାରେ କେହି କାହାରିକୁ ଊଣା ନୁହେଁ । ଏହିପରି ଅନେକ ଦିନ ହେଲା ଚାଲି ଆସୁଛି ବୋଲି ସମସ୍ତଙ୍କୁ ଜଣାଶୁଣା । କିନ୍ତୁ ଧାଙ୍ଗଡ଼ୀ ମନ କାହାଆଡ଼କୁ ଟଳୁଛି କେହି ବୁଝି ପାରୁ ନାହାନ୍ତି । ଏହି ପର୍ବରୁ ଏହା ଜଣା ପଡ଼ିବାର ଆଶା ଅଛି । ସେଥିପାଇଁ ଲୋକେ ଆରମ୍ଭରୁ ଛକାଛକିରେ ରହିଛନ୍ତି । ମାତ୍ର ଧାଙ୍ଗଡ଼ୀର ପାତର ଅନ୍ତର କାହାରି ଆଖିରେ ତିଳେ ମାତ୍ର ପଡ଼ୁନାହିଁ । ସାନଭାଇ, ବଡ଼ଭାଇ

ହେଲେ ବି ସେ କାହାରିକି ବଡ଼ ବା କାହାରିକି ସାନ ମଣୁଥିବାର ଦେଖାଯାଉ ନାହିଁ । ବରଂ ସେ ଦୁଇଭାଇଙ୍କି ଦୁଇଆଖିର ପିତୁଳା ପରି ସମାନ ଘେନୁଥିବାର ଲୋକେ ଦେଖୁଛନ୍ତି । ସୁତରାଂ ଏଠାରେ କହିଲେ ଅଯଥା ହେବ ନାହିଁ ଯେ "କାହାମନ କାହାକୁ ଜଣା, କେକରେ ଅଧିକ କେକରେ ଊଣା" ।

କାହାରି ମନ କାହାରିକି ଜଣା ହେଉ ବା ଅଜଣା ହେଉ, କେହି କାହାରିକୁ ଅଧିକ କରୁ କି ଊଣା କରୁ, କାହାରି ପ୍ରେମ-କୌତୁକ ଊଣା ନାହିଁ କି ଝିଅ ବୋହୁଙ୍କର ଉଡ଼ୁଣା ନାହିଁ ।

ଏମାନଙ୍କୁ ଅଜଣା ନାହିଁ ଯେ ରାଣୀହଂସ ପୁରେ ରାଜାଙ୍କ ବ୍ୟତୀତ ଅନ୍ୟ କାହାରି ଛୁଇ ପଡ଼େ ନାହିଁ । ରାଜଗୁରୁ, ପାଠଯୋଷୀଙ୍କ ମାଇପେ ପଦାକୁ ବାହାରନ୍ତି ନାହିଁ । ବେବର୍ତ୍ତା, ନଅର ବଡଗୋଇଙ୍କ ଝିଅ ବୋହୁଏ ବାପଭାଇ, ଶଶୁର, ଦେଢ଼ଶୁରଙ୍କ ଆଗର ହୁଅନ୍ତି ନାହିଁ । ପୁଣି ଏମାନେ କାଳେ କାଳେ ପଖାଉଜ, ମୃଦଙ୍ଗ, ଢୋଲ ତବଲା, ସିତାର, ବେହେଲା ଶୁଣି ଆସୁଥିଲେ ବି ବାଈନାଚ, ଗୋଟିପୁଅ ନାଚ, ରାମଲୀଳା, କୃଷ୍ଣଲୀଳା, ଭରତ ଲୀଳା ନାଟ ଦେଖି ଆସୁଥିଲେ ବି ଯେଉଁପରି ଗୁଙ୍ଗୁବାଜା କି ବୋଡ଼ା ବା ଗୀଧପାଲୀ ନାଟ ଛାଡ଼ ନାହାନ୍ତି । ସେହିପରି ଡାଲଭଙ୍ଗା ଗୀତ ଛାଡ଼ ନାହାନ୍ତି କିଂବା ଗୁଙ୍ଗୁ ନାଚୁନାଚୁ ଧାଙ୍ଗଡ଼ା ଧାଙ୍ଗଡ଼ୀଏ ବର କନ୍ୟା ବାଛି ନେବା ଛାଡ଼ ନାହାନ୍ତି । ଗୁରୁଜନ ବା ବୟୋଧିକ ଲୋକେ ଥିବା ସ୍ଥଳେ ବିଶୁଦ୍ଧ ପ୍ରେମ କୌତୁକ କମ୍ବା ଝିଙ୍କା ବିବାହ ପାଇଁ ଗୁଙ୍ଗୁନାଚରୁ ପ୍ରେମିକ ପ୍ରେମିକାଙ୍କର ବନଗମନ ଏହାଙ୍କଠାରେ ଶଙ୍କା, ଭୟ, ନିନ୍ଦା, ଘୃଣା, ତାଚ୍ଛଲ୍ୟର ବିଷୟ ନୁହେଁ । ଆପଣା ଆପଣା ମନ ଭଲ ବର କନ୍ୟା ବଛାବଛି ଗୁଙ୍ଗୁନାଚର ପ୍ରଧାନ

ଉଦ୍ଦେଶ୍ୟ । ଏଥିପାଇଁ ସାରୁକୁଦରେ ଧାଙ୍ଗଡ଼େ ମେଦ୍ଦମ ପୁରକୁ, କୁଆଁରର ଧାଙ୍ଗଡ଼ୀଏ ପାଠରଙ୍ଗାକୁ ଯାଇ ଚୃଙ୍ଗୁ ନାଚନ୍ତି । ଏଥିର ସମ୍ବାଦ ଯେ ପୂର୍ବରୁ ଦିଆନିଆ ହୋଇଥାଏ ତାହା ନୁହେଁ । ଏକ ଗ୍ରାମର ଧାଙ୍ଗଡ଼େ ଅନ୍ୟ ଗ୍ରାମରେ ବା ଏ ଗାଁର ଧାଙ୍ଗଡ଼ୀଏ ସେ ଗାଁରେ ହଠାତ୍ ଯାଇ ପହଞ୍ଚନ୍ତି । ତଥାପି କାହାରିକି ଫେରାଇ ଦିଆଯାଇ ନ ପାରେ । ଧାଙ୍ଗଡ଼ା ଧାଙ୍ଗଡ଼ୀଏ ନାଚିବାକୁ ଅନ୍ୟତ୍ର ନ ଯାଇଥିଲେ, ଦୁଇ ଗାଁ ଧାଙ୍ଗଡ଼ା ଧାଙ୍ଗଡ଼ୀଙ୍କୁ ଚୃଙ୍ଗୁ ନାଚିବାକୁ ହେବ । ଏଥିପାଇଁ ଯେଉଁମାନେ ଏକ ସମୟରେ ଧାଙ୍ଗଡ଼ା, ଧାଙ୍ଗଡ଼ୀ ଥିଲେ, ବର୍ତ୍ତମାନକୁ ସେମାନେ ବୁଢ଼ା, ବୁଢ଼ୀ କିମ୍ବା ବାପ, ମାଆ । ସେମାନେ ଖେମା ଚୃଉଲଭାତ ସାଙ୍ଗକୁ ବ୍ରୀହି ଡାଲି, ମଦ ସାଙ୍ଗକୁ ମାଂସ ଯୋଗାଇବାରେ ତ୍ରୁଟି କରୁ ନାହାଁନ୍ତି । ଆଗନ୍ତୁକଙ୍କ ଚର୍ଚ୍ଚାରେ ହେଳା କରନ୍ତି ନାହିଁ, କିମ୍ବା ଚୃଙ୍ଗୁ ନାଚରୁ ଦୂରରେ ରହନ୍ତି ନାହିଁ । ଏହା ଭଲ କି ମନ୍ଦ, ନିନ୍ଦନୀୟ କି ପ୍ରଶଂସନୀୟ ତାହା ଭୂଇଁଆଏ ବା ତାଙ୍କ ରଜା ଜାଣନ୍ତି । ମାତ୍ର ଏହା ଜଣା ଶୁଣା ଯେ ସେମାନେ ଆଦିମ ଜାତି । ସେମାନଙ୍କର ଏହିପରି ଚଳି ଆସୁଅଛି । ସେମାନେ ଯେପରି ଆଦିମ-ଜାତି, ସେମାନଙ୍କର ଏ ପ୍ରଥା ଆଦିମ ବୋଲି କଥିତ ହୋଇଥାଏ । ପୁଣି ଏଣେ ରାଜା ବେବର୍ତ୍ତୀ, ନଅର ବଶୋଇ, ଗୁମୁକରଣ, ରାଜ-ଗୁରୁ, ପାଠଯୋଷୀ ପ୍ରଭୃତି ଅନ୍ତଃପୁର ପ୍ରଥା ମାନ ଆହୁରି ଅଛନ୍ତି । ଏଣିକି ତାହା ଉଠାଇ ଦେବାର ଯତ୍ନ ଓ ଚେଷ୍ଟା ଦେଖାଯାଏ । ସୁତରାଂ କିଏ ଆଦିମ, କିଏ ଅଧୁନା, କିଏ ଭଲ, କିଏ ମନ୍ଦ ବିଚାର ନ କରି ଏତିକି କହିଲେ ବୋଧହୁଏ ଯଥେଷ୍ଟ ହେବ ଯେ "କିସ ପୁଣି ଦେଖା ନଯାଏ ଯଦି ଥାଇ ଜୀବରେ" ।

ଆଉ କଣ ଦେଖାଯାଉ ନଯାଉ ମାଘ ପୋଡ଼ାର ଏହି ଛେର୍-ଛେରା ପର୍ବରେ ଆନନ୍ଦର ସ୍ରୋତ ସଙ୍ଗେ ପ୍ରେମର ସ୍ରୋତ ସ୍ପଷ୍ଟ ଦେଖାଯାଏ । ଏହା ମଣିକାଞ୍ଚନ, ଶଶାଚନ୍ଦ୍ର, ଗଙ୍ଗାଯମୁନାଙ୍କ ମିଳନ; ବୃଦ୍ଧବୃଦ୍ଧା, ଯୁବକଯୁବତୀ, ବାଳକବାଳିକା ସମସ୍ତେ ଉପସ୍ଥିତ । ସମସ୍ତଙ୍କ ମନ ଉଲ୍ଲସିତ । ହୃଦୟ ପ୍ରଫୁଲ୍ଲିତ । କେହି ସୁଖୀ ହେବାରେ, କେହି ସୁଖୀ କରିବାରେ, କେହି କୌତୁକ କରିବାରେ, କେହି କୌତୁକ ଦେଖିବାରେ ସୁଖୀ । ଧାଙ୍ଗଡ଼ାଧାଙ୍ଗଡ଼ୀଏ ପ୍ରେମ କୌତୁକ କରିବାରେ ଓ ବୁଢ଼ାବୁଢ଼ୀଏ ତାହା ଦେଖିବାରେ ସୁଖୀ । କେହି କାହାରି ସୁଖରେ ବାଧା ଦେଉନାହିଁ କି ବିଘ୍ନ ଘଟାଉ ନାହିଁ । କେହି କାହାରି ବିରୋଧୀ ନୁହେଁ । ଧାଙ୍ଗଡ଼ାଧାଙ୍ଗଡ଼ୀଏ ଆପଣା ଆପଣା ପ୍ରେମ-ଫାନ୍ଦରେ ଲାଗିଛନ୍ତି । ବୁଢ଼ାବୁଢ଼ୀଏ ତହିଁରେ ହାତ ଦେଉ ନାହାନ୍ତି କି ପାଟି ଫିଟାଉ ନାହାନ୍ତି ।

ଏମାନେ ପ୍ରକୃତିର ସନ୍ତାନ । ପ୍ରକୃତିକୋଳରେ ଲାଳିତ-ପାଳିତ । ବିଜ୍ଞାନ ପଢ଼ି ଜ୍ଞାନୀ ହୋଇ ନାହାନ୍ତି; ତଥାପି ଏମାନେ ଭଲ କରି ବୁଝିଛନ୍ତି ଯେ ମନୁଷ୍ୟ କେତେକ କାଳଯାଏ ବଢ଼ିବ, ତେଣିକି ଛିଡ଼ିବ । ଅନ୍ତରେ ଅନନ୍ତରେ ଅନ୍ତ ହେବ । ବାଳକାଳେ ଯାହା ଥିବ ଯୁବାକାଳେ ତାହା ନ ଥିବ । ଯୁବାକାଳ କଥା ବୁଢ଼ା-କାଳକୁ ନଥିବ । ଯୁବା ଯାହା କରିପାରେ ବୁଢ଼ା ତାହା ନ ପାରେ । ଯୁବାକାଳେ ଯାହା ସୁନ୍ଦର ଦିଶେ, ତାହା ବୁଢ଼ାଠାରେ ମାଗି ଆଣିଲା ପରି ଦେଖାଯାଏ । ଯୁବାକାଳେ ଯାହା ସୁଖକର, ବୁଢ଼ାକାଳେ ତାକୁ ଅନାଇବାକୁ ମନ ହୁଏ ନାହିଁ । ସୁତରାଂ ପ୍ରେମକୌତୁକରେ ଯୁବକ ଯୁବତୀଙ୍କର ପ୍ରତିଦ୍ୱନ୍ଦୀ ହେବାପାଇଁ ବୁଢ଼ାବୁଢ଼ୀଙ୍କର ପଥରଦାନ୍ତ ବା କଳପ ଲୋଡ଼ା ନାହିଁ । ପରନ୍ତୁ ଷାଠିଏ ବରଷ କାଣ୍ଡ ବାଉଁଶ

ମାର ମାର ଯେ ଦକ୍ଷତା କୁଶଳତା ପ୍ରଭୃତି ଲାଭ ହୋଇଅଛି, ତାହା ଦେଖାଇବା ପାଇଁ ପଚଶ ତିରିଶ ବର୍ଷିଆଙ୍କ ସଙ୍ଗେ ସେ କାଳ ବୁଢ଼ାଙ୍କର ପ୍ରତିଦ୍ୱନ୍ଦ୍ୱିତା ନାହିଁ । ଅଥଚ ପିଲାଏ କପରି ଭଲ ହେବେ, କପରି ଭଲରେ ରହିବେ, ଯେଉଁକାଳେ ଯାହା ଶୋଭା ପାଏ, ଯାହା ସୁଖକର ତାହା ସୁଖରେ ପାଇ ପାରିବେ । ଏହି ସବୁ ଫନ୍ଦାରେ ବୁଢ଼ାବୁଢ଼ୀଙ୍କର ମନ ଆଉ ଯତ୍ନ । ତହିଁରେହିଁ ସେମାନଙ୍କର ସୁଖ । ସବୁ କାଳରେ ସମ୍ଭୋଗ ସବୁ ସୁଖକର ନୁହେଁ । କିନ୍ତୁ କିଛି ନିଜକୁ ସୁଖକର ନୋହିଲେ ବି ସେଥିରେ ଅନ୍ୟକୁ ସୁଖୀ ଦେଖିବାରେ ସୁଖ ଅଛି । ବୁଢ଼ା ହେଲେ ଯାହା ନିଜେ ଖାଇବା, ପିଇବା, ନାଇବା, ପିନ୍ଧିବାରେ ସୁଖ ନାହିଁ, ତାହା ଅନ୍ୟକୁ ଖୋଇବା, ପେଇବା, ପିନ୍ଧେଇ ଦେବାରେ ସୁଖ ଅଛି । ଏହା ପୁଅଝିଅ, ଭାଇଭଉଣୀଙ୍କ ପାଇଁ ବାପ ମା, ବଡ଼ ଭାଇ ଭଉଣୀଙ୍କ ଯତ୍ନ ଓ ଚେଷ୍ଟାରୁ ଦେଖାଏ । ପାଳକ ପୁଅ ଝିଅ କରିବାରୁ ସ୍ପଷ୍ଟ ପ୍ରକାଶ । ଏହା ପ୍ରକୃତିର ନିୟମ ବୋଲି ଜଣାଯାଏ । କିନ୍ତୁ ବଡ଼ପଣିଆ ଦେଖାଇବା ପାଇଁ ଯୁବାଙ୍କର ପ୍ରତିଦ୍ୱନ୍ଦ୍ୱିତା ହେବା କି ବାଟ ଓଗାଳି ଗାଦି ମାଡିବସିବା ନିୟମ ବୋଲି ଜଣାଯାଏ ନାହିଁ । ଏହି ନିୟମ ଅନୁକରଣରେ ରାଜା ପ୍ରଜା ଉଭୟଙ୍କ ପାଇଁ ବାନପ୍ରସ୍ଥ ବ୍ୟବସ୍ଥା ହେଲା ପରି ବୋଧହୁଏ ।

ତାହା ଯାହା ହେଉ ଭୂଇଁଆଏ ବାନପ୍ରସ୍ଥ କରୁନାହାନ୍ତି । ତାହା ନକରି ପ୍ରକୃତିର ସନ୍ତାନ ବାଘବାଘୁଣୀ ଯେପରି ଶୋଇ ଶୋଇ ଛୁଆଙ୍କର ଦୋଷଗୁଣ ଦେଖୁଥାଆନ୍ତି ଓ ବେଳେ ୨ ଶିକ୍ଷା ଦେଉ ଥାଆନ୍ତି ଭୂଇଁଆ ବୁଢ଼ା ବୁଢ଼ୀଏ ଘରେ ବସି ସେହିପରି କରୁଅଛନ୍ତି । ଆପଣାର ଓ ଗାଁର ପିଲା ପିଲାଙ୍କର ଏମାନେ ନିଜେ ନିଜେ ଅବଧାନ । ଏମାନଙ୍କର ଅନ୍ୟ ଅବଧାନ ନାହିଁ କି ଅଧ୍ୟାପକ ନାହିଁ । ଗୃହଶାଳୀ

ନାହିଁ କି ଚୌପାଢ଼ି ନାହିଁ । ସୁତରାଂ ଭୂଇଁଆ ପିଲାଙ୍କର ଅନ୍ୟଜାତି କୂଳ, ଶୀଳ ପ୍ରଭୃତିର ଆଦର୍ଶ ନାହିଁ । ବାଘ ଭାଲୁଙ୍କ ଛୁଆଙ୍କ ପରି ଏମାନେ ବାପ ମାଆଙ୍କ ଆଗୁର ବ୍ୟବହାର ଚାଲି ଚଳଣରେ ଶିକ୍ଷିତ, ଦୀକ୍ଷିତ ଓ ପରିଚାଳିତ । ଏଣେ ଯୁବକ ଯୁବତୀଏ କେତେ ୨ ନୂଆ କଥା ଦେଖୁଛନ୍ତି, ଶୁଣୁଛନ୍ତି, ଦେଖୁଛନ୍ତି, ଶିଖୁଛନ୍ତି । ଅଥଚ ଆପଣା ବଡ଼ପଣ ଦେଖାଇବାକୁ ବୁଢ଼ା ବୁଢ଼ୀଙ୍କର ପ୍ରତିଦ୍ୱନ୍ଦୀ ହେଉ ନାହାନ୍ତି କି ସେମାନଙ୍କୁ ତୁଚ୍ଛଜ୍ଞାନ କରୁନାହାନ୍ତି କିମ୍ବା ସେମାନଙ୍କର ଅମାନିଆ ହେଉ ନାହାନ୍ତି । ସେମାନେ ଯେତେ ଅଜାଣିବା ଗୁଆଁର ହେଲେ ବି ସେମାନଙ୍କୁ ଭକ୍ତି ଆଉ ଶ୍ରଦ୍ଧା କରୁଛନ୍ତି । ବୋଧହୁଏ ଏହି ନୀତି ଅନୁସାରେ ଦିନ ଦିନ ନୂଆ ୨ କଥା ବାହାରି ନବ ୨ ଯୁଗ ଉପସ୍ଥିତ ହେଉଥିଲେ ହେଁ ପୁରୁଣାର ଆଦର ଗୌରବ ଭକ୍ତି ଶ୍ରଦ୍ଧା ଯାଉ ନାହିଁ । ପୁରୁଣା ନୂଆ ନୂଆ କରିବାକୁ ପଶ୍ଚାତ୍‌ପଦ ହେଉ ନାହିଁ । ଲାଳନ ପାଳନରେ ତ୍ରୁଟି କରୁନାହିଁ । ନୂଆ ପୁରୁଣା, ବୁଢ଼ା ପିଲାଙ୍କର ଏହି ସମ୍ବନ୍ଧରେ ନାନା ବିପ୍ଳବ ଉପସ୍ଥିତ ହେବାର ଦେଖାଯାଏ । ସେ ଯାହା ହେଉ, ଭୂଇଁଆ ନୀତି ଗତି ଭଲ କି ମନ୍ଦ ସେମାନେ ବା ସେମାନଙ୍କର ଦେଶର ହର୍ତ୍ତା କର୍ତ୍ତାଏ ଜାଣନ୍ତି । କିନ୍ତୁ ଫଳରେ ଦେଖାଯାଏ ଯେ ଭୂଇଁଆ ପିଲା କାଳେ କାଳେ ଭୂଇଁଆ । ଆଉ ଯେଉଁମାନେ ଚାଟଶାଳୀ, ଚଉପାଢ଼ୀ, ସ୍କୁଲ, କଲେଜରେ ଶିକ୍ଷିତ, ଦୀକ୍ଷିତ ସେମାନଙ୍କ ମଧ୍ୟରେ କୌଣସି ୨ ହିନ୍ଦୁର ପିଲା ମୁସଲମାନ, ମୁସଲମାନଙ୍କର ପିଲା ଖ୍ରୀଷ୍ଟିୟାନ, ଓଡ଼ିଆ ପିଲା ବଙ୍ଗାଳୀ, ବଙ୍ଗାଳୀ ପିଲା ଫିରିଙ୍ଗୀ । ଦିଅଁଙ୍କ ଛୁଆ ମାଙ୍କଡ଼, ମାଙ୍କଡ଼ ଛୁଆ ଦିଅଁ ।"

ସାମୟିକ ସୁଖରେ ଅସମାନ ହେଉଥିଲେ ହେଁ ପିଲାପିଲାଙ୍କ ଭବିଷ୍ୟତ ସୁଖ ଦୁଃଖ କଥା ବୁଢ଼ା ବୁଢ଼ୀଙ୍କି ଛାଡ଼ି ନାହିଁ । ତିଳ ଓ

ସାଧୁ ସରଦାର ଦୁହେଁ ବୁଢ଼ା ହେଲେଣି । ଦୁହେଁ ଥିଲା ଲୋକ । ଏହାର ଝିଅ ତାହାର ଦୁଇ ପୁଅ ଯୌବନ ଅବସ୍ଥା ପ୍ରାପ୍ତ—ବିଭାଘର ଉପଯୁକ୍ତ । ଯୋଗ୍ୟ ପାତ୍ର ପାତ୍ରୀଙ୍କ ମିଳନ କରିବା, ପିତାମାତାଙ୍କର ଇଚ୍ଛା ସ୍ୱାଭାବିକ । ପୁଣି ଝିଅ ପୁଅ ଥିଲେ ଉପଯୁକ୍ତ ସ୍ଥାନରେ ବିବାହ ପ୍ରସଙ୍ଗ ପଡ଼ିଥାଏ । ଝିଙ୍କା ବିବାହ ପ୍ରଥା ପ୍ରଚଳିତ ଥିଲେ ହେଁ ଭୂଇଁଆ ଘରେ ଯେ ବରକନ୍ୟା ବଛାବଛିରେ ବାପ ମାଆଙ୍କ ହାତ ନାହିଁ କି କଥା ନାହିଁ ତାହା ନୁହେଁ । କେବଳ ଧାଙ୍ଗଡ଼ା ଧାଙ୍ଗଡ଼ୀଙ୍କର ମିଳନ ହେଲେ ଯେ ହେଲା ତାହା ନୁହେଁ । ଅକ୍ଷମ ଲୋକ ନୋହିଥିଲେ ଯେ ହଠାତ୍ କେହି ଝିଙ୍କା ବିବାହ କରିବ ତାହା ନୁହେଁ, କିମ୍ବା ଶତ୍ରୁ ମିତ୍ର ଜାତି ଅଜାତିରେ ଯେ ବନ୍ଧ ହେବ ତାହା ନୁହେଁ ।

ଭୂଇଁଆଏ ଜାଣନ୍ତି ଯେ କେହି କାହାର ଧାଡ଼ୀ ଛାଡ଼ି ଯାଏ ନାହିଁ । ସେମାନେ ଅବଶ୍ୟ ଜାଣନ୍ତି ନାହିଁ ଯେ ଝଚର ପ୍ରଭୃତି ପରି ଦୋମିଶାରେ ଦୁଇ ଜାତିର ଦୁର୍ଗୁଣ ଅଧିକ ବୋଲି ଡାରଉଇନ୍ ସାହେବ ପ୍ରମାଣ କରି ଯାଇଛନ୍ତି କିମ୍ବା ଜଣେ ପାଦ୍ରୀ ସାହେବ କହି ଯାଇଛନ୍ତି ଯେ ଈଶ୍ୱର କଳା ମଣିଷ କରିଛନ୍ତି, ଈଶ୍ୱର ଧଳା ମଣିଷ କରିଛନ୍ତି । କିନ୍ତୁ ସଇତାନ ଦୋମିଶାଙ୍କୁ ସୃଷ୍ଟି କରିଅଛି । ତଥାପି ଧାଙ୍ଗଡ଼ା ଧାଙ୍ଗଡ଼ୀଏ ଆପଣା ୨ ବର କନ୍ୟା ଠିକ୍ କରୁଥିଲେ ହେଁ ଓ ଝିଙ୍କା ବିବାହ ଚଳୁଥିଲେ ବି ସେମାନଙ୍କର ସ୍ୱେଚ୍ଛାଗୃହିତା ନାହିଁ । ବିବାହ ବିଷୟ ପିତାମାତାଙ୍କର ଏକାବେଳକେ ଆୟତର ବହିର୍ଭୂତ ନୁହେଁ ।

ବନମାଳୀ ମନକୁ ଭଲ ଆସିଥିଲେ ବି ବାଣାଶୁର ଓ ଖିମା ଜାତି କୁଳର ଗୋତମୋତ ମାନମର୍ଯ୍ୟାଦାକୁ ଫିଙ୍ଗି ଦେଲାଭଳି ଲୋକ ନୁହନ୍ତି । ଗୁପ୍ତ ଭାବରେ ବିବାହ କରି ବନମାଳୀକି ସ୍ଥାନାନ୍ତରେ ରଖି ନିଜଲୋକ ବା ଧର୍ମ ଆଖିରେ ଧୂଳି ଦେଲା ଭଳି ଶିକ୍ଷିତ ହୋଇ

ନାହାନ୍ତି । ଯାହା ଇଚ୍ଛା ତାହା କଲି ଭଳି ପ୍ରେମାନ୍ଧ ହୋଇ ନାହାନ୍ତି । ପୁଣି ଚନାମାଳୀ ମଧ୍ୟ ସେହିପରି ବାଟ ଚାଲୁଛି । ବାଣାଶୁର ଓ ଝିମା ମଧ୍ୟରୁ କାହାକୁ ବରିବାକୁ ରସିଛି ତାହା ତାହାର ଢଙ୍ଗ-ଢାଙ୍ଗରୁ ଜଣା ପଡୁ ନାହିଁ । ସେ ଦୁହିଁଙ୍କରୁ ଜଣକୁ ନ ପାଇଲେ ତା ମନ କି ହେବ କିମ୍ବା ତାକୁ ନ ପାଇଲେ ଦୁଇ ଭାଇଙ୍କ ମନ କି ହେବ ତାହା କେହି କହି ନ ପାରେ । କାରଣ ଏ ତିନହେଁ ଅନ୍ୟ ଧାଙ୍ଗଡ଼ା ଧାଙ୍ଗଡ଼ୀଙ୍କ ପାଖେ ପଶୁ ନାହାନ୍ତି କି ଅନ୍ୟନ୍ତ ଗୁଜ୍ଜୁନାଚ ଯାଉ ନାହାନ୍ତି, ତାହା ନୁହେଁ ।

ସେମାନଙ୍କ ମନ ଜଣାଯାଉ ନ ଥିଲେ ହେଁ ସେମାନେ ଆପଣା ୨ କଥାରେ ଏତେ ଉଦାସୀନ ପରି ବୋଧ ହେଉଥିଲେ ହେଁ, ତାଙ୍କପରି ମନୋଭାବ ଗୋପନ କରି ରଖିବାକୁ ତିନି ଓ ସାଧୁ ପ୍ରୟାସୀ ନୁହନ୍ତି । କିମ୍ବା ସେପରି ଉଦାସୀନ ନୁହନ୍ତି । ତାହା କରିବା, ସେପରି ହେବା ଉଚିତ କି ନୁହେଁ ଏବଂ ତହିଁ ପାଇଁ ଯେ ଆଉ ସମୟ ନାହିଁ, ତାହା ସେ ଦୁହେଁ ବୁଝି ସାରିଲେଣି । ଅବଶ୍ୟ ତାଙ୍କର ଆଉ ଧାଙ୍ଗଡ଼ୀ ଖୋଜିବାର କି ପ୍ରେମ ଫାନ୍ଦ ପଡ଼ିବାର ସମୟ ନାହିଁ । ତହିଁରେ ଆଉ ସୁଖ ନାହିଁ ବୋଲି ଯେ ସେମାନେ ପୁଅ ଝିଅଙ୍କ ସୁଖ ଦୁଃଖ ଭୁଲିଛନ୍ତି ତାହା ନୁହେଁ । ନିଆଁ ଗଦା କଡରେ ବସି ଦୁହେଁ ଧାଙ୍ଗଡ଼ା ଧାଙ୍ଗଡ଼ୀଙ୍କ ନାଚ ରଙ୍ଗ ଦେଖୁଛନ୍ତି । ଏ କଥା ସେ କଥା କଥାବାର୍ତ୍ତା କରୁଛନ୍ତି । ସେଠାରେ ଆଉମାନେ ବି ବସିଛନ୍ତି ଓ ଆସି ବସୁଛନ୍ତି । ଏହିପରି କଥାରେ କଥାରେ ତିନି କହିଲା:—

"କି ସରଦାରେ, ବୁଢ଼ା ହେବାକୁ ଲୋଭ ବଢ଼ିଲା କି ? ଧାନ ଚାଉଳ ଖରଚ ହେବା ଡରେ କାଲିଁ ଥାଉଁ, ବାହାଘର କରିବ ନାହିଁ, ନା କିଛି ନ ଥିଲା ପରି ଝିଙ୍କା ବାହା କରାଇବ ?"

ସାଧୁ—ତେମେ ବ ତ ସରଦାରଟିଏ । ତମର ଧନ ଦଉଲତ କମ କ'ଣ ? ମୋର ତ ଦଓଟି ପୁଅ । ସେରକ ଅଧ ୨ ସେର କର ନେବେ । ତମର ତ ଏତେ ଅଛି, ତହିଁକ ଖାଲ ଗୋଟିଏ ଝିଅ । ଧାନ ଗୁଉଳ ଖରଚକୁ କାହାର ଓର ବେଶୀ ?

ତିଳ—ହଁ ତମକୁ କହିବାକୁ ହେଉଛି, ଟୋକଳୀଠା କଥା କଛି ଜଣାଯାଉ ନାହିଁ । କାହା ମନକୁ କପର ଆସିଲ ବୁଝିପାରୁ ନାହିଁ । ସେଇଥି ପାଇଁ କୁଆଡ଼ୁ କଛି କରପାରୁ ନାହିଁ ।

ସାଧୁ—ଦିନ ଯାଉଛି ନା ଆସୁଛି ? ଆଉ କେତେ କାଲ ଏହିପର ବସିଥିବ ?

ତିଳ—ମନେ କରବ ନାହିଁ ଯେ ମୁଁ ଆଖି ବୁଜି ବସିଛି । ତେମେ ବ ତ ସବୁକଥା ଜାଣ । ତେମେ କ ମନେ କରୁଛ କହିଲ ।

ସାଧୁ– ତମ ଝିଅ ଅମ ପୁଅ ଦହିଁଙ୍କ ମନ ନେଲ ପର ଦେଖା ଯାଉଛି । ଆଉ ସେ ତାଙ୍କ ମନକୁ ଆସିଲ ପର ଜଣାଯାଉଛି । ତେବେ କାହାକୁ କରବା ତାହାର ଇଚ୍ଛା ଜଣା ପଡ଼ୁନାହିଁ ।

ତିଳ—ମୁଁ ବ ସେହିପର ବୁଝୁଛି । ତେମେ ଆମେ ସମ୍ବନ୍ଧି ହେଲ ପର ଦିଶୁଛି ।

ସାଧୁ—ଝିଅ ଯାହାକୁ ବରୁ, କାହାକୁ ଜୁଆଁଇ କରବାକୁ ତମର ମନ ?

ତିଳ—ଦେଖିବାକୁ ଶୁଣିବାକୁ ଦୁଇ ଭାଇ ତ ସମାନ ।

ସାଧୁ—ଚନାମାଳୀ ସେହିପର ମନେ କରେ ବୋଲ ଜଣାଯାଉଛି । ତେବେ ତମ ମନ ଯେଣିକ ଢଳିବ କଥା ତେଣିକ ଯିବ ।

ତିଳ—ମୁଁ ଦୁହିଁଙ୍କ ସମାନ ଦେଖୁଛି । କାହାକୁ ଦେବ କାହାକୁ ନ ଦେବ ଠିକ୍ କର ପାରୁ ନାହିଁ ।"

ହଂସୀ—ତାହା ସତ, ବୁଢ଼ା ଅନ୍ତେ ଦୁହେଁ ସରଦାର ରଖିଲା ପର ଏତେବେଳଯାଏ ଦେଖାଯାଉଛି । ତେବେ ରାଜା କି ବଡ଼କୁ ଛାଡ଼ି ସାନକୁ ସରଦାର ଦେବେ ?

ସାଧୁ—ସାନ ହେଲା ବୋଲି କି ତାକୁ ଆଉ ସରଦାର ଝିଅ ମିଳିବ ନାହିଁ ? ଭୋଳଙ୍କର ତ ପୁଅ ନାହିଁ, ତାଙ୍କ ଜୁଆଁଇ ହେଲେ ତାଙ୍କ ସରଦାର ଖଣ୍ଡିକ ମିଳିପାରେ !

ଭୋଳ – ତାହା ସତ ।

ହଂସୀ—ଆଜି ଯେବେ କଥା ଠିକ୍ ହୋଇଯିବ, ବଡ ଥାଉଁ ୨ କି ସାନ ଆଗେ ବାହା ହେବ ?

ସାଧୁ—ତାହା ବି ସତ । ତେବେ ଝିଅ ରାଜି ହେବ, ବାପ ମନ ମାନିବ, ତେବେ ତ ଯାଇ ବାହାଘର ହେବ ?

ଭୋଳ—ତୁମ୍ଭର ଆମ୍ଭର ସମୁଧି ହେବା ଠିକ୍ ରହିଲା । କିଏ ଜୁଆଁଇ ହେବ ପରେ ଠିକ୍ କରିବା ।

ଏଥି ଉତ୍ତାରୁ ଆଉ ୨ ବିଷୟର କଥାବାର୍ତ୍ତା ଚାଲିଲା, ଗୁଙ୍ଗୁନାଚ ଯେପରି ଲାଗିଥିଲା ସେହିପରି ଲାଗି ରହିଲା ।

# ଦ୍ୱିତୀୟ ପରିଚ୍ଛେଦ

କଥାରେ ଅଛି ରାଜା ବାଘ, ବେବର୍ତ୍ତ ବା ଦେବାନ ମା । ସେହିପରି ରାଜା ସୂର୍ଯ୍ୟ, ବେବର୍ତ୍ତ ଚନ୍ଦ୍ର ବୋଲିଯାଇ ପାରନ୍ତି । ରାଜାଙ୍କ ପ୍ରତିଭାରେ ବେବର୍ତ୍ତ ପ୍ରତିଭାଶାଳୀ । ସେହି ଅନୁକ୍ରମରେ ସେ ଚନ୍ଦ୍ର ଓ ପ୍ରଜାଏ ତାରକାବଳୀ । ଗୋଟିଏ ଚନ୍ଦ୍ର ପାଖରେ କୋଟିଏ ତାରା କିଛି ନୁହନ୍ତି । ପୂର୍ଣ୍ଣିମାନିଶାରେ ବୁଧ ବୃହସ୍ପତି ହସ୍ତା ଚିତା ନକ୍ଷତ୍ର ପ୍ରାଏ, ତାଙ୍କୁ ଖୋଜି ବାହାର କରିବା କଠିନ । ସେମାନେ ପ୍ରତି ରାତ୍ରରେ ପ୍ରହରୀ ପରି ଥାଇ ଜୁକ୍ ଜୁକ୍ ହେଉଥାନ୍ତି । ଚନ୍ଦ୍ର ମାସକେ ପକ୍ଷେ ଦେଖା ଦିଅନ୍ତି, ଦିନେ ପୂର୍ଣ୍ଣ ବୋଲନ୍ତି । ଚନ୍ଦ୍ରକ୍ଷୟ ତିଥି ଘଟାଇ ଲୋକଙ୍କୁ ଉପାସ ରଖାନ୍ତି, ଅଥଚ ତାଙ୍କର ନାମ-ନିଶାନାଥ, ସୁଧାଂଶୁ-ମାଳୀ । ସେ ନାମରେ କୌଣସି ଗ୍ରହ ନକ୍ଷତ୍ର ଅଭିହିତ ନୁହଁନ୍ତି; ସେଥିପାଇଁ ସେମାନେ ଅଶ୍ରୁ ବିସର୍ଜନ କରନ୍ତି ନାହିଁ କିମ୍ବା ଆପଣା ୨ କାମ ଛାଡ଼ନ୍ତି ନାହିଁ । ସେହିପରି ବେବର୍ତ୍ତାଙ୍କ ବଡ଼ପଣିଆରେ ପ୍ରଜାଙ୍କର ବିଦ୍ୱେଷ ନାହିଁ । ନିଜର ଠୁଆ ବେହୁଡ଼ା ପଡୁଥିଲେ ବି,

ବେବର୍ତ୍ତାଙ୍କ ଷେତ ଆଗ ପାଗୁଆ କରିବାକୁ କେହି ପଛଘୁଞ୍ଚା ଦିଅନ୍ତି ନାହିଁ । ଆପଣା ଚଲ ଖଣ୍ଡ ଖଣ୍ଡ ହୋଇ ଯାଉଥିଲେ ବି ବେବର୍ତ୍ତାଙ୍କ ଉଆସ ପାଇଁ ବେଠି କରିବାକୁ କାହାରି ହେଳା ନାହିଁ । ତିନଓଳି ଉପାସ ଥିଲେ ବି ବେବର୍ତ୍ତାଙ୍କ ଘିଅରେ ଖାଇ ଦୁଧରେ ଆଞ୍ଚୋଇବା ଦେଖି କେହି ଧରସର ନୁହେଁ । ଭୋକରେ ଛଟ ୨ ହେଉଥିଲେ ବି ବେବର୍ତ୍ତାଙ୍କ ଘରେ ନାଟ ହଟରେ କାହାରି ଆପତ୍ତି ନାହିଁ । ପ୍ରଜା ଓ ବେବର୍ତ୍ତାଙ୍କର ଏପରି ପ୍ରଭେଦ ଭଲ ହେଉ ବା ମନ୍ଦ ହେଉ ଏହିପରି ନ୍ୟୂନାଧିକ ଚାଲି ଅସୁଛି । କେହି ବଧାମାରି କେହି ପିଠି ଆଉଁଶି ଏହା କରାଉଛି । କେହି ସିଧା କେହି ବା ବଙ୍କା ବାଟରେ, କେହି ବେଠି କରାଇ, କେହି ବା ପଇସା ଦେଇ ଏପରି ତାରତମ୍ୟ ରଖି ଆସୁଛନ୍ତି ।

ଏପରି ପାର୍ଥକ୍ୟ ଭଲ ହେଉ କି ମନ୍ଦ ହେଉ, ଆବଶ୍ୟକ ହେଉ କି ନ ହେଉ, ତହିଁକି କାହାରି ଶୋଚନା ନାହିଁ କି ଭାବନା ନାହିଁ । ଧାଙ୍ଗଡ଼ା ଧାଙ୍ଗଡ଼ୀଏ ଏଗାଁ ସେଗାଁ ଚାଙ୍ଗୁନାଚ ବୁଲନ୍ତି ଓ ବେବର୍ତ୍ତାଙ୍କ ଘର ରମଣୀଏ, ଅସୂର୍ଯ୍ୟଂପଶ୍ୟା ବୋଲି ଏ ପାଖରେ କି ସେ ପାଖରେ ଘୃଣା କି ତାଡ଼ନା କି ଗଞ୍ଜନା ନାହିଁ । ବେବର୍ତ୍ତାଙ୍କର ଯେଉଁ ଅବରୋଧ ପ୍ରଥା ଅଛି ତାହା ମୁସଲମାନ ଆଧିପତ୍ୟରୁ ହୋଇଛି ବୋଲି କଥିତ ହୋଇଥାଏ, କିନ୍ତୁ ରାମଙ୍କ ବନଗମନ ବା କୁରୁ ପାଣ୍ଡବଙ୍କ ଅକ୍ଷୟୂ କ୍ରୀଡ଼ାକାଳେ ମୁସଲମାନ ନ ଥିଲେ କି ତାଙ୍କ ଆଧିପତ୍ୟ ନ ଥିଲା । ଅଥଚ କୌଶଲ୍ୟାଙ୍କଠାରୁ ବିଦାୟ ଗ୍ରହଣ ପାଇଁ ରଘୁନାଥ ଅନ୍ତଃପୁରକୁ ଯାଇଥିଲେ, ପୁଣି ଦୁଃଶାସନ ଦ୍ରୌପଦୀଙ୍କି ଅନ୍ତଃପୁରରୁ ଝିଙ୍କି ଘୋଷାଡ଼ି ନେଇଥିଲା । ଏହା ପ୍ରକୃତ ହେଉ କି କାଳ୍ପନିକ ହେଉ ବାଲ୍ମୀକି ବେଦବ୍ୟାସ ଏହା ଲେଖି ଥାଆନ୍ତି କି

ରାମାୟଣ ମହାଭାରତରେ ଏହା କେହି ତାଳପକାଇ ଥାଉ ବା ଗୁଞ୍ଜା ଦେଇଥାଉ ଋଷି ବଚନରୁ ହେଉ କି ଉତ୍ପୀଡ଼ନରୁ ହେଉ, ଏ ପ୍ରଥା ଚଳି ଆସୁଅଛି । ଏହା ନ ମାନି ଦ୍ରାବିଡ଼ ମହାରାଷ୍ଟ୍ରବାସୀଏ ହିନ୍ଦୁ ହେଉନ୍ତୁ ନ ହେଉନ୍ତୁ, ଯେଉଁଠାରେ ରାଜା, ବେବର୍ତ୍ତ, ଶାସ୍ତ୍ରୀ, ପଟ୍ଟନାୟକ ପ୍ରଭୃତିଙ୍କ ଝିଅ ବୋହୂଏ କଣରେ ଥାନ୍ତି, ସେହିଠାରେ ହାଟରେ ଅଧହାଟେ ମାଇପେ ଦେଖାଯାନ୍ତି । ବଳି ବାରିରେ ବାଟରେ ଘାଟରେ ମିଣିପଙ୍କ ସଙ୍ଗେ କାମଦାମ କରୁଥାନ୍ତି, ଆତଯାତ ହେଉଥାନ୍ତି । ପୁଣି ଯେଉଁ ଶ୍ରେଷ୍ଠରାୟ, ରାୟଗୁରୁ, ଗ୍ରାମୁପଟ୍ଟନାୟକ, ଝପଟସିଂହ, ଚମ୍ପଟସିଂହ, ସାହୁ ମହାଜନଙ୍କ ସ୍ତ୍ରୀ କନ୍ୟା ପୁତ୍ରବଧୂ ସାତଖଞ୍ଜା ଭିତରେ ଥାଆନ୍ତି ତାଙ୍କର ତିନି ପୁରୁଷିଆ ଖୁଡ଼ୀ, ଦେଢ଼େଇ, ଭାଉଜ, ଭାଇବୋହୂ, ଭଉଣୀ, ଭାଣିଜୀ, ଭଣଜାବୋହୂ ପ୍ରଭୃତି ବାଟରେ ଘାଟରେ ଦେଖାଯାଇଥାନ୍ତି; ତହିଁରେ କିଛି ଯାଏ ନାହିଁ କି ଆସେ ନାହିଁ ।

ଅଧିକ କି ସାଧୁସରଦାରର ଘର ଯେଉଁ ରାଜ୍ୟରେ ସେ ରାଜ୍ୟର ବର୍ତ୍ତମାନ ବେବର୍ତ୍ତ ତ୍ରିଲୋଚନ ମହାପାତ୍ରଙ୍କ ମାଆ, ଆଈ ନିଜେ ୨ ହାଟ ବାଟରେ ଦେଖାଯାଉଥିଲେ; କଣରେ ରହିବାକୁ ଘର ବି ନ ଥିଲା । ତିନି ପୁରୁଷରେ ତିନି ବଖୁରିଆ ଘର ଚାରି ବଖୁରିଆ ହୋଇ ପାରି ନ ଥିଲା । ନଅର ବଶୋଇଙ୍କ ଘରେ ଝମାଣି ଥାଇ ବାପ ଅଜା ଦିନ ନେଇଥିଲେ । କିନ୍ତୁ ତ୍ରିଲୋଚନ ମହାପାତ୍ରେ ଗୋବର ଗଦାରେ ପଦ୍ମଫୁଲ, "ଉଦ୍ୟୋଗିନଂ ପୁରୁଷସିଂହ ମୁପୈତି ଲକ୍ଷ୍ମୀଃ" ବଚନର ଜୀବନ୍ତ ଉଦାହରଣ ।

ଆବାଲ୍ୟରୁ ପ୍ରତିଭା ବଳ ଦେଖାଇ କ୍ରମୋନ୍ନତି ସୋପାନର ଶିରୋଭାଗରେ ବେବର୍ତ୍ତ ପଦାରୂଢ଼ । ଏହାକୁ ଗର୍ଭିଣୀ ଗାଈ ବାଟ

ଛୁଡ଼େ । ରାଜ୍ୟର ରାଜା ଏହାଙ୍କ କରତଳସ୍ଥ କାଷ୍ଠ-ପିତ୍ତଳିକା । ଏକା ଫଳାହାରୀ ବାବାଜୀଙ୍କ ଛଡ଼ା ଏ ଆଉ କାହାକୁ ମଣିଷ ବୋଲି ଗଣନ୍ତି ନାହିଁ । ବାବାଜୀ ପରମାରାଧ୍ୟ ଗୁରୁ, ରାଜା, ମନ୍ତ୍ରୀ, ବୈଦ୍ୟ । ଏହା ବୋଲି ଯେ ସେ ଖରାଖିଆ ମହାଦେବଙ୍କ ନିକଟ ଜଙ୍ଗଲରେ ବାବାଜୀଙ୍କ ସାଙ୍ଗରେ ରୁହନ୍ତି, ତା ନୁହେଁ ।

ବାବାଜୀଙ୍କ ଆସ୍ଥାନରୁ ପ୍ରାୟ ଦେଢ଼ପାଆ ବାଟରେ ବେବର୍ତ୍ତଙ୍କ ଉଆସ । ଗଡ଼ ପରି ଖାଇ, ଉଚ୍ଚ ପାଚେରୀ ନ ଥିଲେ ହେଁ ବେବର୍ତ୍ତଙ୍କ ଉଚ୍ଚ ପିଣ୍ଡା ବଡ଼ ବଡ଼ ଧୂଳିଆ ଘରର ପାଅପୁରୁଷ ଛୋଲେଇ ଖଞ୍ଜା ଦେଖିଲେ କୌଣସି ଭ୍ରମ ହେବାର ନାହିଁ । ଧୋବା, ଭଣ୍ଡାରି, କରଣ, ବ୍ରାହ୍ମଣ, ସାହୁ ମହାଜନ ପ୍ରଭୃତିଙ୍କ ଘର ମଧ୍ୟରେ ତାଙ୍କ ଘର ତାରା-ମଣ୍ଡଳୀରେ ଚନ୍ଦ୍ର, କମଳା ବିମଳା ପ୍ରଭୃତିଙ୍କ ମନ୍ଦିର ମଧ୍ୟରେ ବଡ଼ ଦେଉଳ ପରି ବିରାଜୁଅଛି । ତହିଁରେ ପୁଣି ଚଉପାଢ଼ୀ ଉପରେ ତଳେ କେତେ ବ୍ରାହ୍ମଣେ, କେତେ ପଣ୍ଡିତେ, କେତେ ଭଲଲୋକଆ, କେତେ ଗୁହାରିଆ ବସିଛନ୍ତି । କାବୁଲି ବନାରସୀ ମହାଜନ ସୌଦାଗର ମଧ୍ୟ ଅଭାବ ନାହାନ୍ତି । ଏଠାରେ ସବୁବେଳେ ଯେତେ ଲୋକ ରାଜଦ୍ୱାରରେ ସେପରି କ୍ୱଚିତ୍ ଦେଖାଯାଆନ୍ତି ।

ଏତେ ଲୋକେ ଅଛନ୍ତି, କିନ୍ତୁ ବର୍ତ୍ତମାନ ବେବର୍ତ୍ତ ନାହାନ୍ତି । ସେ ଥିଲେବି ବେବର୍ତ୍ତଙ୍କ ଭିତରର କଥା ଜଣାଯାଇ ନ ପାରେ । ସେ ପ୍ରକୃତ ଭଲ କି ମନ୍ଦ ପ୍ରକାଶ ହୋଇ ନ ପାରେ । କାରଣ ଯାହାର ଯେପରି ଭାବନା ତାକୁ ବେବର୍ତ୍ତ ସେପରି ସେ କେତେ ଲୋକଙ୍କୁ କଠୋର ଦଣ୍ଡ ଦେଉଛନ୍ତି । କେତେ ଲୋକଙ୍କୁ ଅନ୍ନ ବସ୍ତ୍ର ଦେଉ-ଛନ୍ତି । କେତେ କଥା ଗୋପନ କରିଦେବାକୁ ବାଧ୍ୟ । ପୁଣି କେତେକ ସ୍ଥଳରେ ସ୍ପଷ୍ଟ କଥା ନ କହିଲେ ନ ଚଳେ । ଉପସ୍ଥିତ ଲୋକଙ୍କ

ମଧ୍ୟରୁ କେତେ ନିରାଶ ହୋଇ ଫେରିଯିବେ, କେତେ ବା ଆଶା ପଛେ ପଛେ ଦଉଡ଼ିବାକୁ ଛାଡ଼ିବେ ନାହିଁ, କେହି କେହି ବା କାନ୍ଦି କାନ୍ଦି ଯିବେ, କେହି କେହି ବା ହସି ହସି ଯିବେ । ଏଥିପାଇଁ ବେବର୍ତ୍ତ ଦୋଷୀ କି ନିର୍ଦ୍ଦୋଷୀ, ଭଲ କି ମନ୍ଦ, ନଡ଼ିଆ କି ଆମ୍ବ ଠିକ୍ କରି ବୋଲିଯାଇ ନ ପାରେ । ସୁତରାଂ ଭିତର କଥା ଜାଣିବା ନିତାନ୍ତ ପ୍ରୟୋଜନ । କାରଣ ନଡ଼ିଆର ପାଣି କି ଆମ୍ବର ଟାକୁଆ ବାହାରୁ ଦେଖାଯାଏ ନାହିଁ । ଅନ୍ତଃପୁରରେ ବେବର୍ତ୍ତଙ୍କ ଭିତରେ କଥା ଜଣାଯିବା ସମ୍ଭାବନା । କିନ୍ତୁ ବାହାରୁ ଉଆସ ଆଶାପ୍ରଦ ଦେଖାଯାଉ ନାହିଁ ।

ଗେରଦର ତିନି ପାଖେ ମୋଟ ମୋଟ, ଉଚ ଉଚ ଶାଳ କାଠର ଘଞ୍ଚା ଘଞ୍ଚା ବେଢ଼ା । ପିମ୍ପୁଡ଼ି ଗଳି ପାରିବ ନାହିଁ କି ହାତୀ ଭାଙ୍ଗି ପାରିବ ନାହିଁ । କେବଳ ଦକ୍ଷିଣ ଦିଗରେ ସେପରି ବେଢ଼ା ନାହିଁ । ପୂର୍ବଦିଗେ ଖଳା । ସେଠାରେ ହଳିଆ ଖମାରି ପ୍ରଭୃତି ଗଣ୍ଡା ଗଣ୍ଡା । ପଶ୍ଚିମଦିଗସ୍ଥ ପାଗାରେ ଘାସିଆର ସଇସ ସୁଆର ପଲ ପଲ । ଉତ୍ତର ଦିଗେ ଏ ମୁଣ୍ଡରୁ ସେମୁଣ୍ଡ ଯାଏ ବାରି ପୋଖରୀ । ଏହିପରି ପରିବେଷ୍ଟିତ ହୋଇ ଯେ ପାଞ୍ଚ ଖଞ୍ଜା ଅଛି, ତାହାର ମଝି ଖଞ୍ଜା ଅନ୍ତଃପୁର । ସବୁଖଞ୍ଜା ଦୋମହଲ । ଖଞ୍ଜା ସବୁ ପ୍ରସ୍ଥରେ ତିନି ତିନି ବଖରା ଖଲୁରି ସଙ୍ଗେ ଦୈର୍ଘ୍ୟରେ ପାଞ୍ଚ ପାଞ୍ଚ ବଖରା ନେଇ ଏକା ଖଞ୍ଜା ନୁହେଁ । ଏଥିରେ ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ଘର ସବୁରି ସମାନ ଶ୍ରେଣୀ ମିଳି କଣ୍ଟା ମରି ଗୃହଆଡ଼େ ପାଞ୍ଚବଖରା ଲେଖାଏଁ । ଚଉପାଢ଼ୀ ଛଡ଼ା ଆଉ ସବୁ ଘର ଭିତର ଓ ଦୁଆର ମୁହଁଠାରୁ ପିଣ୍ଡା ଉଚ ଉଚ । ଉପରେ ଆଟୁ । ଏକ ଖଞ୍ଜାରୁ ଅନ୍ୟ ଖଞ୍ଜାକୁ ଗୋଟିଏରୁ ଦୁଇଟି ବାଟ ନାହିଁ । ଯେ ଗୋଟିଏ ଦୁଇଟି ଖିଡ଼କି ଅଛି, ତହିଁରେ ଗବାକ୍ଷ ନାମ ସାର୍ଥକ । ପୁଣି ସେ ସବୁ ଫୁଲ ପତ୍ର, ହାତୀ ଘୋଡ଼ା, ବାଘ ଭାଲୁ, ନରନାରୀ ଚିତ୍ରରେ ପୂର୍ଣ୍ଣ । ବନ୍ଧାଣିଙ୍କ ଗୁଣ ଦେଖାଇବା

କ ବିଶୁଦ୍ଧ ବାୟୁ ସଞ୍ଚାଳନ ପାଇଁ ଏ ଜଳା କବାଟି ସବୁ ଅଛୁ ତାହା ବେବର୍ତ୍ତ ଜାଣନ୍ତ । ଅଞ୍ଜନାନନ୍ଦନ ବାତ ଶ୍ରେର ପରି ଆଚରଣ କରୁଥିଲେ ତହିଁପାଇଁ ବନ୍ଧାଣି ଦୋଷୀ ନୋହି ପାରେ । ଏ ଯଦି ବାୟୁ ସଞ୍ଚାଳନ ଉଦ୍ଦେଶ୍ୟରେ ହୋଇଥାଏ ତେବେ ଗୃହ ମଧ୍ୟରେ ଛଣା ସୁଧା ପଣା ମିଳୁଥିବାର ବୋଧହୁଏ । କାରଣ ସ୍ୱାସ୍ଥ୍ୟପାଇଁ ବଡ଼ ବଡ଼ ଝିଡ଼କି, ଜାନାଲି, ଖଡ଼ଖଡ଼ିଆ ପ୍ରଭୃତି ବିଜ୍ଞାନ ଲୋଡ଼ୁଥିଲେହେଁ ଏହା ବେବର୍ତ୍ତ ବା ଅନ୍ୟ କାହାର ଘରେ ଦେଖାଶୁଣା ନାହିଁ । ସେ ସବୁ ଲୋଡ଼ା ଥିଲପରି ଜଣାପଡ଼ୁ ନାହିଁ । କାରଣ ରାଜ୍ୟରେ ସ୍ୱର୍ଗୀୟ ଚନ୍ଦ୍ରଶେଖର ବା ପଠାଣୀସାମନ୍ତଙ୍କ ପରି ପାଠଯୋଷୀ, ପଦ୍ୟାଳଙ୍କାର, ତର୍କାଳଙ୍କାର, ପଣ୍ଡିତ ବା ବେବର୍ତ୍ତଙ୍କ ପରି ହୃଷ୍ଟପୁଷ୍ଟ ସବଳ ଧନୁର୍ଦ୍ଧର ଲୋକଙ୍କର ଅଭାବ ନାହିଁ । ସବୁବେଳେ ଜୀର୍ଣ୍ଣ ଶୀର୍ଣ୍ଣ କଳେବର ଧାରଣପାଇଁ ଡାକ୍ତର ବୈଦ୍ୟଙ୍କ ବ୍ୟବସ୍ଥା ଯେନ ପଥ୍ୟ ଧାରଣାରେ ଚଳିବାକୁ ହେଉନାହିଁ । ବରଂ କଞ୍ଚା ଦରସିଝା ଖାଇ ଲୋକେ ହୃସୁ ହୃସୁ ଭୃସୁ ଭୃସୁ ହୋଇ ବୁଲୁଛନ୍ତି । ସେ ଯାହାହେଉ ଦେଉଳ ଉପରେ ଠାକୁର ଠାକୁରାଣୀଙ୍କ ଆୟୁଧ ଚକ୍ର ତ୍ରିଶୂଳ ପରି ବେବର୍ତ୍ତ-ଙ୍କର ଯଥେଷ୍ଟ ପଡିହାରୀଙ୍କର କଟକଣା । ପୁର ବାହାରେ ଗଣ୍ଡା ଗଣ୍ଡା ଭେଣ୍ଡା ପାଇକେ ଖଣ୍ଡା ବା ଦଣ୍ଡା ଧରି ବୁଲୁଛନ୍ତି । ଭିତରକୁ ଭିତରକୁ ପଡ଼ିହାରୀଏ ବରୁ ବରୁ ବୁଢ଼ା ବୁଢ଼ା ଲୋକ, କିନ୍ତୁ ସ୍ତ୍ରୀ ପ୍ରହରୀଙ୍କ ବେଳକୁ ଅନ୍ୟପ୍ରକାର । ବାହାରେ ଦନ୍ତହୀନା, ଶୁଭ୍ରକେଶୀଏ, ଭିତରକୁ ଭିତରକୁ କ୍ରମେ ଯୁବତୀଏ । ସ୍ତ୍ରୀ ପୁରୁଷଙ୍କ ମିଳନ ସ୍ଥଳରେ ଏକ ଦିଗରେ ନିତାନ୍ତ ବୃଦ୍ଧ ଅପର ଦିଗରେ ଅତିବୃଦ୍ଧା । ସୁତରାଂ ବେବର୍ତ୍ତଙ୍କର ଭାଇ ବନ୍ଧୁଙ୍କ ସ୍ତ୍ରୀ ଲୋକେ ଅନ୍ତଃପୁରବାସିନୀ ହେଉନ୍ତୁ ବା ନ ହେଉନ୍ତୁ, ବାହାର କଥା ପଦକ ରଣବାଜ ସିଂହ, ରାଉତରା ପ୍ରଭୃତିଙ୍କଠାରୁ ଯାଇ ରସକଳା ଶନକଳା ରମିତଷୀଙ୍କ ତୁଣ୍ଡରେ

ବେବର୍ତ୍ତ୍ଣୀଙ୍କଠାରେ ପହୁଞ୍ଚେ । ଏହା ଭଲ କି ମନ୍ଦ ତାହା ରାଜା ବା ତାଙ୍କ ବେବର୍ତ୍ତ୍ତ ଜାଣନ୍ତି । ତେବେ ଯେ ଅନ୍ତଃପୁରେ ଥାଇ ଅନ୍ୟ ସ୍ତ୍ରୀ ପୁରୁଷ ଦେଖିବାକୁ ପାଆନ୍ତି ନାହିଁ । ସେମାନେ ହାଟୁଆଣୀ ବାରବୁଲି ପ୍ରଭୃତିଙ୍କ ପରି ଚତୁର ନୁହନ୍ତି କି ସତକୁ ମିଛ, ମିଛକୁ ସତ କରନ୍ତି ନାହିଁ । ପୁଣି କେହି କେହି ଆପଣା ମତାମତକୁ ଅନ୍ତଃପୁରବାସିମାଙ୍କର ବୋଲି ପ୍ରକାଶ କରି ଇହକାଳରେ ବୈତରଣୀ ପାର ହୋଇ ଥାଆନ୍ତି ।

ଏପରି କଟକଣା ଥିଲେ ମଧ୍ୟ କାନ୍ଥବାଡ଼ର ଆଖି କାନ ଥିବାର କଥିତ ହୁଏ । ପୁଣି ପଣ ପଣ ଧାଇ ମୁଦୁସୁଲୀଙ୍କ ମଧ୍ୟରୁ କେତେ ବେବର୍ତ୍ତୀଙ୍କ ଉଆସ ଛାଡ଼ି ଚାଲି ଯାଇଛନ୍ତି ଓ ଯାଉଛନ୍ତି । ସେମାନେ କେତେ କଥା କହି ବୁଲୁଛନ୍ତି । କିନ୍ତୁ କେହି ଶପଥ କି ସତ୍ୟ ପ୍ରତିଜ୍ଞା କରି କିଛି କହୁ ନାହିଁ । ସୁତରାଂ ସେ ସବୁ କଥା କେତେଦୂର ବିଶ୍ୱାସ-ଯୋଗ୍ୟ ବୋଲି ଯାଇ ନ ପାରେ । ଏପରି କଥା ଅନେକ ସତ ହୋଇଥାଏ, ଅନେକ ବି ମିଛ ହୋଇଥାଏ । ସେ ଯାହାହେଉ ରାଜା କରଗତ ଥିବାରୁ ସେ କଥାକୁ ବେବର୍ତ୍ତ୍ତଙ୍କର ଶୋଚନା ନାହିଁ । କିନ୍ତୁ ଏହାର ଫଳାଫଳ ଯିବାର ନୁହେଁ । ଗୁଡ଼ ଅନ୍ଧାରରେ ଖାଇଲେ ଗୁଡ଼, ଓ ଆଲୁଅରେ ଖାଇଲେ ଗୁଡ଼ । ଧର୍ମଦ୍ୱାରରେ ଯେ ପାଞ୍ଜିଲେଖା ହେଉଛି, ତହିଁରେ ସାନ ବଡ଼ ପାପ ପୁଣ୍ୟ ସବୁ ବସୁଛି । ପୁଣି ସେହି ଅନୁସାରେ ଫଳାଫଳ ବାହାରୁଛି । ଚୋର ଘରେ ନିତି ଅନ୍ଧାର ହେଉ ନାହିଁ । ସୁତରାଂ ଶୁଣା କଥାର ସତ ମିଛ ଆପେ ପ୍ରକାଶ ପାଇବ । ବର୍ତ୍ତମାନ ବେବର୍ତ୍ତ୍ତ ବେବର୍ତ୍ତ୍ଣୀଙ୍କ ନିରେଳ କଥା ଯାହା ଶୁଣାଯାଇ ଅଛି ତାହା ଲେଖାଯାଉଅଛି । ତାହାର ସତ୍ୟାସତ୍ୟ ପ୍ରମାଣିତ ହେଲାରୁ ବେବର୍ତ୍ତ୍ତଙ୍କ ସ୍ୱଭାବ ଚରିତ, ବୁଦ୍ଧି, ବିଦ୍ୟା, କଳା କୌଶଳ ବୁଝାଯିବ ।

ମଣ୍ଡିପୁରରେ ବେବର୍ତ୍ତ ବେବର୍ତ୍ତଣୀ ବସିଛନ୍ତି । ରମି, ଶାମି, ଘାରି, ଶାରି ପ୍ରଭୃତି ଏଣେ ତେଣେ ଯିବା ଆସିବା କରୁଛନ୍ତି । କାମ କିଛି ନାହିଁ ; ତଥାପି ନହର ପଧର ନ ହେଲେ ନ ଚଳେ । ତାହାର କାରଣ ବା ଉଦ୍ଦେଶ୍ୟ ସେମାନେ ନିଜେ ନିଜେ ଜାଣୁଥିବେ । କିନ୍ତୁ ବେବର୍ତ୍ତ ବେବର୍ତ୍ତଣୀଙ୍କ ନିକଟରେ କେହି ସୁଦ୍ଧା ପାନବଟା ବା ପିକଦାନୀ ଧରି ନାହିଁ । କେବଳ ଦୁଇଜଣ ବୁଢ଼ୀ ବସିଛନ୍ତି । ସେମାନଙ୍କ ତୁଣ୍ଡ ହଲିବାକୁ ନାହିଁ । ସେ ଦୁହେଁ ବେବର୍ତ୍ତଣୀଙ୍କ ବାପ ଘରୁ ଆସିଛନ୍ତି । ଯେ ଆଜ୍ଞା ହେବ କେବଳ ତାହା ଅନ୍ୟକୁ ଜଣାଇ ଦେବାପାଇଁ ସେ ଦୁହେଁ ଉପସ୍ଥିତ । ବେବର୍ତ୍ତ ଖୋଲିମାଳି ମୁଣ୍ଡରେ ଲଗାଇଲାରୁ ବେବର୍ତ୍ତଣୀ କହିଲେ "ନଅରରେ ଆଉ ବାବାଜୀଙ୍କ କଣ୍ଠରେ ତ ଦିନ ରାତି । କେତେବେଳେ ବଣା କଣା ହୋଇ ଟିକିଏ ଭିତରକୁ ଅଇଲେ ଖାଲି କଅଣ ମାଳ ଧରି ତୁନି ହୋଇ ମୁନିପରି ଥିବ ?

ବେବର୍ତ୍ତ—"ତୁମ କଥା ଆଗେ ଶୁଣେଁ ।"

ବେବର୍ତ୍ତଣୀ—"ମୋହର କଥା ମୁଁ କହୁଛି ? କାହା ଲାଗି ସିନାଗାଇ ଗୁହାଳ, ତମ କଥା ସିନା କହୁଛି ।"

ବେବର୍ତ୍ତ— 'ମୋ କଥା କହିଲେ କଅଣ ହେବ ?"

ବେବର୍ତ୍ତଣୀ—"ଆମ ଭିତରେ କିଛି ହେବ ନାହିଁ ବୋଲି କିଏ ନ ଜାଣେ ? କିଛି ନୋହିବ ବୋଲି କିଛି ଶୁଣିବା ବି ନାହିଁ ?

ବେବର୍ତ୍ତ—"ଶୁଣିଲେ କଅଣ ମିଳିବ ?"

ବେବର୍ତ୍ତଣୀ—"କିଛି ନ ମିଳିଲେ କି କିଛି ଶୁଣିବାର ନୁହେଁ ।"

ବେବର୍ତ୍ତ—କେତେ କଥା ଅଛି, କେଉଁ କଥା କୁ ମନ ହୋଇଛି ?"

ଦେବର୍ଷି—"ସବୁ କଥା ।"

ଦେବର୍ଷି—"ସବୁ କଥା କୁହା ଯାଇ ପାରେ କି ?

ଦେବର୍ଷିଣୀ—ସବୁକଥା କହିଲେ କିଏ ଶୁଣୁଛି ? ଆଉ ତ କେହି ନାହିଁ ? ଏହି ଦରମଲା ବୁଢୀଦହଁା, । ସାତ କବାଟ ଡେଇଁ ଦାଣ୍ଡରେ ଏ କିଛି କହିବାକୁ ଯାଉଛନ୍ତି ନା ମୁଁ ଯାଉଛି ?

ଦେବର୍ଷି—"ତାହା ନୁହେଁ ଯେ—"

ଦେବର୍ଷିଣୀ—"ତେବେ କି ମୋତେ ପତିଆର ନାହିଁ ? ମୋ ଦେହ କିଛି ହେବ ବି ନାହିଁ !"

ଦେବର୍ଷି—ମୁଁ ଯାହା କହୁଛି ତାହା ଆଗେ ଶୁଣ—"

ଦେବର୍ଷିଣୀ— "କଅଣ କହୁଛ କୁହ ।"

ଦେବର୍ଷି—"କେତେ କଥାଅଛି, ସବୁ କହିଲା ବେଳକୁ ଦିନ ରାତି ଅଣ୍ଟିବ ନାହିଁ, ତେବେ ଯେଉଁ କଥାକୁ ତମର ମନ ହୋଇଥିବ ସେ କଥା କହିଲେ ସିନା ହେବ ?

ଦେବର୍ଷିଣୀ—ଯେଉଁଥିପାଇଁ ବାବାଜୀଙ୍କ ସାଙ୍ଗରେ ଏତେ ଦିନ ହେଲା ଲାଗିଥିଲ ।"

ଦେବର୍ଷି—ଆଜ ରାତକଥା ଠିକ୍ ହୋଇଗଲା, କାଲି କଥା ଦେଖାଯାଉ ।"

ଦେବର୍ଷିଣୀ— 'କଅଣ କପର ହେବ ?"

ଦେବର୍ଷି—"ଆଜ ରାତରେ ରାଜାଙ୍କ ଉପରେ ଶନି ମହାଗ୍ରହଙ୍କର ଘୋର ଉତ୍ପାତ ହେବ ।"

ଦେବର୍ଷିଣୀ—"ଉତ୍ପାତ ହେବା କଥା ତ ପାଟଯୋଷୀ ଆଗରୁ କହିଥିଲେ । କଅଣ କଅଣ ହେବ ତାହା କିଛି ବାବାଜି କହିଲେ ?"

ବେବର୍ତ୍ତ—ବାବାଜି କହିଲେ ଅଧରାତି ଉପରୁ ଘରେ ଦୁମ୍ ଦୁମ୍ ଶଦ୍ଦ ହେବ । ରାଜାଙ୍କ ପଲଙ୍କ ଦୋହଲିବ । ସାବଧାନ ନ ରହିଲେ ରାଜାଙ୍କର ଭାରି ଶାରୀରିକ ଓ ମାନସିକ ଅନିଷ୍ଟ ହେବ । ଏ ଅନିଷ୍ଟ ନ ହେବା ପାଇଁ ବ୍ୟବସ୍ଥା କରାଯାଉଛି । ଦନେଇ ଖିଲାମତିଆ ନିଜେ ବାବାଜୀଙ୍କ ମୁହଁରୁ ଶୁଣିଗଲା । ନିଜେ ରାଜାଙ୍କୁ ଜଣାଇବ ।

ବେବର୍ତ୍ତିଣୀ—"ସବୁ ହୋଇ ପାରିବତ ?"

ବେବର୍ତ୍ତ—"ଯାହା ଯେପରି କହିବାକୁ ହେବ ବୀରମ୍ବାର ପାଖ ଲୋକଙ୍କୁ ବତେଇ ଦିଆ ଯାଇଛି । ଟଙ୍କା ବି ଦିଆଯାଇ ଅଛି । କିଛି ଠିକଏ ଆଉବାଙ୍କ ହେଲେ ସଭିଙ୍କି ଗୋଟି-ଗୋଟି କରି ଆଁଉ ଶୂଳୀରେ ଚଢ଼ାଇବ ନାହିଁ ?

ବେବର୍ତ୍ତିଣୀ—ଏହା କହୁଛ । ପୁଣି କହୁଛ ଯେ ସାବଧାନ ରହିବା ପାଇଁ ରାଜାଙ୍କଠାକୁ ଖବର ଗଲା ?"

ବେବର୍ତ୍ତ—ଶୋଇଲା ବେଳେ ଲାଗି ହେବା ପାଇଁ ଓ ଘରେ ପକାଇବା ପାଇଁ ବାବାଜୀ ଯେ ପଞ୍ଚାମୃତ ପଠାଇବେ ତହିଁରେ ଗଞ୍ଜେଇ ଅରକ ଦେବେ ।"

ବେବର୍ତ୍ତିଣୀ—"ଧନ୍ୟ ତୁମ୍ଭେ । ଦେଖିଲା ପରି ତମ ବାପା ମାଆ ଏପରି ନାଁ ଦେଇଥିଲେ ? ମଣିଷର ସିନା ଦୁଇଟା ଆଖି ସତକୁ ସତ ତୁମର ତିନିଟା ଆଖି ।

ବେବର୍ତ୍ତ—ଆଚ୍ଛା, ସେତ ଯାହା ହେବାର ହେବ । ନଅରି ବଶୋଇଙ୍କର ଯେ ଘର ପୋଡ଼ିଗଲା ତହିଁକି ତମେ କି କଲ ?

ବେବର୍ତ୍ତିଣୀ—ହଁ ସତେତ ସେ ଗୋଟାଏ କଥା ଅଛି । ଚମ୍ପା ମା ବୁଢ଼ୀକି ପଠାଇ ଥିଲି । ସେ ଅନେକ ବୋଧ ସୋଧ

କରି କହି ଅଇଲା । ଡାଲି, ଗୁଡ଼ଜଳ, ଘିଅ, ତେଲ, ଲୁଣ ସବୁ ଜନିଷ ପଠାଇ ଦେଇଛି ।”

ଦେବବର୍ଣ୍ଣ—“ଠିକ୍ ହୋଇଛି, ମୋ ବୁଦ୍ଧିରୁ ତମ ବୁଦ୍ଧି ଟା କମ୍ ହେଲା କଅଣ ? ସମସ୍ତେ ଜାଣନ୍ତି ଯେ ବିଲୋଚନଙ୍କ ସ୍ତ୍ରୀ ବିଲୋଚମା ।”

ଦେବବର୍ଣ୍ଣୀ—“ମୁଁ କଅଣଗୁଡ଼ାଏ କରି ପକାଇଲି କି ?”

ଦେବବର୍ଣ୍ଣ—ତୁମ୍ଭେ ଜାଣ ଯେ ମୁଁ ଘର ପୋଡ଼େଇ ଦେଇଛି । କି କରିବାକୁ ହେବ ତମକୁ କିଛି କହି ପାରି ନ ଥିଲି । ତେବେ ବି ଯହିଁରେ ମୋ କଥା ଜଣାଶୁନ ପଡ଼ିବ ଆଉ ଯାହା ଲୋକେ ଭଲ କହିବେ ସେ ସବୁ ଆପେ ଆପେ କଲ ଆଉ ବେଶୀ କଅଣ କରନ୍ତି କି ?

ଦେବବର୍ଣ୍ଣୀ—“ନ କଲେ ହୁଅନ୍ତା କିପରି ? ତାହା ଘରେ ବନ୍ଧୁ କରିବାକୁ ଏତେ କଥା, ତୁମ୍ଭର ମିଣିପରେ ମିଣିପରେ ଯାହାହେଉ ଯାହା କଲି, ତାହା ନ କରି ଥିଲେ ଯେ ଦୋହ ହୋଇ ଆସିବ, ତାହା ମୁହଁକୁ ଗୁହିଁବି କିପରି ? ସେ ବା ମନେକରିବ କଅଣ ?”

ଦେବବର୍ଣ୍ଣ—“ବଡ଼ ଭଇତ ରାଜ ହେଲାଣି, ତେବେ ବି ଚନ୍ଦା ହାଁ ହାଁ ଠାଣ ଭାଙ୍ଗୁ ନାହିଁ । ତା ସାଙ୍ଗକୁ ତା ମା ରାଣ୍ତୀ ମିଳିଛି । ସେ ଦୁହେଁ ରାଜ ନୋହିବା ଯାଏ କଅଣ ହେଲାଣି ?”

ଦେବବର୍ଣ୍ଣୀ—ତମକୁ ସେ ପାରିବେ ? ଘର ପୋଡ଼ିଗଲାଣି, ଏଣିକି ସଭିଏଁ ନଇଁ ପଡ଼ିବେ ଯେ । ଯେବେ ଆଜ କଥାରେ ଭଲରେ ହୋଇଯାଏ, ରଜା ବି ଆଉ ଭୂଜ ହୋଇ ରହି ପାରିବେ ନାହିଁ ।”

ବେବର୍ତ୍ତ—"ହାତ ଗଣ୍ଠି ନ ପଡ଼ିବା ଯାଏ ପତିଆରା କଅଣ ? ସମସ୍ତେ କହନ୍ତି ବର କନ୍ୟା ପ୍ରଜାପତି ଘଟସୂତ୍ର କଥା । ଆମ୍ଭେ ତ ତାହା ମାନୁ ନ ଥାଇ । ଦେଖାଯାଉ କି ହେଉଛି ।

ବେବର୍ତ୍ତଣୀ—"ଜାତି, ମାନ, ମର୍ଯ୍ୟାଦା, ଧନ ଦୌଲତ ଭିତରୁ କେଉଁଥିରେ ମୋ ବାପ ଘରହାଲକ ତା ଘର ବଡ଼ ଯେ, ସେଠି ବନ୍ଧୁ କରିବାକୁ ଏତେ ଜିଦ ଲାଗିଛି ?"

ବେବର୍ତ୍ତ—ଏ କଥା ମୋତେ ପଚାରୁଛ ? ଦେଖୁନାହଁ ଯେ ତୁମ୍ଭ ବାପ ଘର ଏ ରାଜ୍ୟରେ ନୁହେଁ । ତା ଘରୁ କାଳେ କାଳେ ବେବର୍ତ୍ତ ହୋଇ ଆସୁଥିଲେ । ମୁଁ ବୋଲି ତାହା ଭାଙ୍ଗିଲି । ତେବେ ବି ରାଜ୍ୟଲୋକେ ତା ଘରକୁ ମାନୁଛନ୍ତି । ବାହାଘରେ ଘୋଡ଼ା ପାଲିଙ୍କି ଦାନ ଯୌତୁକ ମିଳିବ ନାହିଁ ସତ । ଆଉ ଯେ ଲଭ ତାହା ତମକୁ ପୁଣି ବୁଝାଇବାକୁ ହେବ ?"

ବେବର୍ତ୍ତଣୀ—"ସେ ତ ଆକାଶ କଇଁଆ ଚିଲିକା ମାଛ କଥା । କଥାରେ କହନ୍ତି 'ଏ ସାଲ କ୍ଷେତ ଘରେ ପଶୁ । ଆଗକୁ ହାଡ଼ ବାଉଁଶ ରକ୍ଷୁ । ଏହି କ୍ଷଣିକା କଥାର କି କରୁଛ କହିଲ ?

ବେବର୍ତ୍ତ—"ଏହି କ୍ଷଣିକା କଥା କଅଣ ?"

ବେବର୍ତ୍ତଣୀ—"ଟଙ୍କାଗୁଡ଼ାକ ଯେ ପଡ଼ି ରହିଲା ।"

ବେବର୍ତ୍ତ—'କରଜ ଲଗାଇ ଦେଉନା ?'

ବେବର୍ତ୍ତଣୀ—'ଖଜଣା ପାଇଁ ତେମେ ଧରି ପଗଡ଼ ମାରପିଟ ନ କଲେ ଦେଉ ନାହାନ୍ତି, ସୁଧରେ କେହି ଟଙ୍କା ନେଉଛି ?'

ବେବର୍ତ୍ତ—'ଏତେ ଟଙ୍କା ରଖି କଅଣ କରିବ ?'

ବୈବର୍ତ୍ତଣୀ—"ତେମେ ଜାଣ ନାହିଁ ଯେ ମୋତେ ପଚ୍ଚାରୁଛ ?

ବେବର୍ତ୍ତ—ମୁଁ ଜାଣିଲେ ବ ତେମେ କଅଣ ଜାଣିଛୁ ଟିକଏ ଶୁଣେ ।'

ବେବର୍ତ୍ତଣୀ—"ଯେବେ ପଚ୍ଚାରିଲ ସତ କହିଲେ କିଛୁ ଅଡୁଆ ବୁଝିବ ନାହିଁ ତ ?

ବେବର୍ତ୍ତ—ତମ କଥା ଅଡୁଆ ବୁଝିବତ ଆଉ ବୁଝିବ କଅଣ ?'

ବେବର୍ତ୍ତଣୀ—ମତେ ପଚ୍ଚାରୁଛ ? ତୁମ୍ଭେ କ ନ ଜାଣ ଯେ ଆଖି ବୁଜିବା ସାଙ୍ଗେ ସାଙ୍ଗେ ବେବର୍ତ୍ତାଙ୍କ ଲୁଗା ପଟା, ଧାନ, ଚାଉଳ, କଂସା, ଲୋଟା, ରଜାଘର ଗନ୍ତାଘରକୁ ବୁହା ଲାଗେ । ଆଉ ଗାଈ, ମଇଁଷୀ ଛେଳି, ମେଣ୍ଢା, ହାଣ୍ଡି, ଘୋଡ଼ା ଅଡ଼ା ଲାଗନ୍ତି । ଆଗେ ଏ ସବୁ ଯାଇ ସାଇଲେ ପଛେ ବେବର୍ତ୍ତା ଶବ ଉଠେ । ତାହା ନୋହିଥିଲେ ସାତ ପୁରୁଷ ହେଲା ବେବର୍ତ୍ତାଇ କରି ନଅର ବଡ଼ଶାଇ ଘର ଏପରି ହୋଇ ଥାଆନ୍ତା ? ଏତେବେଳକୁ ତ ତା ଘରକୁ ରଜାଘର ପଡ଼ୁ ନ ଥାଆନ୍ତା । ଟଙ୍କା ଯାହା ଥାଏ ଖାଲି ସେଇଥିରୁ କିଛି ରହିଯାଏ, ସେତକ ପୁଅ ମାଇପଙ୍କର ଆଶ୍ରା ।

ବେବର୍ତ୍ତା — ଏତେ ବର୍ଷ ହେଲା ଶୋଇ ଦେଢ଼ିରେ ଟଙ୍କା ଲଗାଇ ଆସୁଥିଲା ଏ ବର୍ଷ ନ ହେଲା ।

ବେବର୍ତ୍ତାଣୀ—"ଏ ବର୍ଷ କାହିଁକି ନ ହେବ ?"

ବେବର୍ତ୍ତା — "ଏ ବର୍ଷ ଲଢ଼େଇ ହେବ ।"

ବେବର୍ତ୍ତାଣୀ—ସେ ତ ଭଲ କଥା, ରସଦ ପାଇଁ ଜୁଲୁମ ଜବରଦସ୍ତି ଦରକାର । ରଜାଘର ଖମାରରୁ ଧାନଚାଉଳ ବିରି ମୁଗ ବନ୍ଦୀ କରାଇ ତହିଁ ସଙ୍ଗେ ସଙ୍ଗେ ଆମ ଖମାର ଜିନିସ ବି ବନ୍ଦୀ ହେଉ । ପଇସାକ ମାଲ ତିନି ପଇସାରେ ବିକିଲେ ରଜା ଘରର ଲାଭ । ଆମର ବି କିଛି ପଇସା ହୋଇଯିବ । ମୋର ବି ପଇସାକ ଦେଢ଼ ଦୁଇପଇସା ହେବ । ତେଣେ ପାଇକ ବେଠିଆଙ୍କୁ ଖୁଆଇ ତାଙ୍କ ପାଖରେ ଭଲେଇ ହୁଅ ।

ବେବର୍ତ୍ତା — "ଧନ୍ୟ ତୁମ ବୁଦ୍ଧି ବିସ୍ତର । ଏକା ବାଟୁଳିକେ ଗଣ୍ଡାଏ ଚଢ଼େଇ !"

ଏହି ସମୟରେ ଜଣେ ମୁଦୁସୁଲି ଆସି କହିଲା ଯେ ରଜାଙ୍କର କି ଖବର ନେଇ ଖିଲମତିଆ ମଦନ ପାଇକରା ଠିଆ ହୋଇଅଛି । ଏଥିରେ କଥାବାର୍ତ୍ତା ବନ୍ଦ ହେଲା । ତରତରରେ ଉଠି ବେବର୍ତ୍ତା ସେଠାରୁ ଚାଲିଗଲେ । ବେବର୍ତ୍ତାଣୀ ମଧ୍ୟ ଅନ୍ୟଆଡ଼େ ଗଲେ ।

# ତୃତୀୟ ପରିଚ୍ଛେଦ

"ହୋଇଛି ବସନ୍ତ କାଳ, ରବ ଦେଉଛି କୋକିଳ, ଗିରିତରୁ ଲତାକୁଳ ଅଙ୍ଗରେ ନବ ଦୁକୂଳ, ଲୋହିତ ହରିତ ପୀତେରଞ୍ଜିତ ଶିଖରୀ ଚୂଳ, ବିଶାଳ ରସାଳ ଶିରେ ସୁଗନ୍ଧ ବକୁଳ ମାଳ, କିଂଶୁକ ମଣ୍ଡିତ କୁଞ୍ଜେ ମତ୍ତ ମଧୁକର ମେଳ, ଯୋଗୀ ଭୋଗୀ ମନଚୋର ସୁଧୀରେ ମଳୟାନିଳ, ମଦନ ମାଦକକାରୀ ସକଳମଞ୍ଜୁଳ ଫୁଲ, ଦେଖି ଶୁଣି ଯୁବା ଜନ ହୃଦୟ ମନ ବିକଳ ।"

କିନ୍ତୁ ଭୂଇଁଆ ପଲ୍ଲୀର ମଣ୍ଡୁଆ ଦୁଆରେ ଯେ ଯୁବକ ବସିଅଛି ତାହାର ମନ ଅଚଳ କି ଚଞ୍ଚଳ ଜଣାଯାଉ ନାହିଁ । ଭିତର ଯାହା ହେଉ ବାହାର ଦଳ ଉଜ୍ଜ୍ୱଳ କଜ୍ଜ୍ୱଳ । ଏହାବୋଲି ନୟନ ଅୟନ ବାଦୁର କଳା ଭଳି ନୁହେଁ । ରାମକୃଷ୍ଣ ତପ୍ତ କାଞ୍ଚନ କମ୍ବା ତମ୍ବାତାର ଭଳି ନ ଥାଇ ନବ ଦୁର୍ବାଦଳ, ମରକତ ଗଞ୍ଜନ, ବାସ ଜଳ ନବଘନ ଘଟିଥିଲେ । ପୁଣି ଯୌବନର ଗୌର ଶ୍ୟାମ ବର୍ଣ୍ଣର ନାହିଁ । ଯୁବକର

ବୃଷସ୍କନ୍ଧ, ବିଶାଳ ବକ୍ଷ, କପାଟର ପରି କରଯୁଗଳ ମଲ୍ଲମର୍ଦ୍ଦନ ଘନଜଙ୍ଘନ ପ୍ରଭୃତି ପେଶୀପୂର୍ଣ୍ଣ ରସାଳ ମାଂସଳ ଅବୟବ ସବୁର ଯୌବନ ସୁଲଭ ଲାବଣ୍ୟମାଧୁରୀ ଲହରୀରେ ମନ ନୟନ ପଡ଼ି ନାସା ନୟନ ଅଧର ପ୍ରଭୃତି ପ୍ରତ୍ୟଙ୍ଗ କମ୍ବା ଅଳକା କୁଣ୍ଡଳ ପ୍ରଭୃତି ଅଳଙ୍କାର ଲୋଡ଼ୁ ନାହିଁ । ସ୍ଥୂଳରେ ଶତଶାଳ-ଗଦା ଜିଣି ଯୁବକର ରୂପମାଧୁରୀ !

ଏହି ହୃଷ୍ଟ ପୁଷ୍ଟ ମୂର୍ତ୍ତି ନୀରବ ନିସ୍ତବ୍ଧରେ ବସି ସୁନୀଳ ଉତ୍ତାଳ ତରଙ୍ଗ ମାଳୋପମ ଦିଗନ୍ତବ୍ୟାପୀ ଶୈଳ ଶ୍ରେଣୀରେ ସ୍ଥିର ଦୃଷ୍ଟି ରଖିଛି କିନ୍ତୁ କିଛି ଦେଖିଲା ପରି ବୋଧ ହେଉ ନାହିଁ । ଏହି ଅବସ୍ଥାରେ ପଶ୍ଚାଦ୍‌ଭାଗରୁ ଅନ୍ୟ ଏକ ଯୁବକ ଧୀରେ ଧୀରେ ଆସି ଉପବିଷ୍ଟ ଯୁବକର ଦୁଇ କାନ୍ଧରେ ହାତ ଦେଇ ନଇଁ ପଡ଼ି କହିଲା "କିରେ ଭୀମା ! କଅଣ କରୁଛୁ କି ? ଚମକିପଡ଼ିଲା ପରି ହୋଇ ଭୀମା କହିଲା "କାହିଁ କିଛି ନାହିଁ ।" ଏହାଶୁଣି ଆଗନ୍ତୁକ କହିଲା—

"ରାମଠୁଁ କ'ଣ ଲୁଚାଇବୁ ମ ?"
ଭୀମା—"ତୋ ଠୁଁ କଅଣ ଲୁଚେଇଲି କି"
ରାମ—"ତେବେ ଆଗ ଭୀମା ନାହୁଁ କାହିଁକି ?"
ଭୀମା—"ଆଗେ ଥିଲି କଅଣ ଏବେ ନାହିଁ କଅଣ ?"
ରାମ—"ଆଗପରି ଗୁନ୍ଦୁନାଚ ନାହିଁ, ଡାଳଭଙ୍ଗା ଗୀତ ନାହିଁ ଧାଙ୍ଗଡ଼ୀଙ୍କ ସାଙ୍ଗ ନାହିଁ ।"
ଭୀମା—"ସବୁ ଦିନେ କି ଏକା କଥା ଥାଏ ?"
ରାମ—"ତୁ ଯାହା କହ ମୁଁ ସବୁ ବୁଝିଛି ଯେ ।"
ଭୀମା—"କଅଣ ବୁଝିଛୁ କହିଲୁ ?"
ରାମା—"ଭାଇ ବାହା ହନୁଁ ତୁ ଆଉ ଆଗ ଭୀମା ନାହୁଁ ।"

ଭୀମା—"ବାହା ହେଲଣି ବୋଲି ଭାଇ ସିନା ଧାଙ୍ଗଡ଼ା ନୁହେଁ, ମୁଁ ତ ଯେଉଁ ଧାଙ୍ଗଡ଼ା କୁ ସେଇ ଧାଙ୍ଗଡ଼ା ।'

ରାମା--"ତୁ ଭୁଲେଇଲେ କି ରାମା ଭୁଲେ ? ସେହି ଚନାମାଳିକି ଆଖେଇ ଥିଲୁ । ତାକୁ ଭାଇ ବାହା ହେଲାକୁ ତୁ ଏପରି ହୋଇଛୁ । ଏବେ ଭାଇ ମଲେ ତାକୁ ଦୁତିଯ୍ଯ ହେବୁ ନାଁ ?"

ଖିମା—ଦୂର ରାଡ଼ ଚଣ୍ଡାଳ । ଚନାମାଳି କ ଦୁତିଯ୍ଯ ହେବ ବୋଲି ଭାଇଟା ମରିଯାଉ; କାହିଁକି ମୁଁ ମରିଗଲେ ?"

ରାମ—ହଁ' ରେ ଧାଙ୍ଗଡ଼ୀଙ୍କ ସାଙ୍ଗରେ ଖାଲି ଗାଇ ବଜାଇ ଜାଣୁ । ଆଉ ଗୋଟିଏ ଧାଙ୍ଗଡ଼ୀ ଦେଖ । ଯାହା ହେବାର ହେଲୁ ସବୁ ବଡେଇ ଦେବ । ତେବେ ବୁଝିବୁ ଯେ ଖାଲି ଗାଇଲେ ବଜାଇଲେ ହେଲାକି ଆଉ କଛି ଅଛି ।"

ଖିମା—"ଆଉ କଅଣ ଅଛି ?"

ରାମ—"ଆଗେ ବାହାଘର ଠିକ୍ ହେଉ ।"

ଖିମା—"ଘୋଡ଼ାରେ ଏ କେ ଆସୁଛି ? ତୁ ଯା ଗାଁରେ ଖବର ଦେବୁ । ମୁଁ ଯାଉଛି ଏ ସବୁ ନକେଇ ଦିଏଁ । ବସିବା ପାଇଁ ଦେବାକୁ ଖଣ୍ଡେ ରଖେଁ ।"

ଏଥିରୁ ସ୍ପଷ୍ଟ ଦେଖାଯାଉ ଅଛି ଯେ ଅଶ୍ୱାରୋହୀ ନିଶ୍ଚେଁ ମଣ୍ଡୁଆକୁ ଆସିବେ । ସେ କିଏ କାହିଁକି ଆସୁଅଛନ୍ତି ବୋଲି ଜଣା-ଶୁଣା ନାହିଁ । ଅଥଚ ତାଙ୍କୁ ସତ୍କାର କରିବାକୁ ହେବ । ପୁଣି ଖିମା ରାମା ଆପେ ଆପେ ତହିଁରେ ତତ୍ପର । କର୍ତ୍ତବ୍ୟ ପରାୟଣତା ସୂତ୍ରରେ କାଷ୍ଠ ପିତୁଳୀ ପରି ପରିଚାଳିତ । ଏହା ରାମା ଖିମା କପରି ମଣ୍ଡୁଆ ଠାରେ ଥିବା ଲୋକେ ଆଉ ବାଙ୍କ କରି ନ ପାରନ୍ତି । ପୁଣି ମଣ୍ଡୁଆ ଛଡ଼ା ଭୂଇଁଆପଲ୍ଲୀ ନାହିଁ । ଏହା ସମସ୍ତ ଗ୍ରାମ ବାସୀଙ୍କର

ସାଧାରଣ ସଭା ମଣ୍ଡପ ବା ବୈଠକ ସ୍ଥାନ । ଏହିଠାରେ ଭଲମନ୍ଦ ବିଚାର ପାଇଁ ଗ୍ରାମବାସୀଙ୍କର ବୈଠକ ହୁଏ । ଏହିଠାରେ ଚାଙ୍ଗୁ ନାଚ ହୁଏ । ଏହି ଘରେ ବୁଢାଏ ଗ୍ରାମର ସବୁ ଧାଙ୍ଗଡାଙ୍କୁ ରାତିରେ ଜଗି ଶୁଅନ୍ତି । ଆଗନ୍ତୁକ ମାନେ ଏହିଠାକୁ ଆସି ଥାଆନ୍ତି । ତାଙ୍କ ପରିଚର୍ଯ୍ୟା ପାଇଁ ଗ୍ରାମବାସୀଙ୍କଠାରୁ ସଂଗୃହୀତ ଡାଲି ଚାଉଳ, ଲୁଣ ଘିଅ ବର୍ଷକ ନିମିତ୍ତ ରକ୍ଷିତ । ପ୍ରାଣାନ୍ତ ହେଲେ ସୁଦ୍ଧା ଆତିଥ୍ୟ ଦ୍ରବ୍ୟ ପ୍ରତି କେହି ଆଖି ଦିଏ ନାହିଁ । ଏହିଠାରେ ଆଗନ୍ତୁକେ ଆଶ୍ରୟ ପାଇ ଥାଆନ୍ତି । ସେମାନଙ୍କ ଚର୍ଚ୍ଚାପାଇଁ ପାଳି କରି ଗ୍ରାମବାସୀ ଦୁଇଜଣ ପୁରୁଷ ମଣ୍ଡୁଆରେ ଅହୋରାତ୍ର ଉପସ୍ଥିତ ଥାଆନ୍ତି ।

ଆଜି ସାଧୁ ସରଦାର ପୁଅ ଖିମା ଓ ଗ୍ରାମବାସୀ ରାମାର ସଖାଳ ଓଳି ପାଳି । ଆଉ କେହି ଦେଖିବା ଶୁଣିବା କହିବା ଓ ବୋଲିବା ପାଇଁ ନ ଥିଲେ ସୁଦ୍ଧା ଚନ୍ଦ୍ର ସୂର୍ଯ୍ୟଙ୍କ ପରି ଆପଣା ୨ କର୍ତ୍ତବ୍ୟ ପାଳନରେ ସେ ଦୁହେଁ ସ୍ୱତଃ ପ୍ରବୃତ୍ତ । ଏହାସବୁ ରାଜାଜ୍ଞା ନୁହେଁ । ଅଥଚ କାଳେ କାଳେ ଗ୍ରାମରେ ଚଳି ଆସୁଅଛି । ଏ ପ୍ରଥା ଭଲ କି ମନ୍ଦ କାହାରି ଦୃଷ୍ଟି ପଥରେ ଆସିବା ଉଚିତ କି ନା ତାହା ଭୂଇଁଆଏ ବା ତାଙ୍କ ରାଜା ଜାଣନ୍ତି । ହଜାର ହଜାର ଲକ୍ଷ ଲକ୍ଷ ଟଙ୍କାର ଧର୍ମଶାଳା, ଟାଉନହଲ୍ ପ୍ରଭୃତି ତୁଳନାରେ ଭୂଇଁଆଙ୍କ ମଣ୍ଡୁଆ ଗୃହ ପାଖେ ତିଳରୁ ନ୍ୟୂନ ହୋଇପାରେ । ଶ୍ରେଷ୍ଠ ହୋଇ ଯିବା ଭୟରେ ତହିଁ ପ୍ରତି ଦୃଷ୍ଟି ନ ଯାଇ ପାରେ । ସେ ଯାହାହେଉ କେତେ କେତେ ଧର୍ମଶାଳା କେଉଁଣେ ଗଲାଣି । କେତେ କେତେ ବଡ଼ ବଡ଼ ଦେବାଳୟ ପ୍ରଭୃତି କାଳ ଗର୍ଭରେ ବିଲୁପ୍ତ ହେଲାଣି, କିନ୍ତୁ ଭୂଇଁଆଙ୍କ ମଣ୍ଡୁଆ ବ୍ୟବସ୍ଥା କାଳେ କାଳେ ରହିଅଛି । ପୁଣି ଆଉ କେତେ କାଳ ରହିବ ତାହା ବୋଲାଯାଇ ନ ପାରେ ।

ଉପରୋକ୍ତ ଚର୍ଚ୍ଚାବିଧି ଚିରକାଳ ରହୁ ବା ନ ରହୁ ସେହି ପ୍ରଥା ଅନୁସାରେ ଖିମା ଆପଣା କର୍ତ୍ତବ୍ୟ ପାଳନ କରି ସାରିଲା ବେଳକୁ ଅଶ୍ୱାରୋହୀ ମଣ୍ଡୁଆ ଦୁଆରେ ଉପସ୍ଥିତ ହେଲେ । ଘୋଡ଼ାର ମୁହଁରେ ଜରିର ମୁହଁପଟା, ପିଠିରେ ଝାଲର ଦିଆ ବନାତର ଗୁଡି ଜାମା, ନିଜେ ଘୋଡ଼ାର ରଙ୍ଗ ନାଲିଆ କୁମେଧ, ଆକୃତି ଖର୍ବ କିନ୍ତୁ ଅଙ୍ଗ ହୃଷ୍ଟପୁଷ୍ଟ, ପେଟ କିଛି ଅପେକ୍ଷାକୃତ ବଡ଼, ତାହା ନୋହିଥିଲେ ଆରୋହୀଙ୍କ ଗୋଡ଼ ତଳେ ଲଗୁ ଥାଆନ୍ତା ! ତଥାପି ପଡ଼ି ଯିବାରେ ବିଶେଷ ଆଶଙ୍କାର କାରଣ ନାହିଁ । ଆରୋହୀଙ୍କ ଆକାର ପ୍ରକାର ଦୃଷ୍ଟିରେ ବୋଧହୁଏ ଯେ ଦୁଇ ଜାନୁ ମଧ୍ୟରେ ଘୋଡ଼ା ଧେନି ସେ ପଦବ୍ରଜରେ ଆସିଛନ୍ତି । ତାହା ପ୍ରକୃତ ହୋଇ-ଥାଉ କି ନ ଥାଉ, ଅବରୋହଣ କାଳରେ ଆରୋହୀଙ୍କି କିଛି ଜଣା-ଗଲା ପରି ଦେଖାଗଲା ନାହିଁ । କିନ୍ତୁ ତାହା ଧେନି ପରିଚୟ ବିଷୟରେ କିଛି ନ ଅଟକିଲା । ଦେଖିଲା ମାତ୍ରେ ଗ୍ରାମ୍ୟ ପଟ୍ଟନାୟକ ବୋଲି ଚହ୍ନି ପାରି ଖିମା ତରତରରେ ଆଗନ୍ତୁକଙ୍କୁ ଜୁହାର ହେଲା । ସେ ମଧ୍ୟ ସାଧୁ ସରଦାର ପୁଅ ବୋଲି ଚହ୍ନି ଖିମାକୁ ଘୋଡ଼ା ଧରାଇ ଦେଲେ । ଖିମା କିଛି ଶଙ୍କି ଗଲା, ତାହା ବୋଲି ଯେ ତାହାର ଅଙ୍ଗ ସୌଷ୍ଠବ ଗୁଡ଼ିଗଲା କି ମାଧୁରୀଲହରୀ ଲୁଚିଗଲା ତା ନୁହେଁ । ସେ ଖିଡ଼ କି ନଷ୍ଟ ନ ହୋଇ ବିନୀତ ସମ୍ଭ୍ରମରୂପ ଧାରଣ କଲା । ପୂର୍ବ ତେଜ ଆଉ ରହିଲା ନାହିଁ । ସ୍ଥୂଳରେ କହିବାକୁ ଗଲେ ବଡ଼ ଆଗେ ସାନ ଯେପରି ଦେଖାଯାଇଥାନ୍ତି ସେହିପରି ଦେଖାଗଲା ।

"ସରଦାରେ ଅଛନ୍ତି ନା" ବୋଲି ଗ୍ରାମ୍ୟ ପଟ୍ଟନାୟକ ପଚାରନ୍ତେ "ହେଇ ଆସୁଛନ୍ତି" କହି ଖିମା ଅଙ୍ଗୁଳି ନିର୍ଦ୍ଦେଶ କଲା । ଜଣ କେତେ ଭୂଇଁଆଙ୍କୁ ପଛରେ ଧେନି ସାଧୁ ସର୍ଦ୍ଦାର ଆଗେ

ଆଗେ ଆସୁଥିବାର ଗ୍ରାମ୍ୟ ପଟ୍ଟନାୟକ ଦେଖିଲେ । ତାଙ୍କୁ ମଧ୍ୟ ଦୂରୁ ଚିହ୍ନି ପାରି ସାଧୁ ଗ୍ରାମ ମଧ୍ୟକୁ ଜଣେ ଲୋକ ଦଉଡ଼ାଇ ଦେଲ । ଶୁଖିଲାପତ୍ର ବଣରେ ନିଆଁ ପରି ଗ୍ରାମ୍ୟ ପଟ୍ଟନାୟକଙ୍କର ପ୍ରବେଶ ବାର୍ତ୍ତା ସାମାନ୍ୟ ଭୂଇଁଆ ପଲ୍ଲୀରେ ଆଖି ପିଛୁଡ଼ାକେ ବୁଲିଗଲା ।

ସୁତରାଂ ସରଦାରେ ଓ ଆଉ ୨ ଭୂଇଁଆଏ ଜୁହାର କରୁ କରୁ ହରିଣୀ ପଲପରି ଭୂଇଁଆଣୀଏ ଦେଖାଦେଲେ । କେହି ଝରେ କେହି ବା ଧୀରେ ଗତି କରୁଛି । କିନ୍ତୁ ମେଣ୍ଢ ଭାଙ୍ଗୁ ନାହିଁ । କେହି ଶାଢ଼ୀ ପିନ୍ଧିଛି, କେହି ଧଡ଼ି ପକାଇଛି । କାହାର ଲୁଗା ନୂଆ କାହାର ବା ପୁରୁଣା, କେହି ଧୋବ କେହି ମଇଳା ପିନ୍ଧିଛି । ଏହିପରି ସୁମନାଏ ମନ୍ଥରଗାମିନୀ ସ୍ରୋତସ୍ୱିନୀରେ ବିବିଧ ସୁମନମେଞ୍ଚା ଭାସିଲା ପରି ଅବଲୀଳାକ୍ରମେ ଆସୁଛନ୍ତି ।

ଏହା ଅତ୍ୟୁକ୍ତି ନୁହେଁ । ଆଡୁଣ୍ଡୀ, ଧାଉଳୀ, ସୁନାଖି ପ୍ରଭୃତି ପୀତଲୋହିତ ପୁଷ୍ପପତ୍ରମଣ୍ଡିତ କାହାରି ଗଣ୍ଡ ଅବଗୁଣ୍ଠନରେ ଆବୃତ ନୁହେଁ । ଏହା ବୋଲି ଆଉ ସବୁ ସମାନ ନୁହେଁ । କାହାର ଗଣ୍ଡ ଟଭାପାଳ ପରି ଗୋଲ, କାହାର ବା ପାଚିଲା ଆମ୍ବ ପରି ଈଷତ୍ ଲମ୍ବ, କାହାର ପୂର୍ଣ୍ଣେନ୍ଦୁ ମାଧୁରୀ, କେହି ବା ନୀରସ ଶିଶାଷ ଫଳ ପରି । ଏପରି ସ୍ଥଳେ ଲଳନାର ମନ କଳନା ସହଜ ନୁହେଁ । କିନ୍ତୁ ଦେଖାଯାଏ ଯେ ନାରୀ ଗାରଡ଼ିଆର କାଳ ଭୁଜଙ୍ଗ ବାଳ କାଳ ଲୀଳା ପରି ଭ୍ରୂଲତାଭଙ୍ଗୀ ନାହିଁ । ଯତି ମନ ମଜାଇବା ଭଳି ନାସାଫୁଲ, ନଥଝୁଲା ଠାଣି ନାହିଁ । ଗ୍ରୀବାକୁ ଅସମ୍ଭାଳ କଲାଭଳି ବାରଜନୟନା କୁନ୍ତଳମୂଳ ନାହିଁ । ଅବଗୁଣ୍ଠନର ଅଭାବ ଏହାର କାରଣ କି ନା ତାହା ଭୂଇଁଆମାନେ ଜାଣନ୍ତି । ତଥାପି ଖେଳା-ଖଞ୍ଜରିଟ-ନୟନ କିରଦବାସେ ମୃଦୁହାସର ଅଭାବ ନାହିଁ । ଏ ସ୍ୱାଭାବିକ କି ନା ଭଲ କି ମନ୍ଦ ତାହା ଅସଭ୍ୟ ଆଖ୍ୟାଧାରିଣୀ ଭୂଇଁଆଣୀଏଁ କିମ୍ବା ବିଦୁଷୀ-

ରମଣୀଏ ଜାଣନ୍ତି । କିନ୍ତୁ ଏହା ସମସ୍ତେ ଜାଣନ୍ତି ଯେ ରାଜା ମହାରାଜା-ମାନେ ବଡ଼ ବଡ଼ ହୀରା, ନୀଳା, ମୋତି, ମାଣିକ୍ୟ ଲୋଡ଼ିଲାପରି ଭୂଇଁଆଣୀଏଁ କାଚ ପଥର ମାଳି, କଂସା, ପିତଳ, ଖଡ଼ୁ, ବଳା ଲୋଡ଼ିଥାନ୍ତି । ଯେ ଯେତେ ଥିଲି ଲୋକ ତାହାର ତେତେ ଗହଣା କିଣି ପାରିଲେ ଦୁଇ ଗୃହ ବିଷ ନାଇବାକୁ ଦୁର୍ବଳା ଅବଳା କାତର ନୁହେଁ । କିନ୍ତୁ ଯୁବା ଧୈର୍ଯ୍ୟ ମନ୍ଥନକୁ ଅଳକାବୃତ ଲପନ ନାହିଁ । ମନକୁ ଝାମ୍ପି ନେଉଥିଲି ଭଳି ଚନ୍ଦ୍ରଝୁମ୍ପୀ ନାହିଁ । ଶୁକ୍ର ବୃହସ୍ପତିଙ୍କ ପରି ତାଙ୍କ ଜ୍ୟୋତି ନାହିଁ । ମାତ୍ର ବକ୍ଷସ୍ଥଳ ଯେଉଁ ନୀଳପୀତ ଲୋହିତ ମାଳରେ ଆବୃତ, ତାହା ରମଣୀବୃନ୍ଦ ଗତି କଲାବେଳେ ଇନ୍ଦ୍ର-କୋଦଣ୍ଡ-ଭୂଷିତ ବାରମାଳା ପରି ଲୀଳା ଖେଳା କରୁଛି । ଅଳଙ୍କାର ସୁନ୍ଦର ଅସୁନ୍ଦର କରୁ କି ଉଚ୍ଚ ନୀଚ କରୁ, ପ୍ରକୃତି ସବୁ ଭୂଇଁଆଣୀଙ୍କ ମୁହଁ ଗୋଟିଏ ଗୁଞ୍ଚରେ ଗଢ଼ିଲି ପରି ଦେଖାଯାଏ । ସମସ୍ତଙ୍କ ଲଲାଟ, ନାସିକା, ନୟନ, ଭ୍ରୂଲତା, ଅଧର, ଚିବୁକ ଏକାପରି । ଏଥିରେ ଆଖି ପଡ଼ିଲେ ଭୂଇଁଆଣୀ ନୁହେଁ ବୋଲି ଭୁଲ ହେବାର ସମ୍ଭାବନା ନାହିଁ । ତଥାପି ପ୍ରକୃତି କାଳର ମହିମାକୁ ଜିଣିପାରି ନାହିଁ । ବାଳିକା, ଯୁବତୀ, ପ୍ରୌଢ଼ା, ବୃଦ୍ଧାଙ୍କ ମଧ୍ୟରେ ଯେ ପ୍ରଭେଦ, ତାହା ପୂର୍ଣ୍ଣମାତ୍ରାରେ ବିଦ୍ୟମାନ । ସଭିଙ୍କି ପଛକୁ ପକାଇ ଯୁବା କାଳ ଆଗଭର ହୋଇ ରହିଅଛି । ପୁଣି ଏମାନେ ଭୂଇଁଆଣୀ ବୋଲି ମନେ ନ ଘେନ ଯେଉଁ ସୌନ୍ଦର୍ଯ୍ୟଲାବଣ୍ୟ-ମାଧୁରୀ ପ୍ରଭୃତିରେ ନେପାଳୀ, ଭୋପାଳୀ, ଇରାଣୀ, ଜାପାନୀ, ତୈଲଙ୍ଗୀ, ବଙ୍ଗାଳୀଙ୍କି ଭୂଷିତ କରିଥାଏ, ତହିଁରେ ମୁକ୍ତହସ୍ତ । ତଥାପି ଯୌବନର ଅଗ୍ନିରେ ପାଣିଆ ଗୁଡ଼ ନାହିଁ । ପାଞ୍ଚ ଆଙ୍ଗୁଠି ସମାନ କରି ଦେଖି ନାହିଁ । ସବୁଠାରୁ ଚନାମାଳୀ ତାହାର ବିଶେଷ ଅନୁଗ୍ରହର ପାତ୍ର ପରି ଦେଖାଯାଏ ।

ସେ ତଳ ସରଦାରର ଝିଅ । ଏଣିକ ପୁଣି ସାଧୁ ସରଦାରର ବଡ଼ ବୋହୂ । ଏଥିଯୋଗୁଁ ସେ ବିଶେଷ ଅନୁଗ୍ରହରପାତ୍ର କି ନା ତାହା ଯୌବନ ଜାଣେ । କିନ୍ତୁ ତାକୁ ସାନ ବଡ଼ ସବୁ ଭୂଇଁଆଣୀଏ ଆଗ କରିଛନ୍ତି । ପଲରେ ବନ୍ଦାଣ ଗାଇ ବା ନାଟୁଆ ପଂଖାରେ ଶିଙ୍ଘାଗାଆଣ ପରି ହୋଇଛି । ତଥାପି ସେ ଫୁଲେଇ ନ ହୋଇ କାନ୍ଧ ଘେନ କଦଳୀ ଗଛ ନଇଁ ପଡ଼ିଲାପରି ଦେଖାଯାଉଛି । ଆଗଭର ହେବାକୁ ସେ ତରବର ନୁହେଁ । ତାହା ପଛରେ ରହିବାକୁ ସବୁରି ଚେଷ୍ଟା । ଯାହା ଆଗ ତାହା ସବୁ ତାହା ହାତରେ, ସେହି ଅନୁସାରେ ସେ ଗୁମୁ ପଟ୍ଟନାୟକଙ୍କ ଗୁମୁରେ ଭୂଇଁ ଲିପି ଅନ୍ୟଜଣକ ହାତରୁ ପିଢ଼ା ନେଇ ଥୋଇଲା । ବଡ଼ର ଯେ ସାନ ହେବା ଆବଶ୍ୟକ ତାହା ଦେଖାଇ ଦେଲା । ଜଣାଶୁଣା ରୀତି ଅନୁସାରେ ଗୁମୁ ପଟ୍ଟନାୟକ ପିଢ଼ା ଉପରେ ଠିଆ ହେଲେ । ଚନ୍ଦ୍ରମାଳୀ ପ୍ରଭୃତି ମିଶି ତାଙ୍କ ଗୋଡରେ ହଳଦୀ ପାଣି ଢାଳିଦେଲେ । ସମସ୍ତେ ହୁଳାହୁଳି ଦେଇ ବନ୍ଦାପନା ସାରି ଚଉତିରେ ଟଙ୍କା ଦଉଟି, ଖଜୁରି ପଟିଆ, ବୋଇତି କଖାରୁ, କନ୍ଦମୂଳ, ପାହାଡ଼ିଆ ବ୍ରୀହି ପ୍ରଭୃତି ଗୁମୁରେ ରଖି ଜୁହାର କରି ଠିଆ ହେଲେ ।

ଗୁମୁ ପଟ୍ଟନାୟକ ଚଉତିରୁ ଟଙ୍କା ଦଉଟି ଉଠାଇ ନେଇ ତହିଁରେ ଗୁଟିଏ ରଖିଦେଲେ । ପୁଣି ପିଢ଼ାରୁ ଅପସରି ଯାଇ ଖଜୁରି ପଟିଆ ପ୍ରଭୃତି ତାଙ୍କ ଘରଠାକୁ ପଠାଇ ଦେବାକୁ ସରଦାରଙ୍କୁ କହିଲେ । ତେଣେ ସରଦାରଙ୍କ ବୋହୂ ଟଙ୍କା ଗୁଟିଏ ଉଠାଇ ନେଇ ଆଉମାନଙ୍କ ସଙ୍ଗେ ପୂର୍ବ ପରି ଠିଆ ହୋଇ ରହିଲେ । ଏହା ଏକ ପ୍ରକାର ଅଭ୍ୟର୍ଥନା । ଏଥିପାଇଁ ସଭା ସମିତି ନାହିଁ, ସ୍ୱର୍ଣ୍ଣାକ୍ଷରେ ଅଭ୍ୟର୍ଥନା ପତ୍ର ନାହିଁ, ପାର୍ଚମେଣ୍ଟ କାଗଜରେ ମୋତି ମାଣିକ୍ୟ

ଝରି ନାହିଁ, କାରୁକାର୍ଯ୍ୟଶୋଭିତ ପନ୍ଦାଧାର ନାହିଁ । ଏ ପାଖରୁ ବା ସେ ପାଖରୁ ପୂର୍ବ ପ୍ରସ୍ତୁତ ବକ୍ତୃତା ନାହିଁ, ଧନ୍ୟବାଦର ଆଦାନ ପ୍ରଦାନ ନାହିଁ । ଖଜୁରି ପଟିଆ ପ୍ରଭୃତି ରାମୁ ପଟ୍ଟନାୟକଙ୍କ ଘରୁମୁରେ ଭେଟି । ପୁଣି ସେ ରାଜ ଦରବାରର ଲୋକ । ସୁନାପଇତା, ପାଟପିତାମ୍ବର, ହାତୀ, ଘୋଡ଼ା ଭେଟି ଦେଖିଛନ୍ତି । ଏହା ମଧ୍ୟ ଜାଣନ୍ତି ଯେ ଭୂଇଁଆମାନେ ଏହିପରି ଅଭ୍ୟର୍ଥନା କରି ଆସୁଅଛନ୍ତି । ସେଇ ଶାସ୍ତ୍ରରେ ପୁରାଣରେ ଶୁଣିଛନ୍ତି ଓ ପଢ଼ିଛନ୍ତି ଯେ ଭକ୍ତପ୍ରିୟ ଭଗବାନ ରାମ କୃଷ୍ଣ ରୂପେ ଶବର ଶବରୁଣୀଙ୍କ ଫଳ ମୂଳ, ଗୋପାଳ ପୁଅଙ୍କ ଚଖାକୋଳି, ବିଦୁରଙ୍କ ଖୁଦ ସାଦରେ ଗ୍ରହଣ କରି ବଡ଼ ପ୍ରୀତ ହୋଇଥିଲେ । ଏଣୁକରି ଭକ୍ତ ବଡ଼ କି ସୁନା ରୂପା ହୀରା ମାଳା ବଡ଼ ସେ ଜାଣନ୍ତି । କିପରି ଅଭ୍ୟର୍ଥନା ଭଲ ବା ମନ୍ଦ ତାହା ଭୂଇଁଆ ଜାଣନ୍ତି କିମ୍ବା ତାହା ଯେ ଗ୍ରହଣ କରନ୍ତି ସେ ଜାଣନ୍ତି । ସେମାନଙ୍କ ମନ କଥା ଘେନି କଳ୍ପନା ଜଳ୍ପନାର ପ୍ରୟୋଜନ ନାହିଁ । ଯାହା ମନ କଥା ଲୋଡ଼ା, ତାହା ଆଡ଼କୁ ଦୃଷ୍ଟି ଦିଆଯାଉ ।

ବନ୍ଦାପନା ସାରି ଭୂଇଁଆଣୀଏ ଠିଆ ହୋଇ ରହିଲେ । କିନ୍ତୁ ରାମୁ ପଟ୍ଟନାୟକଙ୍କ ଘରୁମୁରେ ଖାମା ଯେପରି ଥିଲା ସେପରି ନୁହେଁ । କେହି ହେଲେଇ ଟେହେଲେଇ ହୋଇ ମୁରୁକି ମୁରୁକି ହସି ଅନ୍ୟ ସଙ୍ଗେ କଥା କହୁଛି, କେହି ଠୋ ଠୋ କରି ହସି ଉଠୁଛି, କେଶେ ହସି ହସି ଆଉ ଜଣଙ୍କ ଉପରକୁ ଢଳି ପଡ଼ୁଛି । କେହି କେବେ ପଛକୁ ମୁହଁ ଫେରାଇ ହସୁଛି, କେହି ତଳକୁ ମୁହଁ ପୋତୁଛି । ସେମାନଙ୍କ ମନଭାବ କଥାବାର୍ତ୍ତା ସେମାନେ ଜାଣନ୍ତି । ସମସ୍ତଙ୍କ ପରି ମଧ୍ୟ ଚନ୍ଦାମାଳୀ ଏହିପରି କରୁଛି । କିନ୍ତୁ ସେ ଶରଦ ଯାମିନୀର ନକ୍ଷତ୍ରମାଳା ମଧ୍ୟରେ ପୂର୍ଣ୍ଣ ସୁଧାକର ବା ଲଳିତା ବିଶାଖାଙ୍କ

ମଧ୍ୟରେ ବୃଷଭାନୁ ଜେମାଙ୍କ ପରି ଦେଖାଯାଉଛି । ତଥାପି ଗ୍ରାମ୍ୟ ପଟ୍ଟନାୟକଙ୍କ ମନ ମୋହିବା ପାଇଁ ସେ ଏପରି କରିବା ଜଣାଯାଉ- ନାହିଁ । ସେ ଜାଣେ ଯେ ସେ ସରଦାରର ଝିଅ, ସରଦାରର ନୂଆ ବୋହୂ । ତାହା ସ୍ୱାମୀର ପୂର୍ଣ୍ଣ ଯୌବନ । ତାକୁ ସମସ୍ତେ ଭଲ କହୁଥାନ୍ତି । ପୁଣି ଭୂଇଁଆଣୀ ଦୋଷ୍ଚରୁଣୀ ହେଲେ ତାହାର ଖାଇଁବା ଠାରୁ ମରିବା ଭଲ । ଏଣେ ଗ୍ରାମ୍ୟ ପଟ୍ଟନାୟକ ଦରବୁଢ଼ା । ତାଙ୍କ ଜାତି ଭିନ୍ନ । ଏଠାରେ ସେ କଳାଙ୍କ ମଧ୍ୟରେ ଧଳା । ପାଣଙ୍କ ମଧ୍ୟରେ ବ୍ରାହ୍ମଣ ପରି । ସୁତରାଂ ଚନାମାଳୀ ବା ଅନ୍ୟ ଭୂଇଁଆଣୀଙ୍କ ହସ ଖେଳ କଥାବାର୍ତ୍ତା ପ୍ରଭୃତି ପ୍ରତି ଗ୍ରାମ୍ୟ ପଟ୍ଟନାୟକଙ୍କର ମନ ନାହିଁ କି ନୟନ ନାହିଁ । ଏଥିରେ ଯେ ଭୂଇଁଆଙ୍କର ଆପତ୍ତି ନାହିଁ ତାହା ସ୍ପଷ୍ଟ ଦେଖାଯାଉଛି ।

କିନ୍ତୁ ଏଥିରେ କାହାର ମନରେ କିଛି ସୁଖ ଦୁଃଖ ହେଉଛି କି ନା ତାହା ଭୂଇଁଆମାନେ ଜାଣନ୍ତି । ତାହା ଅନୁମାନ କରାଯାଇ ନ ପାରେ । କାରଣ ସବୁ ଭୂଇଁଆ ଭୂଇଁଆଣୀଙ୍କ ପରସ୍ପର ସମ୍ବନ୍ଧ ଜଣା ନାହିଁ । କେବଳ ଖିମା ଚନାମାଳୀ ପିଚ୍ଛା ପଡ଼ିଥିବା ମାଘ ପୋଡ଼ା ପବ ଦିନୁ ବିଶେଷ ଜଣାଅଛି । ସେ ଦୁହିଁଙ୍କ ବିବାହ ହେବା ପ୍ରସ୍ତାବ ସେଠାରେ ଚଢ଼ିଥିଲା । ଏବେ ଚନାମାଳୀ ବାଣାଶୂରକୁ ବାହା ହେଲାଣି । ଏଥିରେ ଚନାମାଳୀ ବା ବାଣାଶୂର କିଛି ପ୍ରକାଶ କରି ନାହାନ୍ତି । କେବଳ ସାଧୁ ସରଦାରର ଇଚ୍ଛାନୁସାରେ ଏହା ହୋଇ- ଅଛି । ସାନ ହେଲେ ବି ତଳ ସରଦାରର ସରଦାରି ପାଇବାର ଖିମାର ଯେ ଆଶା ଥିଲା, ତାହା ଆଉ ନାହିଁ ।

ବିଭାଘର ଦିନୁ ଖିମା ଦୂରରେ ଦୂରରେ ଥାଏ । ଚନାମାଳୀ ସଙ୍ଗେ ଅକାଳେସକାଳେ ଭେଟ ହୁଏ । ଆଜିପରି ବାପ

ଉପସ୍ଥିତରେ ଖିମା ଶନାମାଳୀଙ୍କର ମୁହାଁମୁହିଁ କେବେ ଘଟି ନଥିଲା । ସୁତରାଂ ଖିମା ମନରେ କିଛି ହେବାର ସମ୍ଭାବନା । ଏହା ବୋଲି ଯେ ସେ ବାପ କମ୍ୱା ଶନାମାଳୀ ଆଡ଼କୁ ଠାକ ରହୁଛି ତା ନୁହେଁ । ଭ୍ରୂନାସା, ଅଧର ପ୍ରଭୃତି ମଧ୍ୟ କିଛି ପ୍ରକାଶ କରୁ ନାହାନ୍ତି । ତାହାର ମନ କିଛି ହେଉଅଛି କି ନା ସେ ଜାଣେ, ବାହାରୁ କିଛି ଜଣାପଡ଼ୁ ନାହିଁ । ତାହା ମନ ଏପରି କେତେ କାଳ ଲୁଚି ରହିବ ଦେଖାଯାଉ ।

ଖିମା ମନ କଥା ଯେବେ ପ୍ରକାଶ ପାଉ, ସେପରି ତେଲିକ ଗୁମ୍ଫ ପଟ୍ଟନାୟକଙ୍କର ଡର ନାହିଁ । ତାଙ୍କ ନିଜ ଓ ଉଆସର ସୁନା ବଳା, ରୁପାବଳା, ଖଟ ପଲଙ୍କ, କାନ୍ଥ ବାର ପ୍ରଭୃତି ସରଦାରେ ଓ ସରଦାରଙ୍କର ଓ ଗାଁର ଧାଙ୍ଗଡ଼ା, ଧାଙ୍ଗଡ଼ୀ, କୁକୁଡ଼ା, ମାଙ୍କଡ଼, ଛେଳି, ମେଣ୍ଢା ଗୁମ୍ଫ ପଟ୍ଟନାୟକ ସଙ୍ଗୋଳ ସାରିଲାରୁ କହିଲେ, "ସରଦାରେ ! ଗହଣରେ ରଖିବା ପାଇଁ ତୋ ପୁଅରୁ ଗୋଟିଏ ଦେବାକୁ ଗୁମ୍ଫରୁ ଆଜ୍ଞା ହୋଇଛି ।"

ସାଧୁ—"ଗୁମ୍ଫ ଗହଣ ଭଳି ମୋର ପୁଅ କାହିଁ ?"

ଗୁ—"ବାଣା ଆଉ ଖିମା ।"

ସା—"ସେ ଛୁଆ ଦଇଟା ଭାତ ଖାଇ ଜାଣିନାହାନ୍ତି ।"

ଗୁ—"ତାଙ୍କୁ ଗୁମ୍ଫ ଦେଖିଛନ୍ତି । ଆଉ ତାଙ୍କକଥା ଶୁଣିଛନ୍ତି । ସେ ଦୁହେଁ ଛୁଆ କାହିଁକି ହୁଅନ୍ତେ ?"

ସାଧୁ—"ଯାହାଙ୍କର ବାପ ମା ଅଛନ୍ତି, ସେ ଛୁଆ ନୁହନ୍ତି ଆଉ କଅଣ ?"

ଗୁ—"ଛୁଆ ହେଲେବି ଯେତେବେଳେ ଗହଣରେ ରଖିବାକୁ ଗୁମ୍ଫର ଆଜ୍ଞା ହୋଇଛି ସେତେବେଳେ ଯିବାକୁ ବଳି ଆଉ କଥା ଅଛି ?"

ସା—"ତୁ ଯେବେ ସୁନା ପଞ୍ଜୁରିରେ ଶୁଆଟାଏ କି ସାରିଟାଏ ରଖିବୁ, ସେ ବାଟ ପାଇଲେ ପଳେଇବ ନାହିଁ କି ତାକୁ ଦେଖି

ଆଉ ଶୁଆ ସାରୀ ଆସି ପଞ୍ଜୁରୀରେ ଆପେ ଆପେ ପଶିଯିବେ ?
ତମ କଥା ଭଳେ ଆମ କଥା ଭଳେ ?"

ପ୍ର—"ଯେତେବେଳେ ପ୍ରଭୁଙ୍କର ମନ ହୋଇଛି ସେ ଗୋଟିଏ ନେବେ । ତେବେ ଏତେବେଳେ ଯାହାକୁ ସୁଖ ପାଅ ତାକୁ ପାଖରେ ରଖିନେଲେ ଭଲ ହେବ ନାହିଁ ?"

ସା—"ବାପ ମାଙ୍କୁ ସଳଖ ସୁନ୍ଦର ଭେଣ୍ଡିଆଟି ଯେପରି ହାତ ଗୋଡ଼ ନଥାଇ ଖଣ୍ଡିଆଟି ସେପରି । ସେ ଛୁଆ ଦଖଣ୍ଡ ଦାରୁ ଆଗରେ ଦୁବ ପରି ମୁଁ—"

ସାଧୁର କଥା ନସରୁଣୁ ଖ୍ରୀମା କହିଲା 'ବା' ମୁଁ ଯିବି ତୁ ମନା କରନା ।"

ସା—"ତୁ ଛୁଆଟା କ ଜାଣୁ ? ତୁ ଯିବୁ, ଆମେ କ କରିବୁ ?"

ଖ୍ରୀ—"ଭାଇ ଅଛି—"

ସା—"ସେ ଥେଲାକୁ କଅଣ ହେଲା ? ତୋରି ପରି ସେ ଛୁଆଟାଏ ନା ଆଉ କଅଣ ?"

ପ୍ର—"ପ୍ରଭୁ ଆଜ୍ଞା ରଖ । ଖ୍ରୀମା ବି ରାଜି ହେଲାଣି । ସାଥେ ସାଥେ ନେଇଯିବାକୁ ପ୍ରଭୁର ଆଜ୍ଞା ହୋଇଛି । ସେ ମୋ ସାଙ୍ଗରେ ଗଲୁ ଏ ପରେ ଦେଖାଯିବ ।"

ପ୍ରଭୁ ପଟ୍ଟନାୟକଙ୍କ କଥା କରିବାକୁ ଅନ୍ୟ ଭୂଇଁଆଏ ବି କହିଲେ । ତାହା ଦେଖି ଶୁଣି ଖ୍ରୀମା ମଧ ରଟ ଧଇଲା । ସରଦାର ଅଗତ୍ୟା ସମ୍ମତ ହେଲେ । ମନ କଥା କାହାରିକି କହି ନ କହି ଖ୍ରୀମା ପ୍ରଭୁ ପଟ୍ଟନାୟକଙ୍କ ଅନୁଗାମୀ ହେଲା । ଅନ୍ୟ ଭୂଇଁଆ ଭୂଇଁଆଣୀଏ ଆପଣା ଆପଣା ବାଟ ଧଇଲେ । ଯେଝା ମନ କଥା ଯେଝା ମନରେ ରହିଲା ।

# ଚତୁର୍ଥ ପରିଚ୍ଛେଦ

କୋଠିକେ ଗୋଟିଏ ଅକାଳେ ସକାଳେ ଓଳଗି ହେଉନ୍ତୁ ବା ନ ହେଉନ୍ତୁ, ତହିଁରେ ବଡ଼ ଦେଉଳ ବାନାର କିଛି ଆସୁନାହିଁ କି ଯାଉନାହିଁ । ସେ ଖରା ବରଷା ଦିନରାତି ସବୁବେଳେ ଆପଣା ମନକୁ କେବେ ଉଡ଼ୁଛି, କେବେ ହଲୁଛି, କେବେ ନୀଳଚକ୍ର ଉପରେ ପଡ଼ି ରହୁଛି । ବାହାରେ ବାନା ଯେପରି ଭିତରେ ଠାକୁରେ ସେହିପରି । କେହି ଭୋଗ ରାଗ ଦେଉ ବା ନ ଦେଉ ଠାକୁରେ "ଦାରୁଭୂତୋ ମୁରାରି" । ଯେ ଶ୍ରୀଅଙ୍ଗରୁ ଅଳଙ୍କାର ଚୋରାଇ ନେଉଛି ତାହାର କଅଣ କରୁଛନ୍ତି କିମ୍ବା ଯେ ଭକ୍ତିରେ ଗଦ ଗଦ ହୋଇ ସାଷ୍ଟାଙ୍ଗ ପ୍ରଣିପାତ ହେଉଅଛି ତାହା ପ୍ରତି ରୁଷ୍ଟ କି ତୁଷ୍ଟ ହେଉଅଛନ୍ତି, ତାହା କିଛି ଜଣାଯାଉନାହିଁ । ନିଶ୍ଚଳ ନୀରବ ମୂର୍ତ୍ତି କିଛି କରିବା ନ କରିବା ଆଖି ଦେଖୁ ନାହିଁ, କାନ ଶୁଣୁ ନାହିଁ କି ନାକ ଜାଣୁ ନାହିଁ । ପଛରେ ଯେ ଯାହା କହୁ ବା କରୁ ଆଗକୁ

ଯେ ଆସୁଛି ସେ ମୁଣ୍ଡ ତଳେ ନ ଲଗାଇ ଯାଉ ନାହିଁ । ଠାକୁରେ ତ ଅଧିକର କଥା, ଯେ ବେଢ଼ା ଭିତରକୁ ଯାଉଛି ସେ ସିଂହଦ୍ୱାରେ ମୁଣ୍ଡ ନ ନୋଇଁ ଯାଉ ନାହିଁ । ସେ ଠାକୁରଙ୍କୁ କି ସିଂହକୁ ଜୁହାର ହେଉଛି ତାହା ସେ ଜାଣେ । କିମ୍ବା ଯେଉଁ ମହାପ୍ରଭୁ, ମଣିମା, ହଜୁର ପ୍ରଭୃତିଙ୍କ ପଡିହାରି ଛାଟିଆ ଅର୍ଦଳି ପ୍ରଭୃତି ଦର୍ଶନୀ ନ ପାଇଲେ ପାଖ ପୁରିଇ ଦିଅନ୍ତି ନାହିଁ ସେମାନେ ଜାଣନ୍ତି । ସେ ଯାହାହେଉ ଲୋକେ ସିଂହଦ୍ୱାରେ ମୁଣ୍ଡ ନୁଆଁଉଛନ୍ତି । କିନ୍ତୁ ଦୋଳ, ହରିହର, ଶିବରାତି, ଜନ୍ମାଷ୍ଟମୀ ପ୍ରଭୃତିରେ ଯେ ଭାବ ଦେଖାଯାଏ ବର୍ଣ୍ଣିତ ଦିନ ସେ ଭାବ ଦେଖାଯାଉ ନାହିଁ । ସ୍ୱତଃପ୍ରବୃତ୍ତ ହୋଇ ପରି କେହି ଦିଶୁ ନାହାନ୍ତି । ଅନୁରୋଧ ଉପରୋଧ ବା ଆଦେଶରେ ବେଢ଼ା ଭିତରକୁ ଯିବା ପରି ସମସ୍ତେ ଦେଖା ଯାଉ-ଛନ୍ତି । ଆପଣା ଆପଣା ଭାବ ଭାବନାରେ କେହି ନୀରବ ନୁହନ୍ତି । ନାନା ଲୋକଙ୍କ ମୁଖେ ନାନା କଥା ।

ରାମା କହୁଛି ଯେ ତାହା ବାପ ଅନେକ ଦିନ ହେଲା ଆଜାର ଅଧିଆ ପଡ଼ିଛି । ମାଧିଆ ଯେଉଁ ବଳଦ କିଣିଛି ସାଧୁଆ ତାହାର ପ୍ରଶଂସା କରି ଦାମ ପଚାରୁଛି । ଶାମା କହୁଛି ଯେ କାହୁଁ ଖଜଣା ଦେବ ତାହା ତାକୁ ଦିଶୁ ନାହିଁ । ହରିଆ ରସିଦ ପାଇଁ ବ୍ରୀହି ଉଧାର ମାଗୁଛି । ଯଦୁଆ କହୁଛି ଯେ ତିନି ଗୁରି ଅଣା ସୁଧ ଦେଉ ପଛକେ ବେବର୍ଣ୍ଣି ଟଙ୍କା ଦେଉଛି ବୋଲି ଇଜତମହତ ରହୁଛି । ମଧୁ କହୁଛି ଗତବେଳେ ତ ଯେ ଚାରି ପାଆକୁ ସେରେ ବୋଲି ବିକୁଛି ତାହା ତାକୁ କିପରି ସହିବ ? ଏହା ଶୁଣି ବଳିଆ କହୁଛି ସେ ରଜାଘର ଚାଉଳ । ତହିଁରେ ସୁନା ଲାଗିଛି । ସସ୍ତା ହେଉକି ମହର୍ଘ ହେଉ ରଜାଘର ଚାଉଳ ନ କିଣିଲେ ନ ଚଳେ ।

ଏହିପରି କଥାବାର୍ତ୍ତା ହୋଇ ସଭିଏ ବେଢ଼ା ଭିତରକୁ ଯାଉଛନ୍ତି । କେବେ କେବେ ଜଣେ ଅଧେ ଫେରୁଛନ୍ତି । ଆପଣା ଆପଣା କଥାରେ ଏପାଖ ସେପାଖ ନୋହିବାଯାଏ ଲୋକେ ଠାକୁରଙ୍କୁ ଧରି ପଡ଼ିଲା ପରି ବୋଧ ହେଉଅଛି । ଏମାନେ ଯେ ମୂଳିଆ ପାନିଆଙ୍କ ପରି କେବଳ ଗରିବ ଲୋକେ ତାହା ନୁହେଁ । ଏଥିରେ ଦଳେଇ, ଦଳବେହେରା, ନାୟକ, ଗଡ଼ନାୟକ, ସରଦାର, ତହସିଲଦାର ପ୍ରଭୃତି ସବୁ ପ୍ରକାର ଲୋକେ ଅଛନ୍ତି । କ୍ରମେ କ୍ରମେ କରଣ, ନଅର କରଣ, ପାଞ୍ଜିଆ, ସଭାପଣ୍ଡିତ, ପାଠଯୋଷୀ, ବ୍ରହ୍ମା, ରାୟଗୁରୁ ପ୍ରଭୃତି ଆସି ମିଶୁଛନ୍ତି । ଏହିପରି ଆସୁ ଆସୁ ରାଜ୍ୟର ବେବର୍ତ୍ତା ମଧ୍ୟ ଦେଖାଦେଲେ । ରାଜାଙ୍କର ଏ ଚଳନ୍ତା ପ୍ରତିମା । ଏହାଙ୍କର ବାଦ୍ୟମାନରେ ଆଉମାନେ ଚନ୍ଦ୍ରମଣ୍ଡଳ ନିକଟରେ ଖଦ୍ୟୋତ । ଏହାଙ୍କୁ ଛାଡ଼ି ଆଖି ଆଉ ଆଡ଼େ ଯାଇ ନ ପାରେ । ଅଧିକ କି ସ୍ୱୟଂ ପ୍ରକୃତି ଦେବୀଙ୍କ ସୁଦୃଷ୍ଟି ଏହାଙ୍କୁ ଏଡ଼ି ପାରିନାହିଁ । ଦେଖିବାକୁ ସୁଦୀର୍ଘ, ସବଳ, ସୁନ୍ଦର ପୁରୁଷ । ଅଙ୍ଗସୌଷ୍ଠବ ଦେଖିଲେ ପୌଢ଼ ବୟସ ବଳେ ବଳେ ପଶିଲା ପରି ବୋଧହୁଏ । ସୁପ୍ରଶସ୍ତ ଲଲାଟ, ଉନ୍ନତ ନାସିକା, ବୃଷ ସ୍କନ୍ଧ, ବିଶାଳବକ୍ଷ, ଆଜାନୁଲମ୍ବିତ ଭୁଜ ପ୍ରଭୃତି ଦେଖି ଶତ୍ରୁ ନ ଶଙ୍କି ରହି ନପାରେ । ବାହାରୁ ଦେଖିଲେ ହୃଦୟ ଗଙ୍ଗାରୁ ଗଭୀର ପରି ସ୍ପଷ୍ଟ ଜଣାଯାଏ । ତହିଁରେ ପୁଣି ଚଉପାଶରେ ଗୁଠିଆ ଡାକୁଆ ପ୍ରଭୃତି ଢେନ ବେବର୍ତ୍ତା ଯୂଥପତି ପରି ଝୁଲି ଧରି ଧୀରେ ଧୀରେ ଚାଲୁଛନ୍ତି । ବେବର୍ତ୍ତାଙ୍କ ନାମ ଶୁଣିଲେ, ବାଟଛାଡ଼ି ଲୋକେ ଅଲଗା ହୁଅନ୍ତି । ନିକଟେ ତାଙ୍କୁ ଦେଖି ପାଞ୍ଚ ହାତ ଧୂଞ୍ଚି ଯାଇ ଏବେ ଲମ୍ବ ଲମ୍ବ ହୋଇ ପଡ଼ି ଜୁହାର ହେଉଛନ୍ତି । ତଥାପି ପାଖ ଲୋକେ ଦୂର ଦୂର କରିବାକୁ ଛାଡ଼ୁ ନାହାନ୍ତି । ଦୁଇ ଚାରିପଦ ଗାଳି ମଧ୍ୟ ଦେଉଛନ୍ତି

କେବେ କେବେ କାହାର କାହାରିକୁ ପାହାରେ ଦୁଇ ପାହାରେ ହୋଇଯାଉଛି । ପାଖ ଲୋକଙ୍କର ପାଟି ହାତ ସୁଖପାଇଁ କି ଅନ୍ୟ କାହିଁ ପାଇଁ ଏ ସବୁ ହେଉଛି: ତାହା ସେମାନେ କିମ୍ବା ବେବର୍ତ୍ତି ଜାଣନ୍ତି । ଏ ଭଲ କି ମନ୍ଦ ସେହିମାନେ ବୁଝନ୍ତି । ସେ ଯାହାହେଉ ବେବର୍ତ୍ତି ଯେ ପ୍ରଶାନ୍ତ, ସୁଧୀର ଏହା କେହି ମନା କରି ନ ପାରେ । ଦୂର ଦୂର କରି ପାଖେ ନ ପୂରାଇ ଦେବାକୁ ଯାହାଙ୍କର ପାଖ ଲୋକେ ଥାନ୍ତି ତାଙ୍କର ସେପରି ଗୁଣ ସବୁ ଆଖିଦୁରୁଗିଆ ।

ରମା ଶାମାଙ୍କ ପରି ଅଦାନା ଲୋକଙ୍କ ଉପରେ କାହାର ଆଖି ପଡ଼େ ନାହିଁ । କିନ୍ତୁ ବେବର୍ତ୍ତି ଆପଣା ପଦମର୍ଯ୍ୟାଦା ପ୍ରତି ଦୃଷ୍ଟି ରଖି ଧୀରେ ଧୀରେ ଯାଇ ଗରୁଡ଼ଖମ୍ବଠାରେ ସାଷ୍ଟାଙ୍ଗ ପ୍ରଣାମ କରି ମୁକ୍ତିଶିଆଳୀ ଦୁଆରେ ଠିଆ ହେଲେ । ତିନଠାକୁରଙ୍କର ତିନି ପଣ୍ଡାଏ ରୂପା ଥାଳିଆରେ ତୁଳସୀ ଆଉ ଧଣ୍ଡା ଏବଂ ତିନିଗୋଟି ରୂପା ଝରିରେ ପାଣି ଘେନି ଉପସ୍ଥିତ ହେଲେ । ପାଦୋଦକ ଦେଇ ବେବର୍ତ୍ତିଙ୍କ ଗଳାରେ ତିନିଧଣ୍ଡା ଲମ୍ବାଇ ଦେଲେ । ଏଣେ ଆଉ ଦୁଇଜଣ ବ୍ରାହ୍ମଣେ ପିତଳ ଥାଳିଆ ଓ ଗଡ଼ୁ ଘେନି ବ୍ରହ୍ମା ରାଯ୍ଗୁରୁ ସ୍ତମ୍ଭ ପଟ୍ଟନାୟକ, ସ୍ତମ୍ଭକରଣ, ନଅର ବଡଶାଇ ପ୍ରଭୃତିଙ୍କି ଜଳ ତୁଳସୀ ଦେବାକୁ ଲାଗିଲେ । କାର୍ଯ୍ୟର ସୁବିଧା ପାଇଁ ଯେ ଏପରି କରାଗଲା କିମ୍ବା ଧଣ୍ଡା ଅଭାବରୁ ଯେ ଆଉ କେହି ଧଣ୍ଡା ନ ପାଇଲେ ତାହା ନୁହେଁ । ରଜାଙ୍କ ବ୍ୟତୀତ ବେବର୍ତ୍ତିଙ୍କ ପରି ଆଉ କେହି ଜଳ ତୁଳସୀ ବା ଧଣ୍ଡା ପାଇବା ବିଧି ନୁହେଁ । ଏକ ପକ୍ଷରେ ବେବର୍ତ୍ତିଙ୍କ ବାପ ଅଜା କି ଥିଲେ ଓ ସେ ନିଜେ କିପରି ଅବସ୍ଥାରୁ ଉଠି ଠାକୁରମାନଙ୍କର ଏପରି ଅନୁଗ୍ରହର ପାତ୍ର ହୋଇ- ଅଛନ୍ତି, ତାହା ସବୁ ଭାବି ଦେଖିଲେ ଯାହା ହେଲା ତାହା ଦ୍ୱାରା ଗୁଣର ଘୋଷଣା ହେଉଅଛି ।

ଅପର ପକ୍ଷରେ ସବୁ ମନୁଷ୍ୟ ସମାନ । ବେବର୍ତ୍ତାଙ୍କ ସଙ୍ଗେ ଆଉମାନଙ୍କର ଯେ ପ୍ରଭେଦ ଦେଖାଇ ଦିଆଗଲା ତାହା ଅନୁଚିତ ନ ହେଲେବି ବାଞ୍ଛନୀୟ ହୋଇ ନପାରେ । କିନ୍ତୁ ଏପରି କାଳେ କାଳେ 'ଚଳି' ଆସୁଛି । ଏହା ପଦେ ଦୁଇପଦ କଥାରେ ଭାଙ୍ଗିବାର ନୁହେଁ । ପ୍ରଚଳିତ ପ୍ରଥା ଅନୁସାରେ ରାଜ୍ୟଲୋକଙ୍କର ସମ୍ମୁଖରେ ବେବର୍ତ୍ତାଙ୍କ ବଡ଼ପଣିଆ ଘୋଷଣା କରିଦିଆଗଲା । ସେ ତହିଁରେ କିଛି ପାଟି ଫିଟାଇଲେ ନାହିଁ ସତ; କିନ୍ତୁ ଗରୁଡ଼ ଖମ୍ବ ନିକଟରେ ତାଙ୍କ ପାଇଁ କୌଣସି ଆସନ ଲୋଡ଼ା ହେଲା ନାହିଁ । ଅନ୍ୟମାନଙ୍କ ପରି ସେ ଭୂଇଁରେ ବସିଲେ । ପୁଣି ଆଉମାନଙ୍କ ମଧ୍ୟରୁ କେ କେଉଁଠାରେ ବସିବ ତାହାବି ନିର୍ଦ୍ଦେଶ କରିଦେଲେ ନାହିଁ । "ଆରେ ସଖୀ ଆପଣା ମହତ ଆପେ ରଖ" କଥା ଅନୁସରି ବ୍ରହ୍ମା ରାଜଗୁରୁ ପାଣ୍ଡିଆ ପ୍ରଭୃତି ଆପଣା ଆପଣା ସ୍ଥାନ ଖୋଜି ନେଲେ ।

ଏଠାରେ ଚୌକି କିମ୍ବା ବେଞ୍ଚ ନାହିଁ, କିମ୍ବା କାହାରି ତାହା ଲୋଡ଼ା ନାହିଁ । ମାଟିରେ କେହି କେହି ପଗୁଡ଼େ ତଳପା ଲୁଗାଇ ଆଣ୍ଠୁ ମାଡ଼ି, କେହି କେହି ଚେକା ପକାଇ, କେହି କେହି ବା ଆଣ୍ଠୁ କୁଣ୍ଢାଇ ବସିଗଲେ । କିନ୍ତୁ ଆପେ ଆପେ ବ୍ରାହ୍ମଣ, କରଣ, ମହାନାୟକ, ଗଡ଼ନାୟକ, ଦଳେଇ, ପଧାନ, ସରଦାର ପ୍ରଭୃତି ବେବର୍ତ୍ତାଙ୍କ ନିକଟକୁ ଓ ଚଷା, ଗଣ୍ଡ, ଭୂଇଁଆ ପ୍ରଭୃତି ତାଙ୍କଠାରୁ ଦୂରେଇ ରହିଲେ । କେତେ ଲୋକେ ଠିଆ ହୋଇ ରହିଲେ । ଆପଣା ୨ କଥା ବୁଝି ଆପଣା ସ୍ଥାନ ନେଲେ । କେହି କାହାରି ସ୍ଥାନ ପାଇଁ କଳି କରିବାକୁ ନାହିଁ କିମ୍ବା କେହି କାହାରିକି ତଆରିବାକୁ ନାହିଁ ।

ସ୍ତ୍ରୀ ଲୋକେ ଏକଦଳ ହୋଇ କିଛିଦୂରରେ ଠିଆ ହୋଇ ରହିଲେ । ସ୍ଥାନାଭାବରୁ ଯେ ଏପରି ହେଲା ତାହା ନୁହେଁ । ସେମାନେ ଜାଣନ୍ତି ଯେ ସଭାରେ ବସି ସଭାଜନ ହେବା ତାଙ୍କର ନୁହେଁ । କିନ୍ତୁ ଏପରି ଭାବରେ ରହି ସେମାନେ ସଭା ଦେଖିଥାନ୍ତି, ଆଉ ସଭା କଥା ଶୁଣିଥାନ୍ତି । ଏହିପରି ସଭା ପୂର୍ଣ୍ଣ ହେଲାରୁ ଚନ୍ଦ୍ର ଗଡ଼ନାୟକ କହିଲେ—

"ସାନ୍ତେ ! ଲଢ଼ାଇ କେବେ ହେବ ?"

ମଦନ—"ଯେଉଁଥି ପାଇଁ ଆସିଥାଇଁ ସେ କଥା କୁଆଡ଼େ ଗଲା । ଆଗେ ଲଢ଼େଇ କଥା !"

ଯଦୁ—"ମ, ଆମ କାଣ୍ଡ ବାଉଁଶ ଘୁଣ ଖାଉଛି । ଖଣ୍ଡାରେ କଳଙ୍କି ଲାଗୁଛି, ଲଢ଼େଇ କଥା ଆଗେ ନୁହେଁତ ଆଉ କେଉଁ କଥା ?"

ହରି—"ବସି ବସି ଜାଗିର ଖାଇ ୨ ପେଟ ପୁରୁ ନାହିଁ କି ଧନ ସରୁ ନାହିଁ ! ଲଢ଼େଇ ନୋହିଲେ ହେଉଛି ?"

ଚମ୍ପଟ ସିଂହ—"ହଁ ହଁ ଚଷା କି ଜାଣେ କପୂରର ଗୁଣ, ସୁଙ୍ଘି ସୁଙ୍ଘି ବୋଲେ ସଇନ୍ଧବ ଲୁଣ ।"

ମଦନ—"ପର ହାଣିଲା କୋଡ଼ ବାଆ ପିଇଲା ପରି ଲାଗୁଛି । ଆମ୍ଭେ ଡାଲି ଚାଉଳ ଯୋଗାଇ ୨ ବେଠି କରି ୨ ମରିବୁଁ । ତୁମ୍ଭେ ତ କାଣ୍ଡ ପଟେ ମାରି, ଖଣ୍ଡା ପଟେ ହଲେଇ ଦେଲେ ବାଜା ବଜେଇ ଝପଟ ସିଂହ, ଚମ୍ପଟ ସିଂହ, ରଣବାଜ ସିଂହ ଶାଢ଼ୀ ବାନ୍ଧି ଗୁଡ଼ ଫୁଲେଇଫୁଲେଇକା ଯିବ । ଏଥିରେ ତୁମ୍ଭେ ଲଢ଼େଇ ନ ଖୋଜିବ କାହିଁକି ?"

ବ୍ରହ୍ମା—"ଆହେ ଗଡ଼ନାୟକେ ! ଲଢ଼େଇ କଥା ଯାହା ହେବାର ତାହା ରାଜ ଦରବାରରେ ହେବ । ସେ କଥା ଏଠି ନେଇ ବସିଲେ କଅଣ ହେବ ? ସେଉଁଥିପାଇଁ ସେଥିରେ କଏ କଣ କହୁଛ କୁହ !"

ବ୍ରହ୍ମାଙ୍କ କଥା ଶୁଣି ସମସ୍ତେ ନୀରବ । କିଛିକ୍ଷଣ କାହାର ତୁଣ୍ଡ ହଲିଲା ନାହିଁ । ତାହା ହେବାର କଥା ନୁହେଁ । ଏହା ପୁରୁଣା-କାଳିଆ ଗାଉଁଲି ସଭା ପରି । ଏଠାରେ ସଭାପତି, ସମ୍ପାଦକ, ସମ୍ପାଦିକା, ପ୍ରସ୍ତାବକାରୀ, ପ୍ରସ୍ତାବକାରିଣୀ ପ୍ରଭୃତି ନାହାନ୍ତି । ପ୍ରସ୍ତାବମାନ ପୂର୍ବରୁ ଲେଖାପଢ଼ି ହୋଇ ଆସି ନାହିଁ । ପ୍ରସ୍ତାବମାନ ଅନୁମୋଦନ ସମର୍ଥନ କରିବାକୁ ଲୋକ ନିର୍ବାଚିତ ହୋଇ ନାହାନ୍ତି । ବକ୍ତୃତାମାନ, ଉଦ୍‌ବୋଧନ, ସମ୍ବୋଧନ ପ୍ରଭୃତି ହେବାର ନାହିଁ । ଭାବଭଙ୍ଗୀ ପ୍ରଦର୍ଶନ, ହସ୍ତପଦ ସଞ୍ଚାଳନ, ଲମ୍ବା ବାକ୍‌ଜାଲ ପ୍ରସାରଣ, ତର୍ଜନ, ଗର୍ଜନ, ତାଡ଼ନା, ଲାଞ୍ଛନା, ଉତ୍ତେଜନା, ବଞ୍ଚନା, ରଚନା ପ୍ରଭୃତି ନାହିଁ । ଅଭିଧାନ, ଅଳଙ୍କାର, ଛାଟକ, ବଚନପିଯୂଷର ଚଟକ ଦେଖାଇବାକୁ କେହି ଆସି ନାହିଁ । କଥାରେ ଭୁଲ ଅନୁତାପର ଆଶଙ୍କା ନାହିଁ । "ପଞ୍ଚମୁଖେ ହରି" କଥା ଅନୁସରି ଆପଣା ୨ ମନ କଥା ପ୍ରକାଶ କରିବାକୁ ପଣ୍ଡିତ ମୂର୍ଖ ଏକତ୍ରିତ ହୋଇଛନ୍ତି, ଅଥଚ ସମସ୍ତେ ନୀରବ ।

କିନ୍ତୁ ଏହା ଅଧିକ କ୍ଷଣ ରହି ପାରିଲା ନାହିଁ । କିଛିକ୍ଷଣ ଉତ୍ତାରୁ ଲୋକେ ଫୁସ୍‌ଫାସ୍ ହେବାକୁ ଆରମ୍ଭ କଲେ । ଏହିପରି ମଧ୍ୟ କିଛିକ୍ଷଣ ଗଲା । ଅଥଚ ବିଲେଇ ବେକରେ ଘଣ୍ଟି ବାନ୍ଧିବାକୁ କେହି ଆଗୋଉ ନାହାନ୍ତି ।

ଏଥି ମଧ୍ୟରେ ସ୍ତ୍ରୀଲୋକମାନଙ୍କ ମଧ୍ୟରୁ ଜଣେ ଡାକି କହିଲା, "ଟିପ ଟିପ, ହଳଆ ଟିପ, ସେ ଟିପ ଯାଇ ନାହିଁ, ପାଟକନାରେ ବନ୍ଧା ହୋଇ ରହିଛି ।" ଏ କଥା କଏ କହିଲା, କାହିଁକି କହିଲା,

ଏହା ସତ କି ମିଛ, ତହିଁକି କେହି ମନ ଦେଲେ ନାହିଁ ।—ଏଣେ ସଭା ଲୋକଙ୍କୁ ସମ୍ବୋଧନ କରି ପାଞ୍ଜିଆ କହିଲେ, "ବେଳ ଯାଉଛି କେହି କିଛି କହୁନା, ଖାଲି ଫୁସ୍‌ଫୁସ୍ ହେଉଛ ।" ଏହା ଶୁଣି ଅଶୀ ବର୍ଷିଆ ବୁଢ଼ା ଯୋଗୀ ସରଦାର କହିଲା, "ଆଜ୍ଞା, କଥାଟା ସଭିଏଁ ଜାଣନ୍ତି । ତାହା ଘେନି ଫୁସ୍‌ଫୁସ୍ ହେଉଛନ୍ତି । କେହି ପଦାକୁ ବାହାରୁ ନାହାନ୍ତି । ଆପଣ ଥରେ ତାହା ସଭାରେ ପକାଇ ଦେଉନ୍ତୁ ଯେ ସବୁ ଭାଙ୍ଗିଯିବ ।" ଏଥିରେ ପାଞ୍ଜିଆ କହିଲା, "ନଅର ବଶୋଇଙ୍କ ଭଉଣୀ ସଙ୍ଗେ ବେବର୍ତ୍ତାଙ୍କ ପୁଅର ବିଭା କରିବାକୁ ବେବର୍ତ୍ତାଙ୍କ ଭାରି ଇଚ୍ଛା, ଏଥିରେ ନଅର ବଶୋଇଙ୍କ ବଡ଼ ଭାଇ ରାଜି ହେଲେଣି; କିନ୍ତୁ ରାଜ୍ୟ ଲୋକେ ନିନ୍ଦା କରିବେ ବୋଲି କହି ସେ ବା ତାଙ୍କ ମା ରାଜି ହେଉ ନାହାନ୍ତି । ଏବେ ନଅର ବଶୋଇ ବସିଛନ୍ତି, ବେବର୍ତ୍ତା ବସିଛନ୍ତି, ରାଜ୍ୟଲୋକ ବି କହୁଛନ୍ତି ସେ ଦୁହିଁଙ୍କ ମୁହଁ ଉପରେ କହନ୍ତୁ ।"

ଏହା ଶୁଣି ଯୋଗୀ ସରଦାର ପଚାରିଲେ, "ମହାରାଜା କି କହୁଛନ୍ତି ଆଉ ବ୍ରହ୍ମା କଣ ପାଠ ଦେଉଛନ୍ତି ?" ଏଥିକି ରାଜଗୁରୁ କହିଲେ କଥାରେ ଅଛି, "ରାଜାନୁଗତୋଧର୍ମ" ପୁଣି ବ୍ରହ୍ମା ବାଳବଳେଇଲେ ବେଦ । ସେହି ଦୁହିଁଙ୍କ କଥା ଛାଡ଼ି ତୁମ କଥା ବୋଲ । ତାହା ଜଣାଗଲାରୁ ବ୍ରହ୍ମା ଶାସ୍ତ୍ରରୁ ବ୍ୟବସ୍ଥା ଦେବେ । ମହାରାଜା ଯାହା କରିବାର ତାହା କରିବେ ।

ରାଜଗୁରୁଙ୍କ କଥା ନ ସରୁଣୁ ସ୍ତ୍ରୀଲୋକଙ୍କ ମଧ୍ୟରୁ ଜୀର୍ଣ୍ଣଶୀର୍ଣ୍ଣ ଧୂଳିଧୂସରିତବସ୍ତ୍ରାବୃତା ଅବଗୁଣ୍ଠନବତୀ ଜଣେ ସ୍ତ୍ରୀ ଲୋକ ବାହାରି ଆସି କହିଲା, "ଗୋସାଇଁମାନେ ! ମୁଁ ଯାହା କହିଲି ତାହା କେହି ଘେନା କଲ ନାହିଁ । ତେବେବି ପୁଣି କହୁଛି ତଳେ ବସୁମାତା; ଉପରେ

ଧର୍ମ ଦେବତା, ପଞ୍ଚମୁଖେ ହରି, ଏହି ସବୁ କଥା ମନେରଖେ ଠିକ ଠିକ ନିସାପ କରିବା ହେବେ ।” ଏହା ଶୁଣି ଯୋଗୀ ସରଦାର ପଚ୍ଛରିଲା “ତୋ କଥା କଅଣ” ?

ସ୍ତ୍ରୀ—“ସେହି ଟିପ, ହଳଆଟିପ ।”

ଯୋଗୀ—“ଖାଲି ଟିପ ଟିପ ହେଲେ କଅଣ ହେବ ? କଥାଟା କଅଣ ସବୁ କହ ।”

ସ୍ତ୍ରୀ—ଗୋସାଇଁମାନେ ! ନଅର ବିଶୋଇଙ୍କ ଗୋସଁବାପଙ୍କୁ ହଳଆ ଟିପ ଲେଖିଦେଇ ବେବର୍ତ୍ତାଙ୍କ ଗୋସବାପ ହଳଆ ହୋଇ ରହିଥିଲେ । ବେବର୍ତ୍ତାଙ୍କ ବାପେ ତାଙ୍କ ଘରର ଖମାରି ଥିଲେ । ଘର ପୋଡ଼ରେ ସବୁ ପୋଡ଼ିଗଲା । କିନ୍ତୁ ସେ ଟିପକୁ ପାଟକନାରେ ବାନ୍ଧି ନଅର ବିଶୋଇଙ୍କ ମାଆ ରଖିଛନ୍ତି । ମୁଁ ଏତକ କହିଲି, ଆଉ ସବୁ କଥା ଠାକୁରେ ଜାଣନ୍ତି । “ତଳେ ବସୁମାତା ଉପରେ ଧର୍ମଦେବତା”, “ପଞ୍ଚମୁଖେ ହରି” ଏତକ କହି ସ୍ତ୍ରୀ ଲୋକଟି ଶୀଘ୍ର ଯାଇ ଅନ୍ୟମାନଙ୍କ ସଙ୍ଗେ ମିଶିଗଲା ।

ସ୍ତ୍ରୀ ଲୋକର ଉକ୍ତି ବିଷମସମସ୍ୟା ଉପସ୍ଥିତ କଲା । ସମ୍ମୁଖରେ ଦିଶୁଥିବା ରାଜା ପ୍ରବଳ ପ୍ରତାପୀ ବେବର୍ତ୍ତା । ତାଙ୍କ ପୂର୍ବ ପୁରୁଷ ଯେ ମୂଳଆମୁଣ୍ଡ ଥିଲେ ତାହା ଜଣାଶୁଣା । ପୁଣି ବୁଦ୍ଧିବିଦ୍ୟା କଳକୌଶଳରେ ସେ ଯେ ନଅରବିଶୋଇଙ୍କ ଘରୁ ବେବର୍ତ୍ତା-ପଣ କାଢ଼ି ନେଇଛନ୍ତି ତାହା କାଲି କଥା । ଜାତିରେ ସେ ଖଣ୍ଡାୟିତ । ନଅରବିଶୋଇ କରଣ । ତାଙ୍କର ଘର କେତେ ପୁରୁଷର ଓ କେଉଁକାଳୁ ତାଙ୍କ ଘରୁ ବେବର୍ତ୍ତା ହୋଇ ଆସୁଥିଲେ

ତାହା ଅଳ୍ପ ଲୋକେ ଜାଣନ୍ତି । ଉଠିବା ପଡିବା ବଢ଼ିବା ଛୁଡ଼ିବା ଦିନ ରାତି ପରି ଲାଗି ରହିଛି । କେହି ଆପଣା ବାହୁବଳରେ ରାଜ୍ୟ ସ୍ଥାପନ କରି ସ୍ୱନାମ ଧନ୍ୟ ପୁରୁଷ ବୋଲାଉଛି । କେହିବା ବଡ଼ପଣିଆ ଦେଖାଇବା ପାଇଁ ଚନ୍ଦ୍ରସୂର୍ଯ୍ୟବଂଶୀୟ ବୋଲି ପରିଚୟ ଦେଉଛି । ତଳରୁ ତାଳ ହେଲାରୁ ନଅର ବଶୋଇଙ୍କ ଘରେ ସମ୍ବନ୍ଧ ପାଇଁ ବେବର୍ତ୍ତା ଲାଳାୟିତ ଓ ଚେଷ୍ଟିତ ବୋଲି କାହାରିକି ଅଜଣା ନାହିଁ ।

ଏଣେ ପୁଣି କଥା ରହିଛି ଯେ କାଇଞ୍ଚ ମାଟିରେ ପଡ଼ିଲେ ତାହାର ଜ୍ୟୋତି ବୁଡ଼େ ନାହିଁ । ଦୁଃଖରେ ଥିଲେ ବି ନଅର ବଶୋଇଙ୍କି ତାଙ୍କ ମାଆ ଆଈ ପ୍ରଭୃତି ପୁରୁଣା ଘରକଥାର ଟାଣ ଛାଡ଼ିବାକୁ ନାହାନ୍ତି ।

ଏହି ପେନ ରାଜ୍ୟ ଲୋକଙ୍କର ସଭା । ନେପୋଲିଅନ ବୋନା ପାର୍ଟଙ୍କ କଥା ଜାଣିଥିଲେ ଶୁଣିଥିଲେ ସଭାଲୋକେ କି କହିଥାନ୍ତେ ବା କରିଥାନ୍ତେ ବୋଲି ଯାଇ ନ ପାରେ । କିନ୍ତୁ ସ୍ତ୍ରୀ ଲୋକର କଥା ଶୁଣି ସଭା ନିରବ ନିସ୍ତବ୍ଧ, କାହାରି ତୁଣ୍ଡ ହାଲିବାକୁ ନାହିଁ । କାହାରି ମନ କଥା କିଛି ଜଣା ପଡ଼ୁନାହିଁ । ସମସ୍ତେ କିଂକର୍ତ୍ତବ୍ୟବିମୂଢ଼ ପରି । ଏହିପରି କିଛିକ୍ଷଣ ଗଲାରୁ ପାଞ୍ଜିଆ କହିଲା "ବେଳ ଯାଉଛି, ସମସ୍ତେ ତୁନିହୋଇ ମୁନିପରି ବସିଲ ଯେ ।" ବୁଢ଼ା ଯୋଗୀ ସରଦାର ମଧ୍ୟ ସତ ସତ ବୋଲି କହିଲା । ଏଥିରେ ସଭାର ପାଟି ଫିଟିଗଲା । କେହି କହିଲା "କରଣ ମହାଲାୟକଙ୍କ ମଧରେ ଝିଅ ପୁଅ ଦେବା ନେବା ଚାଲୁଛି । କେହି କହିଲା ପଇସା ଲୋଭରେ କେଉଁଠି କେଉଁଠି ସେପରି ହେଉଛି । ସେ କିଛି କଥା ନୁହେଁ । ତାହା ହେଉଥିଲେ ଦୁଇଟା ଜାତି କାହିଁକି ?" କେହି କହିଲା " ଚଷା ବଢ଼ି ବଢ଼ି

ମାହାନ୍ତ, ମାହାନ୍ତ ଛୁଡ଼ ଛୁଡ଼ ଚଷା ।” କେହି କହିଲା “ଯେ ଝିଅ ଦିଏ ସେ ଲଘୁ । ବେବର୍ତ୍ତାଙ୍କ ଘରକୁ ଝିଅ ଦେଇ କରଣ ଲଘୁ ବୋଲି ଦେଖାଇବେ କାହିଁକି ?” କେହି କହିଲା “ଜନ୍ଦା ଧାଡ଼ିରେ ଜନ୍ଦା ଯାଉଛି । ପିମ୍ପୁଡ଼ି ଧାଡ଼ିରେ ପିମ୍ପୁଡ଼ି ଯାଉଛି । ସାନ ବଡ଼ ବୋଲି ଦେଖାଇ ଦେବାକୁ କେହି କାହା ଧାଡ଼ି ଛାଡ଼ୁ ନାହିଁ । କେହି କହିଲା ଗଧ ଘୋଡ଼ା ମିଶିକରି ଯେ ଛୁଆ ହେଉଛି ସେ ଖଚର ବୋଲାଉଛି, ଗଧ ବୋଲାଉ ନାହିଁ କି ଘୋଡ଼ା ବୋଲାଉ ନାହିଁ ।” କେହି କହିଲା “ଗଧ ଘୋଡ଼ାଙ୍କ କଥା ଭିନେ, କରଣ ମହାନାୟକଙ୍କ କଥା ଭିନେ ।”

ଏହିପରି ନାନା ଲୋକେ ନାନା କଥା କହିଲେ । ନାନା ସ୍ରୋତ ପ୍ରବାହିତ ହେବାକୁ ଗଲା । ସମସ୍ତେ ଗୋଟାକରେ ଭାସିଯିବେ କି ନାହିଁ ଜଣାଗଲା ନାହିଁ । ପୂର୍ବରୁ ନିର୍ଦ୍ଧାରଣମାନ ଠିକ୍ କରି ପ୍ରସ୍ତାବକ ବକ୍ତା ପ୍ରଭୃତି ସ୍ଥିର କରିଥିଲେ ଏପରି ହୋଇଥାନ୍ତା କି ନାହିଁ ବୋଲିଯାଇ ନ ପାରେ । କିନ୍ତୁ ଇଦୃଶ ଗାଁଉଲି ସଭାରେ ତାହା ହୋଇ ନ ଥାଏ । ଏହା ଭଲ କି ମନ୍ଦ ଉଭୟ ପ୍ରକାର ସଭାର ଲୋକେ ଜାଣନ୍ତି । ଉପସ୍ଥିତ ସଭାରେ କି ହେବ, ସମୁଦ୍ର ମନ୍ଥନରୁ କି ବାହାରିବ, ତାହାର ଆଭାସ ମିଳିବା ପୂର୍ବେ ଯେଉଁ ଗଛତଳେ ସଭା ବସିଥିଲା ତହିଁରୁ କିସ ବେବର୍ତ୍ତାଙ୍କ ଆଗରେ ନିଥ କରି ପଡ଼ିଲା । ବେବର୍ତ୍ତା ଓ ତାଙ୍କ ସନ୍ନିକଟସ୍ଥ ଲୋକେ ଚମକି ପଡ଼ି ଉଠି ପଛକୁ ଘୁଞ୍ଚିଗଲେ । କେତେ ଜଣ “ମାର” “ମାର” ବୋଲି କହି ଉଠିଲେ । “ଏ କି ହେଲା” “ଏ କି ହେଲା” ବୋଲି କେହି କେହି ବୋଇଲେ । ଦେବକୁଠ ହେଲା ବୋଲି କେହି କେହି ବା କହିଲେ । ଏଥି ମଧ୍ୟରେ ସଭାସ୍ଥ ଲୋକେ ଉଠି ଠିଆହୋଇ ପତିତବସ୍ତୁ ଦେଖିବାକୁ ଓ ଜାଣିବାକୁ ବ୍ୟଗ୍ର ଓ ବ୍ୟସ୍ତ । କେତେକ

ନଜେ ନଜେ ଦେଖିଲେ ଓ କେତେକ ଶୁଣିଲେ ଯେ ଗୋଟିଏ ଗ୍ରେଟ ଗୋଖରକୁ ଦରଗିଳା କର ଗୋଟାଏ ରଣା ପଡ଼ଛି । ପଳାଇବାକୁ ଗୋଖର ପ୍ରାଣପଣେ ଚେଷ୍ଟା କରୁଛି । ଗଛରୁ ପଡ଼ ରଣା ବ ଛଟ ଛଟ ହେଉଛି । ଅଥଚ ଗୋଖରକୁ ଗ୍ରୁଡ଼ୁ ନାହିଁ କମ୍ବା ଗ୍ରୁଡ଼ ପାରୁ ନାହିଁ । ସେ ଯାହାହେଉ ପାହାର କେତେକରେ ଦୁଇ ସାପଙ୍କର ଯନ୍ତ୍ରଣା ଶେଷ କର ସେ ଦୁହିଁଙ୍କ ସେଠାରୁ ଉଠାଇ ନଆଗଲ । ତହିଁ ଉତ୍ତାରୁ "ବସ" "ବସ" ବୋଲ ବେବର୍ତ୍ତାଙ୍କ ପାଖ ଲୋକେ ଡାକ ଦେଲେ । ତହିଁକ ଅନେକ ଲୋକେ ଏକ ବାକ୍ୟରେ ବାରମ୍ବାର କହିବା ଶୁଣାଗଲ ଯେ ଅମଙ୍ଗଳ ଦେଖାଦେଲ । ଆଜ ଏ ସଭା ବସିବାର ନୁହେଁ । ଆଉ ଦନେ ବସିପାରେ । ଏହା ଶୁଣି ବେବର୍ତ୍ତା, ରାଜ୍ୟଗୁରୁ ବ୍ରହ୍ମା କ ତାଙ୍କ ତୁଲ୍ୟ ଅନ୍ୟ କେହି କଛି କହିଲେ ନାହିଁ —। ସୁତରାଂ ଠାକୁରଙ୍କୁ ଓଳଗି ହୋଇ ବା ନ ହୋଇ ଲୋକେ ଯେଝା ବାଟ ଧଇଲେ । ଏହିପର ସଭାଭଙ୍ଗ ହେଲ ।

---

# ପଞ୍ଚମ ପରିଚ୍ଛେଦ

ଚକ୍ରପାଣିଙ୍କ ଚକ୍ର ଅଦୃଶ୍ୟ, ଅଜ୍ଞେୟ । ତାହାର ଗତି ଧର୍ମ ମର୍ମ କର୍ମ କାହାର ଆୟତ୍ତାଧୀନ ନୁହେଁ । ତାହାର ଗତିରେ ଅଯୋଧ୍ୟା ରାଜସିଂହାସନ ଆରୋହଣ କରିବାକୁ ଗଲା-ବେଳେ ବିଷ୍ଣୁ ଅଂଶୀ କୌଶଲ୍ୟାନନ୍ଦନ ବନଗାମୀ । ତାହାର ଗତିରେ କୁରୁକ୍ଷେତ୍ର ମହାରଣକ୍ଷେତ୍ର । ତାହାର ଗତିରେ ସାମାନ୍ୟ କର୍ସିକାଦ୍ୱୀପରୁ ବାହାରି ନେପୋଲିଅନ ଜଗତକୁ ଚକିତ, ସ୍ତକିତ, ଖ୍ୟାତ, ନ୍ୟସ୍ତ କରି କାରାବାସରେ ମାନବଲୀଳା ଶେଷକଲେ ।

ଏ ପ୍ରସଙ୍ଗରେ ତାଳ ସଙ୍ଗେ ତିଳ କଥାପରି ସେହି ନିୟତିଚକ୍ରର ଗତିରେ ଆଜି ଜଗଦେବ ରାଜାଙ୍କ ପ୍ରବଳ ପ୍ରତାପୀ ପୂର୍ବୋକ୍ତ ବେବର୍ତ୍ତ ତ୍ରିଲୋଚନ ମହାପାତ୍ରେ ରାଜା ହରିଚନ୍ଦନ ମର୍ଦ୍ଦରାଜଙ୍କ ସ୍ତୁଉଣିରେ ହରିକାଠରେ ପଡ଼ିଛନ୍ତି । ଯେଉଁ ବେବର୍ତ୍ତଙ୍କ ହାତ ନେଉଟିଲେ ଗୋଠା ରାଜ୍ୟ ନେଉଠୁ ଥିଲି ସେହି ବେବର୍ତ୍ତା

ଆଜ ଅନ୍ୟର ପ୍ରସାଦାକାଙ୍କ୍ଷୀ । ଯେଉଁ ଦେବବର୍ଗ କେତେ କେତେ ଚୋରଙ୍କୁ ସାଧୁ, ସାଧୁଙ୍କୁ ଚୋର, ଶ୍ରେଷ୍ଠକୁ ବଡ଼, ବଡ଼କୁ ଶ୍ରେଷ୍ଠ କରିଛନ୍ତି, ସେହି ଦେବବର୍ଗ ଆଜ ଅନ୍ୟର ନ୍ୟାୟ ଅନ୍ୟାୟ ଦୟା କ୍ଷମାର ପ୍ରତ୍ୟାଶୀ ।

ଆଜ ଅପରାହ୍ଣରେ ସେହି ଦେବବର୍ଗଙ୍କର ବିଚାର ହେବ । ତହିଁ ପାଇଁ ରାଜାଙ୍କ ତମ୍ବୁଆଡ଼କୁ ଅନେକ ଲୋକ ଯାଉଛନ୍ତି । କିନ୍ତୁ ଏଥିପୂର୍ବେ ବଡ଼ ଦେଉଳ ବେଢ଼ାଭିତରକୁ ଯିବାବେଳେ ଲୋକଙ୍କର ଯେ ହାବଭାବ ଦେଖାଯାଉଥିଲା ଆଜ ତାହା ନାହିଁ । ସେ ଧର୍ମସଭା, ଏ ରାଜସଭା । ଏଠାକୁ କେତେ ହାତୀ ଘୋଡ଼ା ସଜା ହୋଇ ଯାଉଛନ୍ତି । କେତେ ପାଇକେ କାଇମାଟି ବୋଳି ହୋଇ ମୁଣ୍ଡରେ ଝାଇଆ ଦେଇ, ବାହାରେ ନାନାରଙ୍ଗର ପକ୍ଷୀ ବାନ୍ଧି, କାଣ୍ଡବାଉଁଶ, ଢାଲ ତରବାରି ଧରି ଯାଉଛନ୍ତି । କେତେକ ଭଲ ଲୁଗାପିନ୍ଧି ପଟେ ପଟେ ଖଣ୍ଡା ବା ଗୋଟାଏ ଗୋଟାଏ ଫାର୍ସା ବା ବର୍ଚ୍ଛା ଧରିଛନ୍ତି । କେହି କୌତୂହଳାକ୍ରାନ୍ତ, କେହି ଚିନ୍ତିତ, କେହି ବା ଭୀତ । କିନ୍ତୁ ନିଜେ ଦେବବର୍ଗଙ୍କର କି ଭାବ ତାହା ଜଣାପଡ଼ୁ ନାହିଁ । ଅସ୍ତ୍ରଶସ୍ତ୍ରଧାରୀ ପାଇକେ ପହରୀ ଘରକାଠରୁ ବାହାର କରି ଶୃଙ୍ଖଳାବଦ୍ଧ କଲାବେଳେ ବି କୌଣସି ଭାବଭଙ୍ଗୀ ପ୍ରକାଶ ପାଉ ନାହିଁ । ବରଂ ବିଚାର ପାଇଁ ରାଜାଙ୍କ ସମ୍ମୁଖକୁ ନେଲାବେଳେ ତାଙ୍କ ସୁପ୍ରଶସ୍ତ ଲଲାଟ, ଉନ୍ନତନାସିକା, ଜ୍ୟୋତିଃପୂର୍ଣ୍ଣ ଉଜ୍ଜ୍ୱଳନୟନ, ଅଧରଭଙ୍ଗୀ ପ୍ରଭୃତିରୁ ଜଣାଯାଏ ଯେ ଆଗେ ଆଗେ ଯାଉଥିବା ଢାଲ ଖଣ୍ଡା ଓ ସାଙ୍ଗୁକୁ ତାଚ୍ଛଲ୍ୟ ମଣି ଏବଂ ଶାରୀରିକ କଷ୍ଟସବୁ କଷ୍ଟ ବୋଲି ନ ଗଣି ସେ ଧୀର ଗମ୍ଭୀର ଅକୁତୋଭୟଭାବରେ ଯମଦୂତମାନଙ୍କ ସମ୍ମୁଖୀନ

ହେବାକୁ ଯାଉଛନ୍ତି । କିନ୍ତୁ ତାଙ୍କର ଏ ଭାବ କାହାରି ଦୟା ମାୟା ସହାନୁଭୂତି ଅନୁକମ୍ପା ଉଦ୍ରେକ କରୁଛନା ଝରି ବୋଧ ହେଉ ନାହିଁ । ବରଂ ଜଣନ୍ତି ବାଘ ଭାଲୁ ବାନ୍ଧି ମାରି ମାରି ଶୁଲାଇଲା ବେଳେ ଯେଉଁ ଭାବ ଦେଖାଦେଉଥାଏ ସେହିପରି ଭାବ ଆପେ ଆପେ ସ୍ପଷ୍ଟ ପ୍ରକାଶ ପାଉଅଛି । ଆହା କରିବାକୁ କେହି ସାହା ନାହିଁ । ଲଙ୍କା ଦହନ ପୂର୍ବେ ଲଙ୍କେଶ୍ୱରଙ୍କର ସମ୍ମୁକୁ ଅଞ୍ଜନା ସୁତଙ୍କ ପରି ବେବର୍ତ୍ତି ମର୍ଦ୍ଦିରାଜାଙ୍କ ସମ୍ମୁକୁ ଗଲେ ଏବଂ ସେଠାରେ ପହଞ୍ଚିଲାରୁ ନତମସ୍ତକ ସୁଦ୍ଧା ହେଲେ ନାହିଁ । ନିଜର ଠେକ କି ଅନ୍ୟ କାହିଁ ପାଇଁ ବେବର୍ତ୍ତି ତାହା ନ କଲେ ତାହା ସେ ଜାଣନ୍ତି ।

ବେବର୍ତ୍ତିଙ୍କୁ ବଳି ରଜା ହରିଚନ୍ଦନମର୍ଦ୍ଦିରାଜ ରୂପବନ୍ତ ସେ ସୁପ୍ରଶସ୍ତ ଉନ୍ନତ ଲଲାଟ, ଶୁକଚଞ୍ଚୁ ଜିଣା ନାସା, ଜ୍ୟୋତିପୂର୍ଣ୍ଣ କମଳନୟନ, ପକ୍ୱବିମ୍ବାଧର ବୃଷସ୍କନ୍ଧ, ବିଶାଳବକ୍ଷ ଆଜାନୁଲମ୍ବିତଭୁଜ ଯେନି ନିଜ ବେବର୍ତ୍ତି ପ୍ରଭୃତି କର୍ମଚାରୀ ନାୟକ ପାୟକ ପାଖ ଲୋକ ପ୍ରଭୃତିଙ୍କ ଦ୍ୱାରା ଅର୍ଦ୍ଧଚନ୍ଦ୍ରାକାରରେ ବେଷ୍ଟିତ ହୋଇ ନଟା ମଧରେ ରସାଳ ବିଶାଳ ଟାଙ୍ଗୁଆ ଗଜାପରି ଠିଆ ହୋଇଛନ୍ତି । ହାତରେ କୌଣସି ଅସ୍ତ୍ରଶସ୍ତ୍ର ନାହିଁ । କିନ୍ତୁ ସମ୍ମୁଖରେ ଅମାରି ଆହୁଦା କସା ଚାହାଡ଼ ପରି ଗଣ୍ଡା ଗଣ୍ଡା ହାତି ଅନବରତ ଶୁଣ୍ଢ କାନ ହଲାଇ ଅଚଳ ମୂର୍ତ୍ତିର ସରଳତା ଦେଖାଉଅଛନ୍ତି । ପଞ୍ଚହତିଆର ବନ୍ଧା ଅଶ୍ୱାରୋହୀ ପୃଷ୍ଠରେ ଯେନି କଳା, ଧଳା, ସବଜା, ଚମ୍ପା ପ୍ରଭୃତି ନାନାରଙ୍ଗର କାଠିଆବାଡ଼ ଆଦି ଭିନ୍ନ ଭିନ୍ନ ଘାଟିର ପଣ ପଣ ଘୋଡ଼ା ବେକ ବଙ୍କାଇ କାନ ଠିଆ ଆଉ ନାକ ଫଡ଼ ଫଡ଼ କରି ଭୂଇଁରେ ଟାପୁ ମାରି ରଣମଦର ମାଦକତା

ଦେଖାଉଛନ୍ତି । ଅଥଚ ସୂତାଏ ଏଣେତେଣେ ହେଉ ନ ହାନ୍ତି । ଢାଲ ସୁପାର 'କାଣ୍ଡବାଉଁଶ ଖଣ୍ଡା ବର୍ଚ୍ଛା ପ୍ରଭୃତି ଘେନ ଅସଂଖ୍ୟ ପଦାତି ଆଗେ ଆଗେ ନାୟକ ଗଡ଼ନାୟକ ପ୍ରଭୃତିଙ୍କ କଥାକୁ କାନ ଡେରି କୁଞ୍ଚିମାପ୍ରତିମା ପରି ଦିଗନ୍ତବ୍ୟାପୀ ଠିଆ ହୋଇ ରହିଛନ୍ତି । ସମୟ ସମୟରେ ତୁରୀ ଭେରୀ ଝମକ ରଣସିଙ୍ଗା ପ୍ରଭୃତି ବାଜ ଉଠି ସବୁରି ଧମନୀରେ ଉଷ୍ଣ ରକ୍ତର ପ୍ରବାହ ଖରତର କରାଇ ଦେଉଛି, ଅଥଚ କାହାରି କାହାରିକ ଭୟ ନାହିଁ । ଖଣ୍ଡିଏ ପ୍ରେମସୂତ୍ର ସବୁରି ମନପ୍ରାଣ ଆବଦ୍ଧ କରି ରଜାଙ୍କ କରକମଳସ୍ଥ ସମସ୍ତେ ଗୋଟିଏ କାଷ୍ଠପିତୁଳୀ ପରି ହୋଇ ସୁଶିକ୍ଷା ଦୀକ୍ଷାର ଜୀବନ୍ତ ଚିତ୍ରପଟ ଦେଖାଉଛନ୍ତି । ଆଉ ରାଜା ବିଷ୍ଣୁ ଅଂଶୀ ବୋଲି ଯେ ବଚନ ଅଛି ତାହା ପ୍ରତିପନ୍ନ କରାଉ ଅଛନ୍ତି ।

ଏଣେ ରାଜା ଆଜି ରଣବିଜୟୀ । ପ୍ରବଳପରାକ୍ରମୀ ବେବର୍ତ୍ତ ତ୍ରିଲୋଚନ ମହାପାତ୍ରେ ଶୃଙ୍ଖଳାବଦ୍ଧ ହୋଇ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ । ଯୂଥପତି ଗଜରାଜ ବନ୍ଧନ ହେଲାରୁ ଖେଦାକାରିଙ୍କର ଯେ ମନୋଭାବ, ଆଜି ହରିଚନ୍ଦନମର୍ଦ୍ଦରାଜ ରାଜାଙ୍କର ମନରେ ସେହି ଭାବ । ବେବର୍ତ୍ତ ସମ୍ମୁଖରେ ଦଣ୍ଡାୟମାନ ହେଲାରୁ ତାଙ୍କୁ ରାଜା ପଚାରିଲେ:—

"ଏ ସାଞ୍ଜୁ ଖଣ୍ଡା କାହିଁ ଥିଲା ?"

ବେବର୍ତ୍ତା—"ଧରା ହେଲାବେଳେ ଏ ସବୁ ଘେନ ଆମ୍ଭେ ଯୁଦ୍ଧ କରୁଥିଲୁଁ ।"

ରା—"ଏ ସବୁ ତୁମ୍ଭେ କାହୁଁ ପାଇଲ ?"

ବେ—"ଆମ୍ଭ ମହାରାଜାଙ୍କ ଠାରୁ ।"

ରା—"ତୁମ୍ଭେ ନେଲାବେଳେ ଏ ନୂଆ କି ପୁରୁଣା ଥିଲା ?"

ବେ—"ଏ ସବୁ ଆମ୍ଭ ମହାରାଜଙ୍କ ଗୋସାଁବାପଙ୍କର ଥିଲା ।"

ରା—"ଏଥିପାଇଁ ତୁମ୍ଭେ କି ତୁମ୍ଭ ମହାରାଜା ଦୋଷୀ କହି ନ ପାରୁଁ । କିନ୍ତୁ ଏହା ବ୍ୟବହାର କରି ତୁମ୍ଭେ ଉଚିତ କାର୍ଯ୍ୟ କରିନାହଁ । ସେ ଯାହେଉ ଯୁଦ୍ଧରେ ଜଣି ଯେ ତୁମ୍ଭଙ୍କୁ ବନ୍ଦୀ କଲା ସେ ଏଠାରେ ଅଛି କି ନା ଦେଖ ଆଉ ସେ ଥିଲେ ତାକୁ ଚହ୍ନାଇ ଦିଅ ।"

ବେ—(ଚୃରିଆଡ଼କୁ ଆଖି ବୁଲାଇ) ଯେଉଁ ଲୋକ କପାଳରେ କନା ବନ୍ଧା ହୋଇଛି ଏ ସେହି ଲୋକ । ବୋଧହୁଏ, ମତେ ଧରିଲା ବେଳେ ଯେ ଚୋଟ ମାରିଥିଲି ସେହି ଚୋଟ ପାଇଁ ଏ କନା ବନ୍ଧା ହୋଇଛି । ସେ ଚୋଟରୁ ବଞ୍ଚି ଏ ଯେ ମୋତେ ବନ୍ଦୀକଲା ତାହା ମୋତେ ଆଶ୍ଚର୍ଯ୍ୟ ଲାଗୁଛି । ମୁଁ ଅନେକଙ୍କ ସାଙ୍ଗରେ ଯୁଝିଛି କିନ୍ତୁ ଏହାପରି ସୁଚତୁର କ୍ଷିପ୍ରହସ୍ତ ସୁବୀର କେବେ ଭେଟ ପଡ଼ିନାହିଁ । ମୋହର ବର୍ତ୍ତମାନ ଏ ଦଶା । ଯାକୁ ବଳି ମୋହର ଶତ୍ରୁ ନାହିଁ । ତଥାପି ମୁକ୍ତ କଣ୍ଠରେ କହୁଅଛି ଯେ ଥରେ ନୁହେଁ ଦିଥର ନୁହେଁ, ଏହି ଯୁଦ୍ଧରେ ଚୃରିଥର ଏହା ସଙ୍ଗେ ଲଢ଼ି ଦେଖିଛି ଯେ ଯାପରି ଆଉ କେହି ଦେଖାଯାଉ ନାହାନ୍ତି ।

ଏତେ କହି ବେବର୍ତ୍ତା ନୀରବ ହେଲାରୁ ରାଜା ଆଜ୍ଞା ହେଲେ "ଖିମା"

ନିଜେ ସ୍ବାମୀ ଶ୍ରୀମୁଖରୁ ନିଜ ନାମ ଶୁଣି ଖିମା ଆନନ୍ଦରେ ଭସି ସ୍ବାମୀରେ ଆସି ସାଷ୍ଟାଙ୍ଗ ଭୂମିଷ୍ଠ ହେଲା । ସମସ୍ତେ ଖିମାକୁ ବାହା ବାହା କହିଲେ । କିନ୍ତୁ ସେ ସେହିପରି ପଡ଼ି ରହିଲା । ପାଖ ଲୋକଙ୍କ ମୁହଁରୁ ଉଠ ଉଠ ଶବ୍ଦ ଶୁଣିଲାରୁ ସେ ଉଠି କରଯୋଡ଼ି ବିନୀତ ଭାବରେ

ସ୍ମୁଖରେ ଠିଆ ହୋଇ ରହିଲା । ତେଣେ କେ କହିଲା ଖିମା ପ୍ରକୃତ ଖିମା । କେ କହିଲା ସେ ଦୁର୍ଯ୍ୟୋଧନକୁ କାବୁ କୁ ଆଣିଲା । କେ, କହିଲା ସେ ଜରାସନ୍ଧକୁ ଧରିଲା । କେହିବା କହିଲା ସେ କୀଚକ ମାରିଲା ।

ଏହିପରି କେତେକାଳ କଥା ଚାଲି ଥାଆନ୍ତା ବୋଲି ଯାଇ ନ ପାରେ । କିନ୍ତୁ ପାଖ ଲୋକଙ୍କ ଇଙ୍ଗିତ ଅନୁସାରେ ଅଚିରେ ସମସ୍ତେ ନିରବ ନିସ୍ତବ୍ଧ ହେଲେ ଏବଂ ଜଣେ ଲୋକ ବାହାରି ଆସି ସ୍ମୁଖରେ ଠିଆ ହେଲେ । ତହୁଁ ବେବର୍ତ୍ତୀଙ୍କୁ ସମ୍ବୋଧନ କରି ରାଜା କହିଲେ "ଏହାଙ୍କୁ ଚିହ୍ନି ପାରୁଛ ?"

ବେ—"ହଁ, ଏ ଆମ୍ଭ ମହାରାଜାଙ୍କର ନଅରବଗୋଇ ଥିଲେ । ଏହାଙ୍କ ନାମ ଚନ୍ଦ୍ରଶେଖର ପଟ୍ଟନାୟକ । ଯୁଦ୍ଧର ଅଳ୍ପ ଦିନ ପୂର୍ବେ ସେ ରାଜ୍ୟରୁ ପିଲାକୁଟୁମ୍ବ ଘେନି ଏ ରାଜ୍ୟକୁ ପଳାଇ ଆସିଥିଲେ ।

ରା—"ଏବେ ମନ ଦେଇ ଶୁଣ, ଏହାଙ୍କ ପରି ଆଉ ଲୋକେ ବି ଏଠାରେ ଅଛନ୍ତି । ପ୍ରୟୋଜନ ହେଲେ ଆଉମାନେ ବାହାରିବେ । କିନ୍ତୁ ମତ୍ତହସ୍ତୀକି ମୃଣାଳ ସୂତ୍ରରେ ବାନ୍ଧିଲା ପରି ତୁମ୍ଭେ ଜଗଦେବ ରାଜାଙ୍କୁ କାମିନୀ—ବାହୁମୃଣାଳରେ ଜଡ଼ାଇ ଏତେକାଳ ଚକ୍ରବର୍ତ୍ତୀ ହୋଇଥିଲ । ଶାସନ ଓ ବିଗ୍ରହ କାର୍ଯ୍ୟ ତୁମ୍ଭଙ୍କୁ ଅଜଣା ନାହିଁ । ତୁମ୍ଭର ମଧ୍ୟ ଶାସ୍ତ୍ର ପଢ଼ାଶୁଣା ଅଛି । ତୁମ୍ଭେ ଜାଣ ଯେ ସୀତା ଦୋଷିଣୀ ହୋଇଥିବା ନ ଥିବା ବୁଝିବା ପାଇଁ ଶ୍ରୀରାମଚନ୍ଦ୍ର, ମନ୍ଦୋଦରୀ, ସରମା ପ୍ରଭୃତିଙ୍କି କଚ୍ଛି ପଚରା ପଚରି କରି ନ ଥିଲେ । ଅନ୍ୟଲୋକଙ୍କୁ ବସାଇ କୈକେୟୀ ଦଶରଥଙ୍କୁ ସତ୍ୟ କରାଇ ନ ଥିଲେ । ଏହିପରି

କହିଲେ, ଗୋଟାଏ ପୋଥି ହେବ । ତୁମ୍ଭଙ୍କୁ ଅଧିକ କହିବାର ପ୍ରୟୋଜନ ନାହିଁ । ତହିଁକା ମଧ୍ୟ ବେଳ ନାହିଁ । ଆହୁରି ମଧ୍ୟ ଆମ୍ଭମାନଙ୍କର ଏହି ମତ ବୋଲି ତୁମ୍ଭେ ଜାଣ ଯେ ନିର୍ଦ୍ଦୋଷୀ ପାଞ୍ଚ ସାତ ଜଣ ଦଣ୍ଡ ପାଉନ୍ତୁ କିନ୍ତୁ କାହାର କୁଟ କୁଟୀଳ ମତଗତ ପ୍ରକୃତି ପ୍ରକାଶ ପାଇ ଜଣକୁ ସୁଦ୍ଧା ଦୁରାତ୍ମା ଦୁର୍ବୃତ୍ତ ନକରୁ । ଏଥିପାଇଁ ଯେ ଦିନ ରାତି କରୁଛନ୍ତି ସେହି ଏକା ସାକ୍ଷୀ । ତାଙ୍କର ଅବଜ୍ଞା ହେବାର ଦେଖାଗଲେ ମାଣ୍ଡୁର ବ୍ୟବସ୍ଥା । ତୁମ୍ଭେ ଯେସବୁ ଅତ୍ୟାଚାର ଅନାଚାର ଓ ପାପାଚାର କରିଅଛ ତାହା ମୁହଁରେ ଧରିବାର ନୁହେଁ । କପରି କି କି କରିଅଛ ତାହାସବୁ ପ୍ରକାଶ ହେଲେ ତହିଁରେ ଲୋକଙ୍କର କୁଶିକ୍ଷା ବ୍ୟତୀତ ସୁଶିକ୍ଷା ହେବନାହିଁ । ତୁମ୍ଭେ ଲୋକଙ୍କ ଆଖିରେ ଧୂଳି ଦେଇ ଦେଇ ଆସିଛ, କିନ୍ତୁ ଧର୍ମ ଆଖିରେ ଧୂଳିଦେଇ ପାରି ନାହିଁ । ବର୍ତ୍ତମାନ ସେହି ଧର୍ମକୁ ସାକ୍ଷୀକରି ବୋଲ ତୁମ୍ଭେ ପ୍ରାୟଶ୍ଚିତ୍ତର ଯୋଗ୍ୟ କି ନା ?"

ବେ—"ଅବଶ୍ୟ ।"

ରା—"ଯେଉଁପରି ଦଣ୍ଡ ବିଧାନ କରି ଆସିଅଛ ତୁମ୍ଭେ ନିଜେ ସେହିପରି ଦଣ୍ଡର ଯୋଗ୍ୟ କି ନା ?"

ବେ—"ଆମ୍ଭେ ଅନେକ ଧର୍ମ କର୍ମ ମଧ୍ୟ କରିଛୁ ।"

ରା—"ତୁମ୍ଭର ସବୁ ଧର୍ମ କର୍ମ ଦେଖାଇ ଦେଲଣି । ତୁମ୍ଭେ ଯେତେ କାଳଧରି ଅଧର୍ମ କରିଅଛ ତେତେକାଳ ଧରି ପ୍ରାୟଶ୍ଚିତ୍ତକୁ ଆୟୁଷ ନାହିଁ । ତୁମ୍ଭର ଆଉ ଅଧିକ ବଞ୍ଚିବା ବିଡ଼ମ୍ବନା ମାତ୍ର । ତୁମ୍ଭର ଶିଘ୍ରଶୂଳି ହେବା ଉଚିତ । ଆଜି ତୁମ୍ଭଙ୍କୁ ଶୂଳି ଦିଆଯିବ—କାଲି ପ୍ରାତଃକାଳରେ ଆମ୍ଭେ ନିଜେ ତୁମ୍ଭଙ୍କୁ ଶୂଳିରେ ଦେଖିବୁଁ ।"

ଏତେକହି ରାଜା ନୀରବ ହେଲାରୁ କଙ୍କରମାନେ ବୈବର୍ତ୍ତୀଙ୍କୁ ଶୂଳଆପଦାକୁ ଘେନି ବାହାରିଲେ । ଏ ସମୟରେ ବିଲୋଚନଙ୍କ ପାଇଁ କାହାରି ଚିନ୍ତା ହେଲା ନାହିଁ । ବରଂ ସମସ୍ତଙ୍କ ମୁଖରେ ଆନନ୍ଦର ଲକ୍ଷଣ ଦେଖାଦେଲା । କିନ୍ତୁ ବୈବର୍ତ୍ତୀଙ୍କର କୌଣସି ପରିବର୍ତ୍ତନ ଦେଖାଗଲା ନାହିଁ । ରାଜମୁକୁ ଅଇଲାବେଳେ ଯେପରି ଆସିଥିଲେ ଶୂଳଆପଦା ଆଡ଼କୁ ମଧ୍ୟ ସେହିପରି ଗଲେ । ତାଙ୍କ ଆଗେ ଆଗେ ସାଞ୍ଜ୍ଞ ପ୍ରଭୃତି ମଧ୍ୟ ପୂର୍ବପରି ଚଳିଲା । ଏତେବେଳେ କେବଳ ଅସ୍ତ୍ରଶସ୍ତ୍ରଧାରୀ ପ୍ରହରୀବୃନ୍ଦଙ୍କ ବ୍ୟତୀତ ଆଉ କେହି ବୈବର୍ତ୍ତୀଙ୍କ ସଙ୍ଗେ ଗଲେ ନାହିଁ । ସମସ୍ତେ ପୂର୍ବପରି ଦଣ୍ଡାୟମାନ ହୋଇ ରହିଲେ ।

ବୈବର୍ତ୍ତୀ ଅନ୍ତରିତ ହେଲାରୁ ରାଜା ଆଜ୍ଞାହେଲେ ସର୍ବଜନ ସମ୍ମୁଖରେ ବୈବର୍ତ୍ତୀଙ୍କ ଦୋଷାନୁସାରେ ଦଣ୍ଡ ହେଲା । ଖୀମାର ଗୁଣ ମଧ୍ୟ ପ୍ରକାଶ ପାଇଲା । ଏବେ ତାହାର ପୁରସ୍କାର ଏହିଠାରେ ଉଚିତ । ତାକୁ ରଣଜିତ ପଦ ଦିଆହୋଇ ଶାଢ଼ୀଆଦି ଦିଆଗଲା । ଶୁଭସ୍ୟ ଶୀଘ୍ରଂ । ଏତେ କହି ରାଜା ନୀରବ ହେଲେ । ପାଖ ଲୋକ ଜଣେ ଖଣ୍ଡେ ପାଟକାଛିଆ ନେଇ ଖୀମା ମୁଣ୍ଡରେ ବାନ୍ଧି ଦେଲା । ଖୀମା ଧୀର ଗମ୍ଭୀର ଭାବରେ ଆଗୁଆଇ ରାଜାଙ୍କ ପଦ ସ୍ପର୍ଶ କରି ସାଷ୍ଟାଙ୍ଗ ହୋଇ ଭୂଇଁରେ ପଡ଼ିଲା କିନ୍ତୁ ତାକୁ ଅଧିକକ୍ଷଣ ଏପରି ପଡ଼ିରହିବାକୁ ହେଲା ନାହିଁ । ଅବିଳମ୍ବେ ଜଣେ ପାଖଲୋକ "ଉଠ ଉଠ" ଡାକଦେଲା । ଖୀମା ଉଠି କରଯୋଡ଼ି ବିନୀତଭାବରେ ଠିଆହେଲା । ଏତେବେଳେ ମନ ତାହାର ଅଧୀନ ନୁହେଁ, ସେ ମନର ଅଧୀନ । ସୂର୍ଯ୍ୟକିରଣ କୁଜ୍ଝଟି ଭେଦ କଲାପରି ତାହାର ସବୁ ଚେଷ୍ଟା ବ୍ୟର୍ଥକରି ମନର ଲହରୀ ଆପେ ଆପେ ମୁଖଦର୍ପଣରେ ପ୍ରକାଶିତ ହେଲା ।

ଗୁମୁପଞ୍ଚନାୟକଙ୍କ ସଙ୍ଗେ ଘରଗୁଡ଼ି ଗଲ୍ଦିନୁ ଅନେକ-ଦିନରେ ବାପ ଓ ଚନାମାଳୀଙ୍କି ଏକାଠି ଦେଖି ସୁଦ୍ଧା ଯେପରି-ତାହାର ମନୋଭାବ କିଛି ଜଣାପଡ଼ୁ ନଥିଲା ଆଜ ସେପରି ନୁହେଁ । ନୟନ, ନାସା ଅଧର ସବୁଥିରେ ପ୍ରଫୁଲ୍ଲ ମନର ବିକାଶ । କିନ୍ତୁ ହସ ନାହିଁ କି ଅଧୈର୍ଯ୍ୟର ଚିହ୍ନ ନାହିଁ ବରଂ ମର୍ଯ୍ୟାଦା ଅଙ୍କୁଶର କରଣୀ ସ୍ପଷ୍ଟ ଦେଖା ଦେଉଅଛି । ଅଙ୍କୁଶ ଧରି ବେକ ଉପରେ-ମାହୁନ୍ତ ବସିଥିବାର ଜାଣି ସୁଦ୍ଧା କରୀବର ପ୍ରଫୁଲ୍ଲ ମନରେ ଯେପରି ଗତି କରିଥାଏ ଖିମା ମନର ଗତି ସେହିପରି । ହସ କାନ୍ଦ, ସୁଖ ଦୁଃଖ ସଂକ୍ରାମକ । ଜଣେ ହସିଲେ କାନ୍ଦିଲେ ଆଉଜଣଙ୍କର ଅଳ୍ପ ବହୁତ ହସ ବା କାନ୍ଦ ହୋଇଥାଏ । ଏହା ଏକା ମନୁଷ୍ୟ ଠାରେ ଦେଖାଯାଏ ନାହିଁ, ପଶୁ ପକ୍ଷୀଙ୍କ ରବ ପ୍ରତି ମନ ଦେଲେ ଏହା ସ୍ପଷ୍ଟ ଜଣାଯାଇଥାଏ । ସୁତରାଂ ଖିମାର ଆନନ୍ଦଲହରୀ ତାହାରି ଠାରେ ଆବଦ୍ଧ ନରହି ଚାରିଆଡ଼େ ପ୍ରସରିଗଲା । ଅନ୍ୟମାନଙ୍କ ହୃଦୟ ତରଙ୍ଗାୟିତ ହୋଇ ମୁଖରେ ପ୍ରତିବିମ୍ବିତ ହେଲାପରି ଦେଖାଗଲା । କିନ୍ତୁ କାର୍ଯ୍ୟ ବୃକ୍ଷର ଫଳରେ ଖିମା ଯେପରି ଭରାକ୍ରାନ୍ତ ହୋଇ ଦରପାକଲା ଧାନଗଛ ପରି ନତମସ୍ତକ ଆଉମାନେ ସେପରି ନୁହନ୍ତି । ସେମାନଙ୍କର ଆନନ୍ଦଲହରୀ ସୀମାବଦ୍ଧ ନୁହେଁ । ସେମାନଙ୍କ ଠାରେ ଦରହସ ଆଉ କଥାରେ ପ୍ରକାଶ ପାଇବାକୁ ସ୍ଥାନ ଏବଂ ପାଣ ପାଇଲା ।

ଲୋକେ ଧନ୍ୟ ମହାରାଜା ! ଜୟ ମହାରାଜା ! ଜୟ ମହାରାଜା ! କହି ଉଠିଲେ । କିନ୍ତୁ ରାଜାଙ୍କର କିଛି ଆଉବାଙ୍କ ହେଲାନାହିଁ । ରତ୍ନାକରରୁ ରତ୍ନ ଲଭି ଲୋକେ ସୁଖସାଗରରେ ଭସିଥାନ୍ତି । କିନ୍ତୁ ସାଗର ଯେପରି ଥାଏ ସେହିପରି । ତାହାର ବୃଦ୍ଧି ନାହିଁ କି କ୍ଷୟ ନାହିଁ । ଦିନନାଥଙ୍କର କିରଣ ନେଇ ଶଶଧର

ସୁଧା ସେଚନରେ ଜଗଜ୍ଜନ ମୋହିଥାନ୍ତି । କିନ୍ତୁ ଦିବାକର ଅମାବାସ୍ୟା ଦିନ ଯେଉଁ ଦିବାକର, କୁମାରପୂର୍ଣ୍ଣିମୀ ଦିନ ସେହି ଦିବାକର । ସେ ଯାହାହେଉ ଦିବାକରଙ୍କ ପରି ରାଜା ନିଜ କାର୍ଯ୍ୟାନୁବର୍ତ୍ତୀ ହେଲେ ।

ସୁଖ ଦୁଃଖ ଦିନ ରାତି ପରି ଜଗତରେ ଲାଗି ରହିଅଛି । କେ ଆଗ କେ ପଛ, ବୋଲିଯାଇ ନ ପାରେ । ପୁଣି ଦୁହିଁଙ୍କ ମଧ୍ୟରେ ଯେ ସନ୍ଧିସ୍ଥଳ ଅଛି ତାହା ଉଷା ଆଉ ଗୋଧୂଳିକୁ ବୋଲି ଯାଇଥାଏ । କିନ୍ତୁ ଦୁହିଁଙ୍କ ମଧ୍ୟରେ କି ପ୍ରକୃତ ପ୍ରଭେଦ ତାହା ସେ ଦୁହେଁ ଜାଣୁଥିବେ । କାରଣ ଦେଖାଯାଏ ଯେ ଉଷା ଆଗମନରେ ଶୁକ ପିକଙ୍କର ଯେ ଭାବ, ଗୋଧୂଳି ଦେଖାରେ ବ୍ୟାଘ୍ର ଭଲ୍ଲୁକଙ୍କର ସେହି ଭାବ । ଦିବା ରାତ୍ରି ମଧ୍ୟରେ ଏ ଦୁହେଁ ଯେପରି ଅଛନ୍ତି ସୁଖ ଦୁଃଖ ହର୍ଷ ବିଷାଦ ମଧ୍ୟରେ ବି ସେହିପରି କାଳ ଅଛି । ଏପରି କାଳ ଉଭୟଙ୍କ ଆଘାତ ପ୍ରତିଘାତରୁ ହେଉବା ନହେଉ ଦୁହିଁଙ୍କର ସ୍ରୋତ ଅବିରାମ ନୁହେଁ । ଚରେ ବା ଅଚରେ ଉଭୟ ନିସ୍ତେଜ ନିସ୍ତବ୍ଧ ହୋଇ ଥାନ୍ତି । ସୁତରାଂ ଖିମା ଶାନ୍ତି ପାଇବାରେ ଯେ ଆନନ୍ଦ ଲହରୀ ଉଠିଥିଲା ତାହା ଧୀରେ ଧୀରେ ଉଭାଇଗଲା ।

ଲୋକେ ନୀରବ ହୋଇ ରାଜମୁଖାପେକ୍ଷୀ ହେଲେ । ତହୁଁ ରାଜା କହିଲେ "ବର୍ତ୍ତମାନ କଥା ଦେଖିବା ଉଚିତ । ବେବର୍ତ୍ତି ସଙ୍ଗେ ଯେଉଁମାନେ ଧରା ହୋଇଛନ୍ତି ସେମାନେ ବନ୍ଦୀ ହୋଇ ବା ହରିକାଠରେ ପଡ଼ି ଅଛନ୍ତି । ସେମାନଙ୍କ କଷ୍ଟ ଶୀଘ୍ର ଦୂର କରିବା ଆବଶ୍ୟକ । ସେମାନଙ୍କୁ ଛାଡ଼ି ଦିଆଯାଇ ନପାରେ । ଛାଡ଼ିଦେଲେ ବି ନିଜ ରାଜ୍ୟରେ ତାଙ୍କ ଦୁରବସ୍ଥାର ସୀମା ରହିବ ନାହିଁ । ସେମାନେ ପରାଜିତ ବୋଲି ଗଣିତ ହେବେ ।

ସେମାନଙ୍କ ଯୋଗେ ବେବର୍ତ୍ତି'ର ଏ ଦଶା ହେବା ବିବେଚନାରେ ରାଜା ତାଙ୍କୁ କି ଦଣ୍ଡ ଦେବେ ବୋଲିଯାଇ ନ ପାରେ । ତାହାଛଡ଼ା ସେମାନଙ୍କୁ ଛାଡ଼ି ଦେବାଦ୍ୱାରା କେବଳ ବିପକ୍ଷ ପକ୍ଷକୁ ପରିପୁଷ୍ଟି କରାହେବା କେବଳ ଅଗ୍ନିରେ ନିଆଁ ଯାଇତିବା ହେବ । ଆମ୍ଭ ରାଜ୍ୟରେ ରଖିଲେ ମଧ୍ୟ ସେହି ଫଳ । ସେମାନେ କେତେବେଳେ କି କରିବେ ବୋଲିଯାଇ ନ ପାରେ । ଯୁଦ୍ଧ ଶେଷ ହେଉନାହିଁ । ଏମାନଙ୍କୁ ଏପରି ଛେଡ଼ିନ ବୁଲିବା ଗଳାରେ ପଥର ବାନ୍ଧି ବୁଲିଲା ପରି । କେବଳ ଏମାନଙ୍କର ଯନ୍ତ୍ରଣା ଭୋଗ ମାତ୍ର ସାର । ସୁତରାଂ "ମୂଳ ମାଇଲେ ଯାଉ ସବୁ ଦେବଙ୍କ ସଙ୍ଗେ କପା କଳ ।" ଆଜି ରାତିରେ ସେମାନଙ୍କର ଶିରଚ୍ଛେଦନ କରାହେବ । ତାହା ଜଣେ ଦୁଇଜଣ କରିବେ ନାହିଁ । ଯୋଦ୍ଧାମାନଙ୍କ ଶୋଣିତ ପିପାସାର ତୃପ୍ତି ପାଇଁ ଯାହାକୁ ଯେତେଜଣ ଦେବାର ତାହା ବାଣ୍ଟି ଦେଇ-ଅଛୁଁ । ରାତ୍ରି ମଧ୍ୟରେ ମୁଣ୍ଡକଟା ହୋଇ ଆପଣା ଆପଣା ଜାଗାରେ ଆଗରେ ଖୁଣ୍ଟା ଉପରେ ଥୁଆ ହୋଇଥିବ ଯେ କାଲି ପ୍ରାତଃକାଳରେ ଶୂଳରେ ବେବର୍ତ୍ତୀଙ୍କୁ ଦେଖି ନିଜେ ଆମ୍ଭେ ମୁଣ୍ଡର ସଂଖ୍ୟା ନେବୁଁ । ଭାଇ ବନ୍ଧୁ ବିବେଚନା ବା ଅନୁରୋଧ ଉପରୋଧରେ ଯେ ଜଣଙ୍କର ସୁଦ୍ଧା ମୁଣ୍ଡକାଟି ନ ଥିବ ଆମ୍ଭ ସମ୍ମୁଖରେ ଏହିପରି ସଭାରେ ତାହା'ର ମୁଣ୍ଡ କଟାଯିବ । ଏତେ କହି ରାଜା ନିରବ ହେଲେ ।

ଏହା ଭଲ କି ମନ୍ଦ ନ୍ୟାଯ୍ୟ କି ଅନ୍ୟାଯ୍ୟ ଧର୍ମ କି ଅଧର୍ମ ରାଜା ଜାଣନ୍ତି । କାରଣ ତାଙ୍କର ଆଦେଶ ଅନୁସାରେ ପ୍ରହାରକାରୀ ବେତ୍ରାଘାତ ପାଇଥାଏ ବା କାରାଗାରକୁ ଯାଇ ଘୋର ଉତ୍କାପୂତଙ୍କ ଯନ୍ତ୍ରଣା ଭୋଗ କରିଥାଏ । ନରହତ୍ୟା ପାଇଁ ପ୍ରାଣଦଣ୍ଡ ହୋଇଥାଏ । ସେହି ରାଜା ଶତ ୨ ସହସ୍ର ୨ ଲୋକ ଘେନି ଗୃହଦହନ, ଦ୍ରବ୍ୟହରଣ, ଶତ ୨ ଲୋକଙ୍କର ଶିରଚ୍ଛେଦନ କରିଥାନ୍ତି । ପୁଣି

ଯୁଦ୍ଧରେ ଯେ ଯେତେ ଲୋକ ବା ଯେତେ ବଡ଼ଲୋକ ମାରିଥାଏ ସେହି ଅନୁସାରେ ତାହାକୁ ପୁରସ୍କାର ଦେଇଥାନ୍ତି । ଏହିପରି ଏକା ନରବଧରେ କାହାର ପୌଷମାସ କାହାରିବା ସର୍ବନାଶ । ବେବର୍ତ୍ତା ତ୍ରିଲୋଚନ ମହାପାତ୍ରଙ୍କ ଦେହରେ ଚିପ ଲଗାଇ ଥିଲେ ଜଗଦେବଙ୍କ ରାଜ୍ୟରେ, ଖିମା ହରିକାଠରେ ଛ ମାସ ସଡ଼ିଥାନ୍ତା । ଯେଉଁଥି-ପାଇଁ ହରିଚନ୍ଦନମର୍ଦ୍ଦରାଜ ତାକୁ ରଙ୍ଗଜିତ-ଶାଢ଼ୀ ଦେଲେ ସେଇଥିପାଇଁ ଜଗଦେବ ରାଜା ଶୂଳି ଦେବାର କଥା । ଏହିପରି ଜଣେ ଯହିଁ ପାଇଁ ପୁରସ୍କାର ଦେଉଛି ସେଥିପାଇଁ ଆଉଜଣେ ତିରସ୍କାର କରୁଛି । କିନ୍ତୁ ଏହା ରାମା ଶାମାଙ୍କ ପରି ଆଦନା ଲୋକଙ୍କ କଥା ନୁହେଁ । ବଡ଼ ବଡ଼ ଲୋକେ ଯାହା ବ୍ୟବସ୍ଥା କରନ୍ତି ଆଉ ଆଉ ଲୋକେ ତାହା ଅନୁସରଣ କରନ୍ତି । ଏଥିପାଇଁ ଲୋକେ ବଡ଼ ହେବାକୁ ଇଚ୍ଛା କରନ୍ତି କି ନା ସେମାନେ ଜାଣନ୍ତି । କିନ୍ତୁ "ରାଜାନୁଗତ ଧର୍ମ" କଥାରେ କାହାର ଦ୍ୱିରୁକ୍ତି ନାହିଁ । ରାଜା ଗ୍ରେଗ୍ରେଇ ଗ୍ରେଗ୍ରେଇ ଗୁଳିଲେ ଆଉମାନେ ତାହା ଅନୁକରଣ କରିବାକୁ ତିଳେ ବିଳମ୍ବ କରନ୍ତି ନାହିଁ । ସୁତରାଂ ରାଜାଜ୍ଞା ସମସ୍ତଙ୍କ ମନକୁ ଘେନିଲା । ମଣିଷ ମାରିବା ସମସ୍ତେ ସୁଖକର ମଣି ଜୟ ଜୟ ଧ୍ୱନି କଲେ । କିନ୍ତୁ ରାଜା ପୂର୍ବପରି ନିର୍ବିକାର ଭାବରେ ରହି ଗମନୋନ୍ମୁଖ ହେଲେ, ଯେଖା ବଧିରେ ସମସ୍ତେ ମେଲାଣି ହେଲେ । ରାଜା ଗଡ଼୍କି ରି ବିଜେ କଲେ । ଆଉମାନେ ଆପଣା ଆପଣା ବାଟ ଧଇଲେ ।

# ଷଷ୍ଠ ପରିଚ୍ଛେଦ

ହରିଚନ୍ଦନ ମର୍ଦ୍ଦରାଜଙ୍କ ସଭା ମଉଳିଲା ବେଳକୁ ଦିବାକର ପଶ୍ଚିମ ଦିଗସ୍ଥ ପର୍ବତମାଳା ଡେଇଁ ଯାଇ ଥିଲେଣି । ବାରୁଣୀ ଅଙ୍କାଶ୍ରିତ ଦିନନାଥଙ୍କ ଅଂଶୁମାଳାରେ ଗିରିଶୃଙ୍ଗମାନ କାଞ୍ଚନ ମଣ୍ଡିତ ପରି ଦେଖା ଯାଉଥିଲେହେଁ ଛାୟାଦେବୀଙ୍କ ପଣତରେ ଉପତ୍ୟକା ଖଣ୍ଡ ଆବୃତ ହୋଇଗଲାଣି । ରାବଣକୁ ରାମଚନ୍ଦ୍ର କମ୍ବା କଂସକୁ ଯଶୋଦା ନନ୍ଦନ ପରି ବେବର୍ତ୍ତା ତ୍ରିଲୋଚନ ମହାପାତ୍ରଙ୍କୁ ମୁକ୍ତ ନ ଦେବା ଇଚ୍ଛାରେ କମ୍ବା ତାଙ୍କୁ ଶୂଳ ଦେବାକୁ ଅଧର୍ମ କାର୍ଯ୍ୟ ମଣି ତାହା ନ ଦେଖିବା ପାଇଁ ଧର୍ମଦେବ ଯେ ଅନ୍ତରାଳକୁ ଗଲେ ତାହା ସେ ଜାଣନ୍ତି । ସେ ଯାହାହେଉ ସେ ସବୁବେଳେ ହର୍ଷ ବିଷାଦର ଖେଳ ଲଗାଇ ରଖିଛନ୍ତି । ଯେପରି ତାଙ୍କ ଆଗମନ ଏକ ଦିଗରେ ଉଷାଦେବୀଙ୍କ ଉଠାଇଲାରୁ ନରନାରୀ ପ୍ରଭୃତି ହର୍ଷୋତ୍ପୁଲ୍ଲ ବଦନରେ କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରୁ ଅଛନ୍ତି । ସେହିପରି

ଅନ୍ୟ ଦିଗରେ ନିଶାଦେବୀଙ୍କ ଦୂଷ୍ଟି ସନ୍ଧ୍ୟା ଦେଖି ଭୀତତ୍ରସ୍ତ ପ୍ରାଣୀମାନେ ଆର୍ତ୍ତନାଦ କରି ନିଜ ନିକେତନାଭିମୁଖେ ଧାବିତ ହେଉଅଛନ୍ତି । ପ୍ରତି ଉଦୟ ଅସ୍ତରେ ଏହିପରି ଲାଗି ରହିଅଛି । ପୁଣି ସେ ଏକ ସ୍ଥାନରେ ଯେତେବେଳେ ଉଦୟ ଗିରିଚୂଡ଼ାରୂଢ଼ ଅନ୍ୟ ସ୍ଥାନରେ ସେତେବେଳେ ଅସ୍ତାଚଳ ଶୃଙ୍ଗାରୋହୀ, ଏହିପରି ଦିବାଗମନ ନିଶାଗମନ ଲାଗି ରହିଅଛି । ହର୍ଷ ବିଷାଦ ଗୋଡ଼ାଗୋଡ଼ି ଲଗାଇ ଅଛନ୍ତି । ପ୍ରକୃତି ଧର୍ମଦେବ ହେଉନ୍ତୁ ବା ନ ହେଉନ୍ତୁ ତାଙ୍କର ଭିଆଣରୁ ଏହି ବିରୁଦ୍ଧ ଭାବ ଦୁଇର ଲୀଳା ସବୁବେଳେ ସବୁକାଳେ ଲାଗି ରହିଅଛି । କିନ୍ତୁ ଏ ଲୀଳା ଖେଳା ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଦେଖାଯାଏ ନାହିଁ । ଯେଉଁ ସ୍ଥାନରେ ପ୍ରଭାତ ସେ ସ୍ଥାନରୁ ସନ୍ଧ୍ୟା ହେଲା ସ୍ଥାନ ଦୃଷ୍ଟିର ବାହାରେ । ଏହା ବୋଲି ହରିଚନ୍ଦନ ମର୍ଦ୍ଦରାଜାଙ୍କର ଗୁହଣୀରେ କେବଳ ଗୋଟିଏ ଭାବନାହିଁ । ସେଠାରେ ହର୍ଷ ଓ ବିଷାଦର ଦୁଇସ୍ରୋତ ଏକସରେ ପ୍ରବାହିତ । ଏକ ଦିଗରେ ବେବର୍ତ୍ତାଙ୍କର ଟୂଳି, ତାଙ୍କ ପକ୍ଷ ବନ୍ଦୀମାନଙ୍କ ମୁଣ୍ଡ କାଟ ହେବ । ସେଥିପାଇଁ ବସ୍ତି ବସ୍ତି ହୋଇ ସେମାନେ ବଣ୍ଟାଲ୍ଟନ୍ତି । ସେମାନଙ୍କ ମଧ୍ୟରୁ କେହି ପ୍ରାଣପ୍ରିୟା କଥା ମନେ ପକାଉଛି । କେହି ବୃଦ୍ଧ ପିତା ବା ପ୍ରାଣୋପମ ଏକମାତ୍ର ପୁତ୍ରର ଭବିଷ୍ୟତ ଚିନ୍ତା କରୁଛି । କେହି ବା ଇଷ୍ଟଦେବଙ୍କ ପଦାରବିନ୍ଦରେ ଧ୍ୟାନ ଲଗାଇଛି । କିନ୍ତୁ ସମସ୍ତେ ନୀରବ, ଦୁଃଖ ପାରାବାରରେ ତୃଣ ଖଣ୍ଡପରି ପରିପ୍ଳାବିତ । ନିରାଶ ତିମିରରେ ଦିଗ ବିଦିଗ ଜ୍ଞାନାନ୍ଧ । ଅପର ଦିଗରେ ଆନନ୍ଦର କଲ୍ଲୋଳ ହିଲ୍ଲୋଳ, ପୂର୍ଣ୍ଣଚନ୍ଦ୍ର ଦର୍ଶନରେ ସୁଖ ପାରାବାର ଉଚ୍ଛଳିତ । ନଟଙ୍କ ନୃତ୍ୟ ଗୀତ ପାନାହାରର ସ୍ରୋତ ଅବାରିତ । ବିଜୟ ଲକ୍ଷ୍ମୀଙ୍କ ପରମ ସୁଖକର କ୍ରୋଡ଼ରେ ସମସ୍ତେ କ୍ରୀଡ଼ା କୌତୁକରତ । ଯେଉଁମାନଙ୍କ ମୁଣ୍ଡ କାଟହେବ ସେମାନଙ୍କ ପାଇଁ

ଲାଳାପୂରିତ । ଏପରି ପ୍ରଫୁଲ୍ଲ ରାଜ୍ୟରେ ଆଜି ଭୀମ ରଣଜିତ ଅଶ୍ୱମେଧ ଯଜ୍ଞର ଅଶ୍ୱ; ' ତାହାର ପୂର୍ଣ୍ଣ ଯୁବାକାଳ । ସେ ରାଜାଙ୍କର ବିଶେଷ ଅନୁଗ୍ରହପାତ୍ର । ତହିଁରେ ପୁଣି ରଣଜିତ୍ର ଖାଡ଼ୀ ସଦ୍ୟ ପାଇଚ୍ଛି । ରାଜାଙ୍କ ସମ୍ମୁଖରେ ଲୋକେ ବାହାବାହା କହୁଛନ୍ତି । ବାଟରେ ଗଲାବେଳେ ବି ତ୍ରିଲୋଚନ ଦେବବର୍ମଙ୍କ ନିନ୍ଦା ସଙ୍ଗେ ନିଜର ପ୍ରଶଂସା ଶୁଣୁଛି । ସେ ଜାତିରେ ଭୂଇଁଆ ଗୃହ ହୋଇ ଗୁହ ଖାଇନାହିଁ । ତା ଜାତିରେ ମଦ ଖାଇବା ମନା ନୁହେଁ । ମୁହଁରୁ ସୁଗନ୍ଧ ବା ଦୁର୍ଗନ୍ଧ ବାହାରୁଥିଲେ ବି ତା ଜାତି ଲୋକେ ଜଗନ୍ନାଥଙ୍କ କଡ଼ିକି ଯାଇପାରନ୍ତି । ସେମାନଙ୍କ ହାତରୁ ବ୍ରାହ୍ମଣ କରଣ ପ୍ରଭୃତି ପାଣି ଗ୍ରହଣ କରନ୍ତି । ସୁତରାଂ ରାଜାଙ୍କ ଗ୍ରାମରୁ ମେଲାଣି ହେବାମାନେ ସେ ଯୌବନ ପ୍ରଭୃତି ମଦ ସଙ୍ଗେ ମହୁଲି ମଦ ଇଚ୍ଛାନୁରୂପ ଯୋଗ କରିବାରେ କାତର ହୋଇନାହିଁ । ପାଞ୍ଚ ସାତ ନାଳି ମିଶି ଗୋଟିଏ ନଈ ହେଲାପରି ଭୀମା ହୃଦୟ ଆଉ ମନରେ ସବୁ ମଦ ଏକତ୍ରିତ ହୋଇ ଗୋଟିଏ ପ୍ରବଳ ବଳବତୀ ସ୍ରୋତସ୍ୱତୀ । ତଥାପି ତାହାର ମତୁଆଳଙ୍କ ରଙ୍ଗ ଢଙ୍ଗ ନାହିଁ । ଯୁଦ୍ଧରେ ଜଣି ବୃଷଭ, ସିଂହାଳ, ଦନ୍ତୀ ଯୂଥପତି ପ୍ରଭୃତି ଯେପରି ଗମନ କରିଥାନ୍ତି ସେହିପରି ଗତିରେ ସେ ନିଜେ ଛଡ଼ିଦବାଲକି ଗଲା । ସେଠାରେ ପହଞ୍ଚି ପୁନରପି ସୁରା ପାନକରି ନରଶୋଣିତ ଆଶାରେ ବାହାରେ ବନ୍ଦୀମାନଙ୍କ ମୁଣ୍ଡ କାଟିବା ଅପେକ୍ଷାରେ ରହିଲା ।

ପୃଥିବୀକି ନିଶା ଆସିନାହିଁ କିନ୍ତୁ ଭୀମାକୁ ନିଶା ଅଇଲାଣି । ସେ ଅନେକ ସୁରାପାନ କଲାଣି । ତହିଁରେ ତାହାର ଶୋଣିତ ପିପାସା ନ କୁଣ୍ଠି ବଢ଼ିଲା ପରି ଜଣାଯାଏ । ସେ ବର୍ତ୍ତମାନ କେବଳ ବନ୍ଦୀମାନଙ୍କ ଆଶାରେ ବସିଛି । ଏପରି ଅବସ୍ଥାରେ ତାହା ମନରେ

କି ଗତାସ୍ମୃତି କରୁଅଛି ତାହା ସେହି ଜାଣେ ।–ଭିତର କଥା ଯାହାହେଉ ବାହାରେ ଯାଇକେ ତଣ୍ଟକାରେ ବନ୍ଦୀ ଓ.ଖୁଣ୍ଟା ଦେଖି ଉପସ୍ଥିତି ହୋଇ ତାଙ୍କ ଭଗ ମନ୍ତ୍ରକଣା ବନ୍ଦୀ ରଖିବାକୁ ଖମାକୁ କହିଲେ ଏବଂ ରଣଜିତଙ୍କ ଆଙ୍ଗୁଳି ପ୍ରଦର୍ଶିତ ସ୍ଥାନରେ ପାଞ୍ଚଜଣ ବନ୍ଦୀ ଓ ପାଞ୍ଚଗୋଟା ଖୁଣ୍ଟା ରଖି ବେଗେ ବେଗେ ଗ୍ରଳିଗଲେ । ଏତେ ବେଳକୁ ଦିନ ଗଲାଣି କିନ୍ତୁ ରାତ୍ରି ହୋଇନାହିଁ । ନିଶାଦେବୀଙ୍କ ପଣତରେ ଧରା ଆବୃତା ହୋଇନାହିଁ । ଅନ୍ଧକାର ଆସି ନାହିଁ । କିଛି ଅଦୃଶ୍ୟ ହୋଇନାହିଁ କି ଅଲୋକ ଅଭାବରୁ ଦୃଷ୍ଟିଶକ୍ତି ଅଶକ୍ତ ଅକ୍ଷମ ହୋଇନାହିଁ ।

କିଛିକ୍ଷଣ ଉତ୍ତାରେ ସେ ଯେତେବେଳେ ବନ୍ଦୀ ମାନଙ୍କ ନିକଟକୁ ଗଲା ସେତେବେଳେ ସେଠାରେ ଆଗେ ନିରବ ନିସ୍ତବ୍ଧ ହୋଇ ମୁହୂର୍ତ୍ତେ ଠିଆହୋଇ ସେମାନଙ୍କ ମଧ୍ୟରୁ ଜଣେ ବୃଦ୍ଧ ଓ ଜଣେ ଯୁବାର ବନ୍ଧନ ମୁକ୍ତ କରି ସେ ଦୁହିଁଙ୍କି ଅପଣା ଛଉ-ଦେବାଳି ଭିତରକୁ ନେଇଗଲା । ସେଠାରେ ନ ପହଞ୍ଚିବା ଯାଏ କାହାର ତୁଣ୍ଡ ହଲ ନ ଥିଲା । ସେଠାରେ ମଧ୍ୟ କେହି କିଛି କହିବା ପୂର୍ବେ ତିନିହେଁ ପରସ୍ପରକୁ ଆଲିଙ୍ଗନ କଲେ । ଏକ ଦିଗରେ ଏକା ଖମା ଅପର ଦିଗରେ ଅନ୍ୟ ଦୁଇଜଣ; ବୁଢ଼ା କାନ୍ଧ ଉପରେ ଖମାର ଓ ତାହା ଦୁଇ କାନ୍ଧରେ ଅନ୍ୟ ଦୁହିଁଙ୍କର ମୁଣ୍ଡ । କାହାରି ମୁହଁରେ କିଛି କଥା ନାହିଁ । କେବଳ କଇଁ କଇଁ ଶବ୍ଦ ଶୁଭୁଛି । ଆଉ ତିନିଙ୍କର ଛାତି ପଞ୍ଜରା ପଡୁଛି ଉଠୁଛି । ତାହା ସଙ୍ଗେ ସଙ୍ଗେ ବୁଢ଼ା ଅଉ ଖମା ପିଠିରେ ଅଶ୍ରୁଧାର, ଶୋକର ଧାରା ଏହିପରି ବହି ଯାଉଅଛି । ଏଥିରେ କଣ୍ଠ ତାଳୁ ରୁଦ୍ଧ । କଥା ବାହାରିବାକୁ ବାଟନାହିଁ । ସୁଖ ଦୁଃଖର ପ୍ରବାହରେ ଏହିପରି ସ୍ୱଭାବତଃ ଘଟିଥାଏ । କାହିଁ

କାହିଁ ଏହି ସ୍ରୋତରେ ପଡ଼ି ପ୍ରାଣବାୟୁ କେଣେ ଭସିଯାଏ, ତାହା ଜଣାପଡ଼େ ନାହିଁ । ତାହାର ଗତି ହ୍ରାସ ନୋହିବା ଯାଏ ବଚନ ବାହାରି ପାରେନାହିଁ । ରସନା ଅଧର ପ୍ରଭୃତି ଚଳିପାରେ ନାହିଁ । କିନ୍ତୁ ଏହା ଅଚିର-ସ୍ଥାୟୀ-ଗିରି-ନଦୀପରି ମାଡ଼ିଆସି ଅବିଳମ୍ବେ ଛୁଡ଼ି ପଡ଼େ ।

ଉପସ୍ଥିତ ତିନିଜଣଙ୍କ ମଧ୍ୟରେ ଏହା ସ୍ପଷ୍ଟ ଦେଖାଗଲା । କିଛିକ୍ଷଣ ନୀରବ ଭାବରେ ଚଳୁଁ ବୁଢ଼ା କହିଲା "ବାପ ଖିମ ! ମଲାବେଳକୁ ତତେ ଦେଖିଲି ଏହି ମୋର ଭାଗ୍ୟ" । ଖିମା ଉତ୍ତର ଦେଲା "ବୋପା କିଛି ଖାଇବାକୁ ପାଇ ନ ଥିବ, ଆଗେ ଖାଅ ପିଅ ପଛେ ସବୁ କଥା ।" ଏହା କହି ଖିମା ମଦ ମାଂସ ପ୍ରଭୃତି ବାହାର କଲା । ତିନିହେଁ ପେଟ୍ଖୋମତେ ଖାଇଲେ, ପିଇଲେ । ପ୍ରକୃତି ଦେବୀଙ୍କୁ ପରିତୃପ୍ତ କରି ବାପ ଭାଇଙ୍କ ସଙ୍ଗେ ଖିମାର କଥାବାର୍ତ୍ତା ପଡ଼ିଲା ।

ଆଗେ ଘର କଥା ପଡ଼ିଲା, ବୁଢ଼ା କହିଲା ବାଣାସୁରର ଗୋଟିଏ ପୁଅ ହୋଇଛି । ମା ପୁଏ ଭଲ ଥିଲେ । କିନ୍ତୁ ଆମେ ବାପ ପୁଏ ଘର ଛାଡ଼ିଲା ଦିନୁଁ କି ହେଲାଣି ତାହା କହି ନ ପାରେଁ । ଲଢ଼େଇକି କିପରି ବାପ ପୁଅ ଦୁହେଁ ଅଇଲେ ବୋଲି ଖିମା ପଚାରିଲାରୁ ବୁଢ଼ା କହିଲା; "ଜଗଦେବଙ୍କ ରାଜ୍ୟ କଥା ତତେ ଅଜଣା ନାହିଁ । ଆଉ ବେଶି କଅଣ କହିବି ? ସେ କଥା ଛାଡ଼ । ବାପ ! ତୁ ଆଗେ କହିଲୁ ତୁ ଏଠିକି କିପରି ଅଇଲୁ ? ଏତେଦିନ ହେଲା କିଛି ଖବର ଅନ୍ତର କାହିଁକି ନଦେଲୁ ? ତୁ ଏମନ୍ତ କାଟିଦେବୁ ବୋଲି ମୁଁ ଜାଣି ନ ଥିଲି ।"

ଖିମା—"ମୁଁ ଯେପରି ଏଠାକୁ ଅଇଲି ଯାହା ଯାହା ହେଲା ସେ ଅନେକ କଥା । ତାହା ଛାଡ଼ି ଦିଅ । ଅଭିକା କଅଣ କରିବା ତାହା ଆଗ ।"

ବୁ—ମତେ କହୁ ବୁଦ୍ଧି ଦିଶୁ ନାହିଁ ।
ଖ୍ରୀ—ତୁମ୍ଭେ କି ସବୁ କଥା ଜାଣ ?
ବୁ—ହଁ, କହୁଥିଲେ ଯେ ଆଜ ରାତ୍ର ଭିତରେ ଆମ ମୁଣ୍ଡ କଟାଯିବ । ସେଇଥି ପାଇଁ ଆମକୁ ଏଠି ଦେଇଗଲେ ।
ବା—"କହୁଥିଲେ ଯେ ଆମ ମୁଣ୍ଡ ଯେ ନ କାଟିବ ତାହା ମୁଣ୍ଡ କଟାଯିବ । ଏ ସତ ତ ?
ଖ୍ରୀମା କିଛି ଉତ୍ତର ନ ଦେବାରୁ ବୁଢ଼ା କହିଲା "ଠାକୁରାଣୀ ଯାହା କରିବାର କରିବେ ତୁ ସତ କଥା କହୁ ନାହୁଁ କାହିଁକି ?"
ଖ୍ରୀ—ହଁ ଗୁମ୍ଫରୁ ସେହି ଆଜ୍ଞା ହୋଇଛି । ସେ ଆଜ୍ଞା ଟଳେ ଟଳିବାର ନୁହେଁ ।
ବୁ—ସବୁରି ହୁଳହୁଳ, ଆମରି ବଂଶର କାନ୍ଦବୋବାଳି ପାଇଁ ଏ ସବୁ ଆଜ ଘଟିଛି ?
ଖ୍ରୀ—"ସେହିପରି ଦେଖାଯାଉଛି ।"
ବୁ—"ଗୁମ୍ଫରୁ କି ଆଜ୍ଞା ହୋଇଛି ?"
ଖ୍ରୀ—"ଯେ ମୁଣ୍ଡ କାଟି ନ ଥିବ ତାହାର ମୁଣ୍ଡ କଟାଯିବ ।"
ବା—"ଯାହା ମୁଣ୍ଡ କଟା ନୋହିଥିବ ତାହାର କି ହେବ ?"
ଖ୍ରୀ—"ତାହା କିଛି ଆଜ୍ଞା ହୋଇ ନାହିଁ ।"

ଏହା ଶୁଣି ବୁଢ଼ା କାନ୍ଦିବାକୁ ଲାଗିଲା । ତାକୁ ତୁନକରି ଖ୍ରୀମା କହିଲା "କାନ୍ଦିଲେ କି ହେବ ? କଅଣ କରିବା ତାହା ବାଟ ଦେଖିବା ।" ବୁଢ଼ା ଉତ୍ତର କଲା "ମୁଁ ସବୁ ଦେଖୁଛି । ଆମକୁ ଛାଡ଼ିଲେ ଆମେ ଦୁହେଁ ଅନେଇଥିବୁ । ତୋ ମୁଣ୍ଡ ଆଗେ ଯିବ ।

ପଛେ ଆମର ଯାହାହେଉ ତତେତ ଆଉ ଲାଗିବ ନାହିଁ !" ଏହା କହି ବୁଢ଼ା ପୁଣି କାନ୍ଦିଲା; କାନ୍ଦି କାନ୍ଦି କହିଲା "ତୋ ମା ବେଶ ସୁଖରେ ଗଲା । ଏହିତା ଦେଖିବାକୁ କି ମୁଁ ଏତେକାଳ ବସି ରହିଲି ? ମୁଁ ନ ମଲି କାହିଁକି ? ଆରେ ବାପ ଖିମ ! ମତେ ଆଗେ ମାରପକା, ତେଣିକି ତମ ଦୁଇ ଭାଇଙ୍କର ଯାହା ହେବ ମୁଁ ଦେଖିବି ନାହିଁ କି ଶୁଣିବି ନାହିଁ ।"

ଖି—"ତାହା ସବୁ ଛାଡ଼, ଯହିଁରେ ତରିବା ସେ କଥା କହ ।"

ବୁ—"ତୁ କହିଲୁ ଏଠାକୁ କିପରି ଆସିଲୁ ଏପରି କିପରି ହେଲୁ ?"

ଖି—"ଦେଖୁଛୁ, ମୋହର କପାଳକୁ ଏ ସବୁ ଘଟିଛି । ଯେଣେ ଇଛା ତେଣେ ଯା, କରମ ଧେନ୍ ବୁଲୁଥା ।"

ବା—"ବୁଢ଼ା ଯାହା ପଚାରୁଛି ତାହା କହ । ତୁ ବି ତାହାପରି ହେଲେ କଅଣ ହେବ ।"

ଖି—ମନ କଥା ମନରେ ରଖି ୨ ତ ଏହା ଆସି ଘଟିଲା; ଆଉ ରଖିଲେ କି ହେବ କେ ଜାଣେ ? ମୁଁ ଚନାମାଳୀକି ଲୋଭେଇଥିଲି । ବାପ କହିଲା ସେ ଭାଇକି ବାହାହେଲା । ଲୋକେ ବି ଭଲ କହିଲେ । ସେ କଥା ମତେ ଖରେ କାଟିଲା । ଚନାମାଳୀକି ଦେଖିଲେ ବାପା ଭାଇ ଦୁହିଙ୍କ ଉପରେ ରାଗ ରାଗ ହେଲା । ଭାଇକି କମିଆ କରିବାକୁ ଲୋକେ କହିଲେ । ବାପା ଭାଇ ଲୋଭ ମୁଆସ ଛାଡିଲା ନାହିଁ । କମିଆ କଥା ଯେ କହିଲେ ତାଙ୍କୁ ପାଖରେ ପୂରାଇଲି ନାହିଁ । ଚନାମାଳୀ ଠାରୁ ଦୂରରେ ୨ ରହିଲି । ଗାଁ ଛାଡି ପଳେଇବି ବୋଲି ମନେକଲି । ଏହି ସମୟରେ ପାଞ୍ଜିଆ ଅଇଲେ । ତାଙ୍କ ସଙ୍ଗରେ ଗଲି । ରଜାଙ୍କ ଗହଣରେ ରହିଲି । କିଛି ଭଲ

ଲଗିଲା ନାହିଁ । ଘର ଆଡ଼କୁ ମନ ଧାଇଁଲା । ଆଗ କଥା ସବୁ ମନେପଡ଼ି ଘରକୁ ଯିବାକୁ ମନ ହେଲା ନାହିଁ । ଗୁମ୍ଭୁ ତେତେ ସୁଖ ପାଇଲେ ନାହିଁ । ତାଙ୍କ ଗହଣରୁ ଯାଇ ପାଠରଙ୍ଗା ଖେମାର କରଣଙ୍କ କୋଡ଼ରେ ରହିଲି, ତାଙ୍କ ସାଙ୍ଗରେ କିଛି ମନ ମାନିଲା । ସେ ପଳାଇ ଅଇଲା ବେଳେ ତାଙ୍କ ସଙ୍ଗରେ ଏ ରାଜ୍ୟକୁ ଅଇଲି । ରାଜ୍ୟ ଗୁଡ଼ିଲାରୁ ମନ ବଦଳିଗଲା, କାମଦାମ କଲି, ତହୁଁ ଆଗେ ଦିଆନ, ପରେ ଗୁମ୍ଭୁଙ୍କ ଆଖି ମୋ ଉପରେ ପଡ଼ିଲା । ରାଜା ସୁଖ ପାଇ କତିରେ ରଖିଲେ । ସୁଖରେ ରହିଲି । ଭିତରିଆଙ୍କ ପରି ମୋ ଉପରେ ପିତିଆରି ହେଲା । ଉପରକୁ ଠିକଏ ଯେ ଉଠୁ ୨ ଆଜ ରାଜା ରଣକର ପଦ ଦେଇ ଶାସ୍ତି ଦେଲେ ।" ଏହା କହୁ କହୁ ଭୀମା ଟିଲଙ୍କ ପରି କାନ୍ଦ ପକାଇଲା । କାନ୍ଦୁ କାନ୍ଦୁ କହିଲା "ଦଇବ, ମୋ କପାଳରେ କଅଣ ପୁରାଇଛୁ । ମୁଁ କଅଣ କରିବ ।"

ସାଧୁ—କାନ୍ଦନା, କାନ୍ଦନା, ଆମକୁ କିଛି କାହିଁକି କହିଲୁ ନାହିଁ । ମତେ ବା ପର କରିଦେଲୁ ?

ଖ—ପାପମନ, ସତ କଥାରେ ସଖି ଭୁଲେ । ମନେକଲି ଘର ସାଙ୍ଗରେ ନତା ଲଗାଇଲେ କଅଣ ନାହିଁ କଅଣ ହେବ । ଏହିପରି ମର ହଜିଗଲେ ଗଲା । ଦେଖିଛି ଯେ "ଦଇବ ଦଉଡ଼ି ମଣିଷ ଗାଈ ଯେଣିକି ନଅଇ ତେଣିକି ଯାଇ ।" ତମର ମୁଣ୍ଡ ଯେ ମୋର ହାତରେ ପଡ଼ିବ ତାହା ତମେ ଜାଣିଥିଲ, ମୁଁ ଜାଣିଥିଲି ନା ଗୁମ୍ଭୁ ଜାଣିଥିଲେ ? କଥାରେ

ଯାହା କ୍ରଦନ୍ତ ମନ ଜଗତ ଉପରେ ଥାଏ, କରମ ବଆଳି ବଚ୍ଚିଉ ଥାଏ । ତାହା ସତ । ମୁଁ ମଲେ ଭଲ, ନ ମଲେ ହେବ ନାହିଁ ।

ସା—ତୁ କଅଣ ଦେଖିଛୁ କଅଣ କରିଛୁ ଯେ ତୁ ମରିବୁ ? ମୁ ଆଉ କେତେକାଳ ଜୀଇଁବି ? ଘରର ସ୍ତ୍ରୀଅଟିଏ ହେଲାଣି । କୁଳ ରହିଲାଣି । ତୁ ତ ବ୍ୟାହା ହୋଇନାହୁଁ । ଆମ ଦୁହିଁଙ୍କି ମାରିପକା । ତୁ ବଞ୍ଚିବୁ । ମୋର ହଓଟି ଅଂଶ ରହିଲା ବୋଲି ଜାଣି ମୁଁ ମରିବି । ମଲାବେଳେ ମୋ ମନରେ କଛି ଦୁଃଖ ନ ଥିବ ।

ବା—ବୋପା ଆଜ୍ଞା କହୁଛନ୍ତି । ମନେକର ଆମ୍ଭେ ଲଢ଼େଇରେ ମରିଛୁଁ । ଆହୁରି ବ ଅନ୍ଧାର ହୋଇ ଯାଇଥିଲେ ତୁ ବ ତ ଚିହ୍ନି ପାରି ନ ଥାନ୍ତୁ । ଗଲା ଅଇଲା ବେଳେ ଦେଖା ଦେଖି ହେଲେଇଁ ଏହି ଡେର ।

ଖା— ମୁଁ ବାପ ଭାଇଙ୍କି ମାରିବି ! ମୁଁ ମଲେ !

ସା—ଆମକୁ ମାରିବାକୁ ଅଉ କାହାକୁ ଦେଇ ଅଉ ଦୁଇ ଜଣ ବଦଳଆ ଆଣ ।

ଖା—ସେ କଅଣ ଆପେ ମାରିବା ହେଲା ନାହିଁକ ? ମାରିବା ଯେ ମରେଇବା ସେ ।

ବା—ବଖିହେଣ କପରି ରାବଣକୁ, ସୁଗ୍ରୀବ କଟରେ ବାଳୀକି ମରାଇ ଥିଲେ ।

ଖା— ସେ ଅସୁର ଆଉ ବାନର । ତାଙ୍କ କାମ କ ମଣିଷ କରିବ ? କେକୟୀ (କୈକେୟୀ) ରାମକୁ ବଣକୁ ତଡ଼ି ଦେଇଥିଲେ, ଭରତ ରାଜା ହୋଇଥିଲେ କ ?

ସା—ତେବେ ଆମେ ଚଳଉଁ । ତୁ ଆଉ ଦଂଠା ମୁଣ୍ଡ ଅଣି ରଖ ଦେ ।

ଖା— ତେମେ କେମିତି ଚଳେଇବ ? ଠ'ଟରେ ଗୁଂଡ଼ ଅଡ଼େ ପାହାଡ଼ ଘେରିଛି । ଏଥି ଭିତରକୁ ଗୋଟିଏ ବାଟ । ସେଠାରେ ଛୁଞ୍ଚ ମାଛି ପରଖ ଲଗିଛି । ଜବରୁ ଶିଲ ବରୁଛି ହେଉଛି । ପାହାଡ଼ ଉପରେ ଠାଏ ଠାଏ ଜଗୁଆଳୀ । ତହିଁରେ ପୁଣି ଗୁଣ୍ଡଅଡ଼େ ନିଆଁ ଲଗିଛି । ଖାଇବା ବିନା ତମର ଜବନ ଆଉଛି କି ଯାଉଛି । ଗୋଡ ହାତ ଫୁଲିଛି । ବାଲ ଦେଇ ଦଉଡ଼ିରେ ବାନ୍ଧି ଯେ ପାଣି ଛୁଞ୍ଚିଥିଲେ ତାହାର ଏତେ ଏତେ ଦାଗ । ତମେ ତ ଅଧେ ପାହାଡ ଉଠି ନ ଥିବ ଧରା ପଡ଼ ମାରା ଚଢ଼ିବ । ଏତେବେଳେ ସେ ରାଜ୍ୟକୁ ଗଲେ ବି ଯେ ଧରା ନ ପଡିବ କି ମାରା ନ ଚଢ଼ିବ ତାହା ନୁହେଁ । ତେବେ ଆଉ ଦଂଠା ମୁଣ୍ଡ କଥା କହିଲ । ଯାଉଛି ତା ଦେଖେଁ । ତମେ ଦୁହେଁ ଏଠି ଲୁଚ ଥାଅ । ଠାକୁରାଣୀ ଯାହା କରିବେ ।

ଏହା କହି ଖିମା ତରଭର ହୋଇ ବାହାରିଲା । ମୁଣ୍ଡରେ ରଣଜିତ୍ ଶାଢ଼ୀ । କପାଳରେ କନା ବନ୍ଧା । ମୁହଁରୁ ମଦ ଗନ୍ଧ । ସନ୍ଧ୍ୟା ଗଲା ୨ ଆଉ ରାତି ଅଇଲା ଅଇଲା ପରି । ଏହିପରି ସମୟରେ ଖିମା ବାହାରି କେଉଁଣେ ଚାଲିଗଲା । ତାହାର ବାପ ଭାଇ ଛଉଦେବାଲ ଭିତରେ ତୁନି ହୋଇ ମୁନିଙ୍କ ପରି ବସି ରହିଲେ । କିଛି ଦେଖାଯାଉ ନାହିଁ କି ଶୁଣା ଯାଉନାହିଁ । ସେ ଦୁହିଁଙ୍କ ଭାବ ଭାବନା ସେ ନିଜେ ୨ ଜାଣନ୍ତି । କେହି କାହାରିକି ପାଟି ଫିଟାଉ ନାହାନ୍ତି । ଏହିପରି କେତେ ବେଳ ଗଲା ଆଉ ସେପରି ରହି ପାରିଲେ ନାହିଁ । ଉଠି ଦୁହେଁ ଛଡ଼ଦେବାଲ ଦୁଆରକୁ ଆସି ବାହାରକୁ ଅନାଇଲେ ।

ଅନ୍ଧକାର ଗାଢତର ହେଲଣି । ଦୂର ଚଳ ଚଳ୍ପା ଯାଉ ନାହିଁ । ତାହା ଯାହାହେଉ ଖ୍ରମାର ଦେଖା ନାହିଁ । କମ୍ପା ଏହାଙ୍କ ଦ୍ୱାରା କିଛି ହେବାର ନୁହେଁ । କିଛିକ୍ଷଣ ଠାକ ୨ ପୁନରାୟ ପୂର୍ବପର ବସିଲେ । କିଛି ଦେଖା ଯାଉନାହିଁ । କେବଳ ଶୁଭୁଛି ଲୋକଙ୍କର ଯିବା ଆସିବା ଶବ୍ଦ । ମାରେ ବାପାରେ ଡାକ ମଲ ମଲ କାନ୍ଦ । ଏଥି ସାଙ୍ଗେ ୨ ମନଫୁଲଣିଆ ଗୀତ ବ କାନରେ ପଡ଼ୁଛି । କିନ୍ତୁ ସେ ଗୀତକୁ ସାଧୁର ମନ କ କାନ ଯାଉନାହିଁ । କିଛିକ୍ଷଣ ରହି ୨ ସେ ଧୀରେ ୨ ପୁଅକୁ ପଚାରିଲା "ଏତେ ବେଳ ଯାଏ ଖ୍ରମା କାହିଁଗଲା ? ଧରା ପଡ଼ିଲା କି ? ମୁଁ କାହିଁକି ମୁଣ୍ଡ କଥା କହିଲ । ଦବେନ ତ ସମସ୍ତେ ମରିବା । କାଲି ଯାହା ହେବାର ହବ ଆଜ ଘଡ଼ିଏ ତନିହେଁ ଏକାଠି ଥାଆନ୍ତୁ । ମୁଁ ନ ମଲ କାହିଁକି ?"

ବା—ବୋପା, କିଏ ମରୁଛି କିଏ ଜିଉଁଛି କିଏ ଜାଣେ ? ଖ୍ରମା ନ ଅଇଲେ ଆମେ ତ ମରିଥାଇଁ । ଆଜ ମରିବାକୁ ଅଛି କିଏଣ ?

ବଡ଼ ପୁଅର କଥା ଶୁଣି ସାଧୁ ନୀରବ ହେଲା । ଦୁହେଁ ପୁନରାୟ ପୂର୍ବପର ବସି ରହିଲେ । ଏହିପରି ଆହୁରି କେତେକ୍ଷଣ ଗଲା । କିନ୍ତୁ ଏ କ୍ଷଣ କ୍ଷଣକ ସାଧୁ ବାପ ପୁଅକୁ ଯୁଗେ ଯୁଗେ । ସାଧୁ ପୁନର୍ବାର କାନ୍ଦ ଉଠିଲା । କିଛି ନ କହି ବାଣାସୁର ବାପ ମୁହଁରେ ହାତ ଦେଲା । କାହାର ତୁଣ୍ଡରେ କିଛି କଥା ନାହିଁ । ଦୁହେଁ କେବଳ କଇଁ କଇଁ ହେବାକୁ ଲାଗିଲେ । ଏହିପରି କେତେକ୍ଷଣ ଗଲାରୁ ଛଉଦେବାଳ ଆଡ଼ୁ ଲୋକ ଆସିଲା ପରି ଜଣାଗଲା । ବାପ ପୁଅ ଦୁହିଁଙ୍କର କଇଁ କଇଁ ରହିଗଲା । ସେମାନଙ୍କ ମନରେ କି ହେଲା ସେ ଦୁହେଁ ଜାଣନ୍ତି । ଇତମଧ୍ୟରେ ଆଗନ୍ତୁକ ଭିତରକୁ

ଏପରିଆସି କୁନ୍ କରି କହିଲା "ବୋପା" । ଏହା ବାହାରୁ ବାହାରୁ ସାଧୁ ପଚାରିଲା "ଖ୍ରୀମା" ଖ୍ରୀମା ଉତ୍ତର କଲା "ଏଠେ, ପାଣ୍ଡି କରନା, ଘର କାହିଁ ?"

ସା—ଏଇଠି ବସିଛୁ; ତୋ କଥା ଆଗେ କହିଲୁ ?

ଖ୍ରୀ—ଯାହା କହିଥିଲ ତାହା କଲ । ସେ ତିନିଟାଙ୍କୁ କାଟି ତାଙ୍କ ମୁଣ୍ଡ ପାଖରେ ଆଉ ଦଶଟା ମଲା ମୁଣ୍ଡ ଆଣି ରଖିଦେଲି । କାଲି କଅଣ ହେଉଛି ହେଉ । ଆଜି ତୁମକୁ ଛାଡ଼ି କୁଆଡ଼େ ଯାଉନାହିଁ ।

ସା—"ଧରପଡ଼ ନାହୁଁ କି କରୁଛ ଗୋଳମାଳ ହୋଇ ନାହିଁ ତ ?"

ଖ୍ରୀ—ଆମ ଜାତି ଯେପରି ମଦ ଖାଆନ୍ତି ତାହା ସମସ୍ତେ ଜାଣନ୍ତି । ରଜା ମଦରେ ସୁଖ ପାଆନ୍ତି ସମସ୍ତେ ଜାଣନ୍ତି । କପାଳରେ କନା ଖଣ୍ଡିକ ବନ୍ଧାଥିଲା । ଶାଢ଼ୀଖଣ୍ଡ ମୁଣ୍ଡରୁ ଫିଟାଇବାକୁ ଭୁଲି ଯାଇଥିଲା । ଆଜି କାଲି ମଲା ମଣିଷ କେଉଁ ଅପୂର୍ବ !! ଏ ତ ସବୁ ହୋଇଗଲା । ତେବେ କାଲି ସକାଳୁ ରଜା ଅଇଲା ବେଳେ କି ହେଉଛି ଦେଖାଯାଉ । ଯେତେବେଳେ ଯୁଆଡ଼କୁ ପାଣି ବରଷିବ ସିଆଡ଼କୁ ଛତା ଧରିବା । ଆଜି ରାତିରେ ଆଉ ସେ କଥା ନାହିଁ । ରାତିଟା ହେଲେ ତିନିହେଁ ଏକାଠି ରହିବା ।

ଏତେ କହି ଅନ୍ଧାରରେ ଖ୍ରୀମା ପୁଣି ମଦ ବାହାର କଲା । ତିନିହେଁ ମଦ ପିଇଲେ । ଚଡ଼ କଥା ଭୁଲାଇଦେଲେ । ମନ ଆଉପରି ହୋଇଗଲା । ବହୁକାଳ ପରେ ତିନିହେଁ ଏକାଠି ହେବା ସୁଖ ସବୁରି ମନ ହୃଦୟ ଅଧିକାର କଲା । ସମସ୍ତେ ମଦକ । ଅନ୍ୟମାନେ ମନଇ ମଦ ଚଖାଜୁଥାଏ । ସମସ୍ତେ ମଦକରେ ମଦ ଗଲେ ।

ବାପ ଭାଇଙ୍କ ମାୟାରେ ଖମା ରଜାଜ୍ଞା ପ୍ରତିପାଳନ କଲାନାହିଁ । ରାଜା ପ୍ରଜା ଉଭୟଙ୍କ ଆଖିରେ ଧୂଳି ଦେବା ଆଶାରେ ମଲା ମଣିଷଙ୍କ ମୁଣ୍ଡ ଆଣି ରଖିଦେଲା । ବାପଭାଇ ଏହାର ପ୍ରତିବାଦ ନ କରି ତାହା ଅନୁମୋଦନ କଲେ । ଏହା ସାଧାରଣ ସାହସର କଥା ନୁହେଁ । ଠାକୁରାଣୀଙ୍କ ଭରସା ବ୍ୟତୀତ ସେମାନଙ୍କର ଆଉ କିଛି ନାହିଁ । ପୁଣି ଏଥିପାଇଁ ଠାକୁରାଣୀ ମାରିବେ କି ତାରିବେ ଜଣା ନାହିଁ । ପର କାଳରେ ଏହା ନ୍ୟାୟ ବିବେଚିତ ହେଉ କି ନ ହେଉ, ପାପ ବିବେଚିତ ହେଉ, କି ପୁଣ୍ୟ ବିବେଚିତ ହେଉ ରାତି ପାହିଲେ ରାଜା ପ୍ରଜା ଉଭୟଙ୍କ ବିଚାରର ପ୍ରକାଶ ପାଇବ । ସେମାନଙ୍କ ମତିଗତି ଖମା ଆଉ ତାହାର ବାପ ଭାଇଙ୍କି ଜଣା ।

ରାଜା ହରିଚନ୍ଦନ ମର୍ଦ୍ଦରାଜଙ୍କର ମାୟା ମମତା ଅଛି କି ନା ତାହାସବୁ ତାଙ୍କ ନ୍ୟାୟାନ୍ୟାୟ ଧର୍ମାଧର୍ମ ଜ୍ଞାନ ଆଉ ବିଚାରକୁ ବଳ ପ୍ରବଳ କି ଦୁର୍ବଳ ଓ ସେ ଖମା ହାତରେ ତାହା ବାପଭାଇଙ୍କ ମୁଣ୍ଡ କଟାଇ ଥାଆନ୍ତେ କି ନା ସେମାନେ ଜାଣନ୍ତି । ଆଜ୍ଞା ପାଳନରେ ତ୍ରୁଟି ହେବାରୁ ସେ ରୁଷ୍ଟ କି ତୁଷ୍ଟ ଅଚିରେ ପ୍ରକାଶ ପାଇବ । ତାହା ଦେଖା ନୋହିବା ଯାଏଁ ଅନ୍ୟ କେହି କିଛି କହି ନ ପାରେ । ତଥାପି ଏହା ବିଷମ ସମସ୍ୟାର ସ୍ଥଳ । ପିତୃ ଆଦେଶରେ ପରଶୁରାମ ସ୍ୱର୍ଗାଦପି ଗରୀୟସୀ ଜନନୀଙ୍କର ଶିରଚ୍ଛେଦନ କରିଥିଲେ । ଧର୍ମ ପାଇଁ ରାବଣ ଆଉ ଇନ୍ଦ୍ରଜିତଙ୍କ ନିଧନର ଗୂଢ଼ ରହସ୍ୟ ବିଭୀଷଣ ବତାଇ ଦେଇଥିଲେ । ଯେଉଁ ପ୍ରାଣୋତ୍ତମ ସୀତାଙ୍କ ପାଇଁ ସମୁଦ୍ର ବନ୍ଧନ, ଲଙ୍କା ଦହନ ପ୍ରଭୃତି, ପ୍ରଜାରଞ୍ଜନ ପାଇଁ ପୂର୍ଣ୍ଣ ଗର୍ଭାବସ୍ଥାରେ ସେହି ସତୀ ସାଧ୍ୱୀ ରାଜପ୍ରାସାଦରୁ ନିର୍ଜନ ଅରଣ୍ୟକୁ ବିତାଡ଼ିତ । ପୁଣି ଶାସ୍ତ୍ରର ଅନୁରୋଧରେ ଯେଉଁ ରାମଚନ୍ଦ୍ର ସୁବର୍ଣ୍ଣ ସୀତା ନିର୍ମାଣ କରାଇଥିଲେ,

ଧନୁର୍ବାଣ ଘେନି ରଣମତ୍ତ ହୋଇଥିଲେ ସୁଦ୍ଧା ଅପରିଚିତ ନବ କୁଶଙ୍କ ଦର୍ଶନରେ ସେହି ରାମଚନ୍ଦ୍ରଙ୍କର ବାତ୍ସଲ୍ୟର ସଞ୍ଚାର ।

ଏହା ସବୁ ଜଣା ଶୁଣା ଥିଲେ ବି ତାହା ବିଶ୍ୱାସ ହେଉ ନାହିଁ କି କାର୍ଯ୍ୟରେ ଅଣାହେଉ ନାହିଁ । ବରଂ ତାହାର ବିପରୀତ ମତିଗତି ଦେଖାଯାଏ । ତିନି ପୁରୁଷିଆ ଖୁଡ଼ୁତା ପୁଅ ଭାଇର ଶଳାର ମାମୁଁଙ୍କ ଶ୍ୱଶୁରର ମାୟା ମମତା ନ୍ୟାୟ ପଥହୁଡ଼ା ବୋଲି ବିବେଚିତ ହୋଇଥାଏ । ଏପରି ସମ୍ପର୍କ ନ୍ୟାୟ ବିଚାରର ସମ୍ପୂର୍ଣ୍ଣ ବିରୋଧୀ ବୋଲି ବଡ଼ ୨ ଧର୍ମ ମାମା ଜ୍ଞାନ ଶପଥ କରି ଥାଆନ୍ତି । ନୀଚତମ ଠାରୁ ଉଚ୍ଚତମ ବିଚାରାଳୟରେ ବିଚାର କାର୍ଯ୍ୟର ହସ୍ତାନ୍ତର ପାଇଁ ପ୍ରଚୁର କାରଣ ଗଣା ହୋଇ ବିଚାରକେ ଅନୁପଯୁକ୍ତ ବିବେଚିତ ହେବା ଯଥାତଥା ଦେଖା ଆଉ ଶୁଣା ଯାଇଥାଏ । ଦୂର ବା ନିକଟ ସମ୍ପର୍କର ମାୟା ମମତା ନ୍ୟାୟ ଆଉ ଧର୍ମ ବିଚାରର ଏତେ ବିପର୍ଯ୍ୟୟ ବୋଲି ପରିଗଣିତ ହେଉଥିଲେ ସୁଦ୍ଧା, ଜଗତ୍‌ପିତା ପରମେଶ୍ୱରଙ୍କୁ ପରମ ପିତା ଜ୍ଞାନରେ ଜାତିକୁଳ ନିର୍ବିଶେଷରେ ନରନାରୀଏ ଭାଇ ଭଗିନୀ ସମ୍ବୋଧିତ ହୋଇଥାନ୍ତି । ସେହି ମାୟାଜାଲ ବିଶ୍ୱବ୍ୟାପୀ କରିବା ଚେଷ୍ଟାରେ କେହି ୨ ପ୍ରକୃତି ସୃଷ୍ଟ ପିତା ମାତା, ଭାଇ ଭଉଣୀ ନିକୃଷ୍ଟ ଅପଦାର୍ଥ ବିବେଚିତ ହୋଇ ଯତ୍ନତଃ ବିବର୍ଜିତ ହୋଇ ଥାଆନ୍ତି । ଏହା ବିନା ବାହାନା ବାସନା କାମନା ମଧ୍ୟରୁ ଯାହାହେଉ ଦେଶ, ପ୍ରଦେଶ, ବା ମହାଦେଶ ଖଣ୍ଡର ସବୁ ନାରୀଏ ଭ୍ରାତା ଭଗିନୀ ପାଶରେ ଆବଦ୍ଧ ହେଲାରୁ ସତ୍ୟପାଠ, ସତ୍ୟ ପ୍ରତିଜ୍ଞା ଶପଥ କପଟ ହେବ ଓ ନ୍ୟାୟ ଓ ଧର୍ମର ବିଚାରାସନରେ 'କେଉଁମାନେ ବଞ୍ଚିବେ ଯେଉଁମାନେ ଜୀବନରେ ଥିବେ ସେହିମାନେ ଦେଖିବେ, ଶୁଣିବେ, କିନ୍ତୁ ବର୍ତ୍ତମାନକୁ ଏହା 'ବିଷମ ସମସ୍ୟା । ଏହା ଆଡ଼କୁ ନ ଯାଇ ଭୀମା ଓ ତାହାର ବାପ ଭାଇ ନିଶ୍ଚିନ୍ତରେ ନିଦ୍ରାଗଲେ ।

# ସପ୍ତମ ପରିଚ୍ଛେଦ

ରଜନି କାଳ ବୋଲି ବୋଲାଯାଇଥାଏ । ଏଥିରୁ ଯାହା ପ୍ରକାଶ ପାଉ, ଏ ସମୟରେ ସାନ ବଡ଼ ସମସ୍ତେ ଘରେ ବାହାରେ ଆଶ୍ରୟାବଲମ୍ବି । ନାନା-ଦିଗରୁ ଆଗତ ପକ୍ଷୀକୁଳ ଏକ ବୃକ୍ଷ ସମବେତ । ପରସ୍ପର ସାହାଯ୍ୟ ପାଇଁ ଏକତ୍ରିତ । ଗୋରୁ, ଅଶ୍ୱ, ଛେଳୀ, ମେଣ୍ଢା ଗୋଠଭୁକ୍ତ । ପର୍ଣ୍ଣକୁଟୀର ଠାରୁ ସୌଧମାଳା ପର୍ଯ୍ୟନ୍ତ ରୁଦ୍ଧଦ୍ୱାର । ପୁଣି କୋକିଳର କୁଜନ ନାହିଁ କି ଭ୍ରମରର ଗୁଞ୍ଜନ ନାହିଁ । ଧରଣୀ ନୀରବ ନିସ୍ତବ୍ଧ । ନିଶାଚରଙ୍କ ବିଭୀଷିକାରେ ଚତୁର୍ଦ୍ଦିଗ ପରିପୂର୍ଣ୍ଣ । ଏହି କାଳରେ ଭୂତପ୍ରେତ ଡାକିନୀ ଯୋଗିନୀଙ୍କର ଲୀଳାଖେଳା ବୋଲି ଜଣାଶୁଣା । ବ୍ୟାଘ୍ର ଭଲ୍ଲୁକ ପ୍ରଭୃତିଙ୍କ ବିକଟ ନାଦରେ ଗାତ୍ରକମ୍ପ ଉପସ୍ଥିତ । ସେମାନଙ୍କ ଆମୋଦ ପ୍ରମୋଦ ପାଇଁ କେତେ ୨ ପ୍ରାଣୀଙ୍କର ପ୍ରାଣବାୟୁ ନିଃଶେଷ । ଚୈରନାରୀ ବାଟପାରି ପାଇଁ ଏ ପ୍ରଶସ୍ତ କାଳ । ଅସହାୟା କୁମାରୀର ସତୀତ୍ୱ ରତ୍ନ ଅପହୃତ । ଧନୀ ସର୍ବସ୍ୱାନ୍ତ । ଏପରି ବିଭୀଷିକାପୂର୍ଣ୍ଣ

ହେଲେହେଁ ରବିରେ ସମସ୍ତେ ନିଦକ ରଣ ଭୂଇଁରେ ଅସ୍ତ୍ର ଶସ୍ତ୍ରର ଝଣ ୨ କଣ ୨ ନାହିଁ । ଅଶ୍ୱର ହେ୍ରସାରବ ନାହିଁ, କମାଣର ବଜ୍ରନିନାଦ ନାହିଁ । ସଦା ଶୋଣିତ ପିପାସୁ ଅସି କୋଷାଶ୍ରିତ । ଅଦୂରେ କର୍ଣ୍ଣ ଦ୍ରୋଣ ପ୍ରଭୃତିଙ୍କ ପରି ସୁବିରେ ବିଦ୍ୟମାନ ଥିଲେହେଁ ଭୀମାର୍ଜ୍ଜୁନଙ୍କ ପରି ମହା ଧନୁର୍ଦ୍ଧରମାନେ ମାତୃଅଙ୍କରେ ଦୁଗ୍‌ଧପୋଷ୍ୟ ଶିଶୁ ପରି ନିଦ୍ରାଭିଭୂତ । ନିଶା ଦେବୀଙ୍କ ଚିର ସହଚରୀଙ୍କ ପ୍ରସାଦ ପାଇଁ ଯୋଗୀ ଭୋଗୀ ରୋଗୀ ଠାରୁ ବଇରାଗୀ ସମସ୍ତେ ଲାଳାୟିତ । ସେହି ପ୍ରାସାଦରେ କାମ କ୍ରୋଧ ଲୋଭ ମୋହ ପ୍ରଭୃତିର ବିରାମ । ସେ ସବୁର ସ୍ରୋତ ଅହରହ ଚାଲୁଥିଲେ ଯେ ଜଗତ କି ହେଉଥାନ୍ତା ବୋଲାଯାଇ ନ ପାରେ । ନିଦ୍ରାବିନା ପ୍ରକୃତିର ବିକୃତି ବିଡ଼ମ୍ବନା ବ୍ୟୁତ୍ପାତ । ପୁଣି ଏହି କୈବଲ୍ୟ ଦାନ ପାଇଁ ନିଦ୍ରାଦେବୀ ନଦୀକୂଳେ, ବୃକ୍ଷମୂଳେ, ପ୍ରାସାଦେ, କୁଟୀରେ ତୃଣଶଯ୍ୟାରେ, ଗଜଦନ୍ତ ପଲଙ୍କରେ ଆପେ ଆପେ ଉପସ୍ଥିତ । ତାଙ୍କ କରକମଳ ସ୍ପର୍ଶରେ ଚିତାରୁ ବଳି ଗରୀୟସୀ ଚିନ୍ତାନଳ ନିର୍ବାପିତ, ଶ୍ରାନ୍ତି, କ୍ଲାନ୍ତି, ଭ୍ରାନ୍ତି ବିଦୂରିତ । ତଥାପି ତାଙ୍କ କ୍ରୋଡ଼ାଶ୍ରୟ କରିବାକୁ କେହି ୨ ବିମୁଖ । ସେମାନେ ପ୍ରକୃତିସ୍ଥ ହେଉନ୍ତୁ ବା ନ ହେଉନ୍ତୁ ସେମାନେ ସାଧାରଣତଃ ବଡ଼ ୨ ଲୋକ । ଛତ୍ରପତି ସେନାପତି ପ୍ରଭୃତି ନିଶିଥରେ ଚିନ୍ତାମଗ୍ନ, କାର୍ଯ୍ୟରତ ।

ଚଣକତ ଶାଢ଼ୀ ପାଇ ଥିଲେ ବି ଭୀମାର ସେପରି ଚିନ୍ତା ନାହିଁ । ବାପ ଭାଇଙ୍କ ସହିତ ନିଜ ମୁଣ୍ଡକୁ ପାଣି ଛଡ଼େଇ ଠାକୁରାଣୀଙ୍କ ଇଚ୍ଛା ଉପରେ ସବୁ ଛାଡ଼ି ଦେଇଛନ୍ତି । ଯାହା କରନ୍ତି ବା ପରଦିନ ପ୍ରତ୍ୟୂଷରେ ଯାହା ହେବ ତହିଁ ପାଇଁ କୌଣସି ଶୋଚନା ନାହିଁକି ଭାବନା ନାହିଁ । ଦରମରା ବାପ ଭାଇ ଯେ ସେହିପରି ଏହା କହିବା ବାହୁଲ୍ୟ ମାତ୍ର । ଏମାନେ ଠାକୁରାଣୀ ସର୍ବେସର୍ବା ବୋଲି ବିଶ୍ୱାସ

କରନ୍ତି । ସେ ମାରିବେ କି ରଖିବେ ତିନଙ୍କ ମଧ୍ୟରୁ କେହି ଜାଣନ୍ତି ନାହିଁ । କିନ୍ତୁ ସେମାନେ ଜାଣନ୍ତି ଯେ "ଯାହାକୁ ରଖିବେ ଅନନ୍ତ କିସ କରିବେ ବଳବନ୍ତ"; ଠାକୁରାଣୀଙ୍କର ଅନୁଗ୍ରହ ହେଲେ କେହି ନିଆଁରେ ପୋଡ଼ିବେ ନାହିଁ କି ପାଣିରେ ବୁଡ଼ିବେ ନାହିଁ । ସେ ବାମ ହେଲେ କେହି ମୁହୂର୍ତ୍ତେ ରଖି ପାରିବେ ନାହିଁ । ତାଙ୍କ ଆଜ୍ଞା ବିନା ଆଉ କେହି ସାହା ନାହିଁ । ଏପରି ଧର୍ମ ଭାବ ଭଲ କି ମନ୍ଦ ଅହଂ-ଜ୍ଞାନରେ ଦିନରାତି କାର୍ଯ୍ୟକ୍ଷେତ୍ରରେ ସଦା ସଚଳ ଚଞ୍ଚଳ ହେବା ଭଲ, ତାହା ଖିମା ପରି ଲୋକେ କିମ୍ବା ରାଜା, ମନ୍ତ୍ରୀ ପ୍ରଭୃତି ଜାଣନ୍ତି ।

କିନ୍ତୁ ଦେଖାଯାଏ ଶୁଣାଯାଏ ଯେ ଜଗତବିଖ୍ୟାତ ନେପୋଲି-ଅନ ଦିନ ରାତି କାମ କରୁଥିଲେ । କେତେଥର ରାତିରେ ନିଦ୍ରା ସଙ୍ଗେ ଭେଟ ହୋଇ ନାହିଁ । ସେ ଯାହା ଭାବି ଚିନ୍ତି ଠିକ୍ କରୁଥିଲେ ତାହାର ଫଳ ହାତେ ହାତେ ମିଳୁଥିଲା । ବିଜୟଲକ୍ଷ୍ମୀ ତାଙ୍କର କରକନ୍ଦୁକ ପରି ଜଣା ଯାଉଥିଲେ । ତାଙ୍କ ବିଦ୍ୟା, ବୁଦ୍ଧି, କଳ-କୌଶଳ, ଅସୀମ ଅଧ୍ୟବସାୟ, ପରାକ୍ରମ, କଷ୍ଟସହିଷ୍ଣୁତା ପ୍ରଭୃତିରେ ଜଗତ ଚକିତ ସ୍ତମ୍ଭିତ ସ୍ତମ୍ଭିତ ବିସ୍ମିତ ହେଉଥିଲା । ଶେଷରେ ପିଲାଙ୍କ ଧୂଳିଘରପରି ସବୁ ଉଭେଇ ଗଲା । ନିଜବିରଚିତ ବିଶାଳ ରାଜ୍ୟରୁ ବିତାଡ଼ିତ ହୋଇ ଦିଗନ୍ତବ୍ୟାପି ମହାସାଗରମଧ୍ୟସ୍ଥ ମୁଷ୍ଟି-ପରିମିତ ଦ୍ୱୀପଖଣ୍ଡରେ ବନ୍ଦୀରୂପେ ଜୀବନଯାତ୍ରା ଶେଷ କଲେ । ଏଥିରେ ସୁଦ୍ଧା ତାଙ୍କର ବୁଦ୍ଧିବିଚାରର ପ୍ରଶଂସମାପ୍ତ ହୋଇପାରେ ।

ଖିମା ଓ ତାହାର ବାପଭାଇ ମୂଢ଼ ଆଉ ଅବିମୃଶ୍ୟକାରୀ ବିବେଚିତ ହୋଇ ପାରନ୍ତି । ଏହା ମନୁଷ୍ୟର ବିଚାର । କିନ୍ତୁ ଯେ ସର୍ବଭୂତରେ ମାତା, ଶାନ୍ତି, ଦୟା, ମାୟା, କ୍ଷମା ପ୍ରଭୃତି ରୂପେ ସଦା ସଂସ୍ଥିତା ତାଙ୍କ ବିଚାର ଧନୀ, ମାନୀ, ପଣ୍ଡିତ, ମୂର୍ଖ ସବୁରି

ଅଗୋଚର । ସେହି ବିଚାର ପାଇଁ କର୍ମ ଦୁଇ ଭାଗରେ ବିଭକ୍ତ । ପୁଣି ଯାହାକୁ ଜଣେ ପାପ କାର୍ଯ୍ୟ କହୁଛି, ଅନ୍ୟ ତାକୁ ଧର୍ମ କର୍ମ କହୁଛି । କେହି ଗୃହସ୍ଥାଶ୍ରମକୁ ମୋକ୍ଷପଥ ମଣୁଛି । କେହି ବିଜନ ଅରଣ୍ୟବାସୀ ହେଉଅଛି । କେହି ଯଜ୍ଞ ବା କେହି ଜପ କରୁଛି । କେହି ସାକାର କେହି ବା ନିରାକାର ଭଜୁଛି । ଏହିପରି ଯେ ଯାହା କରୁ ବା କହୁ, ବିଚାରକର୍ତ୍ତାଙ୍କ ତୁଳାଦଣ୍ଡ କାହାରିକି ଜଣା ନାହିଁ କିମ୍ବା ତାଙ୍କ ନିକିତିକଣ୍ଟା ସୁତାଏ ଏପାଖ ସେପାଖ କରିବାକୁ କେହି ସକ୍ଷମ ନୁହେଁ । ଏ ସବୁ କଥା ଅଜ୍ଞେୟ ଅଦୃଶ୍ୟ । କିନ୍ତୁ ଯାହା ମନୁଷ୍ୟ-କରଗତ ଆୟତ୍ତାଧୀନ, ବେଳେ ବେଳେ ତହିଁକି ତାହାର ବଳ ନାହିଁ କି କଳ ନାହିଁ । ବିଶାଳ ବାରିଧିବକ୍ଷ ଶତ ଶତ ଅର୍ଣ୍ଣବଯାନରେ ବିଦାରିତ ବିଲୋଡ଼ିତ । ପୁଣି କେତେ କେତେ ମହାପ୍ରାଣୀ ତାହାରି ଗର୍ଭରେ ଅନ୍ତର୍ହିତ । କେତେ ୨ ସ୍ରୋତସ୍ୱିନୀ ରୁଦ୍ଧଗତି ହୋଇ ପରିଚାରିକା ପରି କାର୍ଯ୍ୟାନୁରକ୍ତ । ପୁଣି ପଲକେ ପ୍ରଳୟ ଉପସ୍ଥିତ କରି ସେହିମାନେ କେତେ ୨ ସୁରମ୍ୟ ହର୍ମ୍ୟ ଭୂତଳଶାୟୀ କରୁଛନ୍ତି । କେତେ ୨ କ୍ଷେତ୍ର ବାଲୁକାପୂର୍ଣ୍ଣ କରାଉଛନ୍ତି । କେତେ ପଶୁପକ୍ଷୀ ନରନାରୀ ଭସାଇ ନେଇ ସମୁଦ୍ର-ଗର୍ଭରେ ନିକ୍ଷେପ କରୁଛନ୍ତି । ଆଜି ଯେ ପରମ ମିତ୍ର ଅଛି, କାଲି ସେ ପରମ ଶତ୍ରୁ ହେଉଅଛି । ଦଶରଥ ଶ୍ରୀରାମଚନ୍ଦ୍ରଙ୍କୁ ଅରଣ୍ୟ ପ୍ରେରଣ କରୁଛନ୍ତି । ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କ ଆତ୍ମୀୟ ସ୍ୱଜନଙ୍କ ନିଧନ ପାଇଁ ଭଗବଦ୍‌ଗୀତା କହୁଛନ୍ତି । ଏପରି କ୍ଷେତ୍ରରେ ଝମା ଓ ତାହାର ବାପାଭାଇ ଦୁହେଁ ନିଦକ ନିଦ ଯାଇ ଭଲ କଲେ କି ମନ୍ଦ କଲେ ତାହା ବିଚାରକର୍ତ୍ତା ଜାଣନ୍ତି । ବିଚାରରେ ଯାହାର ଯାହା ହେଉ, କୁଆରଭଙ୍ଗା ପରି ଦିନରାତି କାହାରି ଭଲମନ୍ଦ ପାଇଁ ଅପେକ୍ଷା କରନ୍ତି ନାହିଁ । ଆପଣା ବେଳରୁ ତିଳେ ଆଗପଛ ହୁଅନ୍ତି ନାହିଁ ।

ସୁତରାଂ ଖ୍ରୀମା ବା ତାହା ବାପଭାଇଙ୍କର କ ହେବ ତହିଁ ପ୍ରତି ଭ୍ରୂକ୍ଷେପ ନ କରି ରବିଦେବୀ ଯଥାସମୟରେ ଗିରିଦୁର୍ଗରୁ ପ୍ରସ୍ଥାନ କଲେ । ତାଙ୍କ ସହଚରୀ ନିଦ୍ରା ମଧ୍ୟ ଅଧିକ କ୍ଷଣ ପଛେଇ ରହିଲେ ନାହିଁ ।

ତାଙ୍କ ସୁଖକର ଅଙ୍କରୁ ଅନ୍ତର ହୋଇ ଖ୍ରୀମା ଘୋର ଅନ୍ଧକାର ପରିବର୍ତ୍ତି ଚତୁର୍ଦ୍ଦିଗ ଦିନକରଙ୍କ ସମୁଜ୍ଜ୍ୱଳ କିରଣମାଳା-ବିଭୂଷିତ ଦେଖି ଚମକି ପଡ଼ିଲା ପରି ହେଲା । ଏଥିରେ ତାହା ମନରେ କ ହେଲା, ତା ସେ ଜାଣେ । ତାହା କିଛି ପ୍ରକାଶ ନ କରି ବାପ-ଭାଇଙ୍କି ଉଠାଇ ଦେଲା ଏବଂ ଅତି ସାବଧାନରେ ଲୁଚି ରହିବାକୁ କହି ତରତର ହୋଇ ପଦାକୁ ବାହାରି ଗଲା । ସେତେବେଳକୁ ରାଜା ତାହାର ବସାନିକଟବର୍ତ୍ତୀ ହୋଇ ଗଲେଣି । ଖ୍ରୀମା ଆଗେଇ ଯାଇ ଭୂମିଷ୍ଠ ପ୍ରଣିପାତ ହେଲା । ପୁଣି ପାଖଲୋକଙ୍କ "ଉଠ ୨" ଡାକରେ ଅବିଳମ୍ବେ ଉଠି କର ଯୋଡ଼ି ଠିଆ ହେଲା । ନିଶାରେ ମଦ୍ୟପାନ ଆଉ ବିଳମ୍ବେ ନିଦ୍ରାଭଙ୍ଗର ଲକ୍ଷଣମାନ ପୂର୍ଣ୍ଣ ମାତ୍ରାରେ ବିଦ୍ୟମାନ । ତାହାପାଇଁ ଖ୍ରୀମାର କିଛି ଶୋଚନା ନାହିଁ । ସେ ନିର୍ଭୟ ମନରେ ବାପ ଆଗରେ ପୁଅପରି ଛିଡା ହୋଇ ରହିଲା । ରୁଚି ଅନୁସାରେ ଏହା କେହି କ୍ଷମଣୀୟ ମନେ କରୁ ବା ନ କରୁ ପ୍ରଫୁଲ୍ଲ ବଦନରେ ରାଜା ଆଜ୍ଞା ଦେଲେ "କାଲି ରାତିରେ ବେଶି ବେଳଯାଏ ମାମୁଁ ଘରେ ଥିଲ ପରା" ? ଏଥିରେ ଖ୍ରୀମା କହିଲା "ତୁମ୍ଭଙ୍କୁ କେଉଁ କଥା ଅଗୋଚର ଯେ" ।

ସେ ବିଷୟରେ ରାଜା ବା ଗହଣଲୋକେ ଆଉ କିଛି କହିଲେ ନାହିଁ । ଏକଥା ସେକଥା ହୋଇ ସମସ୍ତେ ଅଗ୍ରସର ହେଲେ । ଭୀମା ଟିକିଏ ପଛେଇ ରାଜାଙ୍କ କରେ କରେ ରହିଲା ।

ତାହାର ଭାବଭଙ୍ଗୀରେ କୌଣସି ପରିବର୍ତ୍ତନ ନାହିଁ । ଯେଉଁଠାରେ ଖିମାଭାଗ ମୁଣ୍ଡ ଖୁଣ୍ଟା ଉପରେ ଥୁଆ ହୋଇଥିଲା, ସେ ସ୍ଥାନ ଉପସ୍ଥିତ ହେଲା । କିନ୍ତୁ ଖିମା ଯେପରି ସେପରି । ତାହା ମନରେ କି ଅଛି ସେ ଜାଣେ । ତହିଁପାଇଁ ତାହାର ମୁଖ ବନ୍ଦ ନୁହେଁ । ଆଉ ଆଉ ମାନଙ୍କ ପରି ସେ ମଧ୍ୟ ଏକଥା ସେକଥା କହୁଅଛି । ଏହିପରି ଭାବରେ ସମସ୍ତେ ଚାଲୁଛନ୍ତି ।

ପାଞ୍ଚଗୋଟା ମୁଣ୍ଡ ପ୍ରତି ରାଜା ଦୃଷ୍ଟି ଦେଲେନାହିଁ କିମ୍ବା ସେ ସମ୍ବନ୍ଧରେ କିଛି କହିଲେ ନାହିଁ । ସେଥିଯୋଗୁଁ ବା ଅନ୍ୟ କୌଣସି କାରଣରୁ ଆଉ କେହି କିଛି କହିଲେ ନାହିଁ କି କଲେ ନାହିଁ । କଥାନହସରେ ସମସ୍ତେ ସେ ସ୍ଥାନ ଛାଡ଼ି ଚାଲିଗଲେ । ତଥାପି ଭୀମା ପୂର୍ବପରି । ଏହିପରି କିଛି ଦୂର ଯାଇ ଭୀମା ଗ୍ରାମୁରୁ ମେଲାଣି ମାଗିଲା । ଅମ୍ଳାନ ବଦନରେ ଗ୍ରାମୁ ତାହାର ମାଗୁଣି ପ୍ରଦାନ କଲେ । ଯଥାବିଧି ଜୁହାର ହୋଇ ଫେରିଲା ବେଳକୁ ତାହାର ଭିନ୍ନ ଢଙ୍ଗ ଦେଖା ଦେଲା । ତାହାର ଛାତି କୁଣ୍ଢେ ମୋଟ ହୋଇଗଲା ପରି ଜଣାଗଲା । ଗୋଟାଏ ଘାଟି ପାରି ହେଲା ବୋଲି ଠାକୁରାଣୀଙ୍କି ମନେ ମନେ ଜୁହାର କଲା କି ନା ତାହା ସେ ଜାଣେ । କିନ୍ତୁ ବେଗ ବେଗ ହୋଇ ଚାଲିବାକୁ ଲାଗିଲା । ସେପରି ଆସି ବାପଭାଇଙ୍କ କତିକି ନଯାଇ ଆଗେ ମୁଣ୍ଡପାଞ୍ଚଟା ନେଇ ନିକଟ-ବର୍ତ୍ତୀ ନଈଟାକୁ ଚାଲିଗଲା ।

କିଛିକ୍ଷଣ ଉତ୍ତାରୁ ଭୀମା ଆସି ବାପଭାଇଙ୍କ ସଙ୍ଗେ ମିଳିଲା ଆଉ ଯାହା ଯାହା ଘଟିଲା ସବୁ କହିଲା । ଏଥିରେ ସମସ୍ତେ ଯେ ଆହ୍ଲାଦିତ ହେଲେ ଏହା କହିବା ବାହୁଲ୍ୟମାତ୍ର । ଠାକୁରାଣୀ ରଖିଲେ ବୋଲି ସମସ୍ତଙ୍କ ମୁହଁରୁ ବାହାରିଲା ।

ଏଥି ସଙ୍ଗେ ସଙ୍ଗେ ଭବିଷ୍ୟତଚିନ୍ତା ଆସି ଉପସ୍ଥିତ ହେଲା । ଅଜ୍ଞେୟ ଅଦୃଶ୍ୟ ଶକ୍ତି ଉପରେ ଯେତେ ନିର୍ଭର କଲେ ବି ନିଜଶକ୍ତି ସହଜରେ ଭୁଲିଯାଏ ନାହିଁ । ସେ ଭାବ ଓ ବିଶ୍ୱାସରେ ପୂରା ଅଧିକାର ନୋହିବା ଯାଏ ମାୟାଜାଲରେ ମନୁଷ୍ୟ ଏଣେ ତେଣେ ହେଉଥାଏ । ନାନା ଉଦ୍ୟମ ଚେଷ୍ଟା ପ୍ରଭୃତି ଛାଡ଼େ ନାହିଁ । ମନେକରେ ଯେ ଦୈବ ଏତେ ଅନୁଗ୍ରହ କଲେଣି, ନିଜେ ନିଜେ ଗୋଟାଏ କିଛି କରି ଦୈବର ଭାର କିଛି ଊଣା କରେଁ । ମାତ୍ର ଏହା ମନେ ପଡ଼େ ନାହିଁ ଯେ ଯାହା ନିଜ କାମ ବୋଲି ବୋଲିଯାଏ, ତାହା ନିଜେ ନ କରି ଅନ୍ୟ ଜଣେ କରାଉଛି । ଯେ ଏତେ ବଡ଼ ବିଶ୍ୱଭାର ବହନ କରିଛନ୍ତି ତାଙ୍କ ଭାର ଯେ ପତଙ୍ଗରୁ ବଳି କୋଟିଗୁଣେ କ୍ଷୁଦ୍ର ପ୍ରାଣୀ ଭିତରୁ ଊଣା କରି ନ ପାରେ । ଏପରି ନିଜ ଆତ୍ମମୁଖୀ ଭାବ ଯେ କାହିଁକି ହୁଏ ତାହା ସର୍ବବ୍ୟାପୀ ଅନ୍ତର୍ଯାମୀ ଜାଣନ୍ତି । ସେ ଯାହା ହେଉ, ସେ ଭାବ ଚିରସ୍ଥାୟୀ ନୁହେଁ । ପ୍ରକୃତି ଭେଦେ ତାହା କ୍ଷଣ ବା ଦୀର୍ଘକାଳସ୍ଥାୟୀ ହୋଇଥାଏ । କିଛିକ୍ଷଣ ଲମ୍ଫଝମ୍ପ ଉତ୍ତାରୁ ସେହି ଅପରିସୀମ ଅଜ୍ଞେୟ ଶକ୍ତିର ଆଶ୍ରା ଲୋଡ଼ା ଯାଇଥାଏ ।

ଭୀମା ଆଉ ତାହାର ବାପଭାଇ ମଧ୍ୟ ଗତ ରାତିପରି ଅଚିରେ ଜୀବନରକ୍ଷା ବିଷୟରେ ଏହାତାହା କଥାବାର୍ତ୍ତା ହେଲେ । କିନ୍ତୁ କାହିଁରେ ଅଳକୂଳର କିଛି ଆଶାଭରସା ଦେଖିଲେ ନାହିଁ । ଅବଶେଷରେ ଠାକୁରାଣୀଙ୍କି ସବୁ ସମର୍ପି ଦେଲେ । ହୃଦୟରେ ରହି "ମାତ ଭୈରବୀ ଯାହା କରାଇବ, ତା'ହା କରିବି" ମନ୍ତ୍ର ଧରି ନିଶ୍ଚିନ୍ତ ହୋଇ ରହିଲେ । ଆଉ ଚିନ୍ତାଦକ କାହାର ପାଖେ ପଶି ପାରିଲା ନାହିଁ । ବାପପୁଏ ସୁଖରେ ପାନଭୋଜନ କରି ଦିନ କାଟିବାକୁ ଲାଗିଲେ । 'ସେଓଳି' ଭୀମା ଆଉ ସମୁଦର୍ଶନକୁ ଗଲା ନାହିଁ ।

ଯେତେବେଳେ ଭୀମା 'ଉପରଓଳ' ଉଆସକୁ ଗଲା, ତେତେ-ବେଳେ ଶ୍ରୀଅଙ୍ଗ ଅଳସ ଥିବାରୁ ଘୁମ୍ପ ପଦାକୁ ବିଜେ କରିବେ ନାହିଁ ବୋଲି ଲୋକେ କହିଲେ । ତହିଁପାଇଁ କାହାରି କିଛି ଭାବନା-ଶୋଚନା ଦେଖାଗଲା ନାହିଁ । କିନ୍ତୁ ଭୀମା କିଛି ରାତି ନୋହିବା ଯାଏ ସେଠାରୁ ଅଇଲା ନାହିଁ । ଯଥା ସମୟରେ ବସାକୁ ଆସି ବାପଭାଇଙ୍କ ସଙ୍ଗେ ସୁଖରେ ରାତି କଟାଇଲା । ପରଦିନ ପ୍ରାତଃ କାଳରେ ସେଠାକୁ ଯାଇ ଶୁଣିଲା ଯେ ରାଜାଙ୍କର ପୀଡ଼ା ବଢ଼ିଅଛି । ରାଜା ବିଜେ କରିବେ ନାହିଁ ।

ପୁଣି ଯଥାସମୟ ସେଠାରେ କାଳଯାପନ କରି ଭୀମା ବାପଭାଇଙ୍କଠାକୁ ଫେରିଲା । ପୁନରାୟ 'ଉପରଓଳ' ଯାଇ ପୀଡ଼ା ବୃଦ୍ଧି କଥା ଶୁଣିଲା । ପୁଣି ଯଥାସମୟରେ ସେ ସ୍ଥାନରୁ ନିଜ ଆଳୟକୁ ଅଇଲା । ତାହାର ଏହିପରି ଯିବାଆସିବା ଲାଗିଲା । ପ୍ରତିଦିନ ପୀଡ଼ାବୃଦ୍ଧି ସମ୍ବାଦ ପାଇଲା । କେବଳ ତହିଁରେ ସମସ୍ତଙ୍କର ଧ୍ୟାନ ଲାଗିଲା । ପୀଡ଼ା ସଙ୍ଗେ ସଙ୍ଗେ ସମସ୍ତଙ୍କ ଉଦ୍‌ବେଗ, ଉତ୍କଣ୍ଠା, ଭୟ, ଆଶଙ୍କା ପ୍ରଭୃତି ବଢ଼ିବାକୁ ଲାଗିଲା ।

ଯେତେବେଳେ ପ୍ରକାଶ ପାଇଲା ଯେ ସଙ୍ଗରେ ଆସିଥିବା ମହଲ ମଧ୍ୟରୁ ଏକା ଜେମା ଆଉ ଦୁଇ ତିନିଗୋଟି ପାଖ ଲୋକଙ୍କ ଛଡ଼ା ଆଉ କାହାରିକି ରାଜା ପାଖ ପୂରାଇ ଦେଉ ନାହାନ୍ତି; ତେତେ-ବେଳେ ଉତ୍କଣ୍ଠା ପ୍ରଭୃତିର ସୀମା ରହିଲା ନାହିଁ । କେତେ କେତେ ଗୁଣିଆ ବୈଦ୍ୟ ଆସିବାକୁ ଲାଗିଲେ । କେତେ ୨ ଜ୍ୟୋତିଷେ ଦଶା ସାଧି ବସିଲେ । ଠାକୁରଠାକୁରାଣୀଙ୍କ ଠାରେ ବ୍ରାହ୍ମଣ ବରଣି ହୋଇ ଜଳତୁଳସୀ ପାଦୋଦକ ଆସିବାକୁ ଲାଗିଲା । କିନ୍ତୁ କାହାରି କିଛି ଫଳ ଦିଶିଲା ନାହିଁ ।

ରାଜାଙ୍କ ପୀଡ଼ାବୃଦ୍ଧି ସଙ୍ଗେ ୨ ଉଆସରେ ଖିମାର ରହଣୀ ମଧ୍ୟ ବଢ଼ିବାକୁ ଲାଗିଲା । କ୍ରମେ ୨ ଦିନରାତି ସେହିଠାରେ ରହିବା ଆରମ୍ଭ କଲା । ତଥାପି ମଝିରେ ୨ ଆସି ବାପଭାଇଙ୍କି ଦେଖିଯିବା ଛାଡ଼ିଲା ନାହିଁ । କିନ୍ତୁ ରାଜାଙ୍କ ଦର୍ଶନ ମିଳଇ ନାହିଁ । ସେଥିପାଇଁ ସେ ବଡ଼ ଉତ୍ସୁକ ଓ ଉତ୍କଣ୍ଠିତ । ମାତ୍ର ତାହା ଛାମୁରେ ଜଣାଇ-ବାକୁ କିମ୍ବା ତାକୁ ଛାମୁକୁ ନେବାକୁ କାହାରି ସାହସ ବଳେ ନାହିଁ । ଏଣେ ଖିମା ସେଥିରୁ ବିରତ ହୁଏ ନାହିଁ । ଏହିପରି ଦୁଇ ଚାରିଦିନ ଗଲାରୁ ଜଣେ କପାଳ ଉପରେ ନିର୍ଭର କରି ଖିମାର ପ୍ରାର୍ଥନା ଛାମୁରେ ଜଣାଇଲା । ଖିମାକପାଳକୁ ହେଉ କି ଛାମୁଭାଗ୍ୟକୁ ହେଉ, ଦର୍ଶନ-ଲାଭର ଆଜ୍ଞା ଖିମାକୁ ମିଳିଲା ।

ଛାମୁରେ ଖିମା ଉପସ୍ଥିତ ହେଲା । ରାଜାଙ୍କ ଅବସ୍ଥା ଦେଖି ପିଲାଙ୍କ ପରି କାନ୍ଦିବାକୁ ଆରମ୍ଭ କଲା । ଇଙ୍ଗିତରେ ରାଜା ବାରଣ କଲେ । କଷ୍ଟସୃଷ୍ଟେ ଖିମା ରୋଦନ ବନ୍ଦ କରି ଅଶ୍ରୁପୂର୍ଣ୍ଣ ଲୋଚନ ଆଉ ଗଦ ୨ ବଚନରେ ଜଣାଇଲା ଯେ ତାହାର ଜଣେ ଚିର-ପରିଚିତ ବିଶ୍ୱାସୀ ବୁଢ଼ା ନିଶ୍ଚେ ଆରୋଗ୍ୟ କରି ପାରିବ ଏବଂ ତାକୁ ଆଣିବାକୁ ସେ ପ୍ରାର୍ଥନା କରେ । ତହିଁପାଇଁ ଛାମୁ ଅନୁମତି ଦେଲେ । ଏକ ଦିନ ଦରେ ବୁଢ଼ାକୁ ଉପସ୍ଥିତ କରିବ ବୋଲି ଜଣାଇ ଖିମା ଛାମୁରୁ ମେଲାଣି ଘେନିଲା । ସେ ଦିନ ବା ତାହା ପର ଦିନ ଖିମାର ଆଉ ଦେଖା ନାହିଁ ।

ସେ ଯେ ଜଣେ ବୁଢ଼ାକୁ ଆଣିବାକୁ ଯାଇଅଛି, ତାହା ଉଆସରେ ଅଜଣା ରହିଲା ନାହିଁ । କିନ୍ତୁ ବାହାର ଲୋକଙ୍କ ଆଖି ଗୁଣି, ବୈଦ୍ୟ, ବ୍ରାହ୍ମଣ, ଜ୍ୟୋତିଷଙ୍କ ଉପରେ ରହିଲା । ସେମାନେ ମଧ୍ୟ ଆପଣା ୨ କର୍ତ୍ତବ୍ୟକର୍ମରେ ହେଳା ବା ତ୍ରୁଟି କଲେ ନାହିଁ । ଅଥଚ ପୂର୍ବପରି ରାଜାଙ୍କର ପୀଡ଼ାବୃଦ୍ଧି ହେବାକୁ ଲାଗିଲା । ଏଥିରେ

କେହି ୨ ବୁଢ଼ାକୁ ଗୃତକପରି ଗୃହିଁ ରହିଲେ । କାରଣ ଆତୁର-କାଳରେ ଅଜଣା ଉପାୟର ଆଦର ଅଧିକ । ଏଥିରେ ଦୁଇ ରାତି ଦୁଇ ଦିନ ଗୋଟିଏ ଗୋଟିଏ ଯୁଗ ପରି ଜଣାଗଲା ।

ବିଦାୟ ହେବାର ତୃତୀୟ ଦିନ ସନ୍ଧ୍ୟାବେଳେ ସାଙ୍ଗରେ ଜଣେ ବୁଢ଼ା ଘେନି ଖିମା ଦେଖାଦେଲା । କେହି ୨ ଗଗନର ଚନ୍ଦ୍ର ହାତରେ ପାଇଲେ । କିନ୍ତୁ ଅଧିକାଂଶ ବଡ଼ ଲୋକ, ସେମାନଙ୍କର ଦୃଷ୍ଟି ବଡ଼ ୨ । ମନକୁ ଘେନିବା ଦୂରେ ଥାଉ, ଜୀର୍ଣ୍ଣଶୀର୍ଣ୍ଣ କଳେବର ଧୂଳିଧୂସରିତ ବୁଢ଼ା ସେମାନଙ୍କ ଆଖିରେ ପଡ଼ିଲା ନାହିଁ । ସେମାନେ ବ୍ରାହ୍ମଣପଣ୍ଡିତଙ୍କ ବ୍ୟବସ୍ଥାରେ ପୂର୍ବପରି ବ୍ୟସ୍ତ ରହିଲେ । ରାଜାଙ୍କ ଅବସ୍ଥାବିବେଚନାରେ କେହି ବୁଢ଼ା ବିଷୟରେ ଦ୍ୱିରୁକ୍ତି କଲେ ନାହିଁ । ପ୍ରତିବାଦ ମଧ୍ୟ ସ୍ୱାମୁଙ୍କରେ ଆସିବା ସମ୍ଭବ ନୁହେଁ, ପୁଣି ରାଜାଙ୍କର ଏପରି ଅବସ୍ଥାରେ ସୁଦ୍ଧା ଖିମା ସ୍ୱାମୁଙ୍କରୁ ଅନୁମତି ପାଇ ଅଛି । ସୁତରାଂ ଉଆସରେ ପହୁଞ୍ଚିବା ମାତ୍ରେ ବୁଢାକୁ ଘେନି ଖିମା ସ୍ୱାମୁଙ୍କରେ ଉପସ୍ଥିତ ହେଲା ।

ସମସ୍ତେ ନୀରବ, କିନ୍ତୁ ବୁଢ଼ାର ଦୃଷ୍ଟି ରାଜାଙ୍କ ଉପରେ ।

ଏହିପରି କିଛିକ୍ଷଣ ଗଲାରୁ ସ୍ୱାମୁଙ୍କ କପାଳରେ ଗୋଟିଏ ଲେପ ଦେବାକୁ ବୁଢ଼ା ଅନୁମତି ପ୍ରାର୍ଥନାକଲା । ଅବିଳମ୍ବେ ତାହା ମିଳିଲା । ବୁଢ଼ା ଲେପ ପ୍ରସ୍ତୁତ କରି ସ୍ୱାମୁଙ୍କ କପୋଳଦେଶରେ ଦେଇ ଠିଆ ହେଲା । ଖିମା ମଧ୍ୟ କିଛି ନ କହି ନ କରି ଠିଆ ହୋଇ ରହିଲା । ଦୁହେଁ ଏହିପରି କେତେକାଳ ରହିଲେ । କାହାରି ମୁହଁରେ କିଛି କଥା ନାହିଁ କି କାହାରି କିଛି ହଲଚଲ ନାହିଁ । ସମସ୍ତେ କାଷ୍ଠ-ପୁତ୍ତଳି ପରି ଦଣ୍ଡାୟମାନ । ସମସ୍ତଙ୍କ ମନକଥା ଆପଣା ୨ ମନରେ । ଏହି ନୀରବ ନିସ୍ତବ୍ଧ ଅବସ୍ଥାରେ କିଛି ଉପଶମ ବୋଧ

ହେଉଛି ବୋଲି ଗୁମୁଶ୍ରୀମୁଖରୁ ଶୁଣା ଗଲା । ଏହା ଗୃତକକୁ ଗ୍ରୀଷ୍ମ-କାଳର ଜଳଦ-ନିନାଦ ପରି ପାଖ ଲୋକଙ୍କୁ ଜଣାଗଲା । କିନ୍ତୁ କାହାର ପାଟି ଫିଟିଲା ନାହିଁ । ରାଜା ମଧ୍ୟ ଆଉ ବାକ୍ୟବ୍ୟୟ ନ କରି ବସିବାପାଇଁ ଖିମା ଆଉ ବୁଢ଼ାକୁ ଇଙ୍ଗିତରେ ଆଜ୍ଞା ଦେଲେ ଏବଂ ସେମାନଙ୍କ ପ୍ରତି ସତର୍କ ରହିବା ପାଇଁ ଭାବ ଭଙ୍ଗୀରେ ନିଜ ଲୋକଙ୍କୁ ଜଣାଇଲେ । ତଥାପି ସମସ୍ତେ ନୀରବ ରହିଲେ । କ୍ରମେ ୨ ନିଦ୍ରାବେଶର ଲକ୍ଷଣମାନ ରାଜାଙ୍କ ଠାରେ ପ୍ରକାଶ ପାଇଲା । ପୁଣି ଅଳ୍ପରେ ରାଜା ଗାଢ଼ ନିଦ୍ରାରେ ଅଭିଭୂତ ବୋଲି ଜାଣିବାକୁ ବାକି ରହିଲା ନାହିଁ ।

ପୀଡ଼ା ଆରମ୍ଭରୁ ନିଦ ସଙ୍ଗେ ରାଜାଙ୍କର ଭେଟ ନଥିଲା । ତାହା ପାଇ ରାଜା କି ଅନୁଭବ କଲେ ତାହା ସେ ଜାଣନ୍ତି । ସେ ଚୈତନ୍ୟଶୂନ୍ୟ । କିନ୍ତୁ ଆଉମାନଙ୍କର ଆନନ୍ଦର ସୀମା ନାହିଁ । ଏହି ଆନନ୍ଦସ୍ରୋତରେ ପଡ଼ି ଆପଣା ୨ ଅନିଦ୍ରାକଥା କାହାରି ମନେ ପଡ଼ୁ ନାହିଁ । କେହି ଆପଣା ପାଇଁ ନିଦ ଲୋଡ଼ୁ ନାହିଁ । ନିଜ ନିଜର ନିଦ ଦେଇ ରାଜାଙ୍କୁ ସୁଖୀ କରିବାକୁ ସଭିଁଙ୍କ ଇଚ୍ଛା । କିନ୍ତୁ କାହାରି କୌଣସି ଇଚ୍ଛା କଥାଭାଷା ବା ଭାବଭଙ୍ଗୀରେ ପ୍ରକାଶ ପାଉନାହିଁ । ଅଥଚ ରାଜାଙ୍କ ଅଙ୍ଗ ପ୍ରତ୍ୟଙ୍ଗରେ ସଭିଁଙ୍କ ଆଖି ଲାଗି ରହିଅଛି । ସମସ୍ତେ ଜାଗ୍ରତ ଥାଇ ନିଦ୍ରିତ ପରି ଉପସ୍ଥିତ । ଏହି ଭାବ ଭିତରେ ବାହାରେ ଗୃହଆଡ଼େ କାହାରି ଯିବା-ଆସିବା ନାହିଁ ।

କେବଳ ପୂର୍ବୋକ୍ତ ପ୍ରିୟତମ ଜେମା ବାରମ୍ବାର ଯିବା-ଆସିବା କରୁଛନ୍ତି । ବୁଢ଼ାକୁ ଦେଖି ଭୀମା ଆସିଲାବେଳୁ ଗୁମୁଙ୍କର ନିଦ୍ରା ହେବାଯାଏ ଆସି ନଥିଲେ । ଏଥିରେ କିଛି ସମୟ ଯାଇଥିଲା ।

ତାଙ୍କର ଉତ୍କଣ୍ଠାର ସୀମା ନ ଥିଲା । ଏଥି ମଧ୍ୟରେ କେତେ ଥର ଆସି ଅଲକ୍ଷିତ ଭାବରେ କକ୍ଷ ବାହାରୁ ପିତାଙ୍କୁ ଦେଖି ଯାଇଥିଲେ । ମନର ଏହିପରି ଅବସ୍ଥାରେ ନିଦ୍ରାଗମର ସମ୍ବାଦ ମିଳିଲା । ତାଙ୍କ ମନରେ ଆନନ୍ଦ ସଙ୍ଗେ ଆଶଙ୍କା ମିଶିଲା । ପୂର୍ବପରି ଆଉ ବାହାରେ ରହିବା କ୍ରମେ୨ ଅସହ୍ୟ ହେଲା । ପିତାଙ୍କ ଚିନ୍ତାସ୍ରୋତରେ କୁଳଶୀଳ-କଥା କେଉଁଣେ ଭାସିଗଲା । ସେ ଆଉ ସମ୍ଭାଳି ପାରିଲେ ନାହିଁ । ବୁଢ଼ା ପ୍ରଭୃତି ଅଛନ୍ତି ବୋଲି ମନେ ପକାଇଲେ ନାହିଁ । ଲଜଭୟକୁ ତଡ଼ି ଦେଇ କକ୍ଷ ପ୍ରବେଶ କଲେ । ସେ ବର୍ତ୍ତମାନ ବନ୍ଦିହଣା ପାଣି ପରି । ତଥାପି ପିତାଙ୍କ ମାୟାମମତାରେ ହସ୍ତପଦ ବନ୍ଧ । ପିତାଙ୍କ ନିଦ୍ରାର ବ୍ୟାଘାତଭୟରେ ଅତି ସାବଧାନ; ରଣଝଣଭୟରେ କୌଣସି ୨ ଅଳଙ୍କାର ଓହ୍ଲାଇ ସାରିଲେଣି । ଯିବା ଆସିବା ପିମ୍ପୁଡ଼ିକି ଅଗୋଚର ଭଳି । କେବଳ ପଦଦ୍ୱୟ ସଞ୍ଚାଳିତ । ପିତାଙ୍କ ନିକଟରେ ରହିନାହାନ୍ତି ଅଥଚ ଅଧିକ କ୍ଷଣ ଅନ୍ତର ହୋଇ ପାରୁନାହାନ୍ତି । ଏଥିରେ ତାଙ୍କର ସୁଖ କି ଦୁଃଖ ସେ ଜାଣନ୍ତି । କିନ୍ତୁ ପିତାଙ୍କ ଶୋଗ ସୁଆଗର ପ୍ରବଳ ବେଗ ସ୍ପଷ୍ଟ ପ୍ରକାଶ ପାଉଅଛି । ସେ ଯୁବତୀ; ଅବିବାହିତା, ଅନ୍ତଃପୁରବାସିନୀ । ପିତାଭ୍ରାତାଙ୍କ ବ୍ୟତୀତ ଅନ୍ୟ ପୁରୁଷ ଜାଣନ୍ତି ନାହିଁ । ସେମାନଙ୍କ ମାୟାମମତା ଭିନ୍ନ ଅନ୍ୟ କାହାର ପ୍ରତି ଅନ୍ୟ ଭାବ ସ୍ପର୍ଶ କରିନାହିଁ । ପୁଣି ବର୍ତ୍ତମାନ ପିତାଙ୍କର ପ୍ରିୟତମା ବୋଲି କାହାର ଦ୍ୱିଧା ନାହିଁ ।

ଅନ୍ୱେଷଣ ଉତ୍କଣ୍ଠା ଉଦ୍‌ବେଗ ଉପରୁ ପିତାଙ୍କର ନିଦ୍ରା-ବେଶ ଦେଖି କେମାଙ୍କ ମନ ଯାହା ହୋଇଥିଲା ତାହା ସେ ଜାଣନ୍ତି; ପ୍ରାଣୋପମ ପିତାଙ୍କ ଶାନ୍ତିଲାଭରେ ଯେ ତାଙ୍କର କି ଶାନ୍ତି ଲାଭ ହୋଇଥିଲା, ତାହା ତାଙ୍କ ବିନା ଅନ୍ୟ କେହି ଜାଣି ନ ପାରେ ।

ଯେତେବେଳେ ଆଶଙ୍କାର କୌଣସି କାରଣ ନାହିଁ ବୋଲି ବିଶ୍ୱାସ ହେଲା, ତେତେବେଳେ ହୃଦୟ ଆଉ ମନ ଉପକାସୀ ଆଡ଼କୁ ମୁହଁ ଫେରାଇଲା ।

ସେହି ଉପକାସୀ ଖିମା ବୋଲି ଜେମାଙ୍କୁ ପୂର୍ବରୁ ଜଣାଥିଲା । ସେ ମଧ୍ୟ ତାକୁ ଆଗରୁ ଚିହ୍ନିଥିଲେ । ବର୍ତ୍ତମାନ ପାଟି ହଲାଇବାର ସମୟ ନୁହେଁ । କେବଳ ଦୃଷ୍ଟିରେ ହୃଦୟର କୃତଜ୍ଞତା ଦେଖାଇବାକୁ ଜେମା ଖିମା ମୁହଁକୁ ଚାହିଁଲେ । ପୁଣି ପିତାଙ୍କ ମୁଖାବଲୋକନ କଲେ । ଥରକେତେ ଏହିପରି କରି ଚାଲି ଗଲେ । ପୁନରାୟ ଯେତେବେଳେ ଅଇଲେ, ତେବେତବେଳେ ପିତାଙ୍କୁ ଦେଖି ଖିମାପ୍ରତି ମଧ୍ୟ ପୂର୍ବପରି ଦୃଷ୍ଟିପାତ କଲେ । ଜେମାଙ୍କ ଆଖିକି ନିଦ ନାହିଁ । ସେ ବାରମ୍ବାର ଆସୁଛନ୍ତି, ବାରମ୍ବାର ଖିମାକୁ ଦେଖୁଛନ୍ତି, ଯାଉଛନ୍ତି । ପିତାଙ୍କର ଗାଢ଼ ନିଦ୍ରା ଯେତେ ଦୀର୍ଘ କାଳ ସ୍ଥାୟୀ ହେଉଛି, ଜେମାଙ୍କ ମନ ତେତେ ପ୍ରଫୁଲ୍ଲ ହେଉଛି ଏବଂ ତାଙ୍କ ନୟନକୁ ତେତିକି ଖିମା ଆଡ଼କୁ ନେଉଅଛି । ପିତାଙ୍କ ଶାନ୍ତିସଙ୍ଗେ ଖିମାନାମ ପ୍ରଥମେ ଆସିଥିଲା ।

କ୍ରମେ କ୍ରମେ ତାହାର ଆଉ ୨ କଥା ମନେ ପଡ଼ିବାକୁ ଲାଗିଲା । ପିତାଙ୍କ ଚିନ୍ତା ଯେପରି ଅପସୃତ ହେବାକୁ ଲାଗିଲା, ଖିମାକଥା ସେହିପରି ଧୀରେ ୨ ଜେମାଙ୍କ ହୃଦୟମନ ମାଡ଼ିଗଲା । ଗୁଣ କଥା ମନେ ପଡୁ ୨ ରୂପ ଆଡ଼କୁ ମନ ଗଲା । ପୁଣି ଆଖିକି ମଧ୍ୟ ତେଣିକି ଟାଣିଲା । ସେଥିରେ କିଛି ବାଧାବନ୍ଧ ନ ଥିଲା । ଆଲୋକର ଯେପରି ବ୍ୟବସ୍ଥା ଥିଲା, ଖିମାର ରୂପକାନ୍ତି ସ୍ପଷ୍ଟ ଦେଖାଯାଉଥିଲା ।

ସେ ଦେଖାଇ ହେବାକୁ ସେପରି ସ୍ଥାନରେ ବସି ନାହିଁ । ରାଜାଙ୍କ ଇଙ୍ଗିତ ଅନୁସାରେ ସେ ଯେଉଁଠାରେ ବସି ଯାଇଥିଲା ସେହିଠାରେ ବସିଛି । ସୁତରାଏ ଏଣିକି ତେଣିକି ହୋଇ ନାହିଁ । ରାଜାଙ୍କ ସୁନିଦ୍ରା ପାଇଁ ଯେପରି ଭାବରେ ପ୍ରଦୀପ ରଖା ହୋଇଥିଲା ତହିଁରେ ଖିମାଦେହରେ ଆଲୁଅ ବୋଳି ହୋଇ ଯାଇଛି ।

ଖିମା କୃଷ୍ଣବର୍ଣ୍ଣ, କିନ୍ତୁ ବିଶାଳବକ୍ଷ, ବୃଷସ୍କନ୍ଧ ପ୍ରଭୃତି ଯୌବନ-ସୁଲଭ ମାଧୁରୀଲହରୀରେ ପରିପୂର୍ଣ୍ଣ । ଶତ୍ରୁ ହେଲେ ବି ତାହାର ଛନଛନିଆ ଅବୟବକୁ ନ ଅନାଇ ଯାଇ ପାରେ ନାହିଁ । ଆଲୋକ ସାହାଯ୍ୟରେ ତାହାର ରୂପକାନ୍ତି ଜେମାଙ୍କ ଆଖିରେ ଲାଗିଲା । ସେଠାରୁ ଧୀରେ ୨ ଯାଇ ମାନସପଟ ସମ୍ମୁଖରେ ଦେଖାଦେଲା । କ୍ରମେ ୨ ସେ ପଟରେ ଛାୟା ପଡ଼ିଲା । ସେ ଛାୟା ପ୍ରତିମୂର୍ତ୍ତି-ରୂପେ ବିକଶିତ ହେଲା । କିନ୍ତୁ ପିତାଙ୍କ ପ୍ରତିମୂର୍ତ୍ତି ପାଖେ ଅପରିସ୍ଫୁଟ ଭାବେ ରହିଲା । ହୃଦୟକୁ ସ୍ପର୍ଶ କରି ପାରିଲା ନାହିଁ । ତଥାପି ପ୍ରତିଥର ଖିମାକୁ ନ ଚାହିଁ ଜେମା ବାହାରକୁ ଗଲେ ନାହିଁ ।

ଜେମାଙ୍କ ମନ କଥା ପ୍ରକାଶ ହେଲାନାହିଁ । ସେହିପରି ଖିମାର ମଧ୍ୟ ଭିତର କଥା ବାହାରିଲା ନାହିଁ, କିନ୍ତୁ ତାହାର ମାନସିକ ଅବସ୍ଥା ଜେମାଙ୍କ ପରି ନୁହେଁ । ବୁଢ଼ା ନିଶ୍ଚେ ଆରୋଗ୍ୟ କରିବ ବୋଲି ତାହାର ଯେ ବିଶ୍ୱାସ ଥିଲା ରାଜାଙ୍କର ନିଦ୍ରା ଦେଖି ତାହାର ସେ ବିଶ୍ୱାସ ଦୃଢ଼ତର ହେଲଣି । ସେ ଏବେ ପୂରା ନିଦକ, ନିର୍ଭୟ । ତାହାର ମନ ପ୍ରଫୁଲ୍ଲ, ଆଖିରେ ନିଦ ନାହିଁ । ଜେମାଙ୍କ ଯିବା-ଆସିବାରେ ନିଦ ପାଖେ ପଶି ପାରୁ ନାହିଁ । କିମ୍ବା ସବୁରି ନିଦ ଯାଇ ରାଜାଙ୍କଠାରେ ଠୁଳ ।

ସୁତରାଂ କେମାଙ୍କୁ ଦେଖି ତାହା ମନରେ ଯୌବନସୁଲଭ ଭାବତରଙ୍ଗ ଅବାଧେ ଲୀଳା ଖେଳା ରଚିଲା । ସ୍ମୃତି ଜାଗରିତ ହେଲା। ପୂର୍ବ କଥାସବୁ ମନେ ପଡ଼ିଲା । କ୍ରମେ ୨ ଚନ୍ଦାମାଳୀ ଆସି ଦେଖା-ଦେଲା । ପ୍ରଥମେ ଛାୟା ପଡ଼ିଲା । ସେ ଛାୟା ପୂର୍ଣ୍ଣବିନାଶ ହୋଇ ରୂପଯୌବନ ପରିସ୍ଫୁଟ କଲା । ଚନ୍ଦାମାଳୀର ପ୍ରତିମୂର୍ତ୍ତି କ୍ରମେ ୨ ହୃଦୟମନରେ ପୂରିଗଲା । କିନ୍ତୁ ବାରମ୍ବାର କେମାଙ୍କ ରୂପଲାବଣ୍ୟ ପଟନୟନ ଆଣି ହୃଦୟ ଆଉ ମାନସ ଉଭୟଙ୍କ ସମ୍ମୁଖସ୍ଥ କଲା । ଚନ୍ଦ୍ର ଯେତେ ୨ ଉପରକୁ ଉଠନ୍ତି ଖଦ୍ୟୋତର ପ୍ରଭା ତେତେ ୨ ହ୍ରାସ ହେଲା ପରି କେମାଙ୍କ ରୂପଲାବଣ୍ୟସମୀପରେ ଚନ୍ଦାମାଳୀ କ୍ରମେ ୨ ନିଷ୍ପ୍ରଭ ହେବାକୁ ଲାଗିଲା । ନିଷ୍ପ୍ରଭ ହୋଇ ୨ ଧୀରେ ୨ ଉଭାଇ ଗଲା । କେମାଙ୍କର ପ୍ରତିମୂର୍ତ୍ତି ତାହାର ସ୍ଥାନ ଅଧିକାର କଲା । ଭାବାନ୍ତର ଉପସ୍ଥିତ ହେଲା । ଚନ୍ଦାମାଳୀ ପ୍ରତି ତାଚ୍ଛଲ୍ୟ ଜନ୍ମିଲା । ସେ ସୁଦୂରରେ ବିକ୍ଷିପ୍ତା ହେଲା । ମନ ଆଉ ତେଣିକି ଗଲା ନାହିଁ । ଏଣେ ବାରମ୍ବାର ଦର୍ଶନରେ କେମାଙ୍କ ପ୍ରତିମୂର୍ତ୍ତି ଘସି ମାଜି ହେଲା । କ୍ରମେ ୨ ରସାଣିତ ହୋଇ ଦାଉଦାଉ ହେବାକୁ ଲାଗିଲା । ମନ ହୃଦୟରେ ଖୋଦିତ ହୋଇ ମିନ୍ହାକାମ ପରି ଜଡ଼ିଗଲା । କେବେ ଛାଡ଼ିଲା ପରି ବୋଧ ହେଲା ନାହିଁ । ଏଥିରେ ନୀଚ ଉଚ୍ଚ, ଉଚ୍ଚ ନୀଚ, ସାନ ବଡ଼, ବଡ଼ ସାନ ହେଲା । ନିଜ ସୁଖ ପାଇଁ ଆଖି କେମାଙ୍କୁ ଦେଖୁଥିଲା । ଦେଖି ୨ ତାଙ୍କ ମୂର୍ତ୍ତି ମନ ଆଉ ହୃଦୟ କଣ୍ଠରେ ଉପସ୍ଥିତ କରାଇଲା । ସେ ଦୁହେଁ ବଶୀଭୂତ ହେଲାରୁ ବିପର୍ଯ୍ୟୟ ଉପସ୍ଥିତ ହେଲା । ଆଖି ସହଚରୀ ନରହି ପରିଚାରୀ ହେଲା । ନିଜ ସୁଖ ନ ଲୋଡ଼ି ହୃଦୟ ମନର ତୃପ୍ତି ପାଇଁ କେମାଙ୍କ ଯିବା ଆସିବାକୁ ଚାହିଁ ରହିଲା; କେମାଙ୍କ ଅନୁପସ୍ଥିତିରେ ହୃଦୟ ମନର ସହିତ ସମବେଦନା ଭୋଗକଲା । କିନ୍ତୁ ଅନ୍ୟ

ଇନ୍ଦ୍ରିୟଗଣ ଚକ୍ଷୁର ପକ୍ଷ ନେଲେ ନାହିଁ । ସୁତରାଂ ଭୀମା ଯେପରି ବସିଥିଲା ସେହିପରି ବସି ରହିଲା । କେବଳ ଚକ୍ଷୁ ଜେମାଙ୍କ ଅନୁସରଣରେ ରହିଲା ।

ଉପରୋକ୍ତ ଅବସ୍ଥାରେ ଭୀମା ଓ ଜେମାଙ୍କ ମନ ସେ ଦୁହିଁଙ୍କି ଜଣା । ତେଣିକି ବ ଦୃଷ୍ଟି ଦେବାକୁ ଲୋକ ନାହିଁ । ରାଜା ଗାଢ଼ ନିଦ୍ରାଭିଭୂତ । ଯେଉଁ ଦୁଇ ଚାରିଜଣ ଭିତରିଆ ଅଛନ୍ତି ସେମାନଙ୍କ ପ୍ରଭୁଭକ୍ତି, ରାଜଭୟ ପ୍ରଭୃତି ନିଦ୍ରାଦେବୀଙ୍କି ତଡ଼ିଦେଇ ପାରି ନାହାନ୍ତି । କେହି ଢଳି ପଡ଼ିଲା ବେଳେ, କେହି ବା ମୁଣ୍ଡ ଭୂଇଁରେ ପିଟି ହୋଇଗଲା ବେଳେ କ୍ଷଣକ ପାଇଁ ଆଖି ଫିଟାଉଛନ୍ତି । ବହୁ ଦିନ ପରେ ମିଳି ଥିବାରୁ ନିଦକୁ ଅମୂଲ୍ୟ ଧନ ମଣି ସମସ୍ତେ ଆଖି ଫିଟିବା ସଙ୍ଗେ ୨ ଆଖି ବୁଜି ଦେଉଛନ୍ତି ।

ଏଥିରେ ଜେମା ମଧ୍ୟ କାହାରିକି କିଛି କହୁ ନାହାନ୍ତି । ସେ ଆପଣା କାମରେ ଲଗିଛନ୍ତି । ତେଣେ ମଧ୍ୟ ରଜନୀ ଦେବୀ ଆପଣା ପଥ ଅନୁସରଣ କରି ଯଥା ସମୟେ ଅନ୍ତର ହେଲେ । ପୂର୍ବ ଦିଗରେ ଉଷାଦେବୀ ଦେଖା ଦେଲେ । ସ୍ୱାଭାବିକ ପରି ରାଜାଙ୍କର ନିଦ୍ରାଭଙ୍ଗ ହେଲା । ଗତ ପୀଡ଼ା ସ୍ୱପ୍ନପରି ଜଣାଗଲା । କୌଣସି ଯନ୍ତ୍ରଣା ନାହିଁ, କିନ୍ତୁ ସେ ନିତାନ୍ତ ଦୁର୍ବଳ । ଉଠିବାର ଶକ୍ତି ନାହିଁ । ତଥାପି ମନ ପ୍ରଫୁଲ୍ଲ । ପରିଜନେ ଯଥା ବିଧି ନୀତି ବଢ଼ାଇଲେ । ଯେତେବେଳେ ସନ୍ତୋଷ ପ୍ରକାଶ ସହକାରେ ଭୀମା ଆଉ ବୁଢ଼ାଙ୍କର ପ୍ରଶଂସା କରି ରାଜା ବର୍ତ୍ତମାନର ଅବସ୍ଥା ଓ ବ୍ୟବସ୍ଥା ପଚାରିଲେ; ତେତେବେଳେ ବୁଢ଼ା କହିଲା ଯେ ପୀଡ଼ାର କେବଳ ଉପଶମ ହୋଇଅଛି, ପୂର୍ଣ୍ଣ ଆରୋଗ୍ୟ ଆସିନାହିଁ । ସ୍ୱାମୀରୁ ଆଜ୍ଞା ହେଲେ ସେ ତଦନୁସାରେ କାର୍ଯ୍ୟାନୁବର୍ତ୍ତୀ ହେବ । ଅନୁମତି ପ୍ରଦାନ କରି

ଉଆସ ଭିତରେ ଖେମା ଓ ବୁଢ଼ାକୁ ରଖିବାକୁ ରାଜା ଆଜ୍ଞା ଦେଲେ । ତାହା ସଙ୍ଗେ ସଙ୍ଗେ ବୁଢ଼ାର ବାହାରକୁ ଯିବା ଏକବାରେ ନିଷେଧ ହେଲା । ଖେମା ଭିନ୍ନ ଅନୁମତି ପାଇଲା । ତଥାପି ଉଭୟଙ୍କ ପ୍ରତି ବିଶେଷ ସତର୍କ ରହିବା ପାଇଁ ରାଜାଜ୍ଞା ହେଲା ।

ଏହି ଅନୁସାରେ କାର୍ଯ୍ୟ ଚାଲିଲା । ବୁଢ଼ାଚିକିତ୍ସାରେ ରାଜା କ୍ରମେ କ୍ରମେ ଆରୋଗ୍ୟ ଓ ବଳ ଲାଭ କରିବାକୁ ଲାଗିଲେ । ସେହି ପରିମାଣରେ ଆନନ୍ଦ ମଧ ବଢ଼ିବାକୁ ଲାଗିଲା । କିନ୍ତୁ ଖେମା ସେଥିରୁ ବାହାର । ସେ ଯେତେବେଳେ ଖାଇକରିକି ଯାଏ ତେତେବେଳେ ଘରକଥା, ବନ୍ଧୁବାନ୍ଧବଙ୍କ କଥା, ଏକଥା ସେକଥାର ପ୍ରସଙ୍ଗ ପଡ଼େ । ତହିଁ ସଙ୍ଗେ ସଙ୍ଗେ ଚନାମାଳୀ ଆସି ଖେମାର ସ୍ମୃତିପଥାରୂଢ଼ ହୁଏ । କିନ୍ତୁ ହୃଦୟ ମନରେ ସ୍ଥାନ ପାଏ ନାହିଁ । କାରଣ ଜେମାଙ୍କ ରୂପ-ଲାବଣ୍ୟ ଖେମାର ହୃଦୟ ଆଉ ମନ ଉଭୟ ଆଗରେ ନାଚୁଛି । ଉଆସରେ ନିତି ନିତି ତାଙ୍କୁ ତାହା ଆଖି ଦେଖୁଛି । ବାହାରେ ଥିଲାବେଳେ ତାଙ୍କର ରୂପ ସବୁବେଳେ ମନେ ପଡ଼ୁଛି ! ସୁତରାଂ ଯେତେବେଳେ ଚନାମାଳୀ ମନେ ପଡ଼ିଲା ତେତେବେଳେ କେବଳ ଭଉଜ ଭାବରେ ଦେଖାଦେଲା । ଅନ୍ୟ ଭାବରେ ଜେମା ସବୁବେଳେ ନୟନ, ମନ, ହୃଦୟ ଅଧିକାର କରିଥିଲେ ବି ଖେମା ବୁଝି ପାରୁଛି ଯେ ସେ ବାମନ, ଜେମା ଗଗନର ଚନ୍ଦ୍ର । ଏଥିପାଇଁ ମନ ଫେରେଇ-ବାକୁ ଚେଷ୍ଟା କରୁଛି । ଆପଣାକୁ ଧିକ୍କାର କରୁଛି । ତଥାପି କେତେବେଳେ ୨ ଆଶାର ବୈତରଣୀସ୍ରୋତରେ ଭାସି ଯାଉଛି । ଅଥଚ ଖେମା କାହାରି ଠାରେ କିଛି ପ୍ରକାଶ କରୁନାହିଁ କିମ୍ବା ତାହା ମାତିଗତିରୁ କେହି କିଛି ଜାଣି ପାରୁ ନାହାନ୍ତି ।

ଖେମାଚାଲିଚଳନ ପ୍ରଭୃତି ପ୍ରତି ଉଆସର ସବୁ ଲୋକେ ଦୃଷ୍ଟି ରଖିଥିଲେ କି ନାହିଁ ତାହା ସେମାନେ ଜାଣନ୍ତି । କିନ୍ତୁ ଜେମା ଜାଣନ୍ତି

ଯେ ଭିମା ବୁଢ଼ାକୁ ଆଣି ପ୍ରାଣୋପମ ପିତାଙ୍କୁ ଆରୋଗ୍ୟ ଦେଇଅଛି । ନାନା କଷ୍ଟଯନ୍ତ୍ରଣା ପ୍ରଭୃତି ଦୂର କରିଅଛି । ସମସ୍ତଙ୍କର ମନ ପ୍ରଫୁଲ୍ଲ କରାଇଅଛି । ଏଥିପାଇଁ ଭିମା ଆଡ଼କୁ ଜେମାଙ୍କର ମନ ସହଜେ ବା ସ୍ୱଭାବତଃ ଢଳିବାର କଥା । ପୁଣି ରାଜରେ ବାରମ୍ବାର ଦେଖି ଦେଖି ତାହାର ପ୍ରତିମୂର୍ତ୍ତି ଜେମାଙ୍କ ମନ ଆଉ ହୃଦୟପଟରେ ଅଙ୍କିତ ହୋଇଅଛି । ତାହା ଉପରୁ ପ୍ରତିଦିନ ପରସ୍ପରରେ ଦେଖାଚାହାଁ ହେଉଅଛି । ଯଥା ବିଳମ୍ବ ନେତ୍ରପଥରେ ରଖିବାକୁ ପରସ୍ପରର ଚେଷ୍ଟା ଥିଲା କି ନା ସେ ଦୁହେଁ ଜାଣନ୍ତି । କିନ୍ତୁ ତାହା ସନ୍ଦେହ କରିବାର କାରଣ କାହାର ଆଖିରେ ପଡ଼ୁନାହିଁ । ଅଥଚ ଗିରିରାଜସୁତା ବିଶୁଦ୍ଧତୋୟା ଲବଣସମୁଦ୍ରକୁ, ସୁକୋମଳ ମାଧବୀ ଲତା କଣ୍ଟକପୂର୍ଣ୍ଣ ବିଶାଳ ଶାଳ୍ମଳୀତରୁକୁ ଲୋଡ଼ିଲା ପରି ଭିମା ସଙ୍ଗେ ଚନ୍ଦ୍ରାଚନ୍ଦ୍ର, ଗଙ୍ଗାଯମୁନା, ହରଗଉରୀଙ୍କ ପରି ମିଶିବାକୁ ଜେମାଙ୍କର ମନ ବଳିଲା । କିନ୍ତୁ କାହାର ମନକଥା କେହି ଜାଣନ୍ତି ନାହିଁ । ଦୁହିଙ୍କର କଥାବାର୍ତ୍ତା ନାହିଁ । ତାହା ଅଭାବରେ ପ୍ରେମସ୍ରୋତ ପ୍ରବାହିତ ନୋହୁଥିଲେ ଯେ ଯେତେ ବାଚାଳ, ସେ ତେତେ ପ୍ରେମିକ ହେଉ ଥା'ଆନ୍ତା । ମୂକ ନରନାରୀଏ ପ୍ରେମ ଜାଣୁ ନଥାନ୍ତେ । ସେ ଯାହା ହେଉ, ଭିମା ଓ ଜେମାଙ୍କର ପ୍ରେମସ୍ରୋତ କ୍ରମେ ବଳବତ୍ ହେବାକୁ ଲାଗିଲା । ତଥାପି ଗିରିନଦୀ ପରି ବଢ଼ି ଆସି ଦୁଇ କୂଳ ମାଡ଼ି ଯାଉନାହିଁ ।

ଜେମାଭିମାଙ୍କର ପ୍ରେମସଙ୍ଗେ ସଙ୍ଗେ ରାଜାଙ୍କର ସ୍ୱାସ୍ଥ୍ୟ, ବଳବୀର୍ଯ୍ୟ, ରୂପକାନ୍ତି ବଢ଼ିବାକୁ ଲାଗିଲା । ବୁଢ଼ାବ୍ୟବସ୍ଥାରେ ରାଜା ଅଚିରେ ପୂର୍ବପରି ହୋଇଗଲେ । ବୁଢ଼ା ମଧ୍ୟ ପ୍ରକାଶ କଲା ଯେ ଆଉ ଚିକିତ୍ସାର ପ୍ରୟୋଜନ ନାହିଁ । କିନ୍ତୁ ରାଜାଙ୍କର ଆଶଙ୍କା

ସମ୍ପୂର୍ଣ୍ଣ ଦୂର ହୋଇନାହିଁ । କିଛି ଦିନ ଉତ୍ତାରେ ବୁଢ଼ାକୁ ପୁରସ୍କାର ଦେବାକୁ କହି ତାକୁ ଖିମାବସାରେ ରଖିବାକୁ ରାଜା ଆଜ୍ଞା ଦେଲେ । ଏଥିରେ ଖିମା ନଅରରୁ ଅନ୍ତର ହେଲା । ତାହାର ତେଣିକି ଯିବା-ଆସିବା ବନ୍ଦହେଲା । ହେମା ଖିମାଦୃଷ୍ଟିର ଅଗୋଚର ହେଲେ । କିନ୍ତୁ ପ୍ରତିଦିନ ଦୁଇବେଳା ଗ୍ରାମକୁ ଅଇଲାବେଳେ ହେମା ଖିମାକୁ ଦେଖୁଥିଲେ କି ନା ସେ ଜାଣନ୍ତି । ଆଖି ନ ଦେଖିଲେ ବି ହେମା ଖିମାର ମନ ଆଉ ହୃଦୟରୁ ଗଲେ ନାହିଁ । ସେ କେତେ କଥାରେ ମନ ଦେଲା, କିନ୍ତୁ ମନ କିଛି ଛୁଇଁଲା ନାହିଁ । ପୁଣି ସେ ହେମାଙ୍କ ମନ କଥା ଜାଣେ ନାହିଁ । ସେ କ୍ରମେ କ୍ରମେ ବୁଝିଲା ଯେ ନିଜେ ସୁଖ ପାଇବା ବଦଳରେ ହେମାଙ୍କ ସୁଖ ପାଇବା ଖୋଜିଲେ ତାହା ଗୋରୁଗାଈ ବଦଳାଇଲା ପରି ହେଲା । ତହିଁରେ ଆଉ ଦାମ-ପଣିଆ ରହିଲା ନାହିଁ । ସୁତରାଂ ହେମା ତାକୁ ସୁଖ ପାଆନ୍ତୁ ବା ନ ପାଆନ୍ତୁ ତାଙ୍କୁ ସୁଖ ପାଇବାରେ ସୁଖ ଅଛି । କେବଳ ଏଇଥିପାଇଁ ହେମାଙ୍କୁ ମନ ଆଉ ହୃଦୟରେ ଯତ୍ନରେ ରଖିଲା । ସେ ଯେ ଭ୍ରମର ଓ ହେମା ଯେ କୁସୁମ, ସେ ଭାବ ମନରେ ସ୍ଥାନ ଦେଲାନାହିଁ, କିନ୍ତୁ ଦେଖା ଯାଉଛି ଯେ ଭ୍ରମର ଆଉ ସୁମନଙ୍କର ଭେଟାଭେଟି ହୋଇଛି । ପୁଣି ସୁମନ କଣ୍ଟକ ଦୁର୍ଗପରିବେଷ୍ଟିତ; ଦେଖିବାକୁ ରହିଲା ସୁମନ କମଳ କି କେତକୀ ?

---

# ଅଷ୍ଟମ ପରିଚ୍ଛଦ

ରାଜା ଦଣ୍ଡଧାରୀ ବୋଲି ଅଭିହିତ । ଏହାର ଅର୍ଥ ବାଂଶଦଣ୍ଡ କି ସ୍ୱର୍ଣ୍ଣରୌପ୍ୟଦଣ୍ଡ, ହସ୍ତରେ ଧେନିବା ହେଉ କି ଅନ୍ୟ କିଛି ହେଉ, ରାଜା ହରିଚନ୍ଦନ ମର୍ଦ୍ଦରାଜ ବୁଝିଥିଲେ ଯେ ତାଙ୍କଠାରେ ଦଣ୍ଡ ଦେବାର ଭାର; ବ୍ୟବସ୍ଥାବିଧାନଭାର ଅନ୍ୟଙ୍କ ଠାରେ । ଏହା ବୋଲି ଯେ ସେ ରାଜ୍ୟର ଦଶ ପାଞ୍ଚ ଜଣ ମୁଖିଆ ୨ ଲୋକ ନେଇ ବିଧିବିଧାନ କରୁଥିଲେ କିମ୍ବା ମୁଖିଆ ବଟୁବଟୁର ବ୍ୟବସ୍ଥା କରୁଥିଲେ ତାହା ନୁହେଁ । ସେ ବୁଝିଛନ୍ତି ଯେ ମନୁ, ଯାଜ୍ଞବଲ୍କ୍ୟ ପ୍ରଭୃତିଙ୍କ ପରି ମୁନିଋଷି, କରଗ୍ରହଣ, ପିତାପୁତ୍ର, ଗୁରୁଶିଷ୍ୟ, ଭାଇ-ବନ୍ଧୁ, ଅଡ଼ୋସ ପଡ଼ୋସଙ୍କର ପରସ୍ପର କର୍ତ୍ତବ୍ୟାକର୍ତ୍ତବ୍ୟ ବିଷୟରେ ଯାହା ବ୍ୟବସ୍ଥା କରିଛନ୍ତି ବା କରୁଛନ୍ତି, ତଦନୁସାରେ କାର୍ଯ୍ୟାନୁବର୍ତ୍ତୀ ହେବା ରାଜାଙ୍କର କର୍ତ୍ତବ୍ୟ ।

ସେ ଜାଣନ୍ତି ଯେ ମୁନିଋଷିଏ ଅରଣ୍ୟରେ ଆଆନ୍ତି । ଫଳମୂଳ ଖାଆନ୍ତି । କାହାରି କିଛି ଧାରନ୍ତି ନାହିଁ । କାହାରି କଥା ଶୁଣନ୍ତି ନାହିଁ କି କରନ୍ତି ନାହିଁ । ବଢ଼େଇ କମାର କି ତେଲି ତନ୍ତୀ କିମ୍ବା ଅଯୋଧ୍ୟା ବା ମଗଧ ରାଜାଙ୍କର ମୁଖପାନ ନୁହନ୍ତି, କି କାହାରି ପାଇଁ ବୁଦ୍ଧିର ଖେଳ ଖେଳନ୍ତି ନାହିଁ । କଥାର ଛଳ ଦେଖାନ୍ତି ନାହିଁ । ବିଶ୍ୱାମିତ୍ରଙ୍କ ପରି ପ୍ରତିଭା-ଶାଳୀ ହେଲେ ବି କାମକ୍ରୋଧ ପ୍ରଭୃତି ନ ଯିବାଯାଏ ବ୍ରହ୍ମର୍ଷି ହେଲନ୍ତି ନାହିଁ । ସେମାନଙ୍କ ବ୍ୟବସ୍ଥା ନିରପେକ୍ଷ, ନିସ୍ୱାର୍ଥପର, ନ୍ୟାଯ୍ୟ । ସେମାନେ ଗଣ୍ଡାଏ କରି ନେବା ବ୍ୟବସ୍ଥା କରିଥିବା ସ୍ଥଳେ ବୋଡ଼ିଏ କରି ନେବା ଅବିଧି । ସେମାନଙ୍କ ବିଧାନ ଅନୁସାରେ ରାମାର ଧନ ଶାମାକୁ ଦେଲେ କିମ୍ବା କାକୁଡ଼ିଚୋରକୁ ମୁଣ୍ଡକାଟ ଶାସ୍ତି ଦେଲେ ଅନ୍ୟାୟ ହୁଏ । ଅଧର୍ମ ହୁଏ । ଏହାକୁ ରାଜା ଆପଣାର ଧର୍ମ ବୋଲି ଜାଣନ୍ତି । ସେହି ଅନୁସାରେ କାର୍ଯ୍ୟ କରନ୍ତି । ପୁଣି ଜାଣନ୍ତି ଯେ ଯେଉଁଠାରେ ଧର୍ମ ଥାଏ, ସେଠାରେ ଅଧର୍ମ ପାଖ ପଶିପାରେ ନାହିଁ । ଆହୁରି ମଧ୍ୟ ଦୋଷ ଗୁଣର ବିଚାର ଶାସ୍ତ୍ରରେ ଥିବାରୁ ନିଜେ ତାଙ୍କର କାହାରି ପ୍ରତି ଦ୍ୱେଷ ଘୃଣା ପ୍ରଭୃତି ନାହିଁ । ସେ ପ୍ରଜାଙ୍କୁ ପୁଅ ପରି ମଣନ୍ତି । ସମସ୍ତଙ୍କର ହାତଗୋଡ଼ ଦୃଢ଼ ପ୍ରେମପାଶରେ ବନ୍ଧା । କିଛି ମାତ୍ର ହଲଚଲ ହେବାକୁ କାହାରି ଶକ୍ତି ନାହିଁ । ପ୍ରେମ ଐଶ୍ୱରୀୟ । ତହିଁରେ ପଡ଼ିଲେ ଦସ୍ୟୁ ନିଜ ବୃତ୍ତି ବିସ୍ମୃତ ହୁଏ । ହନନକାରୀ ସୁଅରେ ଅସି ନିକ୍ଷେପ କରେ । ଏହି ପ୍ରେମ ଯୋଗୁଁ ରାଜା ଆପଣାଙ୍କୁ ଅଜାତଶତ୍ରୁ ବୋଲି ମଣନ୍ତି । ସୁତରାଂ ଢାଲ, ଖଣ୍ଡା, ଧନୁଶର ଧେନି ଯେ ଗଣ୍ଡା ୨ ଗାଆଁକ ନାୟକ ପହରୀରେ ଅଛନ୍ତି, ସେମାନେ ଅଜାଗଳସ୍ତନ କି କଣ୍ଠିକ କୁଣ୍ଡଳ ପରି ଅଳଙ୍କାରବିଶେଷ, ତାହା ସେମାନେ ବା ତାଙ୍କ ରାଜା ଜାଣନ୍ତି ।

କାରଣ ପୀଡ଼ାବିମୁକ୍ତ ହୋଇ ରାଜା ଆଜି ବାହାରେ ବିଜେ କରିଛନ୍ତି ବୋଲି, ଏତେ ପ୍ରହସି ଥିଲେ ବି ଗରିବ ତାଲେବର ସମସ୍ତେ ଅବାରିତ ଦ୍ୱାରରେ ଆସୁଛନ୍ତି । ଘଲ ୨ ଲୋକ ଆସୁଛନ୍ତି । କାହାରିକି କିଛି ପଚରାଉଚରା ନାହିଁ । ଅଟକ ଝଟକ ନାହିଁ । କାହାରି ଭୟ ଭ୍ରାନ୍ତି ନାହିଁ । ନିଦକରେ ସମସ୍ତେ ଆସି ଜୁହାର କରି ବାପ-କତିରେ ପୁଅ ପରି ବସୁଛନ୍ତି । ରାଜା ପ୍ରଜା ଉଭୟ ପୁରୁଣାକାଳିଆ । ଉପରୋକ୍ତ ବ୍ୟବହାର ଭଲ କି ମନ୍ଦ ତାହା ସେମାନେ ଜାଣନ୍ତି ।

ରାଜା ଆଜି ଗ୍ରହଣମୁକ୍ତ ଚନ୍ଦ୍ର ବା ପରାଗମୁକ୍ତ ସୂର୍ଯ୍ୟ । ମନବୋଧ କରି ରାଜାଙ୍କୁ ଦେଖିବାକୁ ଲୋକେ ଆସୁଅଛନ୍ତି । କିନ୍ତୁ ତାଙ୍କ ସମ୍ବନ୍ଧରେ ଅତି ଅଳ୍ପ କଥା । ତାଙ୍କୁ ଯେ ରୋଗମୁକ୍ତ କରି ଏତେ ଲୋକଙ୍କୁ ସୁଖୀ କରିଅଛି, ତାହାରି ଠାରେ ପ୍ରାୟ ସବୁରି ମନ ବଚନ । ତାହାକୁ ଘେନି କଥାବାର୍ତ୍ତା । କେହି ତାକୁ ସାକ୍ଷାତ ଧନ୍ୱନ୍ତରି କହୁଅଛି । କେହି କହୁଅଛି, ହନୁମାନ ଯେ ବିଶଲ୍ୟକରଣୀ ନେଇଥିଲା ତାହା ସେହି ଲୋକ ହାତରେ ପଡ଼ିଛି । କେହି ୨ ବା ରାଜା କେହି ୨ ବା ଚିକିତ୍ସକର ଗ୍ରହମାନଙ୍କୁ ପ୍ରଶଂସା କରୁଛି । କେହି ୨ ବା ଖିମାକୁ ଧନ୍ୟ ୨ କହୁଅଛି । କେହି ୨ ଚିକିତ୍ସକ, କେହି ୨ ବା ରାଜାଙ୍କ ଗ୍ରହମାନଙ୍କୁ ପ୍ରଶଂସା କରୁଛନ୍ତି । କେହି ୨ ରାଜାଙ୍କର, କେହି ୨ ପ୍ରଜାଙ୍କର ଧର୍ମବଳ ଥିବାରୁ କହୁ ଅଛନ୍ତି । କିନ୍ତୁ ନିଜେ ରାଜା ସେ ବିଷୟରେ କିଛି କହୁ ନାହାନ୍ତି । ଗ୍ରହବଳରେ କି ଧର୍ମବଳରେ ତାଙ୍କର ବିଶ୍ୱାସ ତାହା ତାଙ୍କ ମନ ଜାଣେ । ମନରେ ଯାହା ଥାଉ, ସେ ଆଜି ସେ ଚିକିତ୍ସକକୁ ପୁରସ୍କାର ଦେବେ ବୋଲି ସମସ୍ତେ ଜାଣନ୍ତି । ପ୍ରଥମେ ପଦାକୁ ବାହାରିଲା ଦିନ ଚିକିତ୍ସକକୁ ପୁରସ୍କୃତ କରିବା ରାଜା ସ୍ଥିର କରି ଅଛନ୍ତି । ସେ ବୁଝିଛନ୍ତି ଯେ

ଏଥିରେ ସମସ୍ତଙ୍କ ସମ୍ମୁଖରେ ଗୁଣର ମର୍ଯ୍ୟାଦା କରାହେବ । ଅଥଚ ନିଜ ଶାରୀରିକ ବିଷୟ ଘେନି ସଭା ବା ଦରବାର କରାହେବ ନାହିଁ । ରାଜବୈଦ୍ୟଶାସ୍ତ୍ରୀ କି ଖଣ୍ଡେ ଗାଁ କି ଉଭୟ ପୁରସ୍କାର ଦିଆଯିବ, ତାହା ରାଜା କାହାରିକି ପ୍ରକାଶ କରି ନାହାନ୍ତି କି ସେ ବିଷୟରେ କାହାରିକି କିଛି ପଚାରି ନାହାଁନ୍ତି । ତାହା ଅପ୍ରକାଶ ଥିଲେ ବି ସମସ୍ତେ ଜାଣନ୍ତି ଯେ ସେ ଚିକିତ୍ସକ ଭୀମାଆଣିଥିବା ବୁଢ଼ା ଭିନ୍ନ ଅନ୍ୟ କେହି ନୁହେଁ ଏବଂ ସେ ବୁଢ଼ାଙ୍କି ସଜବାଜ କରି ଆଣିବାକୁ ଲୁଗାପଟା ଖଣ୍ଡୁନୋଳୀ ଘେନି ଖୁଣ୍ଟିଆ ଗୁଟିଆ ପ୍ରଭୃତି ଗ୍ରାମକୁ ଯାଇଛନ୍ତି ।

ସମସ୍ତଙ୍କ ମୁହଁରେ ଅଳ୍ପ ବହୁତ ବୁଢ଼ାକଥା । କିନ୍ତୁ ବୁଢ଼ାକୁ ଅଳ୍ପ ଲୋକେ ଦେଖିଛନ୍ତି । ସୁତରାଂ ସମୟ ଯିବା ସଙ୍ଗେସଙ୍ଗେ ତାକୁ ଦେଖିବାପାଇଁ ଇଚ୍ଛା ବଢ଼ୁଛି । ଯେମାନେ ଆଗେ ଆସିଛନ୍ତି ସେମାନେ ବିଳମ୍ବରେ ବିରକ୍ତ ହେଉଛନ୍ତି । ଯେ ବିଳମ୍ବରେ ପହଞ୍ଚିଛନ୍ତି, ସେ ଖୁସି ହେଉଛନ୍ତି । କିନ୍ତୁ ରାଜା ଏପାଖ ନୁହନ୍ତି କି ସେପାଖ ନୁହନ୍ତି । ସେ ଜାଣନ୍ତି ଯେ ଜାଣିଶୁଣି କେହି ବିଳମ୍ବ କରିବ ନାହିଁ । ଅଥଚ ନ୍ୟୂନାଧିକ ବିଳମ୍ବ ଘଟିପାରେ । ନିଜର କ୍ଷମତା, ପ୍ରତିଷ୍ଠା ପ୍ରଭୃତି ଯେ ନିଜେ ବୁଝିଥାରେ, ଅଧୈର୍ଯ୍ୟ ତାହା ପାଖ ପଶି ପାରେ ନାହିଁ । ରାଜାଙ୍କ ପରି ଯେ ଆଉ କାହାର ୨ ଧୈର୍ଯ୍ୟଚ୍ୟୁତି ବା ବିରକ୍ତି ହୋଇଛି କି ନାହିଁ ତାହା ସେମାନେ ଜାଣନ୍ତି । ସେ ଯାହା ହେଉ, ଅବଶେଷରେ ଭୀମା ସଙ୍ଗେ ଆଉ ଜଣେ ଯୁବା ଏବଂ ବୃଦ୍ଧକୁ ଘେନି ଖୁଣ୍ଟିଆ ପ୍ରଭୃତି ଉପସ୍ଥିତ ହେଲେ ।

ଗ୍ରାମରେ ଡାକୁଆ ବସ୍ତ୍ରାବୃତ ଗୃହଙ୍ଗଡ଼ାଟିଏ ରଖିଦେଇ ସାଷ୍ଟାଙ୍ଗ ପ୍ରଣିପାତ ହେଲ । ଭୀମାପ୍ରଭୃତି ମଧ୍ୟ ସେହିପରି ଜୁହାର କଲେ । ପାଖଲୋକଙ୍କ ଉଠ ୨ ଡାକରେ ଖୁଣ୍ଟିଆ ପ୍ରଭୃତି ଉଠି କରି ଯୋଡ଼ି ଠିଆ ହେଲେ, କିନ୍ତୁ ଭୀମା, ଅପର ଯୁବା ଓ ବୁଢ଼ା ପ୍ରଭୃତି ଉଠି ପୂର୍ବପରି ପଡ଼ି ରହିଲେ ।

ଗଳବସ୍ତ୍ର ଓ ଯୋଡ଼କର ହୋଇ ଖୁଣ୍ଟିଆ କହିଲା—"ମଣିମା, ଅପରାଧ କ୍ଷମା ହେଉ । ଖୀମାବସାରେ ପହୁଞ୍ଚି ଦେଖିଲି ଯେ ମୁଣ୍ଡ-କାଠି ପାଇଁ ଦିଆ ଯାଇଥିବା ପାଞ୍ଚଜଣ ମଧ୍ୟରୁ ଏ ବୁଢ଼ା ଓ ଅନ୍ୟ ଜଣକ ଖୀମାସାଙ୍ଗରେ ଅଛନ୍ତି । ବାଣ୍ଟବେଳେ ମୁଁ ଏ ଦୁହିଁଙ୍କ ଦେଖିଥିଲି । ତାଙ୍କୁ ମୁଁ ଭଲକରି ଚହ୍ନି ପାରୁଛି । ପୁଣି ହାତଗୋଡ଼ ବନ୍ଧା ହୋଇ ବାଲି ପଡ଼ି ଯେ ପାଣି ଛୁଆଁ ଯାଇଥିଲି ତାହାର ଚହ୍ନ ପୂରା ଅଛି; ଏହା ଦେଖି ଲୁଗାପଠା ଖଡ଼ୁନୋଳ କାହାରିକି କିଛି ଦେଇ ନାହିଁ । ସେ ତିନିଙ୍କି ଗ୍ରୁମୁକୁ ଘେନି ଆସିଛି । ଏଥିରେ ଗ୍ରୁମୁରୁ ଯେ ଆଜ୍ଞା ।

ଏହା ଦେଖିଶୁଣି ସମସ୍ତେ ବିସ୍ମୟାପନ୍ନ ହେବାର ଦେଖାଗଲା, ସବୁରି ମନର ଗତି ଭିନ୍ନପଥାବଲମ୍ବୀ ହେବା ସ୍ପଷ୍ଟ ପ୍ରକାଶ ପାଇଲା । କାହାରି ପାଟି ଫିଟିବା ପୂର୍ବେ ରାଜାଙ୍କ ସଙ୍କେତ ଅନୁସାରେ ଖୀମା ଓ ତାହାର ସଙ୍ଗୀଦୁହିଁଙ୍କ ପାଖ ଲୋକଙ୍କର ଉଠ ୨ ଡାକ ପଡ଼ିଲା; ସେମାନେ ଉଠି ଗଳବସ୍ତ୍ର ଓ ଯୋଡ଼କର ହୋଇ ଠିଆ ହେଲେ । ତିନିହେଁ ମାନମର୍ଯ୍ୟାଦା, ସମ୍ଭ୍ରମ ପ୍ରଭୃତି ଲକ୍ଷଣରେ ପୂର୍ଣ୍ଣ । କିନ୍ତୁ ଭୟ, ଆଶଙ୍କା ପ୍ରଭୃତିର ଲକ୍ଷଣ କାହାରିଠାରେ କିଛି ନାହିଁ । ସମସ୍ତଙ୍କର ବଦନ ପ୍ରଫୁଲ୍ଲ । ସମସ୍ତଙ୍କର ତଳେ ରାଜା ଓ ଉପରେ ଠାକୁରାଣୀଙ୍କ ଠାରେ ପୂର୍ଣ୍ଣ ବିଶ୍ୱାସର ଲକ୍ଷଣ । ମରିବା ବଞ୍ଚିବା ପାଇଁ କାହାରି କିଛି ଚୋଚନା ଥିଲା ପରି ଜଣା ଯାଉନାହିଁ ।

ଉପରୋକ୍ତ ପ୍ରକାରେ ତିନିଜଣ ଠିଆ ହେଲାରୁ ଗ୍ରୁମୁରୁ **ଆ**ଜ୍ଞା ହେଲା :—

"କିରେ ଖୀମା, ଏ କି ? ଏହି ବୁଢ଼ା ତ ଆମକୁ ଭଲ କରିଅଛି । ଯାଙ୍କୁ ତୁ ଆଣିଥିଲୁ; ଖୁଣ୍ଟିଆ ଏ କି କହୁଛି ?"

ଖ—"ମଣିମା, ଗ୍ରୀମୁଖରୁ ଯେ ଆଜ୍ଞା ହେଉଛନ୍ତି ସେ ସତ । ଖୁଣ୍ଟିଆ ଯାହା କହୁଛନ୍ତି, ତାହା ସତ ।"

ଗ—"ମୁଣ୍ଡ ନ କାଟିଲେ ଯେ ମୁଣ୍ଡ ଦେବାକୁ ହେବ ତାହା ଜାଣିଥିଲୁ ତ ?"

ଖ—"ସେ ଆଜ୍ଞା ହେଲାବେଳେ ନିଜେ ଗ୍ରୀମୁ ଶ୍ରୀମୁଖରୁ ଶୁଣିଛୁ ।

ଗ—ତେବେ ଏ ଦୁହିଁଙ୍କ ମୁଣ୍ଡ ଗ୍ରଡ଼ିଲୁ କାହିଁକି ?"

ଖ—"ବୁଢ଼ା ମୋର ବାପ, ସେ ମୋର ବଡ଼ ଭାଇ, ତାଙ୍କ ମୁଣ୍ଡ କିପରି କାଟନ୍ତି ବା କଟାନ୍ତି ?"

ଗ—"ଏପରି କାହିଁକି ହେଲା ?"

ଖ—"ଆଜ୍ଞା, ଯାହା ହେବାର ହୋଇଛି; କାହିଁକି ହେଲା ବୋଲି ପଚ୍ଚରି ଆଜ୍ଞା ନ ହେଉନ୍ତୁ । ଏଣିକି ଯାହା ହେବ ତାହା ଆଜ୍ଞା ହେଉ । ମୋ ମୁଣ୍ଡ ଯିବ ବୋଲି ଜାଣେ । ଏ ଦୁହିଁଙ୍କର କି ହେବ ବୋଲି ଜାଣେ ନା । ମୋର ଏତିକି ମାଗୁଣି ଯେ ବିଦେଶରେ ବାପଭାଇ ଥାଉଁ ୨ ମୋ ପ୍ରାଣ ଯାଉ । ତେଣିକି ସେ ଦୁହିଁଙ୍କର ଯାହା ହେବାର ହେଉଥାଉ ।"

ଏପରି ଘଟଣାକୁ ମନୁ, ପରାଶର ପ୍ରଭୃତିଙ୍କର ବ୍ୟବସ୍ଥା ଥାଉ କି ନ ଥାଉ ତାହା ରାଜା ବା ତାଙ୍କ ପ୍ରଜାଙ୍କୁ ଜଣା ନାହିଁ । କିନ୍ତୁ ସେମାନେ ଜାଣନ୍ତି ଯେ ମୁନିଋଷିମାନେ ମନୁଷ୍ୟଙ୍କୁ ମନୁଷ୍ୟ ବୋଲି ଗଣିଛନ୍ତି । ରକ୍ତମାଂସ ଦେହରେ କାମ, କ୍ରୋଧ, ଲୋଭ, ମୋହ—ପ୍ରଭୃତି ସଙ୍ଗେ ୨ ମାୟା, ମମତା, ଦୟା, କ୍ଷମା, ବୁଦ୍ଧି, ବିବେକ ପ୍ରଭୃତି ଅଛି । ମନୁଷ୍ୟ ମାନଙ୍କ ମଧ୍ୟରେ ଚୋର ବି ଅଛନ୍ତି, ସାଧୁ ବି ଅଛନ୍ତି । ଚୋର ସାଧୁ ହେଉଛି ଓ ସାଧୁ ଚୋର ହେଉଛି । ଏ ବର୍ଷ ମଲ୍ଲୁ ସେ ବର୍ଷକୁ ବୈଦ୍ୟ ହେଉଛି । କେହି ଶାସ୍ତ୍ର ଉଡ଼ାଳରେ ଅଧର୍ମ

କାମ କରି କଳ କୌଶଳରେ ଧାର୍ମିକ ବୋଲଉଛନ୍ତି, କେହି କରି ନ ଜାଣି ସଦିଚ୍ଛା ପାଇଁ ଦଣ୍ଡ ପାଉଛନ୍ତି । ମନକଥା ଅନ୍ତର୍ଯାମିଙ୍କ ଗୋଚର । ପ୍ରକୃତ ପାପପୁଣ୍ୟର ବିଚାର ତାଙ୍କଠାରେ । ମନକଥା ହିସାବରେ ଆଣିବା ସହଜ ନୁହେଁ । ମନୁଷ୍ୟ ଯାହା ବୁଝିପାରେ ତାହା କେବଳ ଅନୁମାନ । ପୁଣି ମନୁଷ୍ୟ ଅଭ୍ରାନ୍ତ ନୁହେଁ । ଏହି ବିଚାରରେ ଏକଥା ସେକଥାର ବ୍ୟବସ୍ଥା ନେଇ ଖଣ୍ଡେ ୨ ପୋଥି ହୋଇଥିଲେ ବି ଦେଶକାଳପାତ୍ରଦୃଷ୍ଟିରେ ବିଚାରର ବିଧାନ ହୋଇଛି । ଏହି ବିଚାରଭାର ଅଧିକାଂଶ ରାଜାଙ୍କ ହାତରେ । ସେ ବିଚାର କେଉଁ-ଠାରେ ସୁବିଚାର କେଉଁଠାରେ ଅବିଚାର ହେଉଅଛି । ବିଚାରକ ଧର୍ମାଧର୍ମର ଫଳଭୋଗୀ । ତଥାପି ସେହି ଭାର ବା କ୍ଷମତାପାଇଁ କେହି ଦେବର୍ତ୍ତା, କେହି ମନ୍ତ୍ରୀ, କେହି ସଦସ୍ୟ, କେହି ବୃତ୍ତିଭୋଗୀ, କେହି ଅବୈତନିକ ହୋଇ କାର୍ଯ୍ୟକାରୀ ହେବାକୁ ଯତ୍ନଶୀଳ; ଜଣକ ସ୍ଥଳେ ପାଞ୍ଚଜଣ ସେହି କ୍ଷମତାଚାଳନ କରିବା ଇଚ୍ଛାରୁ ପ୍ରଜାତନ୍ତ୍ର, ସାଧାରଣତନ୍ତ୍ର ପ୍ରଭୃତିର ଉତ୍ପତ୍ତି ।

ସେ ଯାହା ହେଉ, ରାଜା ହରିଚନ୍ଦନ ମର୍ଦ୍ଦରାଜ ସର୍ବେସର୍ବା । ଆଖିପିଞ୍ଚୁଡ଼ାକେ ଦିନକୁ ରାତି, ରାତିକି ଦିନ କରିପାରନ୍ତି । ଖିମାର ମୁଣ୍ଡ ନେଇ ପାରନ୍ତି । ତ୍ରିଲୋଚନ ମହାପାତ୍ର ଦେବର୍ତ୍ତାଙ୍କୁ ଶୂଳୀରେ ନ ଦେଇ ଶାନ୍ତି ଦେଇ ପାରନ୍ତି । ଉପସ୍ଥିତ ଘଟଣାରେ ଖିମା ମୁଣ୍ଡ ଯିବାର ବିଧାନ କରିଛନ୍ତି । କିନ୍ତୁ ଅନ୍ୟ ଦୁହିଁଙ୍କ ବିଷୟରେ କିଛି ଆଜ୍ଞା ଦେଇ ନାହାନ୍ତି । ପୁଣି ତ୍ରିଲୋଚନ ଦେବର୍ତ୍ତାଙ୍କୁ ଧରିଥିବାରୁ ଖିମାକୁ ଲୋକେ ସାଧୁ ୨ କହୁଥିଲେ ଓ ଏବେ ମଧ୍ୟ କହୁଛନ୍ତି । ଏପରି ସ୍ଥଳରେ ରାଜା ଯାହା ଇଚ୍ଛା ତାହା କରି ପାରନ୍ତି । କିନ୍ତୁ ସେ ତାହା ନକରି ଉପସ୍ଥିତ ଘଟଣା ସମ୍ବନ୍ଧେ ପାତ୍ରମନ୍ତ୍ରୀ ପ୍ରଭୃତିଙ୍କି ସେମାନଙ୍କର ବିଚାର ମାଗିଲେ ।

ଖ୍ରିମା କଥା ଶୁଣି ସମସ୍ତେ ନୀରବ ନିସ୍ତବ୍ଧ ଥିଲେ । କିନ୍ତୁ ରାଜାଙ୍କ ଶୁଣି ମନ୍ତ୍ରୀ ଆଉ ଅଧିକ କ୍ଷଣ ସେପରି ରହି ନପାରି ଉତ୍ତର କଲେ । "ଯେଉଁମାନଙ୍କର ମୁଣ୍ଡକଟା ନୋହିଥିବ ସେମାନଙ୍କର କି ଦଣ୍ଡ ହେବ ତାହା ସେଦିନ ଆଜ୍ଞା ହୋଇନାହିଁ । ପୁଣି ଏ ବୃଦ୍ଧଲୋକ ଗୁମୁଙ୍କୁ ରୋଗମୁକ୍ତ କରି ସମସ୍ତଙ୍କ କୃତଜ୍ଞତାର ପାତ୍ର ହୋଇଅଛି । ତାକୁ କୌଣସି ଦଣ୍ଡ ଦେବାକୁ କେହି କହିବେ ନାହିଁ । ତାହା ମଧ୍ୟ ଯୁକ୍ତ, ନ୍ୟାଯ୍ୟ ବା ଧର୍ମସଙ୍ଗତ ହେବ ନାହିଁ ।"

ଏହା ଶୁଣି ସମସ୍ତେ ସାଧୁ ୨ କହି ଉଠିଲେ । ସମସ୍ତେ ଅଚିରେ ନୀରବ ହେଲାରୁ ମନ୍ତ୍ରୀ କହିଲେ:—

"ଖ୍ରିମା ଯେ କେବଳ ଏ ଦୁହିଁଙ୍କର ମୁଣ୍ଡକାଟି ନାହିଁ ତାହା ନୁହେଁ; ସେ ଗୁମୁଙ୍କର ଅନୁଗ୍ରହର ପାତ୍ର ଏବଂ ସମସ୍ତେ ତାହାଠାରେ ବଡ଼ ସନ୍ତୋଷ ଅଛନ୍ତି । ପୁଣି ତାହାର ମୁଣ୍ଡ ଯିବ ବୋଲି ସେ ଜାଣେ । ଏଥିରେ ତାହା ପ୍ରତି ଓ ତାହାର ଭାଇ ପ୍ରତି ଗୁମୁରୁ ଯେପରି ବିଚାର ଆଉ ଆଜ୍ଞା ।"

ଏହା ଶୁଣି କିଛି କ୍ଷଣ ନୀରବ ରହି ରାଜାଆଜ୍ଞା ହେଲେ ।

"ଆମ୍ଭ ପ୍ରାଣ ରଖିଥିବାରୁ ବୁଢ଼ା ଆମ୍ଭଠାରେ ଅଦଣ୍ଡ୍ୟ । ଏହା ମଧ୍ୟ ସମସ୍ତେ ପ୍ରକାଶ କଲେଣି । ତାହାର ବଡ଼ ପୁଅର ମୁଣ୍ଡକାଟ ଆଦେଶ ହୋଇଥିଲା । ତାହା ପାଳନ କରି ନଥିବାରୁ ବର୍ତ୍ତମାନ ସାନପୁଅ ଖ୍ରିମାର ବି ମୁଣ୍ଡ ଯିବାର କଥା । କିନ୍ତୁ ବୁଢ଼ା ଯେ ଉପକାର କରିଅଛି ତହିଁପାଇଁ ତାକୁ ଗୋଟିଏ ଛାଡ଼ ଦେଲୁ । ବର୍ତ୍ତମାନ ବୁଢ଼ା ଯାହାକୁ କହିବ, ତାହାର ଦୁଇ ପୁଅଙ୍କ ମଧ୍ୟରୁ ତାହାର ମୁଣ୍ଡ ଏହିକ୍ଷଣି ଏହିଠାରେ କଟା ହେବ ।"

ରାଜାଙ୍କର ଏହି ଆଜ୍ଞା ଶୁଣି ଅଧିକାଂଶ ଲୋକେ ସାଧୁ ୨ କହିଲେ । ଯେଉଁମାନେ କିଛି କହିଲେ ନାହିଁ ସେମାନେ କାହିଁକି ନୀରବ ରହିଲେ ତାହା ସେମାନେ ଜାଣନ୍ତି । ତାହା ଜାଣିବାକୁ ଅପେକ୍ଷା ନ ରହିଲା । ଅବିଳମ୍ବେ ଖଡ଼୍ଗ ପ୍ରଭୃତି ଆଣି ସମ୍ମୁଖରେ ମୁଣ୍ଡକାଠର ଆୟୋଜନ କରିବାପାଇଁ ଲୋକେ ଗୁମୁରୁ ଆଦିଷ୍ଟ ହେଲେ । ଏଣେ ଦୁଇ ପୁଅକୁ କୁଣ୍ଢାଇ ବୁଢ଼ା ସାଧୁସରଦାର କାନ୍ଦିବାକୁ ଲାଗିଲା । କିନ୍ତୁ ପୁଅଦୁହେଁ ଧୀର ଗମ୍ଭୀର ଭାବ ଓ ପ୍ରଫୁଲ୍ଲ ବଦନରେ ଠିଆହୋଇ ରହିଲେ । ଏଥି ମଧ୍ୟରେ ମୁଣ୍ଡ କାଟିବାର ସବୁ ଆୟୋଜନ ହେଲା । ଜହ୍ଲାଦ ଆସି ଖଡ଼୍ଗ ଧରି ଠିଆ ହେବାର ଦେଖି ଗୁମୁ ପଟ୍ଟନାୟକ କହିଲେ :—

"ସାଧୁ, କାନ୍ଦିବାର ଆଉ ସମୟ ନାହିଁ । ଯେତେ ସମୟ ଯିବ ସେତେ କଷ୍ଟ ବଢ଼ିବ ।"

ଏହା ଶୁଣି ସାଧୁ ଭୂମିରେ ସାଷ୍ଟାଙ୍ଗ ହୋଇ ପଡ଼ି କାନ୍ଦି ୨ କହିଲା:—

"ମଣିମା, ଏ ଅରକ୍ଷିତ ପ୍ରତି ଯେବେ ଏତେ ଦୟା, ତେବେ ଏହି ବୁଢ଼ାମୁଣ୍ଡଟି ନେଇ ପୁଅଦୁହିଁଙ୍କ ଛାଡ଼ ଆଜ୍ଞା ହେଉନ୍ତୁ । ବୁଢ଼ା ଆଉ କେତେଦିନ ବଞ୍ଚିବ ? ଏ ବୟସରେ ଏପରି ପୁତ୍ରଶୋକ ଆଉ ସହି ପାରିବ ନାହିଁ । ଗୋଟିକ ପାଇଁ ଆଉ ଗୋଟିଏ ନଷ୍ଟେ ଁ ଯିବ । ତେବେ ପୁଅଙ୍କ ଆଗରେ ମୁଁ ଗଲେ ମୋର ଭଲ । ଏହି ଆଜ୍ଞା ହୋଇ ଗୁମୁ ମୋତେ ଉଦ୍ଧାର କରନ୍ତୁ ।"

ଏତେ କହି ବୁଢ଼ା ନୀରବ ହୋଇ ପଡ଼ି ରହିଲା । ଅନ୍ୟ କାହାରି ମୁହଁରୁ ମଧ୍ୟ କିଛି କଥା ବାହାରିଲା ନାହିଁ । ଏହିପରି କିଛି-କ୍ଷଣ ଗଲାରୁ ଗୁମୁ ପଟ୍ଟନାୟକ କହିଲେ "ବୁଢ଼ା, ଆଉ ଅଧିକ କଷ୍ଟ ଦିଅନା । ଗୋଟିଏ ପୁଅ ଛାଡ଼ିଦିଅ ।"

ଏହା ନ ଶୁଣିଲା ପରି ହୋଇ ସାଧୁ ପଡ଼ି ରହିଲା । ଗୁମୁ ପଟ୍ଟନାୟକ ପାଞ୍ଚ ସାତ ଥର କହିଲେ । ତଥାପି ସାଧୁ ସେହିପରି ପଡ଼ି ରହି ଥିବାର ଦେଖି ସ୍ୱୟଂ ଗୁମୁଶ୍ରୀମୁଖରୁ ଆଜ୍ଞା ହେଲା "ବୁଢ଼ା ! ଗୁମୁପଟ୍ଟନାୟକକଥା କି ଶୁଣୁନାହିଁ ? ଆଉ ବିଳମ୍ବ କାହିଁକି ?" ରାଜାଙ୍କ ଉକ୍ତିରୁ ବୁଢ଼ା ବୁଝିଲା ଯେ ରାଜାଙ୍କ ମନ ଆଉ ଟଳିବାର ନୁହେଁ । ତହୁଁ ସେ ଠିଆ ହୋଇ ବାଷ୍ପପୂର୍ଣ୍ଣ ଲୋଚନରେ ଦୁଇ ପୁଅଙ୍କ ମୁହଁ ବାରମ୍ବାର ନିରୀକ୍ଷଣ କଲା; ଯେତେ ନିରୀକ୍ଷଣ କଲା ତେତେ ଅଧିକ କାନ୍ଦିବାକୁ ଲାଗିଲା । କିନ୍ତୁ ସେ କାହାକୁ ଛାଡ଼ିବ, କାହାକୁ ରଖିବ, କିଛି ଜଣା ଯାଉନାହିଁ ।

ଏହାପରେ କେତେ କ୍ଷଣ ଗଲାରୁ ଗୁମୁ ପଟ୍ଟନାୟକ କହିଲେ "ବୁଢା, ଆଉ ବୃଥାରେ ବିଳମ୍ବ କରନା ।" ଏହାଶୁଣି ପିଲାଙ୍କ ପରି ଭେଁ ଭେଁ କରି କାନ୍ଦି ଉଠି ବୁଢ଼ା କହିଲା "ରେ ଦଇବ ! ଏଥିପାଇଁ ମୋତେ ଏତେ ଆଇଷ ଦେଇଥିଲୁ । "ଏବେ ହେଲେ ବି ମୋ ଜୀବନ ନେ" ଏଣେ ପୁଅଦୁହେଁ ପୂର୍ବପରି ଦଣ୍ଡାୟମାନ । ଅମ୍ଳାନ ବଦନରେ ମୁଣ୍ଡ ଦେବାକୁ ଉଦ୍ୟତ ପରି ଦେଖା ଯାଉଛନ୍ତି । ବୁଢ଼ା କାନ୍ଦି କାନ୍ଦି ଗୁମୁ ପଟ୍ଟନାୟକଙ୍କ ଆଦେଶ ଧନ ୨ ଶୁଣିଲା । ଆଉ ନିଶଙ୍କ ପରି ମଧ୍ୟସ୍ଥଳରେ ରହି ପାରିଲା ନାହିଁ । ଖିମା ଆଡ଼କୁ ଚାଲିଲା । ତାକୁ କୁଣ୍ଢେଇ କାନ୍ଦି ୨ କହିଲା:—

"ଆରେ ଖିମା; ମୋତେ ଛାଡ଼ି ଏତେକାଳ କିପରି ରହିଲୁ ? ମୁଁ ମନେ କେବେ ପଡ଼ିଲି ନାହିଁ ? ତୁତ ବାହା ହୋଇନାହୁଁ । ବାପମାଙ୍କ ମନକଥା କୁଆଡୁ ବୁଝିବୁ ? ଖିମାକୁ ଧଇଲାରୁ ତାକୁ ରଖିବାକୁ ଇଚ୍ଛା ବୋଲି ଆଉମାନଙ୍କ ପରି ବଡ଼ ପୁଅ ବାଣାଶୁରୁ ବୁଝିଲା । ଆଉ ମୁଁ କଟାଯିବା ସ୍ଥାନ ଆଡ଼କୁ ଆଗେଇଲା । ଏହା

ଦେଖି ଖିମାକୁ ଗୁଡ଼ ବୁଢ଼ା ବାଣାଶୂରକୁ କୁଣ୍ଢାଇ କାନ୍ଦି କାନ୍ଦି କହିଲା "ରେ ବାପ, ତୁ କୁଆଡ଼େ ଯାଉଛୁ ? ତୁ ମୋର ବଡ଼ ପୁଅ, ପିଣ୍ଡର କରତା, ତତେ କେମିତି ମୂର୍ଚ୍ଛିବ ? ଏଣେ ଖିମା ଯିବାକୁ ଉଦ୍ୟତ ହେଲାରୁ ବୁଢ଼ା ବଡ଼ ପୁଅକୁ ଗୁଡ଼ ଦେଇ ଖିମାକୁ କୁଣ୍ଢାଇ କହିଲା "ତୁ ପିଲାଟା, ସଂସାରର କିଛି ଦେଖି ନାହୁଁ କି ଜାଣି ନାହୁଁ । ତୁ କୁଆଡ଼େ ଯାଉଛୁ ?" ତାକୁ ଗୁଡ଼ ବଡ଼ ପୁଅକୁ ଧରି କହିଲା "ତୋର ପିଲା ପୁଅଟିଏ ଆଉ ଭରଯା ଅଛନ୍ତି । ତୁ କୁଆଡ଼େ ଯିବୁ ? ମୁଁ କଅଣ କରିବି ?" ପୂର୍ବପରି ତାକୁ ଗୁଡ଼ ଖିମାକୁ କୁଣ୍ଢେଇ କହିଲା, "ତୋର ଭଲ କଣାକୁଜା ହୋଇ ପୁଅଟିଏ ହୋଇ ଥାଆନ୍ତା । ଏତିକ କହି ତାକୁ ଗୁଡ଼ ବାଣାଶୂରକୁ କୁଣ୍ଢେଇ କହିଲା, "ତୋ ମୁହଁ ମୋ ମୁହଁ ପରି ଦିଶେ ବୋଲି କହନ୍ତି ।" ପୁଣି ତାକୁ ଗୁଡ଼ ସାନ ପୁଅକୁ ଧରି କହିଲା "ତୋ ଆଖି ଦିଓଟି ତୋ ମା ଆଖି-ପରି" ପୁଣି ତାକୁ ଗୁଡ଼ ବଡ଼କୁ କୁଣ୍ଢେଇ "ତୋ" ବୋଲି କହି ଗଛ କାଟିଲା ପରି ବୁଢ଼ା ସାଧୁ ପଡ଼ିଗଲା । ଦେଖ ଦେଖ ବୋଲି ଡାକ ପଡ଼ିଲା । ଦେଖିଲା ବେଳକୁ ସାଧୁ ଅଜ୍ଞାନ । ଅନ୍ୟ ଲୋକେ ସାଧୁକୁ ଧରିଲେ । ସେମାନଙ୍କ ସଙ୍ଗେ ସଂଜ୍ଞାହୀନ ସାଧୁକୁ ବଡ଼ ପୁଅ ଅନ୍ୟତ୍ର ନେଇଗଲା । ଖିମା ପୂର୍ବପରି ଠିଆ ହୋଇ ରହିଲା ।

ଏ ଦୃଶ୍ୟରେ ସମସ୍ତେ ଅବାକ୍ । କେବଳ ପରସ୍ପର ମୁଖାବଲୋକନ କରିବାକୁ ଲାଗିଲେ; ରାଜା ଅଧୋବଦନ । ତାଙ୍କ ମନ କଥା ତାଙ୍କୁ ଜଣା । ବୋଧହୁଏ ନିଜ କର୍ତ୍ତବ୍ୟ କାର୍ଯ୍ୟର ଆଲୋଚନା କରିବାକୁ ଲାଗିଲେ । ନିଜ ହୃଦୟରେ ଦୟାମାୟା ଅଛି କି ନା ଦେଖିବାକୁ ଲାଗିଲେ । ନ୍ୟାୟଦଣ୍ଡର ଫଳାଫଳ ବୁଝିବାକୁ ଲାଗିଲେ । ରାଜା ହେଲେ କପରି ଖଣ୍ଡାଧାରରେ ବାଟ ଚାଲିବାକୁ

ହୁଏ, ତାହା ଚିନ୍ତା କରିବାକୁ ଲାଗିଲେ । ଏହିପରି ଅବସ୍ଥାରେ ତାଙ୍କ ଆଶୁ ଆଜ୍ଞା ଆଶା କରା ଯାଇ ନ ପାରେ । ଅନ୍ୟ କାହା ପାଟି ନ ଫିଟୁଣୁ ପ୍ରଫୁଲ୍ଲ ବଦନରେ ଖିମା କହିଲା:—

"ମଣିମା ! ଆଉ ବିଳମ୍ବ କରି ଆଜ୍ଞା ନ ହେଉନ୍ତୁ । ଯେତେବେଳୁ ବାପ ଭାଇଙ୍କ ମୁଣ୍ଡ ରଖିଛି ତେତେବେଳେ ଆପଣା ମୁଣ୍ଡ ପାଣି ଛଡ଼େଇ ଦେଇଛି । ମୋର ଆଉ ଜୀବନରେ ଲୋଭ ନାହିଁ । ବେଳେ ୨ ମନ ହୁଏ ଯେ ବିଲୋଚନ ବେବର୍ତ୍ତାଙ୍କ ଖଣ୍ଡାରେ ଜୀବନ ନ ଯାଇ କାହିଁକି ରହିଲା ? ବଣ ପୋଡ଼ିଗଲେ ସମସ୍ତେ ଦେଖନ୍ତି, ମନ ପୋଡ଼ିଲେ କେହି ଦେଖନ୍ତି ନାହିଁ । ତାହା ନୋହିଲେ ବି ମୁଁ ମନପୋଡ଼ା ଦେଖାଇବାକୁ ଚାହେଁ ନାହିଁ । ମୁଁ ଯାହା ଇଚ୍ଛା କରିଥିଲି ତାହା ଘଟିଛି । ଆପଣାର ବାପ ଭାଇ କଟରେ ଅଛନ୍ତି । ମୁହିଁ ସବୁ କରିଛି । ଆଉ କେହି ଦୋଷୀ ନୁହଁନ୍ତି । ତୁମ୍ଭଙ୍କର ଆଗପଛ ହେବାର କିଛି କଥା ନାହିଁ । ରାଜ୍ୟରେ ତୁମ୍ଭଙ୍କର ଅପଯଶ ନ ହେଉ । ବୁଡ଼ା ନାହିଁ, ଶିଘ୍ର ମୁଣ୍ଡକାଟର ଆଜ୍ଞା ହେଉ । ବୁଡ଼ା କଥା ଛାଡ଼ିଦିଆଯାଉ ।"

ରାଜା ନୀରବ, କିଛିକ୍ଷଣ ରହି ପୁନରାୟ ଖିମା ବାରମ୍ବାର ଆଜ୍ଞା ପ୍ରାର୍ଥୀ ହେଲା । ଅଧୋବଦନରେ ରାଜା ଶିର ଛେଦନର ଆଜ୍ଞା ଦେଲେ । ସମସ୍ତଙ୍କ ବଦନ ଅଧିକ ବିଷର୍ଣ୍ଣ ହେଲା; ଅନେକେ ଦୀର୍ଘ ନିଶ୍ୱାସ ପକାଇଲେ । କାହାରି ପାଟି ଫିଟିବା ପୂର୍ବେ ପ୍ରଫୁଲ୍ଲ ବଦନରେ ଖିମା ରାଜାଙ୍କୁ ସାଷ୍ଟାଙ୍ଗ ପ୍ରଣାମ ଓ ଅନ୍ୟମାନଙ୍କୁ ଅନ୍ୟ ପ୍ରକାର ପ୍ରଣାମ କଲା ।

କିନ୍ତୁ କେହି କିଛି କହିଲେ ନାହିଁ । ସମସ୍ତଙ୍କ ବଦନ ବିଷାଦପୂର୍ଣ୍ଣ । ଏହି ନୀରବ ନିସ୍ତବ୍ଧ କ୍ଷେତ୍ରରେ "ଜୟ ମା ଠାକୁରାଣୀ"

ଡାକ ଖିମା ଅକାତରେ ଜହ୍ଲାଦ ନିକଟରେ ଠିଆ ହେଲା । ସେ କେତେ ୨ ମୁଣ୍ଡ କାଟିଛି । କିନ୍ତୁ ଏ କ୍ଷେତ୍ରରେ ତାର ବଚନ ସ୍ଫୁରୁ ନାହିଁ କି ହସ୍ତ ଚଳୁ ନାହିଁ । କିଛିକ୍ଷଣ ଅପେକ୍ଷା କରି ପୁନରାୟ "ଜୟମା" ବୋଲି ଡାକ ଦେଇ ଖିମା ନିଜେ ୨ ଅର୍ଗଳୀରେ ମୁଣ୍ଡ ଦେଲା । ତଥାପି ଜହ୍ଲାଦ କାଷ୍ଠ ପୁତ୍ତଳ ପରି ଦଣ୍ଡାୟମାନ । ଆଉ ସମସ୍ତେ ନୀରବ ନିସ୍ତବ୍ଧ ।

ଏହିପରି କିଛିକ୍ଷଣ ଗଲାରୁ ଜହ୍ଲାଦ ଡାକିଲା "ମଣିମା କି ଆଜ୍ଞା" । ଇତି ମଧ୍ୟରେ ବୁଢ଼ା ସାଧୁ ସରଦାର ଦଉଡ଼ି ଆସି ଖିମା ଉପରେ ହାମୁଡ଼େଇ ପଡ଼ିଲା । ଖିମା ବେକରେ କୈଠି ବସିବାର ବାଟ ରଖିଲା ନାହିଁ । ଏତେବେଳେ ସାଧୁର କାନ୍ଦ ନାହିଁକି କିଛି କଥା ନାହିଁ । ବାଣାସୁର ମଧ୍ୟ ଆସି ଆଗରେ ଠିଆ ହେଲା । ଏହା ଦେଖି ନୃଶଂସ ଜହ୍ଲାଦ ଆଦି କରି ସମସ୍ତେ ବିସ୍ମୟାପନ୍ନ । କାହାରି ମୁହଁରେ କଥା ନାହିଁ । କାହାରି ୨ ଲୁହ ଗଡ଼ିବାକୁ ଆରମ୍ଭ ହେଲା । ରାଜା ଅଧୋବଦନ । କାହାରି ପାଟି ଫିଟିବା ପୂର୍ବେ ଜଣେ ଭିତରିଆ ଆସି କହିଲା "ମଣିମା ଜେମା ଏହିଠାରେ ବିଜେ କରିଛନ୍ତି । ଭୀମା ମୁଣ୍ଡ କାଟିବାକୁ ଆଜ୍ଞା ଦେବା ପୂର୍ବେ ଆପଣ ଏଣିକି ବିଜେ ନ କଲେ ନିଜେ ଜେମା ଏଠାକୁ ଆସିବେ ।"

ରାଜା ହଠାତ୍ ଉଠି ଗଲେ । ତାଙ୍କ ପ୍ରତ୍ୟାଗମନକୁ ସମସ୍ତେ ଚାତକ ପରି ଚାହିଁ ରହିଲେ । ସେତେବେଳେ ଆଖି ପିଛୁଳକେ ଯୁଗ ପରି ବୋଧ ହେଲା । ସୁଖର ବିଷୟ ଯେ ଅନତିବିଳମ୍ବେ ରାଜା ଫେରି ଆସି କହିଲେ ଯେ "ଜେମାଙ୍କ ପ୍ରାର୍ଥନା ଅନୁସାରେ ଭୀମା ମୁଣ୍ଡ କାଟ ହେବ ନାହିଁ କି ସେ ତିନି ଜଣଙ୍କ ମଧ୍ୟରୁ କାହାରି କିଛି ଦଣ୍ଡ ହେବ ନାହିଁ ।"

ଏହା ଶୁଣି ସମସ୍ତେ ଏକ ବାକ୍ୟରେ ବାରମ୍ବାର ସାଧୁ ୨ କହିବାକୁ ଲାଗିଲେ । କିନ୍ତୁ ସାଧୁ ଆଉ ତାର ପୁଅ ଦୁହେଁ ପୂର୍ବ ପରି ନୀରବ । ସେମାନେ କିଛି ଦେଖିଲା ବା ଶୁଣିଲା ପରି ବୋଧ ହେଉ ନାହିଁ । କିଛି ବୁଝି ପାରିଲା ପରି ବୋଧ ହେଉନାହିଁ । ସେମାନଙ୍କ ମୁହଁରେ କଥା ନାହିଁ । ସେମାନଙ୍କ ମନ କଥା ସେମାନେ ନିଜେ ୨ ଜାଣନ୍ତି । ଲୋକଙ୍କ ସାଧୁବାଦରେ ଆହ୍ଲାଦ ଅନ୍ତର ହୋଇଗଲା । ତହିଁ ପ୍ରତି ସେ ତିନିଙ୍କ ମଧ୍ୟରୁ କାହାରି ଭ୍ରୂକ୍ଷେପ ନାହିଁ । ଆଖି କାନ, ପାଠି ଥିଲେ ବି ପିତୁଳା ପରି କେହି କିଛି ଦେଖୁ ନାହାନ୍ତି । ଶୁଣୁ ନାହାନ୍ତି କି କହୁ ନାହାନ୍ତି । ଏହାଦେଖି ରାଜା ଆଜ୍ଞାରେ ଯେତେବେଳେ ଖୁଣ୍ଟିଆ ପ୍ରଭୃତି ବୁଢ଼ା ସାଧୁକୁ ଉଠାଇଲେ ସେତେବେଳେ ସେ କାନ୍ଦି ଉଠି ଭୀମାକୁ ଦୃଢ଼ତର କରି ଧଇଲା । ଅନେକ ଚେଷ୍ଟାରେ ବାପ ପୁଅଙ୍କୁ ଉଠାଗଲାରୁ ସାଧୁ ଆଖିରେ ବଡ଼ ପୁଅ ପଡ଼ିଲା । ସେ ତାକୁ ମଧ୍ୟ ଧଇଲା । ଏଥର ଭୀମାକୁ ଛାଡ଼ିଲା ନାହିଁ । ଦୁଇ ପୁଅଙ୍କୁ ଧରି ବୁଢ଼ା କାନ୍ଦିବାକୁ ଆରମ୍ଭ କଲା । ପୁଅ ଦୁହେଁ ମଧ୍ୟ କାନ୍ଦିଲେ । ଗଙ୍ଗା ଯମୁନା ସରସ୍ୱତୀଙ୍କ ସଙ୍ଗମରେ ଶୋକର ଉଚ୍ଛଳ ତରଙ୍ଗ ଉଠିଲା । ଲୋକେ ଯେତେ କହିଲେ କାହାରି କାନକୁ କିଛି ନ ଭିଲା ନାହିଁ ।

ଅବଶେଷରେ ଲୋକେ ଧରାଧରି କରି ତିନିଙ୍କୁ ଗ୍ରାମରେ ଉପସ୍ଥିତ କଲେ । ବୁଢ଼ା ସାଧୁ ପ୍ରାଣପଣେ ଦୁଇ ପୁଅଙ୍କୁ କୁଣ୍ଢାଇ ଅଧିକ କାନ୍ଦିଲା । ପୁଅ ଦୁହେଁ ମଧ୍ୟ ପିଲାଙ୍କ ପରି ବୁଢ଼ାକୁ କୁଣ୍ଢାଇ କାନ୍ଦିଲେ । କାହାରି କଥା କିଛି ଶୁଣିଲେ ନାହିଁ । ବାରମ୍ବାର ସ୍ୱୟଂ ରାଜା ମୁକ୍ତି ଦେବା କଥା କହି ଆଶ୍ୱାସ ଦେବାରୁ ସେମାନଙ୍କ କାନ୍ଦଣା କମିଲା । ତହୁଁ ରାଜା ଭୀମା ବସାକୁ ଯିବାକୁ ସମସ୍ତଙ୍କୁ ଆଜ୍ଞା

ଦେଇ ସେମାନଙ୍କ ପତିଆରା ପାଇଁ ଖୁଣ୍ଟିଆ ପ୍ରଭୃତିଙ୍କ ଦ୍ୱାରା ବସ୍ତ୍ର ଅଳଙ୍କାର ପ୍ରଭୃତି ସେମାନଙ୍କ ସଙ୍ଗେ ପଠାଇ ଦେଲେ । ସେମାନେ ପ୍ରସ୍ଥାନୋନ୍ମୁଖ ହେଲରୁ ରାଜା ଭିତରକୁ ବିଜେ କଲେ । ବୈଠକ ଭାଙ୍ଗିବା ଜାଣି ଆଉମାନେ ଯେଝା ବାଟ ଧଇଲେ ।

ଜେମା ଅନ୍ତଃପୁର ବାସିନୀ । ତଥାପି ଯେପରି ଘଟଣାରେ ଭୀମା ତାଙ୍କ ମନ ହୃଦୟରେ ସ୍ଥାନ ପାଇ ଥିଲା ତାହା ପୂର୍ବେ ବୋଲା ଯାଇଅଛି । ଭୀମାର ମୁଣ୍ଡ କଟାବେଳେ ତାଙ୍କର ସଭାକୁ ଆସିବା ଖବର ଭୀମା ପ୍ରତି ଲୋଭ ମୁଆଁସ ପ୍ରକାଶ କରୁଅଛି । କିନ୍ତୁ ରାଜାଙ୍କୁ ନ ଜଣାଇ ସେ କୁଳମର୍ଯ୍ୟାଦା ଶିରରେ ପଦାଘାତ କରି ପଦାକୁ ବାହାରିଲେ ନାହିଁ ।

---

# ନବମ ପରିଚ୍ଛେଦ

ଖିମା ଓ ତାହା ବାପା ଭାଇଙ୍କ ମୁକ୍ତିଲାଭ ଉପରୁ କେତେ ଦିନ ଗଲାଣି । ତଥାପି ରାଜା ହରିଚନ୍ଦନ ମର୍ଦ୍ଦରାଜଙ୍କ ଛାଉଣୀ ପୂର୍ବପରି ରହିଅଛି । ରାଜା ଗଡ଼କୁ ଫେରୁ ନାହାନ୍ତି କିମ୍ବା ଯୁଦ୍ଧପାଇଁ ଆଗେଇ ନାହାନ୍ତି । ଜଗଦେବ ରାଜାଙ୍କ ସହିତ ଆଉ ଯୁଦ୍ଧ କରିବା ନ କରିବା ସ୍ଥିର ନୋହିବା ଯାଏ ଦୁର୍ଭେଦ୍ୟ ଅଧିତ୍ୟକା ଛାଡ଼ିବାକୁ ହରିଚନ୍ଦନ ଜଗଦେବଙ୍କର ଇଚ୍ଛା ଥିଲାପରି ବୋଧ ହେଉନାହିଁ । ଏକ ପକ୍ଷରେ ତ୍ରିଲୋଚନ ଦେବବର୍ମାଙ୍କୁ ହରାଇ ଜଗଦେବ ରାଜା ଦଣ୍ଡକାରଣ୍ୟରେ ପକ୍ଷୀକଣ୍ଠା ପକ୍ଷୀଚଣ୍ଠା ପରି ହୋଇପଡ଼ି ସନ୍ଧିର ପ୍ରସ୍ତାବ ଲଗାଇ ଅଛନ୍ତି । ଅପର ପକ୍ଷରେ ରାଜ୍ୟ ବିସ୍ତାର ପାଇଁ ଯୁଦ୍ଧ କରିବା ହରିଚନ୍ଦନ ମର୍ଦ୍ଦରାଜଙ୍କର ବାସନା ନୁହେଁ । କେବଳ ଅପର ରାଜ୍ୟରେ ଅରାଜକତା ଯୋଗୁଁ ନଅରବିତୋଇ ପ୍ରଭୃତିଙ୍କ ପରି ମାନ୍ୟଗଣ୍ୟ ଲୋକମାନେ ସାତପୁରୁଷିଆ ଘରଦ୍ୱାର ଛାଡ଼ି ଏ ରାଜ୍ୟରେ ଆଶ୍ରୟ ନେବାରୁ ହରିଚନ୍ଦନ ମର୍ଦ୍ଦରାଜ ସ୍ୱୟଂ ଯୁଦ୍ଧ କ୍ଷେତ୍ରରେ ଉପସ୍ଥିତ । ସୁତରାଂ ସେମାନଙ୍କର ଏପାଖ ସେପାଖ ନୋହିବା ଯାଏ ଆଗପଛ କିଛି ସ୍ଥିର ହୋଇ ପାରୁନାହିଁ । ଏ କଥା ନାୟକ ପାଏକ ପ୍ରଭୃତି

ସଭିଙ୍କି ଜଣା । ସେମାନେ ସେହିପରି ଭାବରେ ଦିନ କାଟୁଛନ୍ତି । ସମସ୍ତେ ସୀରମଦରେ ଯେପରି ଉନ୍ମତ୍ତ, ଆମୋଦ ପ୍ରମୋଦରେ ସେହିପରି ରତ । ସେହି ହେତୁରୁ ପୁରୁଣା ଗୀତ, ପାହାଡ଼ିଆ କେଦାର ରାଗରେ ବୋଲି ଯାଇପାରେ ଯେ—

"ଯୋଏ ସଜାଡ଼ି, କାଛ ଟା ଭିଡ଼ି, ଧାଡ଼ିକ ଧାଡ଼ି, ଆଗେ ଦଉଡ଼ି,
ଯୋଡ଼ିକ ଯୋଡ଼ି, ବୁଲନ୍ତି ବାଡ଼ି, ତନୁକୁ ଆଡ଼ି ଯେ ।
କେହୁ ଘଉଡ଼ି, ନଅଇ ତଡ଼ି, କେହି ବାହୁଡ଼ି, ମାରଇ ରଡ଼ି,
କାହାକୁ ମୋଡ଼ି ଗୁଡ଼ଇ ରଡ଼ି, ଗିରକୁ ଝାଡ଼ି ଯେ,
କେ ମାଲ ବନ୍ଧାଣରେ ଯାଉଛି ଗଡ଼ି ଯେ ।
କେ କାହା ଉପରେ ପୁଣ ବସଇ ମାଡ଼ି ଯେ,
କେ ମୋଡ଼ାମୋଡ଼ି, କେ ଭିଡ଼ାଭିଡ଼ି, କେ ଜଡ଼ାଜଡ଼ି, କେଛଡ଼ାଛଡ଼ି,
କେ ପଡ଼ାପଡ଼ି, କେ କୋଡ଼ାକୋଡ଼ି, କେ ହୁଡ଼ାହୁଡ଼ି ଯେ ।

ଏଥି ସଙ୍ଗେ ୨ ପୁଣି ଠମକ ନାଗରା ତୁରୀ ଭେରୀ ରଣଶିଙ୍ଗା ସମସ୍ତେ ୨ ବାଜଉଠି ତନୁ ଉଲ୍ଲସାଇବା ସଙ୍ଗେ ୨ ସମ୍ମୁଖ ସମର ପତନର ସଦା ସ୍ୱର୍ଗସୁଖ ଲାଭ ପାଇଁ ମନପ୍ରାଣକୁ ଅଧୀର କରାଉଛି । ତଥାପି ମଝିରେ ୨ କେହି ଗାଉଛି—

"କି ରସିକ ସେ । ବିରସ ଯାହା ମୁଖୁଁ ନଖସେ ।
ପୁରୁଷ ହୋଇ ଯେ ନାରୀ ମନସୁନା
ପ୍ରୀତି କଷଟିରେ ଯେବେ ନ କଷେ ।"

କେହି ବୋଲୁଛି—

"ଈଶ୍ୱର କଲେ ପାଇବ । ଇଷିତେ ଦୁଃଖ ସହିବ ।
ଈଶ୍ୱରୀ ତାଙ୍କ ଅର୍ଦ୍ଧାଙ୍ଗ ହେଲାପରି ଗୋରୀ ଅଙ୍ଗେ ଜଡ଼ି ରହିବ" ।

କେହ୍ବ ବା ବୋଲୁଛି—

"ନିର୍ମଳ ଚନ୍ଦ୍ରମଣ୍ଡଳ ଶରଦେ ବିରାଜ,
ଦିଶେ ଯଥା ଦର୍ପକ ଦର୍ପଣ ଥିଲେ ମାଜ ।
ଗୃହିଁ କୁମର କାତର,
ଲେଖା ଆରମ୍ଭିଲେ ବସି ବନସ୍ଥ-ପଥର"

ସୈନ୍ୟ ନିବାସରେ ଯେପରି ଏପରି ଗୀତ ଶୁଣା ଯାଉଅଛି, ଜେମାଙ୍କ ମହଲରେ ମଧ୍ୟ ବାମାମାନଙ୍କର ବୀଣାଜିଣା ସ୍ୱରରେ ସୁଲଳିତ ସୁମଧୁର ତାଳ ମାନରେ କେହ୍ବ ଗାଉଛି—

"ମିତ ଗୋ ଶତ୍ରୁ ନୋହୁଛି ଜାଣି ରେ
ହିତ କହିଲେ ତ ନ ଘେନୁ ବାଣୀ"

କେହ୍ବ ଗାଉଛି—

"ପ୍ରୀତିଲାଗି, ହେବୁ ପରା ବାଳା ବଇରାଗୀ",

କେହ୍ବ ବୋଲୁଛି—

"ପର ପୀରତିରେ କାହିଁକି ମଜ୍ଜେ କାମିନୀ
ହେଲେ ସ୍ନେହ ଜାତ ନୁହଇ ଗୁପତ ପ୍ରକାଶ ହୁଅଇ ଅବନୀ ।"

କେହ୍ବ ଅବା ବୋଲୁଛି—

"କାହା ମନ କାହାକୁ ଜଣା,
କେ କରଇ ସ୍ନେହ କେ କରେ ଉଣା",

କେହ୍ବବା ଗାଉଛି—

"ଯୁବତୀ ମନ୍ତ କିଏ ଜାଣିବ ଗୋ ।
ପୁରୁଷ ଭ୍ରମର ନୁହନ୍ତି କାହାର
ଜଣାଇବ ଦୁଃଖ କାହାରି ଆଗର,
ନବ ନବ ଫୁଲେ, ନିତି ମନ ଭୁଲେ,
ପୁରାତନେ ଅନାଦର କରନ୍ତି ।"

ଏହିପରି ଆବାଳବୃଦ୍ଧା, ପରିଚାରିକା, ନାନା ଭାବଭଙ୍ଗୀ ରାଗ ରାଗିଣୀରେ ଗୀତ ଗାଉଛନ୍ତି ଓ ପଖାଉଜ ସାରଙ୍ଗୀ ପ୍ରଭୃତି ବଜାଉ ଛନ୍ତି । ଏମାନେ ଯେ ନିଜ ନିଜର ଆମୋଦ ପ୍ରମୋଦ ପାଇଁ ଏହା କରୁଛନ୍ତି, ତାହା ନୁହେଁ । ରାଣୀହଂସପୁରରେ ପ୍ରବେଶ ହେଲା ଦିନୁ ଏମାନଙ୍କର ଚିରକୌମାର୍ଯ୍ୟ ବ୍ରତ । ଲମ୍ପଟ୍ୟ ଛଡ଼ା ଦାମ୍ପତ୍ୟ ସୁଖର ମୁଖାବଲୋକନ ଏ ଜନ୍ମରେ ନାହିଁ । କିନ୍ତୁ ସେ ପଥ ଯେପରି ଖସଡ଼ା ଓ ତହିଁରେ ଯେ କଚଡ଼ା, ତାହାଠାରୁ ମରଣ ସହସ୍ର ଗୁଣେ ଭଲ । ତଥାପି ପରକୁ ସୁଖୀ କରିବାରେ ଯେ ସୁଖ, ତହିଁରୁ ଏମାନେ ବଞ୍ଚିତ ନୁହନ୍ତି ।

ଅନ୍ତଃପୁରବାସିନୀ ରାଣୀ ଓ ଜେମାମାନଙ୍କର ଚିତ୍ତବିନୋଦନ କରିବାପାଇଁ ଏମାନଙ୍କ ନୃତ୍ୟ ଗୀତ ପ୍ରଭୃତି ଶିକ୍ଷା । ରାଣୀ ଓ ଜେମା-ମାନଙ୍କ ପରି ଏମାନେ ଅସୂର୍ଯ୍ୟମ୍ପଶ୍ୟା ହେଲେହେଁ ବି ଏମାନେ ଅଧ୍ୟୟନ ପଠନାଦିରୁ ବଞ୍ଚିତା ନୁହନ୍ତି । ଏମାନେ ରାଣୀ, ଜେମା, ରାଜ ପରିବାରର ମହିଳାବୃନ୍ଦର ସୁଖରେ ସୁଖୀ ଓ ଦୁଃଖରେ ଦୁଃଖୀ । ସେମାନେ ଏମାନଙ୍କର ଆରାଧ୍ୟ ଦେବତା । ଠାକୁର ଠାକୁରାଣୀଙ୍କ କଥା ନ ଜାଣି ସୁଦ୍ଧା ସେମାନଙ୍କୁ ଫୁଲଚନ୍ଦନ ପ୍ରଭୃତି ସଜ କଲାପରି ଏମାନେ ଆପଣା ୨ ସାଆନ୍ତାଣୀମାନଙ୍କୁ ବେଶଭୂଷା କରିଥାଆନ୍ତି ।

"କେ ଜାଣେ କାହା ମାନସ ଗୋ
କବି ବଚନକୁ ଆନ୍ତି ଲୋଚନକୁ ସୁବେଶ କରିବା ବେଶ ॥"

ଏହି ଭାବରେ ଗୃଳିତ ହୋଇ ଏମାନେ ଜେମାଙ୍କର ଯେଉଁ ପୁରୁଣାକାଳିଆ ବେଶ କରିଅଛନ୍ତି, ତାହା ସେହିକାଳିଆ କବି ବଚନରେ ଗୈରିକି ରାଗରେ ଏହିପରି ବର୍ଣ୍ଣିନା ଦେଖାଯାଏ, ଯଥା—

"ଶ୍ୟାମ ଚରମରେ ବେଣୀ, ବ୍ୟସ୍ତ ପତନକୁ ମଣି,
ମଣିହରା ଫଣୀ ସ୍ଥକତ କି ହୋଇଛି,
ଅଗ୍ରେ ରତ୍ନଝୁମ୍ପୀ ସ୍ୱଚ୍ଛ, ଶୁଶୁମ୍ବର ମୂର୍ତ୍ତି-ପୁଚ୍ଛ
ତାର ପୁଞ୍ଜ ଉଦୟକୁ କରୁଛି ଛି ଛି ।
ମୂଳବନ୍ଧା ମାଣିକ୍ୟ ମଣି,
ଘନକୋଳେ କି ପଶୁଛି ମିହିରମଣି ॥
କାଠି ହୀରା ଝରା ମୋତି, ଶୋଭା ଶଶୀ ଭାନୁ ଜ୍ୟୋତି,
ଦେହବନ୍ତ ତମ ବଳେ ଖୋସନ୍ତେ ଭଳି,
ନାନାବର୍ଣ୍ଣ ପୁଷ୍ପମାଳ, ବେଢ଼ାଇ ଦେବାରୁ ଆଳି,
ଗଳରୁଦ୍ଧିତ କଲେ କି ତାରାଏ ମିଳି !
ଶୀତ ରଙ୍ଗ କୁସୁମ ଝରା,
ସୁଧା ଉଦ୍‌ଗାରିବ ମନ କରୁଛି ପରା !
ଉତ୍ତମାଙ୍ଗୀ ସଙ୍ଗ ପାଇଁ, ମୋତି ଜାଲି କି ଶୋହଇ,
ମର୍କତ ଗବାକ୍ଷେ ବଧୂ କରଣ ଗଳି,
ପୀତ, ନୀଳ, ରଙ୍ଗ ରତ୍ନ, ସୀମନ୍ତ ଗୁନ୍ଥିବା ଯତ୍ନ,
ବନ୍ଧା ଅଧା ଇନ୍ଦ୍ରଧନୁ ଉଦୟ ଭୁଲି ।
ତହିଁ ଦିଆ ସିନ୍ଦୁର ଗାର,
କାଳନ୍ଦୀ ମଧ୍ୟେ କି ସ୍ଥିତ ଶାରଦା ଧାର ॥
ଅଳକେ ଅଳକା ପଟି, ଶିଶୁଅଳି ପରିପାଟୀ,
ଶ୍ରୀମୁଖକୁ କଞ୍ଜ ଭଳି ବେଢ଼ୁଛନ୍ତି କି !
ଶୋହେ ଖୁରୁଚନ୍ଦ୍ର ଝୁମ୍ପୀ, ଦେଖି ହୃଦ ଯାଏ କମ୍ପି,
କଳା ଘନ ଶଶୀ ଅଲ୍ପ ବାହାରୁଛି କି !
ଝିଲମିଲି ମାଳ ମାଧୁରୀ,
ବିଦ୍ୟୁତରେଖା ନବଘନେ ମିଶିଲା ପରି ॥

ଝଲକା ଘାନଘଭୁସା, ଧଇର୍ଯ୍ୟ ବାସ କଭୁସା,
କେଶରାହୁ ଜିହ୍ୱା ବେଢ଼ାଇବା ବଧିଠେର,
ଭ୍ରମରକା ଶ୍ରେଣୀ ସଙ୍ଗା, ଝୋପି ଚନ୍ଦନ କି ଭଙ୍ଗୀ,
ହସେ ଦନ୍ତ ଦଶେ ମୁଖଚନ୍ଦ୍ର ଲୋଭରେ ।
ଗଣ୍ଡେ ଲେଖା ବାଙ୍କ ମକସା,
ସ୍ମିତ ଗୃହୁ କୁଣ୍ଡଳୀ କୁଣ୍ଡଳ ଗୃଭୁସା ॥
ତିଳକ ଚନ୍ଦନପାଠୀ, କି ବର୍ଣ୍ଣିବ ଗୋଟି ପାଟି,
ଶ୍ରୀମୁଖ ଲାବଣ୍ୟସିନ୍ଧୁ କଳଙ୍କନ ବହ୍ୱ,
ବନାଇ ରଜତ ତସା, ଖେପଣ ତିଳକ କରି,
ଥଳ ନପାଇ ଲାଜରେ ବୁଡ଼ିଲା ସେହ୍ୱ ।
ଅଧୋ ମୁଖେ ତସା ଭାସୁଛି
ତାର ଶିରଝୋପର ସିନ୍ଦୂର ମଣୁଛି ॥
କଣ୍ଠେ ମର୍କତ ପାଟକ, ଗଣ୍ଡେ ବମ୍ବିଛି ଝଟକ,
ଶଶିଅଙ୍କେ ପହୁଡ଼ାଇ ଅଛି ନଶିକ,
ବାଳ ନାମୁ ହେଲା ବାଳୀ, ବାଳୀକି ତୋ ଉର ଭାଳି,
ବୀରେନ୍ଦ୍ର ସକାଶୁଁ ବନ୍ଧେ ଫୁଲ ଛନିକ ।
ତାତ ସିଦ୍ଧି ରଖିବା ପାଇଁ ,
ବକ୍ରବତ ବ୍ରଜମଲ୍ଲୀ କଡ଼ୀ ବହଇ ॥
ଧମାର ମୁଖ ବଧୁର, କୋଳେ ନେସ ଇନ୍ଧବର,
ଥିଲା ଓଷ୍ଠାରୁଣ ଗୃହଁ କି ସଙ୍କୁଚିତ,
ଗୁମ୍ଫା ହୋଇଛି ବଡ଼ଶେ, କଳାଲଞ୍ଜି ସୂତ୍ର କି ସେ,
ଅଚେଷ୍ଟ ଝସ କମଳେ ଥୋଇଲାବତ ।
ମୁଦାନେସ୍ କି ଶୋର୍ଭ ଦଶେ,
ପକ୍ଷ୍ମ କୋଷେ ଛୁସା ମୁନ ଲାଞ୍ଜ ଆଭାସେ ॥

ଶ୍ୱାସେ ପ୍ରଫୁଲ୍ଲିତ ଗୁଣା ଶୋହେ ଶାଳା ନାକଚଣା,
ଓଷ୍ଠାରୁଣେ ଗୁଯ଼୍ଯ଼ା ବିପରୀତ ପ୍ରଖ୍ୟାତ,
ଆରପାଶେ ଜାଲନଥ, ଫାନ୍ଦ ପାତି କି ମନ୍ମଥ,
ଦୃଷ୍ଟି ମୃଗ ଧରିବାକୁ କରିଛି ମତ ।
ପାନବୋଳେ ଅଧର ଜ୍ୟୋତି,
ଫଗୁଖେଳା ଶ୍ରାନ୍ତ ଶୁଆ ଅରୁଣ ରୀତି ॥

ପାଞ୍ଚଜନ୍ୟ ଶଂଖ ଭଳି, ନଯୋଚିତ ହେଲେ ମାଳୀ,
ପଞ୍ଚରତ୍ନ ଶ୍ରିକେ ପୂଜା ପାଇଲା ଗ୍ରୀବା,
ନାନାରତ୍ନ ଗୁଣପସରି, ବିଚିତ୍ର ପାଶର ପରି,
କପୋତ ଲକ୍ଷ୍ୟରୁ ବନ୍ଦୀ ହେଲା ଭାଳିବା ।
ହାର ଶିରୋମଣି ପଛରେ,
କାର୍ତ୍ତିକ ପୁଞ୍ଜା ଗୋପିତ କିଏ ସଭିରେ ।”

କେଳିସଦନରେ ମଧୁଶଯ୍ୟାକୁ ମନେ ନ କରି କବିଙ୍କ ବଚନ ଓ ନିଜର ଲୋଚନ ପାଇଁ ଯେ ସିଂହାରୀମାନେ ଅବିବାହିତା ଜେମାକୁ ଏପରି ସଜ କରିଛନ୍ତି, ତା ଉଦ୍ଧୃତ କବିତାର ଉପମାମାନେ ନିଜେ ସ୍ପଷ୍ଟ ପ୍ରକାଶ କରିଛନ୍ତି । ପୁଣି ଏ ବେଶ ଯେନି ଜେମା ଫୁଲେଇ ବା ଗେହ୍ଲେଇ ହେବାର ନୁହନ୍ତି । ତାଙ୍କୁ ଏଥିରେ କିଛି ନୂଆ ନାହିଁ, ଏହା ତାଙ୍କୁ ଦିନକଥା ନୁହେଁ । ଆବାଲ୍ୟରୁ ପ୍ରତିଦିନ ଏହିପରି ବେଶ-ମାନ ହୋଇ ହୋଇ ସେ ଏଥିରେ ଅଭ୍ୟସ୍ତ ହୋଇଗଲେଣି । ତଥାପି ଦେଶକାଳ ପାତ୍ର ଯେନି ଏକ ବିଷୟ ଯେ ଭିନ୍ନ ଭିନ୍ନ ଭାବ ଜନ୍ମାଇ-ଥାଏ, ତାହା ଏକ କଥାପ୍ରତି ଭିନ୍ନ ଭିନ୍ନ ଉପମାରୁ ସ୍ପଷ୍ଟ ଜଣାଯାଏ । ଚିର ଅଭ୍ୟସ୍ତ ହେଲେ ବି ଆଜି ଯେ ଜେମାଙ୍କ ମନରେ କି ଭାବ, ତାହା ସେ ଜାଣନ୍ତି । କିନ୍ତୁ ଦେଖାଯାଉଛି ଯେ, ପରିଚାରିକାମାନଙ୍କ ସଙ୍ଗୀତ

ପ୍ରଭୃତିରେ ତାଙ୍କର ମନ ନାହିଁ । ତଥାପି କେତେ ଜଣ ଝିଅ ଗୃହର ଆଲଟ, ରୂପା ପାନବଟା ପିକଦାନୀ ଧରି ପଛରେ ନୀରବ ହୋଇ ଠିଆ ଅଛନ୍ତି । ସମ୍ମୁଖରେ କୁଙ୍କୁମରଞ୍ଜିତ ବିବିଧ କାରୁକାର୍ଯ୍ୟଭୂଷିତ ଖଣ୍ଡିଏ ଭୂର୍ଜ ପତ୍ର ପୁସ୍ତକ ଓ ତତ୍ପାର୍ଶ୍ୱେ ସ୍ଫଟିକବାଡ଼ ମଧ୍ୟରେ ସୁଗନ୍ଧ ତୈଳ ପୂର୍ଣ୍ଣ ଗୋଟିଏ ରୌପ୍ୟ ପ୍ରଦୀପ ସ୍ଥାପିତ । ଜେମା ସ୍ଥିରଦୃଷ୍ଟି । ସେ ଦୃଷ୍ଟି ସମ୍ମୁଖସ୍ଥ ପୁସ୍ତକ ବା ତଦୁପରିସ୍ଥ ଚନ୍ଦନକାଷ୍ଠ ଓ ଗଜଦନ୍ତ ମିଶ୍ରିତ ସିଂହ ମୂର୍ତ୍ତି ଉପରେ ନୁହେଁ । ତାଙ୍କର ଦୃଷ୍ଟି ସୁନୀଳ ଗଗନରେ ହୀରକ ରଥାଙ୍ଗ ସମ ସୁରମ୍ୟ ସୁଧାକରରେ ନ୍ୟସ୍ତ । ଦୁଗ୍ଧ ଫେନ-ନିଭ ଶଯ୍ୟାପରି ଆସୀନା ଊର୍ଦ୍ଧ୍ୱ ଦୃଷ୍ଟିନ୍ୟସ୍ତା । ଉପରୋକ୍ତ ପ୍ରକାରେ ବିଭୂଷିତା ଷୋଡ଼ଶ ବର୍ଷୀୟା ଯୁବତୀ କପରି ଦେଖାଯାଉ ଅଛ , ତାହା ରୁଚି ଅନୁଯାଇ କଳ୍ପନା ଯେପରି ଅଙ୍କନ କରିବ, ଦେଖିଥିବା କବି ଭିନ୍ନ ଆଉ କେହି ସେପରି କରି ନପାରେ ।

ଏହିପରି ଅବସ୍ଥାରେ ସ୍ଥାମ୍ଭ ବିଜେକଲେ, ସ୍ଥାମ୍ଭ ବିଜେକଲେ ବୋଲି ଚହଳପଡ଼ିଲା । ଗାନ ବାଦ୍ୟ ବନ୍ଦ ହେଲା । ପରିଚାରିକା-ମାନେ ଧାଇଁ ଯାଇଁ ଜେମାଙ୍କୁ ଘେରିଗଲେ । ଜେମା ମଧ୍ୟ ଉଠି ଧୀର ଗମ୍ଭୀର ଭାବରେ ଠିଆହେଲେ ।

ରାଜା ଉପସ୍ଥିତ ହେଲେ । ଯେମାଙ୍କ ସହିତ ସମସ୍ତେ ଜୁହାର ହେଲେ । ରାଜା ଆସନରେ ଉପବେଶନ କଲେ । କିନ୍ତୁ ଜେମା ଓ ଅନ୍ୟମାନେ ଠିଆହୋଇ ରହିଲେ ।

ଉପବେଶନ କରି ରାଜା ଜେମାଙ୍କୁ ସମ୍ବୋଧନ କଲେ, "ଏ ଜେମା ! ଏ କେତେଦିନ ହେଲା ବଡ଼ ବ୍ୟସ୍ତ ଥିଲି । ତୁମେ ସବୁ କପରି ଅଛ ?"

ଜେମା—ସଭିଏଁ ଭଲ ।

ସିଙ୍ଗାରମା—ଭଲ ଅଛନ୍ତ, କିନ୍ତୁ ଆଗ ଜେମା ଆଉ ନାହାନ୍ତି ।
ଏବେ ଠା' ପାଣି ବେଳେ ଖାଲି ଗୁମ୍ଫୁ ଜେମାଙ୍କୁ ଦେଖନ୍ତି ।

ରାଜା—ମୁଁ ଏ କେତେଦିନ ହେବ ଖାଲି ବୈଲକ୍ଷଣ ଦେଖୁଛି । ମନେକରେ ବିଶେଷ କିଛି ନାହିଁ ।

ସି—ଆଗ କଥା କି ଆଉ କିଛି ଅଛି ? ଏବେ ଆଉ କଣ୍ଢେଇ ବାହାଘରେ କି ପଶା, ଗଞ୍ଜାପା, ସତରଞ୍ଜ, କଉଡ଼ି, କି କାଞ୍ଚିପତେଇ ଖେଳରେ କି ଗାଇବା ବଜେଇବାରେ ମନ୍ ନାହିଁ । ଏବେ ଖାଲି ଲକ୍ଷଣ ଦେଖା ଯାଉଛି । "କାହିଁରେ ମନ ସହି, ପ୍ରସନ୍ନ ହେଉ ନାହିଁ, କହ ଏଥିକି କେଉଁ ଗତିକି ଗୋ ।"

ରା—ତେବେ ସବୁବେଳେ କ'ଣ କରୁଛି ?

ସି—କେତେବେଳେ କମିତି ଚିକିଏ ବାପାଙ୍କ ପାଇଁ ଏହା କରିବ, ବାପାଙ୍କ ପାଇଁ ତାହା କରିବ ହୁଅନ୍ତି । ପଡ଼ାପଡ଼ିରେ ସେପରି ଭୋଦେଇବା । ସବୁବେଳେ ଗୋଟାଏ ଆଡ଼କୁ ଚ୍ହିଁ ବୋକାଙ୍କ ପରି ବସି ରହୁଛନ୍ତି । କେହି କିଛି କହିଲେ କଲେ ତହିଁକି ଅନାଇବାକୁ ନାହାନ୍ତି । ଭାତ କଥା ଭାବିବାକୁ ନାହିଁ । ଲୁଗାକଥା ଭାବିବାକୁ ନାହିଁ । ଏ ବଅସରେ ତ ହରି କଥା ନୁହେଁ । ଭୂଇଁଆ ଧାଙ୍ଗୁଡ଼ୀଙ୍କ ପରି ଗାଁ ବର ଖୋଜିବାକୁ ହେଉନାହିଁ । ପାତାଳ ଭିତରୁ ବାପେ ଯେ ଗନ୍ଧର୍ବ ବର ଖୋଜ ଆଣିବେ, ତାହା କିଏ ନ ଜାଣେ ? ତେବେ ସେ ଯେ ଏପରି କାହିଁକି ହେଉଛନ୍ତି, ସେ ଜାଣନ୍ତି । ଗୁମ୍ଫୁ ବାପ, ଗୁମ୍ଫୁ ବୁଝନ୍ତୁ । ଆମେ କିନ୍ତୁ ପାରିଲୁ ନାହିଁ । ଗୁମ୍ଫୁ ତ ବାପେ, ଯାହା କରିବେ କିଛି

ଆଜ୍ଞା ହେଉନ୍ତୁ । ସେ ତ ମା ଛେଉଣ୍ଡୀ, ଆମେ ଯେତେ ହେଲେ ପର । ଆଉ ଆମେ କବା ଲୋକ । ଆମ ଭିତରେ ବା ହେବ କଅଣ ?

ରାଜା—ସେ କଅଣ ପଢ଼ା ହେଉଥିଲା ?

ସି—ପଢ଼ା କାହିଁ ? ନାଁକୁ ଆଗରେ ପୋଥି ପଡ଼ିଛି । ଆଖି ଆଉ ମନ କେଉଁଠି ସେ ଜାଣନ୍ତି । ଆଗରେ ତ ପଡ଼ିଛି । କଅଣ ପଢ଼ା ହେଉଥିଲା ଗୁରୁ ନଜେ ଦେଖିନଅନ୍ତୁ ।

ରା—କି ଜେମା ! କି ପଢ଼ା ହେଉଥିଲା ?

ଜେମାଙ୍କଠାରୁ କିଛି କ୍ଷଣ ପର୍ଯ୍ୟନ୍ତ କିନ୍ତୁ ଉତ୍ତର ନ ପାଇ ପୋଥିର ଉନ୍ମୁକ୍ତ ଅଂଶ ପଢ଼ିବାକୁ ଜେମାଙ୍କ ପ୍ରିୟତମ ସଖୀକି ରାଜା ଆଜ୍ଞାଦେଲେ । ଇତସ୍ତତଃ ହେଲା ପରି ହୋଇ ସଖୀ ଧୀରେ ଧୀରେ ଯାଇଁ ଶଯ୍ୟାତଳେ ସମ୍ଭ୍ରମେ ଉପବେଶନ କରି ପୁସ୍ତକରୁ ଆଷାଢ଼ ଶୁକ୍ଳ ବରାଡ଼ୀରେ ପାଠକଲା ।

"ବନ୍ଧାଇବ ଯେ ହୀରାରେ ଗୁଡିକ ।
ମତି ବଳାଇବ ସେହି ପ୍ରୀତିକି ।
ଜୀବନ ଯାହା ସ୍ୱଆୟତ୍ତେ ଥିବ ।
ସେହି ତ ପ୍ରୀତି ପଥେ ପାଦ ଦେବ ।
ପ୍ରୀତିମହାପାପ,
କୃତାର୍ଥ ହେତୁ ପ୍ରେମମନ୍ତ୍ର ଜପ ।"

ସଖୀ ଯେପରି ଗୀତ ପଦକ ଗାଇଲେ, ତହିଁରୁ ଜଣାଗଲା ଯେ ପ୍ରତି ଅକ୍ଷର ମାନସପଟରେ ଗଭୀର ଅଙ୍କନ କରିବା ତାଙ୍କର ଉଦ୍ଦେଶ୍ୟ ।

ଏହା ଶୁଣି ରାଜା କିଛିକ୍ଷଣ ନୀରବ ରହି, ଜେମାକୁ ସମ୍ବୋଧନ କରି କହିଲେ, "ମା, ତମର ଏ ଗୀତ ପଢ଼ା କାହିଁକି ?" ।

କିଛିକ୍ଷଣ ଯାଏ କାହାରିଠାରୁ କିଛି ଉତ୍ତର ନ ପାଇ ରାଜା ପୁନରାୟ ଜେମାଙ୍କ ଉଦ୍ଦେଶ୍ୟରେ କହିଲେ, "ମା ତୁମର ପୁଅ ଝିଅ ନୋହିବା ଯାଏ ପୁଅ ଝିଅଙ୍କ ପାଇଁ ବାପ ମାଆଙ୍କ ମନ କଅଣ, ତାହା ତୁମେ ଜାଣିପାରିବ ନାହିଁ । ନିଜ ପୁଅ ଝିଅଙ୍କ ପାଇଁ ଯେପରି ମନ ହେବ ବାପ ମାଙ୍କ ପାଇଁ ସେପରି ହେବ ନାହିଁ ସତ । ତେବେ ତମ ପାଇଁ ଆମ୍ଭ ମନ କଅଣ ହୁଏ, ତାହା ବୁଝି ପାରିବ । ବୁଢ଼ୀ ସାଧ୍ ସରଦାର କଥା ତ ଜାଣ । ଏବେ ସବୁ ଦେଖି ଶୁଣି ତୁମ ପାଇଁ ଆମ୍ଭ ମନ କଅଣ ହେଉଛି ବୁଝ । ସେ ଦିନ କହିଲ ଖିମା ଓ ତା ବାପା ଭାଇ ତିନଙ୍କ ମୁଣ୍ଡ କାଟିରୁ ଛାଡ଼ିଦେଲୁଁ । ଏବେ ତମ ମନ କଣ ଫିଟାଇ କହିଲ ମା ?"

ଜେମାକୁ କିଛି କ୍ଷଣ ନୀରବ ଦେଖି ସିଙ୍ଗାରମା କହିଲେ, "କଥାରେ ଅଛି, ପୁଅ ବାପର ଝିଅ ମାଆର । ଜେମାଙ୍କର ମା ନାହାନ୍ତି । ସେ ମନକଥା ଫିଟାଇବେ କଅଣ ?"

ରାଜା—ବର୍ତ୍ତମାନ ତ ଆମ୍ଭେ ବାପ ଆଉ ମାଆ ଦୁଇ । ଆମ୍ଭକୁ ନ କହିଲେ ଚଳିବ କାହିଁ ? ପୁଣି ଯାହା ଈଶ୍ୱରଙ୍କଠାରେ ଲୁଚାଇ ନ ପାରିଲ, ତାହା ବାପ ମାଙ୍କଠାରେ ଲୁଚାଇବ ତ ଆଉ କାହାକୁ କହିବ ?

ସି—ଆଜ୍ଞା ଅପରାଧ କ୍ଷମା ହେଉ । ଈଶ୍ୱର ତ ସବୁ ଦେଖୁଛନ୍ତି । ତେବେ ଯେତେ ଭଲ କଥା ହେଲେ ବି ଝିଅମାନେ ନିଜ ମନକଥା ନିଜ ବାପ ମାଙ୍କୁ କହି ପାରୁଥିଲେ ନା ଏବେ ବି ପାରିବେ ?

ରା—ତେବେ କଅଣ କପରି କରାହେବ ? ରୋଗ ନ ଜାଣିଲେ ଧନ୍ୱନ୍ତରି ବି କଅଣ କରିପାରନ୍ତି ?

ରାଜାଙ୍କ ପ୍ରଶ୍ନରେ ସମସ୍ତେ କିଛିକ୍ଷଣ ନୀରବ ରହିଲାରୁ ଜେମାଙ୍କ ଇଙ୍ଗିତ ଅନୁସାରେ ପୂର୍ବୋକ୍ତ ସଖୀ ଇନ୍ଦୁମତୀ କହିଲେ, "ଅପରାଧ କ୍ଷମା ହେଲେ କିଛି କହିବ ।"

ରା—ଏଥିରେ ଆଉ ଅପରାଧ କ'ଣ ? ନିର୍ଭୟରେ ତୁମେ ସ୍ପଷ୍ଟ କଥା ଶୀଘ୍ର ପ୍ରକାଶ କର ।

ଇନ୍ଦୁମତୀ—ଗୁମ୍ଫଙ୍କ ସମ୍ମୁଖରେ ଖ୍ରମାଠାରେ କିଛି କଥା ଅଛି । ତାହାର ରଣଜିତ୍ ଶାଢ଼ୀ ଯେଉଁ ଏଠାକୁ ତାକୁ ଅଣାଇ ଆଜ୍ଞା ହେବାକୁ ଜେମାଙ୍କର ଇଚ୍ଛା ।

ରା—ଭୂଇଁଆମାନେ ତ ମହଲ ଭିତରକୁ ଯିବା ଆସିବା କରନ୍ତି । ଏ ଆଉ ବଡ଼ କଥାଟାଏ କଅଣ ?

ଏତେ କହି ଖ୍ରମାକୁ ଶୀଘ୍ର ଡକାଇ ଆଣିବାକୁ ରାଜା ଆଜ୍ଞା ଦେଲେ ଏବଂ ଇନ୍ଦୁମତୀଙ୍କି ପଚାରିଲେ, ଏଇନା ଆଉ କିଛି ଅଛି ?

ଇ—ଆଜ୍ଞା ! ଯଦି ଖ୍ରମାର ଆପତ୍ତି ନ ଥାଏ, ତେବେ ତାକୁ ଏଠାରୁ ଅନ୍ତର ହେବାକୁ ଆଜ୍ଞା ଦେବାପାଇଁ ଜେମା ପ୍ରାର୍ଥନା କରନ୍ତି ।

ରା—ଏଥିରେ ବା କଅଣ ଅଛି ? ଜେମାର ଯଦି ତାହା ଇଚ୍ଛା, ତେବେ ଖ୍ରମା ଓ ତାହାର ସବଂଶଙ୍କୁ ଏହିକ୍ଷଣି ଘାଟି ପାର କଲେ ମଣୋହିକ ଯିବ । ଜେମା କହିବ ତ ସେମାନଙ୍କୁ ଧନ ଦୌଲତ ହାତୀ ଘୋଡ଼ା ଦେଇ ବିଦା କରିବ । ଜେମା କହିଲେ ପିନ୍ଧିଲା କନା କାଢ଼ିନେଇ ତଡ଼ିଦେବ । କି ମା ! ତମେ ବାଇଆଣୀ ହେଲଣି ? ଏହି କବା କଥାପାଇଁ ସୁନା ପରି ଦେହ ଚୂନା କରୁଛ ? ଏହା ଆଗରୁ କହିଥିଲେ ଏତେସବୁ ଯାଏ କାହିଁକି ଯାଇଥାନ୍ତା ? ଏ କଥାକୁ ମନରେ ପୂରେଇ ଏତେ ସବୁ କାହିଁକି ହେଉଛ ?

ଇ—ଆଜ୍ଞା, ଆହୁରି କଥା ଅଛି ।

ରା—କଅଣ କୁହ କୁହ, କିଛି ଡରନା ।

ଇ—ବୃନ୍ଦାବନରେ ବାସ କରିବାକୁ ଜେମା ଗୁମୁରୁ ମେଲାଣି ମାଗୁଛନ୍ତି ।

ରା—ହୋଇ ହେ ! ସିଂଗାରି ! ଏ ସବୁ ପାଗଲ ହେଲେଣି କି ?

ସିଂ—ଗୁମୁ, ଏ ଅକାଳକଥା ତ ମୁଁ ଆଜି ନୂଆ ଶୁଣୁଛି । ଆମେ ତ ସବୁ ବୁଢ଼ୀ ହାଉଡ଼ୀ ହେଲୁଣି । ଆମକୁ ପଚାରେ କିଏ ? ଏଇ ବଅସରେ କେତେ ଜେମା ମଣିଷ କଲି । କିନ୍ତୁ ଏପରି ଅପଶ୍ରାନ୍ତିର କଥା ଦିନେ ଶୁଣି ନ ଥିଲି । ଏଥିରେ ଗୁମୁ ମୋତେ କଅଣ ପଚାରୁଛନ୍ତି ?

ରା—ହଇହେ ଇନ୍ଦୁ ! ତମର ସବୁ ଏ କି କଥା ? ତମେ ସବୁ ପିଲାଗୁଡ଼ାଏ । ଖାଅ, ପିଅ, ହସ, ଖେଳ । ତୁମର ସବୁ ଏ କି କଥା ? ତୁମ୍ଭେ ପିଲାଏ ସବୁ ବୃନ୍ଦାବନ କଥା କଣ ଜାଣିଛ ?

ଇ—ଆଜ୍ଞା, ଜେମାଙ୍କ ପେଟ ଭିତର କଥା କହୁଛି ଯେ, ବୃନ୍ଦାବନ ନ ପଠାଇଲେ ଜେମାଙ୍କୁ ଆଉ ଅଧିକ ଦିନ ଦେଖିବେ ନାହିଁ ।

ଏହା ଶୁଣି ରାଜା ଓ ଅନ୍ୟାନ୍ୟ ସମସ୍ତେ ନୀରବ । ପ୍ରଚଳିତ ପ୍ରଥା ଅନୁସାରେ ଜେମା ପ୍ରଭୃତିଙ୍କର ଅବଗୁଣ୍ଠନ ନ ଥିଲେହେଁ ମନୋଭାବ ଜାଣିବାକୁ କେହି କାହାରି ମୁହଁ ପ୍ରତି ଦୃଷ୍ଟିପାତ କରୁ ନାହିଁ । ସମସ୍ତେ ଅଧୋବଦନ, ଯେଝା ମନକଥା ଯେଝା ଜାଣନ୍ତି । ଏହି ଏଅବସ୍ଥାରେ ଜଣେ ପ୍ରୌଢ଼ା ସ୍ତ୍ରୀ ଖିମାକୁ ଗୁମ୍ଫରେ ଉପସ୍ଥିତ କଲି ।

ସେ ଦୁହେଁ ଜୁହାର କରିବାରୁ ପ୍ରୌଢ଼ା ସ୍ତ୍ରୀ ଅନ୍ତର୍ହିତ ହେଲା । ଖ୍ରିମା ଠିଆ ହେଲାରୁ ରାଜା ଦେଖିଲେ ଯେ, ମୁଣ୍ଡରେ ରଣଜିତ ଶାଢ଼ୀ ବାନ୍ଧି ରାବଣ ସମ୍ମୁଖରେ ଇନ୍ଦ୍ରଜିତ ବା ବାଲି ନିକଟରେ ଅଙ୍ଗଦ ପରି ଖ୍ରିମା ଖ୍ରିମ ପରି ଠିଆହୋଇଛି । ଏଥିପ୍ରତି ଭ୍ରୂକ୍ଷେପ ନ କଲା ପରି ହୋଇ ରାଜା ପଚାରିଲେ "କି ଖ୍ରିମ; ଲଢ଼େଇ ନ ହେଲେ ତୁମ୍ଭେ କଅଣ କରିବ ?"

ଖ୍ରି—ମଣିମା, ଆଉ କଣ ଲଢ଼େଇ ହେବ ନାହିଁ କି ?

ରା—ତୁମ୍ଭେ ଲଢ଼େଇ ଚାହଁ, ନାଁ ଗଡ଼କୁ ଯିବାକୁ ଚାହଁ ?

ଖ୍ରି—ମଣିମା, ଲଢ଼େଇ ହେଲେ ଭଲ ।

ରା—ତୁମ୍ଭକୁ ଆଉ ଶାଢ଼ୀ ମିଳିବ, ନାଁ ଆଉ କିଛି ଭଲ ଅଛି ?

ଖ୍ରି—ଲଢ଼େଇ ହେଲେ ମୁଁ ମରିଯାଆନ୍ତି ।

ରା—ଏପରି କଥା କାହିଁକି ?

ଖ୍ରି—ମଣିମା, ସେଦିନ ମୋ ମୁଣ୍ଡ ଯାଇଥିଲେ ଭଲ ହୋଇଥାଆନ୍ତା ।

ରା—ଲଢ଼େଇ ନ ହେଲେ ?

ଖ୍ରି—ମଣିମା ସେ ବଡ ନଠେଖଟିଆ କଥା ।

ରା—କାହିଁକି ?

ଖ୍ରି—ମଣିମା, ଗୁମ୍ଫା ଗହଣ ଛାଡ଼ି ଯିବାକୁ ମନ ହେଉନାହିଁ କି ଗୁମ୍ଫା ଗହଣରେ ରହିବାକୁ ମନ ହେଉନାହିଁ । ତେବେ ମୁଁ ଗୃଣ୍ଡାଳ ସେଥିକି ଭାଜନ ନୁହେଁ ।

ରା— ତାର କଥା କଣ ?

ଖ୍ରି—ମଣିମା ବଗ ହୋଇ ହଂସ ସଙ୍ଗେ ରହିବାକୁ, ଭେଳା ହୋଇ ସମୁଦ୍ରରେ ଭାସିବାକୁ, ବାମନ ହୋଇ ଚନ୍ଦ୍ର ଧରିବାକୁ

ଇଚ୍ଛା ହେଉଛି । ଗ୍ଲାମ୍ବୁ ଆଉ କିଛି ପଗ୍ଚୁରନ୍ତୁ ନା, ମତେ ମାରିଦେଇ ବା ତଡ଼ିଦେଇ ତାର ବିଅନ୍ତୁ । ଏତେ କହି ଖ୍ରୀମା ନୀରବ ହୋଇ ଅଧୋବଦନ ହେଲା ।

କିଛିକ୍ଷଣ ନୀରବ ରହି ରାଜା କହିଲେ, "ଇନ୍ଦୁ ! ଖ୍ରୀମା କଥା ତ ଶୁଣାଗଲା, ଏଥିକି ଜେମା କଣ କହନ୍ତି ?"

ଇ— ଆଜ୍ଞା, ସେ ରଣଜିତ ଶାଢ଼ୀ କାଢ଼ିଦେବ ।

ଏହା ଶୁଣି ରାଜାଙ୍କ ଆଦେଶ ମତେ ଖ୍ରୀମା ଶାଢ଼ୀ କାଢ଼ି ଗ୍ଲାମ୍ବୁରେ ରଖିଦେଲା । ଏହି ସମୟରେ ଜେମା ନିଜ ମଥାମଣି ମୁଣ୍ଡରୁ କାଢ଼ି ସଖୀ ଇନ୍ଦୁମତୀଙ୍କି ଦେଲେ । ରାଜା ଓ ଆଉମାନେ ଚିତ୍ରାର୍ପିତ ପରି ଚକିତ ସ୍ତମ୍ଭିତ ନେତ୍ରରେ କେବଳ ଅନାଇ ଅଛନ୍ତି । କାହାରି ଆଖି ପିଞ୍ଛୁଡ଼ା ପଡ଼ିବାକୁ ନାହିଁ । ତୁଣ୍ଡ ହଲିବାକୁ ନାହିଁ । କି ହଲଚଲ ନାହିଁ । ମଥାମଣି ନେଲା ଉତ୍ତାରୁ ଇନ୍ଦୁମତୀ ଶାଢ଼ୀ ଉଠାଇ ନେଇ ଧୀର ଗମ୍ଭୀର ଭାବରେ କହିଲେ—

"ରଣଜିତ୍ ସିଂହେ ! ଜେମାଙ୍କର ଏହି ମଥାମଣି ଧର ।"

ଏଥିରେ ମଧ୍ୟ ରାଜା ପ୍ରଭୃତି ପୂର୍ବ ପରି ରହିଲେ । କେବଳ ଖ୍ରୀମା ମଥାମଣି ନେଇ ମୁଣ୍ଡରେ ଛୁଆଁଇଲା କିନ୍ତୁ କାଷ୍ଠପିତୁଳୀ ପରି ଏକ ଦୃଷ୍ଟିରେ ଜେମାଙ୍କୁ ଚାହିଁ ଠିଆ ହୋଇରହିଲା ।

ତହୁଁ ଇନ୍ଦୁମତୀ ପୂର୍ବପରି କହିଲେ, "ରଣଜିତ୍ ସିଂହେ ! ଜେମା ଲୁକ୍କାୟିତ ଭାବରେ ରହିବେ । ତୁମ୍ଭେ ଯେବେ ଇନ୍ଦ୍ରିୟମାନ ଦମନ କରି ନିର୍ବିକାର ନିର୍ମଳ ପ୍ରେମମୟ ପୁରୁଷ ହୋଇ ଏହି ମଥାମଣି ଘେନି ଜେମାଙ୍କଠାରେ ଉପସ୍ଥିତ ହେବ, ତେବେ ଏହି ରଣଜିତ୍ ସିଂହ ଶାଢ଼ୀ ଜିତେନ୍ଦ୍ରିୟ ପଦର ଶାଢ଼ୀ କରି ଜେମାଙ୍କଠାରୁ ପୁନରାୟ ପାଇବ । ଆମ୍ଭ ଜେମାଙ୍କର ଏହି କଥା । ଏଣିକି ତୁମର ଯାହା ଇଚ୍ଛା ତାହା କର ।

ଏହା ଦେଖି ଶୁଣି ବି ସମସ୍ତେ ପୂର୍ବପର ନୀରବ, ନିସ୍ତବ୍ଧ । ଏହିପରି କିଛିକ୍ଷଣ ଗଲାରୁ ଗ୍ରାମୁରେ ଜୁହାର କରି ଖ୍ରୀମା ପ୍ରସ୍ଥାନ କଲା । ତଦୁତ୍ତରେ ସଖୀମାନଙ୍କ ସହ ଜେମା ନିଜ ପ୍ରକୋଷ୍ଠକୁ ବିଜେ କଲେ ଏବଂ ଆଉମାନେ କ୍ରମେ ୨ ଯେ ଯାହାର ପଥ ଅନୁସରଣ କଲେ । ଏଥି ଉତ୍ତାରୁ ଦେଖିବା ଶୁଣିବା ବା ଲେଖିବା ଭଳି କିଛି ଘଟିଲା ନାହିଁ । ଶୁଣାଯାଏ ଯେ, ବହୁଦିନ ଉତ୍ତାରୁ ଅନ୍ତିମ କାଳରେ ପୂର୍ବୋକ୍ତ ପ୍ରକାରେ ଜେମା ଓ ଖ୍ରୀମାଙ୍କର ଭେଟ ହୋଇଥିଲା ଏବଂ ସେତେବେଳକୁ ଉଭୟେ ପୂର୍ଣ୍ଣ ପ୍ରେମମୟ ।

ଜେମାଙ୍କର ଏପରି ବ୍ରତ ଅବଲମ୍ବନ ସମ୍ବନ୍ଧେ ଏହି ବକ୍ତବ୍ୟ ଯେ ପାଅପୁଅ, ଘରବୋହୂ, ଦୁଇ ନାତି, ଏକ ଝିଅ ଓ ଜୁଆଇଁ, ଜମିଦାରି, ସୁନାରୁପା ଛାଡ଼ି ଆମ୍ଭର ପଣଆଈ କୃଷ୍ଣା ଦେଈ ଗୀତ-ଗୋବିନ୍ଦ ଗାଉ ଗାଉ ଯେପରି ଚଉଧୁରୀ ସୁଦର୍ଶନ ଦାସଙ୍କ ଚିତା ଆରୋହଣ କରି ସତୀ ହୋଇଥିବାର ଆମ୍ଭ ଆଈଙ୍କଠାରୁ ଶୁଣି ଅଛୁ, ତାହା ତୁଳନାରେ ଜେମାଙ୍କ କଥା ଊଣା କି ଅଧିକ ତାହା କହି ନ ପାରୁ । କିନ୍ତୁ ଏହା ଦୃଢ଼ ରୂପେ କହିପାରୁ ଯେ, ଯେଉଁ ଦେଶ କାଳରେ ସେହିପରି ରମଣୀ ସମୁଦ୍‌ଭୂତା, ସେ ଦେଶ କାଳରେ ଜେମାଙ୍କ ପରି ହେବା ତେତେବେଳେ ବିଚିତ୍ର ବା ଅସମ୍ଭବ ନୁହେଁ ।

---

ମୁଦ୍ରାକର—ଶ୍ରୀ ଦିବାକର ମିଶ୍ର, ଗୋସ୍ୱାମୀ ପ୍ରେସ, କଟକ—୨